DHARITRI

ଭୁବନେଶ୍ୱର, ଗୁରୁବାର, ମାର୍ଚ୍ଚ ୨୦/୨୦୨୫ (୧୪ ପୃଷ୍ଠା) Bhubaneswar, Thursday, March 20/2025 Page 14 ₹ 7.00 | SAMBALPUR

୫୧ଶ ଭାଗ ୧୧୪ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 51 ISSUE 114 ମୂଲ୍ୟ ₹୭/-

# ୫୮ ନୂଆ ଶୀତଳଭଣ୍ଡାର

**ଓଡ଼ିଶାରେ ଆବଶ୍ୟକ ଶୀତଳଭଣ୍ଡାର ନ ଥିବାରୁ ଚାଷୀମାନେ ଉତ୍ପାଦିତ ସାମଗ୍ରୀ ସଂରକ୍ଷଣ କରିପାରୁନାହାନ୍ତି। ଏଥିଯୋଗୁ ସେସବୁକୁ କମ୍ ଦାମରେ ବିକ୍ରି କରିବାକୁ ବାଧ୍ୟ ହେଉଛନ୍ତି। ଅଭାବୀ ବିକ୍ରି ସମସ୍ୟା ଯୋଗୁ ରାଜ୍ୟରେ କେତେକେ ଚାଷପ୍ରତି ବିମୁଖ ହେଉଥିବା ଦେଖିବାକୁ ମିଳୁଛି। ତେବେ ଏହି ସମସ୍ୟାର ସମାଧାନ ଲାଗି ରାଜ୍ୟ ସରକାର ସ୍ୱତନ୍ତ୍ର ଶୀତଳଭଣ୍ଡାର ନୀତି ତୁରନ୍ତ ପ୍ରଣୟନ କରିବେ। ପ୍ରଥମ ପର୍ଯ୍ୟାୟରେ ୫୮ ଉପଖଣ୍ଡରେ ଗୋଟିଏ ଲେଖାଏ କୋଲ୍ଡଷ୍ଟୋରେଜ୍ ନିର୍ମାଣ କରାଯିବ ବୋଲି ବୁଧବାର ବିଧାନସଭାରେ ନଗର ଉନ୍ନୟନ ତଥା ସାଧାରଣ ଉଦ୍ୟୋଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି।**

**ଭୁବନେଶ୍ୱର,୧୯।୩**
**(ରବିନାରାୟଣ ଜେନା)**

ରାଜ୍ୟରେ ଚାଷୀକୁଳଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ତଥା ସଂରକ୍ଷଣ ସୁବିଧା ଓ ଅଭାବୀ ବିକ୍ରି ସମସ୍ୟାର ସମାଧାନ ପାଇଁ ରାଜ୍ୟ ସରକାର ସ୍ୱତନ୍ତ୍ର ଶୀତଳଭଣ୍ଡାର ନୀତି ତ୍ୱରିତ କାର୍ଯ୍ୟାନ୍ୱୟନ କରିବେ। ଏହାର ପ୍ରଥମ ପର୍ଯ୍ୟାୟରେ ୫୮ ଉପଖଣ୍ଡରେ ଗୋଟିଏ ଲେଖାଏ ଶୀତଳଭଣ୍ଡାର ନିର୍ମାଣ କରାଯିବ। ବିଭିନ୍ନ ବର୍ଗର ହିତାଧିକାରୀଙ୍କୁ ୬.୫୦ କୋଟି ଟଙ୍କା ପର୍ଯ୍ୟନ୍ତ ରିହାତି ସୁବିଧା ମିଳିବ ବୋଲି କୃଷିମନ୍ତ୍ରୀ ତଥା ଉପ ମୁଖ୍ୟମନ୍ତ୍ରୀଙ୍କ ତରଫରୁ ନଗର ଉନ୍ନୟନ ତଥା ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି।

ବୁଧବାର ଭାଜପା ସଦସ୍ୟ ଅମର ନାୟକଙ୍କ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଥିଲେ ଯେ, ରାଜ୍ୟ ସରକାରଙ୍କ ନୂତନ ଶୀତଳଭଣ୍ଡାର ନୀତି ଅନୁଯାୟୀ ଉଦ୍ୟୋଗୀମାନେ ଉପଖଣ୍ଡ ତଥା ବ୍ଲକସ୍ତରରେ ଶୀତଳଭଣ୍ଡାର ପ୍ରତିଷ୍ଠା କରିପାରିବେ। ଯାଜପୁର ଭଳି ଗୋଟିଏ ସବ୍‌ଡିଭିଜନ ଥିବା ଜିଲାରେ ଯଦି ଏକାଧିକ ଶୀତଳଭଣ୍ଡାର ପାଇଁ ପ୍ରସ୍ତାବ ଆସେ ତେବେ ତାକୁ ବିଚାରକୁ ନିଆଯିବ ବୋଲି ଡ. ମହାପାତ୍ର କହିଥିଲେ। ଏହି ଅବସରରେ ପ୍ରଶ୍ନକାଳରେ ବିରୋଧୀଙ୍କ ପ୍ରବଳ ☞ପୃଷ୍ଠା-୪

## ପ୍ରେମିକଙ୍କ ସହ ମିଶି ସ୍ୱାମୀଙ୍କୁ ହତ୍ୟା



ମୁସ୍କାନ ରୋହତଗୀ | ସୌରଭ ରାଜପୁତ | ସାହିଲ ଶୁକ୍ଳା

**ମିରଟ,୧୯।୩**

### ମୃତଦେହ ଖଣ୍ଡ ଖଣ୍ଡ କରି ପ୍ଲାଷ୍ଟିକ୍ ଡ୍ରମ୍‌ରେ ପ୍ଲାଷ୍ଟର କଲେ

ଜଣେ ମହିଳା ନିଜ ପ୍ରେମିକଙ୍କ ସହ ମିଶି ଲଣ୍ଡନଫେରନ୍ତା ସ୍ୱାମୀଙ୍କୁ ହତ୍ୟା କରିଛନ୍ତି। ଏତିକି ନୁହେଁ, ସେ ନିଜ ଦୋଷ ଲୁଚାଇବା ପାଇଁ ସ୍ୱାମୀଙ୍କ ମୃତଦେହକୁ ଖଣ୍ଡ ଖଣ୍ଡ କରି ଏକ ପ୍ଲାଷ୍ଟିକ୍‌ଡ୍ରମ୍‌ରେ ପୂରାଇ ତା' ଉପରେ ସିମେଣ୍ଟ ପ୍ଲାଷ୍ଟର କରିଦେଇଥିଲେ। ଧରାପଡ଼ିବା ପରେ ସମ୍ପୃକ୍ତ ମହିଳା ଓ ପ୍ରେମିକ ଏଭଳି ଜଘନ୍ୟ ଅପରାଧ ଘଟାଇଥିବା ବିଷୟ ପୋଲିସ ସମ୍ମୁଖରେ ସ୍ୱୀକାର କରିଛନ୍ତି। ଉତ୍ତରପ୍ରଦେଶର ☞ପୃଷ୍ଠା-୪

## ୨ରୁ ସକାଳୁଆ ସ୍କୁଲ

**ଭୁବନେଶ୍ୱର,୧୯।୩**
**(ସୁଚିସ୍ମିତା ସାହୁ)**

ରାଜ୍ୟରେ କ୍ରମାଗତ ତାପମାତ୍ରା ବୃଦ୍ଧି ପାଉଛି। ପିଲାମାନେ ଖରା ସମୟରେ ସ୍କୁଲ ଯାଇ ପାଠପଢ଼ିବା ସମ୍ଭବ ହେଉନାହିଁ। ତେଣୁ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ସ୍କୁଲ ସମୟ ପରିବର୍ତ୍ତନ କରିଛନ୍ତି। ଆସନ୍ତା ଏପ୍ରିଲ ୨ରୁ ବିଦ୍ୟାଳୟଗୁଡ଼ିକରେ ପାଠପଢ଼ା ସକାଳୁ ଆରମ୍ଭ କରାଯିବ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଛନ୍ତି। ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ** ବୁଦ୍ଧ ଓ ଯିଶୁ











୪ଟି ପାରାଶୁଟ ସାହାଯ୍ୟରେ ଡ୍ରାଗନ କ୍ୟାପ୍ସୁଲ ଫ୍ଲୋରିଡା ଉପକୂଳରେ ଅବତରଣ କରୁଛି।


ଫ୍ଲୋରିଡା ଉପକୂଳସ୍ଥିତ ଆଟ୍ଲାଣ୍ଟିକ ସମୁଦ୍ରରେ ଅବତରଣ ପରେ ଡ୍ରାଗନ୍ କ୍ୟାପ୍ସୁଲକୁ ଯାଞ୍ଚ କରାଯାଉଛି।


ଡ୍ରାଗନ୍ କ୍ୟାପ୍ସୁଲରୁ ବାହାରିବା ପରେ ସୁନୀତା ୱିଲିୟମ୍ସ ଖୁସିରେ ବିଭୋର ହେଉଛନ୍ତି।

# ସାବାସ୍ ସୁନୀତା

## ୨୮୬ ଦିନ ପରେ ଅନ୍ତରୀକ୍ଷ ପରୀଙ୍କ ପ୍ରତ୍ୟାବର୍ତ୍ତନ

**ଫ୍ଲୋରିଡା, ୧୯।୩**

ମହାକାଶରେ ୨୮୬ ଦିନ ରହଣି ପରେ ନାସାର ଭାରତୀୟ ବଂଶୋଦ୍ଭବ ମହାକାଶଚାରୀ ସୁନୀତା ୱିଲିୟମ୍ସ ଓ ତାଙ୍କ ସାଥୀ ମହାକାଶଚାରୀ ବୁଚ୍ ୱିଲମୋର ସୁରକ୍ଷିତ ଭାବେ ପୃଥିବୀକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ସ୍ପେସ୍ ଏକ୍ସ'ର ଡ୍ରାଗନ କ୍ୟାପ୍ସୁଲରେ ସୁନୀତା ଓ ବୁଚ୍ଙ୍କ ସହ 'କ୍ରିଉ ୯' ମିଶନର ଅନ୍ୟ ୨ ସଦସ୍ୟ ଆମେରିକୀୟ ମହାକାଶଚାରୀ ନିକ୍ ହଗ୍ ଓ ରୁଷୀୟ କସ୍ମୋନଟ୍ ଆଲେକ୍ଜାଣ୍ଡର ଗୋର୍ବୁନୋଭ ମଧ୍ୟ ପୃଥିବୀ ଫେରିଛନ୍ତି। ଡ୍ରାଗନ ମହାକାଶ ଯାନରେ ୧୭ ଘଣ୍ଟାର ଯାତ୍ରା ପରେ ଭାରତୀୟ ସମୟ ବୁଧବାର ଭୋର୍ ୩ଟା ୨୭ରେ ନାସାର 'କ୍ରିଉ ୯' ମିଶନର ଏହି ୪ ସଦସ୍ୟ ଫ୍ଲୋରିଡା ଉପକୂଳସ୍ଥିତ ଆଟ୍ଲାଣ୍ଟିକ ସମୁଦ୍ରରେ ଅବତରଣ କରିଥିଲେ। ପୃଥିବୀର ବାୟୁମଣ୍ଡଳରେ ପ୍ରବେଶ କରିବା ପରେ ଏହି କ୍ୟାପ୍ସୁଲ ନିଜ ଅବତରଣର ଗତିକୁ ଧିମା କରିବା ପାଇଁ ୪ଟି ପାରାଶୁଟ ନିୟୋଜିତ କରିଥିଲା। ଅବତରଣର ଠିକ୍ ପରେ ସ୍ପେସ୍ ଏକ୍ସ'ର ରିକୋଭରି ଜାହାଜ ମେଗାନ ଦ୍ୱାରା କ୍ରିଉ ୯ ମିଶନର ୪ ମହାକାଶଚାରୀଙ୍କୁ ସ୍ଥଳଭାଗକୁ ଅଣାଯାଇଥିଲା।

ତେବେ ଏହି ଅବତରଣ ପ୍ରକ୍ରିୟାର ଶେଷ ପର୍ଯ୍ୟାୟ ସବୁଠାରୁ ବିପଦପୂର୍ଣ୍ଣ ଥିଲା। ଏହି ପର୍ଯ୍ୟାୟରେ ଡ୍ରାଗନ୍ ମହାକାଶଯାନ ବାୟୁମଣ୍ଡଳରେ ପ୍ରବେଶ କରିଥିଲା। ଏହି ସମୟରେ କ୍ୟାପ୍ସୁଲଟି ୨୮,୮୦୦ କି.ମି. ପ୍ରତି ଘଣ୍ଟା ବେଗରେ ଗତି କରୁଥିଲା। ଫଳରେ ବାୟୁମଣ୍ଡଳ ସହ ଉଚ୍ଚ ଘର୍ଷଣ ଯୋଗୁ କ୍ୟାପ୍ସୁଲର ବାହ୍ୟ ଆବରଣର ତାପମାତ୍ରା ୧,୬୦୦ ଡିଗ୍ରୀ ସେଲ୍ସିୟସ ପର୍ଯ୍ୟନ୍ତ ରହିଥିଲା। ଏତେ ଉଚ୍ଚ ତାପମାତ୍ରା ଯୋଗୁ ଡ୍ରାଗନ୍ ମହାକାଶଯାନ ପୃଥିବୀର ବାୟୁମଣ୍ଡଳରେ ଏକ ଅଗ୍ନିପିଣ୍ଡୁଳା ପରି ଖସି ଆସୁଥିଲା। ଏହି ସମୟରେ ଡ୍ରାଗନ କ୍ୟାପ୍ସୁଲ ନିଜ ବାହ୍ୟ ଆବରଣରେ ଥିବା ତାପ ପ୍ରତିରୋଧୀ ସାମଗ୍ରୀ (ପିଆଇସିଏ)କୁ ବ୍ୟବହାର କରିଥିଲା। ଫଳରେ କ୍ୟାପ୍ସୁଲ ମଧ୍ୟରେ ଥିବା ୪ ମହାକାଶ ଯାତ୍ରୀ ନିରାପଦ ରହିଥିଲେ।

ଡ୍ରାଗନ ସ୍ପେସ୍କ୍ରାଫ୍ଟର ସମୁଦାୟ ୬ଟି ପାରାଶୁଟ ରହିଛି। ପୃଥିବୀ ବାୟୁମଣ୍ଡଳରେ ପ୍ରବେଶ ପରେ ଏହି କ୍ୟାପ୍ସୁଲ ନିଜର ୨ ଡ୍ରୋଗ୍ ପାରାଶୁଟକୁ ବ୍ୟବହାର କରିଥିଲା। ସେହିପରି ଅବତରଣ ପୂର୍ବରୁ ମହାକାଶଯାନର ଗତିକୁ କମାଇବା ପାଇଁ ଡ୍ରାଗନ କ୍ୟାପ୍ସୁଲର ୪ଟି ମୁଖ୍ୟ ପାରାଶୁଟ ରହିଛି। ସମୁଦ୍ରରେ ଅବତରଣର ଠିକ୍ ପୂର୍ବରୁ ଏହା ନିଜର ୨ ମୁଖ୍ୟ ପାରାଶୁଟକୁ ବ୍ୟବହାର କରିଥିଲା। ଫଳରେ ଏହାର ଗତି ସ୍ଥିର ଏବଂ ଧିମା ହୋଇଯାଇଥିଲା। ସମୁଦ୍ରରେ ଅବତରଣ ସମୟରେ ଡ୍ରାଗନ୍ ମହାକାଶଯାନର ବେଗ ୨୫ କି.ମି. ପ୍ରତି ଘଣ୍ଟାକୁ ଖସିଆସିଥିଲା। ତୁରନ୍ତ ନାସାର ବୈଷୟିକ ଟିମ୍ ଡ୍ରାଗନ୍ କ୍ୟାପ୍ସୁଲ ନିକଟରେ ପହଞ୍ଚି ଏହାକୁ ଯାଞ୍ଚ କରିଥିଲେ। ପରେ ଏହି କ୍ୟାପ୍ସୁଲକୁ ରିକୋଭରି ଜାହାଜ ମେଗାନକୁ ନିଆଯାଇଥିଲା। ମେଗାନରେ ଡ୍ରାଗନ୍ କ୍ୟାପ୍ସୁଲ ପହଞ୍ଚିବା ପରେ ଏହାର ହ୍ୟାଚ୍କୁ ଖୋଲାଯାଇଥିଲା। ସ୍ପେସ୍କ୍ରାଫ୍ଟ ମଧ୍ୟରୁ ପ୍ରଥମେ ନିକ୍ ହଗ୍ ବାହାରିଥିଲେ। ପରେ ଆଲେକ୍ଜାଣ୍ଡର ଗୋର୍ବୁନୋଭଙ୍କୁ ଡ୍ରାଗନ୍ କ୍ୟାପ୍ସୁଲ ମଧ୍ୟରୁ ବାହାର କରାଯାଇଥିଲା। ତୃତୀୟରେ ସୁନୀତା ଓ ଚତୁର୍ଥରେ ବୁଚ୍ ଡ୍ରାଗନ କ୍ୟାପ୍ସୁଲ ମଧ୍ୟରୁ ବାହାରିଥିଲେ। ତେବେ ୨୮୬ ଦିନ ମହାକାଶରେ ରହିଥିବାରୁ ସୁନୀତା ଓ ବୁଚ୍ଙ୍କର ବ୍ୟାପକ ସ୍ୱାସ୍ଥ୍ୟ ଯାଞ୍ଚ କରାଯିବ। ସାଧାରଣତଃ ଅତ୍ୟଧିକ ଦିନ ଧରି ମହାକାଶରେ ରହିବା ପରେ ମହାକାଶଚାରୀମାନଙ୍କର ହାଡ଼ ଏବଂ ମାଂସପେଶୀ ଦୁର୍ବଳ ହୋଇଯାଇଥାଏ। ସେହିପରି ସ୍ୱଦେଶ ଫେରିବା ପରେ କିଛିଦିନ ପର୍ଯ୍ୟନ୍ତ ଉଭୟ ସୁନୀତା ଓ ବୁଚ୍ ଚାଲିବାରେ ଅସୁବିଧା ଅନୁଭବ କରିପାରନ୍ତି ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ମତ ରଖିଛନ୍ତି। ନିୟମିତ ବ୍ୟାୟାମ ମାଧ୍ୟମରେ ମହାକାଶଚାରୀମାନଙ୍କ ହାଡ଼ ଏବଂ ମାଂସପେଶୀ ପୁନର୍ବାର ଶକ୍ତ ହୋଇପାରିଥାଏ ବୋଲି ବିଶେଷଜ୍ଞମାନେ କହିଛନ୍ତି। ପ୍ରକାଶ ଯେ, ଏକ ୭ ଦିନିଆ ମିଶନରେ ସୁନୀତା ଓ ବୁଚ୍ ଆଇଏସ୍ଏସ୍ ଯାଇଥିଲେ। ତେବେ ବୋଇଂ ଷ୍ଟାର୍ଲାଇନର୍ କ୍ୟାପ୍ସୁଲରେ ଯାନ୍ତ୍ରିକ ତ୍ରୁଟି ଏବଂ ହିଲିୟମ୍ ଲିକ୍ ସମସ୍ୟା ଦେଖାଯିବା ଯୋଗୁ ଉଭୟଙ୍କୁ ଦୀର୍ଘ ୯ ମାସ ଧରି ଆଇଏସ୍ଏସ୍ରେ ବିତାଇବାକୁ ପଡ଼ିଥିଲା। ଏହି ଅବସରରେ ଉଭୟେ ମହାକାଶରେ ୧୫୦ରୁ ଅଧିକ ବୈଜ୍ଞାନିକ ପରୀକ୍ଷଣ କରିଥିଲେ।


ସୁନୀତା ୱିଲିୟମ୍ସ

### ସୁନୀତାଙ୍କୁ ଭାରତ ରତ୍ନ ଦିଆଯାଉ: ମମତା

ଭାରତୀୟ ବଂଶୋଦ୍ଭବ ନାସା ମହାକାଶଚାରୀ ସୁନୀତା ୱିଲିୟମ୍ସ ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ର (ଆଇଏସ୍ଏସ୍)ରେ ୯ ମାସରୁ ଊର୍ଦ୍ଧ୍ୱ ସମୟ ଧରି ଫସି ରହିବା ସହ ବିଭିନ୍ନ ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଥିବାରୁ ତାଙ୍କୁ ଭାରତ ରତ୍ନ ଦିଆଯାଉ ବୋଲି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଦାବି କରିଛନ୍ତି। ପଶ୍ଚିମବଙ୍ଗ ବିଧାନସଭାକୁ ସମ୍ବୋଧନ କରି ମମତା ସୁନୀତାଙ୍କୁ ଅଭିନନ୍ଦନ ଜଣାଇବା ସହ ତାଙ୍କୁ ନିରାପଦ ଭାବେ ପୃଥିବୀ ଫେରାଇ ଆଣି ପାରିଥିବାରୁ ନାସାକୁ ଧନ୍ୟବାଦ ଦେଇଛନ୍ତି।

### ସୁସ୍ଥ ହୋଇ ହ୍ୱାଇଟ୍ହାଉସ୍ ଯିବେ ସୁନୀତା, ବୁଚ୍

ନାସା ମହାକାଶଚାରୀ ସୁନୀତା ୱିଲିୟମ୍ସ ଓ ବୁଚ୍ ୱିଲମୋର ସୁସ୍ଥ ହେବା ପରେ ହ୍ୱାଇଟ୍ହାଉସ୍ ଆସିବେ ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ସୂଚନା ଦେଇଛନ୍ତି। ଏକ ଆମେରିକୀୟ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଟ୍ରମ୍ପ୍ କହିଛନ୍ତି, ସୁନୀତା ଏବଂ ବୁଚ୍ ଶୀଘ୍ର ସ୍ୱାସ୍ଥ୍ୟ ଲାଭ କରନ୍ତୁ ଏହା ହିଁ ତାଙ୍କ ପ୍ରଶାସନର ପ୍ରଥମ ପ୍ରାଥମିକତା ରହିବ। ମହାକାଶରେ ଗୁରୁତ୍ୱ ଆକର୍ଷଣ ବଳ ନ ଥିବାରୁ ଉଭୟଙ୍କର ମାଂସପେଶୀଜନିତ ସମସ୍ୟା ରହିଛି। ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଆଣିବା ଉଭୟଙ୍କ ପାଇଁ ଚ୍ୟାଲେଞ୍ଜିଂ ରହିବ। ଏହା ସହଜ ପ୍ରକ୍ରିୟା ନୁହେଁ ଏବଂ ସମୟସାପେକ୍ଷ ମଧ୍ୟ। ତେଣୁ ସୁସ୍ଥ ହେବା ପରେ ଯାଇ ସୁନୀତା ଓ ବୁଚ୍ ହ୍ୱାଇଟ୍ହାଉସ୍କୁ ଆସିବେ ବୋଲି ଟ୍ରମ୍ପ୍ କହିଛନ୍ତି।

### ଶୁଭେଚ୍ଛା ଜଣାଇଲେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ

ମହାକାଶରେ ଦୀର୍ଘ ୯ ମାସ ୧୪ ଦିନର ରହଣି ପରେ ପୃଥିବୀ ପ୍ରତ୍ୟାବର୍ତ୍ତନ କରିଥିବାରୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଇସ୍ରୋ ଅଧ୍ୟକ୍ଷ ଭି. ନାରାୟଣନଙ୍କ ସମେତ ବହୁ ରାଜନେତା, ବୈଜ୍ଞାନିକ ଓ ସେଲିବ୍ରିଟି ସୁନୀତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଭାରତର ଝିଅ ସୁନୀତାଙ୍କର ଦୃଢ଼ ଇଚ୍ଛା, ହାର ନ ମାନିବା ମାନସିକତା ସମସ୍ତଙ୍କୁ ପ୍ରେରଣା ଯୋଗାଇଛି ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି। ସୁନୀତା ଓ ତାଙ୍କ ସାଥୀ ମହାକାଶଚାରୀ ବୁଚ୍ଙ୍କର ୯ ମାସର ମହାକାଶ ରହଣି ସେମାନଙ୍କର ଧୈର୍ଯ୍ୟ ଓ ସାହସର ଏକ ପରୀକ୍ଷା ଥିଲା ବୋଲି ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି। ସେହିପରି ସୁନୀତାଙ୍କ ପୃଥିବୀ ପ୍ରତ୍ୟାବର୍ତ୍ତନ ମହାକାଶ କ୍ଷେତ୍ର ପାଇଁ ଗର୍ବର ବିଷୟ ହୋଇଥିବା ଇସ୍ରୋ ଅଧ୍ୟକ୍ଷ ଭି. ନାରାୟଣନ କହିଛନ୍ତି।


ଅବତରଣର ଠିକ୍ ପୂର୍ବରୁ ଡ୍ରାଗନ କ୍ୟାପ୍ସୁଲରେ କ୍ରିଉ-୯ ମିଶନର ୪ ସଦସ୍ୟ।


ସୁନୀତାଙ୍କ ପ୍ରତ୍ୟାବର୍ତ୍ତନ ଖୁସିରେ ଅହମଦାବାଦର ଏକ ସ୍କୁଲରେ ଛାତ୍ରଛାତ୍ରୀମାନେ ଉତ୍ସବ ମନାଉଛନ୍ତି।

# ଅସ୍ତ୍ରବିରତି: ଟ୍ରମ୍ପ୍ଙ୍କୁ ଫୋନ୍ କଲେ ଜେଲେନ୍ସ୍କି

**କିଭ୍, ୧୯।୩**

ରୁଷିଆ-ୟୁକ୍ରେନ୍ ଅସ୍ତ୍ରବିରତି ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଉଭୟ ପକ୍ଷଙ୍କୁ ରାଜି କରାଇବାର ଦିନକ ପରେ ତାଙ୍କୁ ୟୁକ୍ରେନୀୟ ପ୍ରତିପକ୍ଷ ଭୋଲୋଡିମିର ଜେଲେନ୍ସ୍କି ଫୋନ୍ କରିଛନ୍ତି। ହ୍ୱାଇଟ୍ ହାଉସ୍ ଡେପୁଟି ଚିଫ୍ ଅଫ୍ ଷ୍ଟାଫ୍ ଡାନ୍ ସ୍କାଭିନୋ ଏକ୍ସ'ରେ ବୁଧବାର ଏନେଇ ସୂଚନା ଦେଇଛନ୍ତି। ଏହା ପୂର୍ବରୁ ମଙ୍ଗଳବାର ଟ୍ରମ୍ପ୍ ମାସିକିଆ ଅସ୍ତ୍ରବିରତି ପ୍ରସ୍ତାବକୁ ଶାନ୍ତି ଦିଗରେ ଏକ ପଦକ୍ଷେପ ବୋଲି ଅଭିହିତ କରିଥିଲେ। ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଟ୍ରମ୍ପ୍ଙ୍କ ସହ ଫୋନ୍ରେ ଆଲୋଚନା ବେଳେ ସାମୟିକ ଅସ୍ତ୍ରବିରତି ପାଇଁ ସହମତି ପ୍ରକାଶ କରିଥିଲେ। କିନ୍ତୁ ୩୦ ଦିନିଆ ଯୁଦ୍ଧବିରତି କରିବାକୁ ସେ ମଙ୍ଗି ନ ଥିଲେ। ତେବେ ମଙ୍ଗଳବାର ରାତିରେ ଉଭୟ ରୁଷିଆ ଓ ୟୁକ୍ରେନ୍ ପରସ୍ପର ବିରୋଧରେ ଆକ୍ରମଣ ଅଭିଯୋଗ ଆଣିଛନ୍ତି। ରୁଷୀୟ ଡ୍ରୋନ୍ଗୁଡ଼ିକ ୟୁକ୍ରେନ୍ର ନାଗରିକଙ୍କୁ ଟାର୍ଗେଟ କରିଛି। ପୁଟିନ୍ ୩୦ ଦିନିଆ ଅସ୍ତ୍ରବିରତିରେ ଅସମହତି ପ୍ରକାଶ କରିବା ପରେ ତାଙ୍କ ସେନା ଏହି ଆକ୍ରମଣ କରିଥିବା କୁହାଯାଉଛି।

# ପିଲା ଦେଖାଶୁଣା ନ କଲେ ରଦ୍ଦହେବ ଦାନପତ୍ର

**ନୂଆଦିଲ୍ଲୀ, ୧୯।୩**

ସନ୍ତାନ ସନ୍ତତି କିମ୍ବା ନିକଟ ସମ୍ପର୍କୀୟ ଦେଖାଶୁଣା ନ କଲେ ବରିଷ୍ଠ ନାଗରିକମାନେ ପୂର୍ବ ସମ୍ପାଦିତ ଦାନପତ୍ରକୁ ରଦ୍ଦ କରିପାରିବେ। ଏପରି କି ଗିଫ୍ଟ ଡିଡ୍ରେ ଏହି ସର୍ତ୍ତ ଉଲ୍ଲେଖ କରାଯାଇ ନ ଥିଲେ ମଧ୍ୟ ଏହାକୁ ରଦ୍ଦ କରାଯାଇପାରିବ ବୋଲି ମାଡ୍ରାସ୍ ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଆଲୋଚ୍ୟ ମାମଲାରେ ଜଷ୍ଟିସ୍ ଏସ୍.ଏମ୍. ସୁବ୍ରମଣ୍ୟମ୍ ଏବଂ କେ. ରାଜଶେଖରଙ୍କୁ ନେଇ ଗଠିତ ଖଣ୍ଡପୀଠ ମୃତ ଏସ୍. ନାଗଲକ୍ଷ୍ମୀଙ୍କ ବୋହୂ ଏସ୍. ମାଲା ଦାଖଲ କରିଥିବା ଅପିଲକୁ ଖାରଜ କରିଦେଇଛନ୍ତି। ନାଗଲକ୍ଷ୍ମୀ ନିଜ ପୁଅ କେଶବନଙ୍କ ସପକ୍ଷରେ ଏକ ସେଟେଲମେଣ୍ଟ ଡିଡ୍ (ବୁଝାମଣା ଦଲିଲ) ସମ୍ପାଦନ କରିଥିଲେ। ନାଗଲକ୍ଷ୍ମୀ ଆଶା କରିଥିଲେ ଯେ ପୁଅ କେଶବନ୍ ଓ ବୋହୂ ମାଲା ଆଜୀବନ ତାଙ୍କ ସେବାଯତ୍ନ କରିବେ। କିନ୍ତୁ ପୁଅବୋହୂ ଏଥିରେ ବିଫଳ ହୋଇଥିଲେ। ଇତିମଧ୍ୟରେ କେଶବନ୍ଙ୍କ ମୃତ୍ୟୁ ଘଟିଥିଲା। କେଶବନ୍ଙ୍କ ଅନ୍ତେ ମାଲା ନିଜ ଶାଶୁଙ୍କୁ ଜାଣିଶୁଣି ଅବହେଳା କରିବାରେ ଲାଗିଲେ। ଏହାକୁ ନେଇ ନାଗଲକ୍ଷ୍ମୀ ନାଗପଟ୍ଟିନମ୍ ରେଭେନ୍ୟୁ ଡିଭିଜନାଲ ଅଫିସର (ଆର୍ଡିଓ)ଙ୍କ ଦ୍ୱାରସ୍ଥ ହୋଇଥିଲେ। ଆର୍ଡିଓ ତାଙ୍କ ବୟାନ ରେକର୍ଡ କରିବା ପରେ ଉକ୍ତ ବୁଝାମଣାପତ୍ରକୁ ରଦ୍ଦ କରିଦେଇଥିଲେ। ମାଲା ଏହାକୁ ଚ୍ୟାଲେଞ୍ଜକରି ଏକ ପିଟିଶନ ଦାଖଲ କରିଥିଲେ, ଯାହାକି ରଦ୍ଦ ହୋଇଯାଇଥିଲା। ତେଣୁ ମାଲା ଏହା ଉପରେ ମାଡ୍ରାସ୍ ହାଇକୋର୍ଟରେ ଆବେଦନ କରିଥିଲେ। ଦୁଇଜଣିଆ ଖଣ୍ଡପୀଠ କହିଛନ୍ତି, ବରିଷ୍ଠ ନାଗରିକ ପିଲାଙ୍କଠାରୁ ମୌଳିକ ସୁବିଧା ଆଶାରେ ଦାନପତ୍ର କିମ୍ବା ବୁଝାମଣାପତ୍ର ଜରିଆରେ ନିଜ ସମ୍ପତ୍ତି ହସ୍ତାନ୍ତର କଲେ ମାତାପିତା ଏବଂ ବରିଷ୍ଠ ନାଗରିକଙ୍କ ଭରଣପୋଷଣ ଓ କଲ୍ୟାଣ ଆଇନ, ୨୦୦୭ର ଧାରା ୨୩(୧) ସେମାନଙ୍କୁ ସୁରକ୍ଷା ଦେଇଥାଏ। ଯଦି ହସ୍ତାନ୍ତରିତ ସମ୍ପତ୍ତିର ସମ୍ଭାବ୍ୟ ଗ୍ରହୀତା ନିଜ କର୍ତ୍ତବ୍ୟ ସମ୍ପାଦନରେ ବିଫଳ ହୁଅନ୍ତି ତେବେ ବରିଷ୍ଠ ନାଗରିକ ଏହାକୁ ରଦ୍ଦ କରାଇବା ସକାଶେ ଟ୍ରିବ୍ୟୁନାଲଙ୍କଠାରୁ ଏକ ଘୋଷଣାନାମା ଦାବି କରିପାରିବେ। ବରିଷ୍ଠ ନାଗରିକ ସ୍ନେହ ଓ ଶ୍ରଦ୍ଧାରେ ପିଲା କିମ୍ବା ନିକଟ ସମ୍ପର୍କୀୟଙ୍କୁ ସମ୍ପତ୍ତି ହସ୍ତାନ୍ତର କରିଥାନ୍ତି। ଏହି ହସ୍ତାନ୍ତର କେବଳ ଏକ ଆଇନଗତ କାର୍ଯ୍ୟ ନୁହେଁ, ବରଂ ସେମାନଙ୍କ ବୃଦ୍ଧାବସ୍ଥାରେ ସେବାଯତ୍ନ ପାଇବାର ଆଶା ଏଥିରେ ରହିଥାଏ। ଟ୍ରାଞ୍ଜାକ୍ସନରେ ଭଲପାଇବା ଓ ସ୍ନେହ ଏକ ସୂଚୀତ ସର୍ତ୍ତ ହୋଇ ରହିଥାଏ। ଏପରି କି ଟ୍ରାନ୍ସଫର ଦସ୍ତାବିଜରେ ଏହା ଉଲ୍ଲେଖ କରାଯାଇ ନ ଥିଲେ ମଧ୍ୟ କାର୍ଯ୍ୟକାରୀ ହୋଇଥାଏ। ସମ୍ପତ୍ତି ଗ୍ରହୀତା ପ୍ରତିଶ୍ରୁତି ମୁତାବକ ଦେଖାଶୁଣା ନ କଲେ ବରିଷ୍ଠ ନାଗରିକ ଉକ୍ତ ଆଇନର ଧାରା ୨୩(୧)କୁ ପ୍ରୟୋଗକରି ସମ୍ପୃକ୍ତ ଦସ୍ତାବିଜକୁ ରଦ୍ଦ କରିଦେଇପାରିବେ ବୋଲି ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି। ୮୭ ବର୍ଷୀୟା ନାଗଲକ୍ଷ୍ମୀ ବାଢ଼ିଥିବା ଯୁକ୍ତିରେ ଯଥାର୍ଥତା ରହିଛି। ସୁପ୍ରିମକୋର୍ଟ ଓ ଦେଶର ହାଇକୋର୍ଟଗୁଡ଼ିକ ପୂର୍ବରୁ ଏଭଳି ମାମଲାଗୁଡ଼ିକରେ ଦେଇଥିବା ରାୟ ଅନୁସାରେ ତାଙ୍କ ଦାନପତ୍ରକୁ ରଦ୍ଦ କରାଯାଉଛି ବୋଲି ଖଣ୍ଡପୀଠ କହିଛନ୍ତି।

## ଫୁରସତ୍

# ଆଉ ଶୁଭୁନି କିଚିରିମିଚିରି ଶବ୍ଦ

### ଆଜି ଘରଚଟିଆ ଦିବସ



ଅତି ଛୋଟ ପକ୍ଷୀଟିଏ ଘରଚଟିଆ। ଲମ୍ବ ପ୍ରାୟ ୧୨ରୁ ୧୪ ସେ.ମି.। ଓଜନ ପ୍ରାୟ ୨୫ରୁ ୩୫ ଗ୍ରାମ। ଆକାରରେ ଛୋଟ ହେଲେ ବି ଧୂସର ରଙ୍ଗର ଏହି ସୁନ୍ଦର ପକ୍ଷୀଟି ଭାରି କର୍ମଠ। କାଠି କୁଟା ସଂଗ୍ରହ କରି ଚାଳଘର କିମ୍ବା ଗାଁ ପାଖ ବଣବୁଦାରେ ନିର୍ମାଣ କରିଥାଏ ତା' ନିଡ଼। ସେଠାରେ ସେ ଥରକୁ ୨ଟି କିମ୍ବା ୩ଟି ଅଣ୍ଡା ଦେଇ ବିସ୍ତାର କରିଥାଏ ନିଜ ବଂଶ। ଭାରି ଭଲ ଲାଗେ ଦାଣ୍ଡ ଅଗଣାରେ ଦଳ ଦଳ ହୋଇ ଖାଦ୍ୟ ସଂଗ୍ରହ କରୁଥିବା ଏହି କୁନି ଚଢ଼େଇମାନଙ୍କ କିଚିରିମିଚିରି ଶବ୍ଦ। ଖୁବ୍ ଆକର୍ଷଣ ଲାଗିଥାଏ ଗାଁ ଦାଣ୍ଡରେ ଘରଚଟିଆଙ୍କ ଧୂଳି ଗାଧୁଆ ଦୃଶ୍ୟ। ମାତ୍ର ଏବେ ବାସସ୍ଥଳୀର ସଙ୍କଟ, ଖାଦ୍ୟାଭାବ ଓ ପରିବେଶ ପ୍ରଦୂଷଣ ଆଦି କାରଣରୁ ଏହି କ୍ଷୁଦ୍ର ପକ୍ଷୀଙ୍କ ବଂଶ ଲୋପ ପାଇବାକୁ ବସିଲାଣି। ଏଣୁ ଗାଁଦାଣ୍ଡରେ ଡେଇଁ ଡେଇଁ ଦାନା ଅଣ୍ଟାଳୁଥିବାର ଦୃଶ୍ୟ ହେଉ ଅବା ଗ୍ରୀଷ୍ମଋତୁରେ ଧୂଳି ଗାଧୁଆର ଦୃଶ୍ୟ ଏବେ ଦେଖିବାକୁ ମିଳୁନି।

ଆଧୁନିକ ମଣିଷ ନିଜର ସୁଖ ପାଇଁ ବଣ ଜଙ୍ଗଲ, ଗଛଲତାକୁ ଧ୍ୱଂସ କରି କଂକ୍ରିଟ୍ର ସହର ଗଢିବାରେ ଲାଗିଛି। ଫଳରେ ଅନେକ ଜୀବଜନ୍ତୁ ବାସହରା ହେବା ସହ କ୍ରମଶଃ ପଶୁପକ୍ଷୀଙ୍କ ଦ୍ରୁତ ଅବକ୍ଷୟ ଘଟିଛି। ଏଥିସହିତ ଜଳବାୟୁର ପରିବର୍ତ୍ତନ, କୃଷି କ୍ଷେତ୍ରରେ ମାତ୍ରାଧିକ କୀଟନାଶକ ପ୍ରୟୋଗ, ମୋବାଇଲ ଟାୱାରର ମାଇକ୍ରୋୱେଭ ତରଙ୍ଗ ଯୋଗୁ କେତେକ ଉପକାରୀ ପକ୍ଷୀ ଲୋପ ପାଇବାକୁ ବସିଲେଣି। ଅନେକ ପ୍ରଜାତିର ପଶୁ ପକ୍ଷୀ, କୀଟପତଙ୍ଗ ଆଉ ଦେଖାଯାଉନାହାନ୍ତି।

ଘରଚଟିଆ ମଣିଷର ଖୁବ୍ ଉପକାରୀ। ଘରଚଟିଆମାନେ ବର୍ଷାର ଆଗମନ ସମ୍ପର୍କରେ ସୂଚନା ଦେଇଥାଆନ୍ତି। ଯଦି ସେମାନେ ଦଳ ଦଳ ହୋଇ ଦାଣ୍ଡ ଧୂଳିରେ ପୋତି ହୋଇ ଆନନ୍ଦରେ ଖେଳାଖେଳି କରନ୍ତି ଏହାର କିଛି ସମୟ ପରେ ବର୍ଷା ନିଶ୍ଚିତ ହେବ ବୋଲି ସୂଚନା ମିଳେ। ସେହି ପକ୍ଷୀ ଯଦି ନିଜ ବସାକୁ ବାରମ୍ବାର ପଶେ ଓ ବାହାରେ ତେବେ ଝଡ଼ବତାସର ମଧ୍ୟ ସୂଚନା ମିଳେ। ଘରେ ଘରଚଟିଆ ବସା ବାନ୍ଧିଲେ ଗାଁ ଲୋକେ ଶୁଭ ଭାବନ୍ତି।

ଏହି ପକ୍ଷୀମାନେ ମୁଖ୍ୟତଃ ଗାଁ ଗୋହିରୀ, ଜମିବାଡ଼ିରୁ ଉଇ, ଝିଣ୍ଟିକା, ପୋକଜୋକ ଖାଇଥାଆନ୍ତି। ଏଥିଯୋଗୁ ଫସଲ ସୁରକ୍ଷିତ ରୁହେ। ମାତ୍ର ଫସଲରେ ବ୍ୟାପକ କୀଟନାଶକ ପ୍ରୟୋଗ ହେତୁ ଜିଆ ସମେତ ବହୁ କୀଟପତଙ୍ଗ ନଷ୍ଟ ହୋଇ ଘରଚଟିଆଙ୍କ ପାଇଁ ଖାଦ୍ୟ ସଙ୍କଟ ସୃଷ୍ଟି କରୁଛି। ଅନ୍ୟପକ୍ଷେ ଯାନବାହନ ଧୂଆଁ, ଶବ୍ଦ ପ୍ରଦୂଷଣ ଘରଚଟିଆଙ୍କ ପାଇଁ କାଳ ହୋଇଛି।

**-ଅଜୟ କୁମାର ମହାରଣା, ଖଣ୍ଡପଡ଼ା**

# ୨୧ରୁ ଓଟିଟିରେ 'ସ୍କାଏ ଫୋର୍ସ'


ଅକ୍ଷୟ କୁମାର

**ମୁମ୍ବାଇ:** ରିଲିଜ୍ ହେବାର ପ୍ରାୟ ୨ ମାସ ପରେ ଅଭିନେତା ଅକ୍ଷୟ କୁମାର ଓ ବୀର ପହାଡ଼ିଆଙ୍କ ଆକ୍ସନ୍ ଫିଲ୍ମ 'ସ୍କାଏ ଫୋର୍ସ' ଓଟିଟିରେ ରିଲିଜ୍ ହେବାକୁ ଯାଉଛି। ଏନେଇ ଓଟିଟି ପ୍ଲାଟ୍ଫର୍ମ ପ୍ରାଇମ ଭିଡିଓ ପକ୍ଷରୁ ସୂଚନା ଦିଆଯାଇଛି। ଗତ ଜାନୁଆରୀ ୨୪ରେ ଏହି ଫିଲ୍ମ ପ୍ରେକ୍ଷାଳୟରେ ମୁକ୍ତିଲାଭ କରିଥିଲା।

ଅନେକ ଦିନ ଧରି ସିନେପ୍ରେମୀମାନେ 'ସ୍କାଏ ଫୋର୍ସ' ଫିଲ୍ମର ଓଟିଟି ରିଲିଜ୍କୁ ଅପେକ୍ଷାକରି ରହିଥିଲେ। ଆସନ୍ତା ୨୧ରୁ ଏହି ଫିଲ୍ମ ପ୍ରାଇମ ଭିଡିଓରେ ଷ୍ଟ୍ରିମିଂ ହେବାକୁ ଯାଉଛି। ପ୍ରାଇମ ଭିଡିଓ ପକ୍ଷରୁ ଇନ୍ଷ୍ଟାଗ୍ରାମରେ ଏକ ପୋଷ୍ଟ କରାଯାଇ ଏହି ସୂଚନା ଦିଆଯାଇଛି। ଉକ୍ତ ପୋଷ୍ଟରେ ଅକ୍ଷୟ ଏବଂ ବୀରଙ୍କ ଏକ ଭିଡିଓ ଶେୟାର କରାଯାଇଛି, ଯେଉଁଥିରେ ଉଭୟେ ନାଚୁଥିବାର ନଜରକୁ ଆସିଛନ୍ତି। କ୍ୟାପ୍ଶନ୍ରେ ପ୍ରାଇମ ଭିଡିଓ ପକ୍ଷରୁ ଲେଖାଯାଇଛି, ୨୧ ମାର୍ଚ୍ଚରୁ ପ୍ରାଇମ ଭିଡିଓରେ 'ସ୍କାଏ ଫୋର୍ସ'ର ଲାଣ୍ଡିଂ ହେବାକୁ ଯାଉଛି। ପ୍ରାଇମ ଭିଡିଓର ୟୁଜର୍ସଙ୍କ ପାଇଁ ଏହି ଫିଲ୍ମ ଉପଲବ୍ଧ ହେବ।

୧୯୬୫ ମସିହାରେ ହୋଇଥିବା ଭାରତ-ପାକିସ୍ତାନ ଯୁଦ୍ଧରେ ପାକିସ୍ତାନର ସର୍ଗୋଧା ଏୟାରବେସ୍ ଉପରେ ଭାରତ ପକ୍ଷରୁ କରାଯାଇଥିବା ପ୍ରଥମ ଏୟାର ଷ୍ଟ୍ରାଇକ୍କୁ ନେଇ 'ସ୍କାଏ ଫୋର୍ସ' ଫିଲ୍ମ ଆଧାରିତ। ସନ୍ଦୀପ କେୱଲାନି ଓ ଅଭିଷେକ ଅନୀଲ କପୁରଙ୍କ ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ରରେ ଅକ୍ଷୟ ଓ ବୀରଙ୍କୁ ମୁଖ୍ୟ ଭୂମିକାରେ ଦେଖିବାକୁ ମିଳିଥିଲା।




# ପ୍ରକୃତ ଦୋଷୀଙ୍କୁ ମିଳିବ କଠୋର ଦଣ୍ଡ: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୧୯ା୩ (ରବିନାରାୟଣ ଜେନା)**

ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସଙ୍କ ହତ୍ୟାକାଣ୍ଡର ପ୍ରକୃତ ଦୋଷୀଙ୍କୁ ଆଇନ ଅନୁଯାୟୀ କଠୋର ଦଣ୍ଡବିଧାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସ୍ୱର୍ଗତ ଦାସଙ୍କ ପରିବାରକୁ ଭରସା ଦେଇଛନ୍ତି।

ବୁଧବାର ଅପରାହ୍ନ ୫ଟାରେ ସ୍ୱର୍ଗତ ନବଙ୍କ ସ୍ତ୍ରୀ ମିନତି ଦାସ, ପୂର୍ବତନ ବିଧାୟିକା ତଥା ଝିଅ ଦୀପାଳି ଦାସ ଏବଂ ପୁଅ ବିଶାଳ ଦାସ ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ନବଙ୍କ ହତ୍ୟାକାଣ୍ଡ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଯେଉଁଭଳି ଭାବେ ଏହି ଘଟଣା ଘଟିଲା ତାହା ଅତ୍ୟନ୍ତ ଦୁଃଖଦ ଓ ନିନ୍ଦନୀୟ। ଏହି ଘଟଣାରେ ସରକାର ସବୁ ଦିଗକୁ ପୁଣି ଥରେ ତନ୍ନ ତନ୍ନ କରି ତଦନ୍ତ କରିବେ ଏବଂ ପ୍ରକୃତ ଦୋଷୀଙ୍କୁ ଖୋଜି ବାହାର କରିବେ। ଆଇନ ଅନୁଯାୟୀ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ। ଏହି ଅବସରରେ ତଦନ୍ତକାରୀ ସଂସ୍ଥାକୁ ମିନତି ସହଯୋଗ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। କୌଣସି ସମୟରେ ତାଙ୍କୁ ବ୍ୟକ୍ତିଗତ ଭାବେ ଏ ସମ୍ପର୍କରେ ଚାହିଁଲେ ଅବଗତ କରାଇପାରିବେ। ସେ ନିଜେ ଓ ତାଙ୍କ ସରକାର ନ୍ୟାୟ ସପକ୍ଷରେ ଅଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ବ୍ୟକ୍ତିଗତ ଭାବେ ଭେଟି ଏହି ଆଲୋଚନା କରିଥିବାରୁ ଏବଂ ନ୍ୟାୟ ମିଳିବାର ଭରସା ଦେଇଥିବାରୁ ମିନତି ଓ ତାଙ୍କ ପରିବାର ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ମିନତି ଗଣମାଧ୍ୟମକୁ କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ସହିତ ସାକ୍ଷାତ୍ ଆଲୋଚନା ହୋଇଛି। ସ୍ୱାମୀଙ୍କ ହତ୍ୟାକାଣ୍ଡର ପ୍ରକୃତ ଦୋଷୀଙ୍କୁ ଖୋଜି ବାହାର କରିବା ଲାଗି ସେ ପ୍ରତିଶ୍ରୁତି ଦେଇଛନ୍ତି। ସରକାରଙ୍କ ଉପରେ ମୋର ପୂର୍ଣ୍ଣ ଆଶା ଓ ଭରସା ରହିଛି।

ଉକ୍ତ ଘଟଣାରେ ପୂର୍ବତନ ବିରୋଧୀ ଦଳ ନେତା ତଥା ଭାଜପା ବିଧାୟକ ଜୟନାରାୟଣ ମିଶ୍ର ପୁଣି ମୁହଁ ଖୋଲିଛନ୍ତି। ବୁଧବାର ସେ କହିଛନ୍ତି, ପୂର୍ବରୁ ମୁଁ ଯେଉଁ ସିବିଆଇ ତଦନ୍ତ ଦାବି କରିଥିଲି ଏବେ ମଧ୍ୟ ସେଥିରେ ଅଟଳ ରହିଛି। ନବ ଦାସ ହତ୍ୟାକାଣ୍ଡ ସମୟରେ ଗୃହରେ ଉକ୍ତ ଘଟଣାର ସତ୍ୟାସତ୍ୟ ଲୋକଲୋଚନକୁ ଆଣିବାପାଇଁ ବାଚସ୍ପତିଙ୍କଠାରେ ଦାବି କରିଥିଲି। ଏହି ଘଟଣା ପଛରେ କେଉଁମାନଙ୍କ ପ୍ରଚ୍ଛନ୍ନ ହାତ ରହିଛି ତାହା ମଧ୍ୟ ଗୃହକୁ ଅବଗତ କରାଇଛି, ଯାହାର ରେକର୍ଡ ରହିଛି। ସରକାର କ୍ରାଇମବ୍ରାଞ୍ଚ ତଦନ୍ତ କରନ୍ତୁ ସେଥିରେ ମୋର ଆପତ୍ତି ନାହିଁ, ହେଲେ ଏହି ମାମଲାରେ ସିବିଆଇ ତଦନ୍ତ ହେଲେ ହିଁ ପ୍ରକୃତ ଦୋଷୀ ସାମ୍ନାକୁ ଆସିପାରିବେ ବୋଲି ଜୟନାରାୟଣ ତାଙ୍କ କଥାକୁ ପୁଣି ଥରେ ଦୋହରାଇଛନ୍ତି।



ଲୋକସେବା ଭବନରେ ବୁଧବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସ୍ୱର୍ଗତ ନବ ଦାସଙ୍କ ସ୍ତ୍ରୀ ମିନତି ଦାସ, ଝିଅ ତଥା ପୂର୍ବତନ ବିଧାୟିକା ଦୀପାଳି ଦାସ ଏବଂ ପୁଅ ବିଶାଳ ଦାସ ଭେଟୁଛନ୍ତି।

**ଖୋଲିବ ନବ ଦାସ ହତ୍ୟାକାଣ୍ଡ ରହସ୍ୟ**

- ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ମିନତି
- ଜୟନାରାୟଣ ଦୋହରାଇଲେ ସିବିଆଇ ତଦନ୍ତ

# ଶାହାଙ୍କ ଓଡ଼ିଶା ଗସ୍ତ ୩ୟ ଥର ବାତିଲ

**ଜୋର୍ ଧରିଲା ରାଜନୀତି**

ଭୁବନେଶ୍ୱର,୧୯ା୩ (ରବିନାରାୟଣ ଜେନା)

ଭାଜପାର ଚାଣକ୍ୟ ତଥା କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କ ଓଡ଼ିଶା ଗସ୍ତ ବାତିଲକୁ ନେଇ ରାଜ୍ୟ ରାଜନୀତି ଏବେ ଜୋର୍ ଧରିଛି। ଥରେ କି ଦୁଇଥର ନୁହେଁ, ଇତିମଧ୍ୟରେ ୩ଥର ଶାହାଙ୍କ ଗସ୍ତ ବାତିଲ ହୋଇସାରିଲାଣି। ଦଳୀୟ କାର୍ଯ୍ୟାଳୟ ପକ୍ଷରୁ ଏନେଇ ଦୁଇଥର ସୂଚନା ଦିଆଯାଇଛି, ଏମିତିକି ପ୍ରଥମଥର ସମ୍ବଲପୁର ଗସ୍ତବେଳେ ଛାମୁଣ୍ଡିଆ ମଧ୍ୟ ବନ୍ଧାସରିଥିଲା। ହେଲେ ଅନିବାର୍ଯ୍ୟ କାରଣ ଯୋଗୁ ଶେଷ ମୁହୂର୍ତ୍ତରେ କାର୍ଯ୍ୟକ୍ରମକୁ ବାତିଲ କରାଯାଇଥିଲା। ତେବେ ଏସବୁ ପଛରେ ଭାଜପାର ଗୋଟିଏ ଗୋଷ୍ଠୀ ମଧ୍ୟରେ ଅନ୍ୟ ଗୋଷ୍ଠୀର ସମନ୍ୱୟ ରହୁନାହିଁ ବୋଲି ରାଜନୈତିକ ମହଲରେ ବିବେଚନା କରାଯାଉଛି।

ଉଲ୍ଲେଖଯୋଗ୍ୟ, ନୂଆବର୍ଷ ପୂର୍ବରୁ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଶାହା ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସିବାର କାର୍ଯ୍ୟକ୍ରମ ଥିଲା। ଏନେଇ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଗଣମାଧ୍ୟମରେ ସୂଚନା ଦେଇଥିଲେ। ସେ କହିଥିଲେ, ବିଧାୟକମାନଙ୍କ ତାଲିମ୍ କାର୍ଯ୍ୟକ୍ରମରେ ଯୋଗଦେବା ଲାଗି ଶାହା ଚଳିତମାସ(ଡିସେମ୍ବର) ୨୮ରୁ ୩୦ ଦୁଇଦିନିଆ ଓଡ଼ିଶା ଗସ୍ତ କରିବେ। ଏହାସହ ସମ୍ବଲପୁର ଗସ୍ତକରି କିଛି ବିକାଶମୂଳକ କାର୍ଯ୍ୟର ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ମାତ୍ର ପରବର୍ତ୍ତୀ ସମୟରେ ଉକ୍ତ କାର୍ଯ୍ୟକ୍ରମକୁ ଶେଷ ମୁହୂର୍ତ୍ତରେ ବାତିଲ କରାଯାଇଥିଲା।

ସେହିପରି ଭୁବନେଶ୍ୱରରେ ହୋଇଥିବା ପୋଲିସ ମହାନିର୍ଦ୍ଦେଶକ ସମ୍ମିଳନୀରେ ଶାହା ମୁଖ୍ୟ ପୁରୋଧା ହେବାର ଥିଲା। କିନ୍ତୁ ସେ ତାଙ୍କ କାର୍ଯ୍ୟସୂଚୀରେ ଶେଷ ମୁହୂର୍ତ୍ତରେ ପରିବର୍ତ୍ତନ କରିଥିଲେ। ତେବେ ଏହି ଦୁଇଥରକୁ ବାଦ୍ ଦେଲେ ଚଳିତମାସ ୨୮ରେ ଶାହା ଓଡ଼ିଶା ଗସ୍ତ କରିବା ପାଇଁ ସବୁପ୍ରକାର ପ୍ରସ୍ତୁତି ହୋଇସାରିଥିଲା। ଏମିତିକି ଭାଜପା ପକ୍ଷରୁ କେତେଜଣ ମୁଖପାତ୍ର କହିବୁଲିଥିଲେ। କିଏ କେଉଁ ଦାୟିତ୍ୱ ସମ୍ଭାଳିବ ତାହା ମଧ୍ୟ ସ୍ଥିର ହୋଇଥିଲା। ଟେଣ୍ଟ ବନ୍ଧାଠାରୁ ମାଇକି ପର୍ଯ୍ୟନ୍ତ ସବୁ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଥିଲା। କିନ୍ତୁ ମଙ୍ଗଳବାର ଦଳୀୟ କାର୍ଯ୍ୟାଳୟ ପକ୍ଷରୁ ଶାହାଙ୍କ ଗସ୍ତ ବାତିଲ ହେଲା ବୋଲି ଘୋଷଣା ହେଲା। ଥରେ କି ଦୁଇଥର ନୁହେଁ, ଭାଜପାର ଚାଣକ୍ୟ ତଥା ସ୍ୱରାଷ୍ଟ୍ର ମନ୍ତ୍ରୀ ଶାହାଙ୍କ ଓଡ଼ିଶା ଗସ୍ତ ଏଭଳି ଭାବେ ବାରମ୍ବାର ବାତିଲ ହେବା ଦଳୀୟ କର୍ମୀଙ୍କୁ ଯେତିକି ନିରୁତ୍ସାହିତ କରିଛି ତା'ଠାରୁ ଢେର୍ ଖୋରାକ ଯୋଗାଇଛି ରାଜନୀତି ବିଶାରଦଙ୍କୁ।

ଶାହାଙ୍କ ତୃତୀୟଥର ଓଡ଼ିଶା ଗସ୍ତ ବାତିଲକୁ ନେଇ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ କହିଛନ୍ତି, ରାଜ୍ୟରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଦିନଦ୍ୱିପ୍ରହରରେ ମୁଣ୍ଡ ଗଡୁଛି, ମହିଳାମାନେ ଅସୁରକ୍ଷିତ ଅଛନ୍ତି। ଏହି ପରିପ୍ରେକ୍ଷୀରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ କରିବାର ସତ୍ ସାହସ ନାହିଁ ବୋଲି କାଡାମ କହିଛନ୍ତି। ସେହିପରି ବିଜେଡି ମୁଖପାତ୍ର ଲେନିନ୍ ମହାନ୍ତି କହିଛନ୍ତି, ଏହା ତାଙ୍କ ଦଳୀୟ ବ୍ୟାପାର। ଏନେଇ ବିଜେଡି କୌଣସି ମତ ରଖିବା ସମୀଚୀନ ହେବନାହିଁ।

ଅନ୍ୟପକ୍ଷରେ ଭାଜପାର ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି, ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ଗସ୍ତ କାର୍ଯ୍ୟକ୍ରମ ପାଇଁ ସବୁକିଛି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଥିଲା। ହେଲେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦେବେନ୍ଦ୍ର ପ୍ରଧାନଙ୍କ ବିୟୋଗ ଯୋଗୁ ବୋଧହୁଏ ଏହା ବାତିଲ ହୋଇଥିବ ବୋଲି ସେ କହିଥିଲେ।



ଅମିତ୍ ଶାହା

# ୨ୟ ଦିବସରେ କ୍ରାଇମବ୍ରାଞ୍ଚର ତନାଘନା

- ନବଙ୍କ ସ୍ତ୍ରୀଙ୍କ ବୟାନ ରେକର୍ଡ
- ମୁଖ୍ୟ ଡାକ୍ତରଖାନା, ଝାରସୁଗୁଡ଼ା ବିମାନ ବନ୍ଦରରେ ତଦନ୍ତ

**ଝାରସୁଗୁଡ଼ା,୧୯ା୩(ଆଶିଷ ରଞ୍ଜନ ଦାଶ)**

ପୂର୍ବତନ ମନ୍ତ୍ରୀ ନବ ଦାସଙ୍କ ହତ୍ୟା ଘଟଣାରେ ତଦନ୍ତ କରୁଥିବା କ୍ରାଇମବ୍ରାଞ୍ଚର ୨ଜଣିଆ ଟିମ୍ ବୁଧବାର ୨ୟ ଦିବସରେ ମଧ୍ୟ ତନାଘନା କରିଛି। ସକାଳୁ କ୍ରାଇମବ୍ରାଞ୍ଚ ଟିମ୍ ପ୍ରଥମେ ଝାରସୁଗୁଡ଼ା ମୁଖ୍ୟ ଡାକ୍ତରଖାନାକୁ ଯାଇ ନବଙ୍କୁ ଗୁଳିବିଦ୍ଧ ହେବା ପରେ ଚିକିତ୍ସା କରିଥିବା ୨ଜଣ ଡାକ୍ତର ଡୋଳାମଣି ତାଣ୍ଡି ଓ ଏସ୍. ଜୋଜୋଙ୍କୁ ପଚରାଉଚୁରା କରିଥିଲେ। ସେହି ସମୟରେ ନବଙ୍କ ସ୍ୱାସ୍ଥ୍ୟାବସ୍ଥା, ରକ୍ତଚାପ, ହୃତ୍‌ସ୍ପନ୍ଦନ ତଥା ନବଙ୍କ ସେହି ସମୟର ସମସ୍ତ ତଥ୍ୟ ପଚାରି ବୟାନ ରେକର୍ଡ କରିଥିଲେ। ଏହାପରେ କ୍ରାଇମବ୍ରାଞ୍ଚ ଟିମ୍ ନବ ଦାସଙ୍କ ସରବାହାଲସ୍ଥିତ ବାସଭବନରେ ପୂର୍ବାହ୍ନ ୯ଟାରୁ ପ୍ରାୟ ୪ରୁ ୫ ଘଣ୍ଟା ଧରି ନବଙ୍କ ସ୍ତ୍ରୀ ମିନତି ଦାସଙ୍କୁ ହତ୍ୟାକାଣ୍ଡ ବିଷୟରେ ପଚରାଉଚୁରା କରି ସମସ୍ତ ବୟାନ ରେକର୍ଡ କରିଥିଲେ। ଏହାପରେ ଖବରଦାତାଙ୍କ ପ୍ରଶ୍ନର ଉତ୍ତରରେ କ୍ରାଇମବ୍ରାଞ୍ଚ ଅତିରିକ୍ତ ଏସ୍‌ପି ବିଜୟ ମଲ୍ଲିକ କହିଥିଲେ ଯେ, ନବ ଦାସଙ୍କ ସ୍ତ୍ରୀ ମିନତିଙ୍କ ସମସ୍ତ ବୟାନ ରେକର୍ଡ କରିଛୁ ଏବଂ ତାଙ୍କ ସୂଚନା ଆଧାରରେ ତଦନ୍ତ ଆଗକୁ ବଢ଼ିବ। ଉଲ୍ଲେଖନୀୟ ଯେ, ମଙ୍ଗଳବାର ନବ ଦାସଙ୍କ ସରବାହାଲସ୍ଥିତ ବାସଭବନରେ ନବଙ୍କ ଝିଅ ତଥା ପୂର୍ବତନ ବିଧାୟିକା ଦୀପାଳି ଦାସ ଓ ପୁଅ ବିଶାଳଙ୍କ ବୟାନ ରେକର୍ଡ କରି ସିଧା ଝାରସୁଗୁଡା ବୀର ସୁରେନ୍ଦ୍ର ସାଏ ବିମାନ ବନ୍ଦରକୁ ଯାଇଥିଲା। ସେଠାରେ ଟିମ୍ କର୍ମଚାରୀଙ୍କୁ ନବ ଦାସଙ୍କୁ ଗୁଳିବିଦ୍ଧ ହେବା ପରେ ଜିଲା ମୁଖ୍ୟ ଡାକ୍ତରଖାନାରୁ ଏୟାର ଲିଫ୍ଟ ପାଇଁ କେତେବେଳେ ଅଣାଯାଇଥିଲା, ସେତେବେଳେ ତାଙ୍କ ଅବସ୍ଥା କିପରି ଥିଲା ଏବଂ କେତେବେଳେ ଏୟାର ଲିଫ୍ଟ କରାଯାଇଥିଲା ଏ ବିଷୟରେ ତନାଘନା କରିବା ସହିତ ସେମାନଙ୍କ ବୟାନ ମଧ୍ୟ ରେକର୍ଡ କରିଥିଲା କ୍ରାଇମବ୍ରାଞ୍ଚ ଟିମ୍। ସୂଚନା ଅନୁସାରେ ବୁଧବାର ଅପରାହ୍ନରେ ନବଙ୍କ ସ୍ତ୍ରୀ ମିନତି, ଝିଅ ଦୀପାଳି ଓ ପୁଅ ବିଶାଳ ଭୁବନେଶ୍ୱର ଯାଇ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ଭେଟିଛନ୍ତି।

# ପ୍ରାଥମିକ ଚାର୍ଜଶିଟରେ ଇସିଜି ରିପୋର୍ଟ ଦାଖଲ ହୋଇନି: ଗୋପାଳଙ୍କ ଓକିଲ

**ଝାରସୁଗୁଡ଼ା,୧୯ା୩(ଆଶିଷ ରଞ୍ଜନ ଦାଶ)**

ପୂର୍ବତନ ମନ୍ତ୍ରୀ ନବ ଦାସ ହତ୍ୟାକାଣ୍ଡ ଘଟଣାରେ କ୍ରାଇମବ୍ରାଞ୍ଚ ଦେଇଥିବା ପ୍ରାଥମିକ ଚାର୍ଜଶିଟରେ ନବ ଦାସ ଗୁଳିବିଦ୍ଧ ହୋଇ ଝାରସୁଗୁଡା ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ସମୟର ଇସିଜି ରିପୋର୍ଟ ଦାଖଲ ହୋଇନାହିଁ। ନବଙ୍କ ବହୁ ଶତ୍ରୁ ଥିଲେ, ସେ ବିଷୟରେ ମଧ୍ୟ ତଦନ୍ତ ହେବା ଆବଶ୍ୟକ ବୋଲି ନବ ଦାସ ହତ୍ୟାକାଣ୍ଡର ଅଭିଯୁକ୍ତ ଗୋପାଳ ଦାସଙ୍କ ଓକିଲ ନରେଶ ନାୟକ କହିଛନ୍ତି। ଏଥିସହ ସେ ପ୍ରାଥମିକ ଚାର୍ଜଶିଟରେ ସେତେବେଳେ ତଦନ୍ତ କରୁଥିବା ଆଇଜି ଅରୁଣ ବୋଥ୍ରା ୩୦ଜଣ ସାକ୍ଷୀଙ୍କ ସହିତ ଗୁଡ଼ାଏ ଦସ୍ତାବିଜ ଦାଖଲ କରିଥିଲେ। ଏପରିକି କ୍ରାଇମବ୍ରାଞ୍ଚର ତଦନ୍ତକାରୀ ଅଫିସର ରମେଶ କୁମାର ଦୋରା ସାକ୍ଷୀମାନଙ୍କୁ ନିଜେ ଆଣି କୋର୍ଟରେ ହାଜର କରାଉଥିଲେ। କିନ୍ତୁ ନବ ଦାସଙ୍କ ଗୁଳିବିଦ୍ଧ ହେବା ସମୟରେ ପ୍ରାଥମିକ ଚିକିତ୍ସା ପାଇଁ ଝାରସୁଗୁଡା ମୁଖ୍ୟ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ତତ୍କାଳୀନ ଡାକ୍ତର ଡୋଳାମଣି ତାଣ୍ଡି ତାଙ୍କର ଚିକିତ୍ସା କରିଥିଲେ। ଆମେ ତାଙ୍କୁ କୋର୍ଟରେ ଜେରା କରିବା ସମୟରେ ଇସିଜିରିପୋର୍ଟ ଉପରେ କିଛି ନ କହି ଏ ବିଷୟରେ ମୋର ମନେ ନାହିଁ ବୋଲି କହିଥିବା ଓକିଲ ନରେଶ ସୂଚନା ଦେଇଛନ୍ତି।




# ଦାରା ସିଂଙ୍କ କ୍ଷମା ଆବେଦନର ବିଚାର ରାଜ୍ୟ ସରକାର ନିଅନ୍ତୁ: ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୧୯ା୩**

କେନ୍ଦୁଝର ଜିଲାରେ ୧୯୯୯ ମସିହାରେ ଅଷ୍ଟ୍ରେଲୀୟ ମିଶନାରି ଗ୍ରାହାମ୍ ଷ୍ଟୁଆର୍ଟ ଷ୍ଟେନ ଏବଂ ତାଙ୍କ ୨ ନାବାଳକ ପୁତ୍ରଙ୍କୁ ପୋଡ଼ି ହତ୍ୟା ମାମଲାରେ ଦୋଷୀସାବ୍ୟସ୍ତ ହୋଇ ଆଜୀବନ କାରାଦଣ୍ଡ ଭୋଗୁଥିବା ରବୀନ୍ଦ୍ର ପାଲ୍ ଓରଫ ଦାରା ସିଂଙ୍କ ପକ୍ଷରୁ ଆଗତ କ୍ଷମା ଆବେଦନର ବିଚାର ରାଜ୍ୟ ସରକାର କରନ୍ତୁ ବୋଲି ବୁଧବାର ସୁପ୍ରିମକୋର୍ଟ କହିଛନ୍ତି। ବିଚାରପତି ମନୋଜ ମିଶ୍ର ଏବଂ କେ.ଭି. ବିଶ୍ୱନାଥଙ୍କୁ ନେଇ ଗଠିତ ଖଣ୍ଡପୀଠ ଓଡ଼ିଶା ସରକାରଙ୍କ ପକ୍ଷରୁ ମାମଲା ଲଢୁଥିବା ଆଇନଜୀବୀ ଶ୍ରୀନିବାସ ମିଶ୍ରଙ୍କୁ ଆସନ୍ତା ୬ ସପ୍ତାହ ମଧ୍ୟରେ ଏସମ୍ପର୍କରେ ନିଷ୍ପତ୍ତି ନେବା ସହ ସର୍ବୋଚ୍ଚ ଅଦାଲତଙ୍କୁ ଅବଗତ କରାଇବାକୁ କହିଛନ୍ତି। ଫଳରେ ଦାରାଙ୍କ ମୁକ୍ତି ହେବାର ଆଶା ଉଜ୍ଜୀବିତ ହୋଇଛି।

ଦାରା ସିଂଙ୍କ ମୁକ୍ତି ପାଇଁ ହୋଇଥିବା ଆବେଦନର ଶୁଣାଣି କରି ସର୍ବୋଚ୍ଚ ଅଦାଲତ ଗତ ବର୍ଷ ଜୁଲାଇ ୯ରେ ଓଡ଼ିଶା ସରକାରଙ୍କୁ ନୋଟିସ ଜାରି କରିଥିଲେ। ଦାରା ତାଙ୍କ ଆବେଦନରେ ଦର୍ଶାଇଥିଲେ ଯେ, ସେ ତାଙ୍କ କର୍ମ ପାଇଁ ଅନୁତପ୍ତ। ଯୌବନାବସ୍ଥାରେ ସେ ଯେଉଁ ଭୁଲ୍ କରିଛନ୍ତି ତା'ର ପ୍ରାୟଶ୍ଚିତ କରିବାକୁ ଚାହାନ୍ତି। ଇତିମଧ୍ୟରେ ସେ ୨୪ବର୍ଷ ଜେଲ୍‌ରେ କାଟିସାରିଲେଣି। ଏବେ କୋର୍ଟଙ୍କ ଅନୁମତି ପାଇ ଜେଲରୁ ମୁକ୍ତି ହେବା ପରେ ସାମାଜିକ କାର୍ଯ୍ୟରେ ନିଜକୁ ନିୟୋଜିତ କରିବାକୁ ଚାହୁଁଛନ୍ତି ବୋଲି ଦାରାଙ୍କ ଓକିଲ ବିଷ୍ଣୁ କୁମାର ଜୈନ ଅଦାଲତଙ୍କ ନିକଟରେ ଯୁକ୍ତି ଉପସ୍ଥାପନ କରିଥିଲେ। ୬୧ ବର୍ଷୀୟ ଦାରା ଗତ ୨୪ବର୍ଷ ମଧ୍ୟରେ କେବେ ପାରୋଲରେ ଯାଇନାହାନ୍ତି। ଏପରି କି ତାଙ୍କ ମା'ଙ୍କ ମୃତ୍ୟୁ ପରେ ଅନ୍ତିମ ସଂସ୍କାରରେ ମଧ ଯୋଗ ଦେଇନାହାନ୍ତି। ତେଣୁ ସମସ୍ତ କଥାକୁ ବିଚାର କରି ଦାରାଙ୍କ ମୁକ୍ତି ପାଇଁ ସୁପ୍ରିମକୋର୍ଟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦିଅନ୍ତୁ ବୋଲି ସିଂ କୋର୍ଟରେ କହିଥିଲେ।

ସୂଚନାଯୋଗ୍ୟ, କେନ୍ଦୁଝର ଜିଲା ମନୋହରପୁର ଗ୍ରାମରେ ୧୯୯୯ ଜାନୁଆରୀ ୨୨-୨୩ ରାତିରେ ଦାରାଙ୍କ ନେତୃତ୍ୱରେ କେତେଜଣ ଲୋକ ଗ୍ରାହମ୍ ଷ୍ଟେନ୍, ତାଙ୍କ ୨ ପୁଅ ଫିଲିପ୍(୧୧) ଏବଂ ତିମୋଥି(୮) ଏକ ଗାଡ଼ିରେ ଶୋଇଥିବାବେଳେ ନିଆଁ ଲଗାଇ ହତ୍ୟା କରିଥିଲେ। ୩ଜଣଙ୍କୁ ହତ୍ୟା ଘଟଣାର ଦାରା ମୁଖ୍ୟ ଅଭିଯୁକ୍ତ ଥିବାରୁ ୨୦୦୩ରେ ସିବିଆଇ କୋର୍ଟ ତାଙ୍କୁ ମୃତ୍ୟୁଦଣ୍ଡରେ ଦଣ୍ଡିତ କରିଥିଲେ। ପରେ ଓଡ଼ିଶା ହାଇକୋର୍ଟ ୨୦୦୫ରେ ଉକ୍ତ ମୃତ୍ୟୁଦଣ୍ଡକୁ ଆଜୀବନ କାରାଦଣ୍ଡକୁ କୋହଳ କରିଥିଲେ, ଯାହାକି ପରବର୍ତ୍ତୀ ସମୟ ୨୦୧୧ରେ ସୁପ୍ରିମକୋର୍ଟ ମଧ୍ୟ ହାଇକୋର୍ଟଙ୍କ ରାୟକୁ କାଏମ ରଖିଥିଲେ। ।

# ଶ୍ରମିକଙ୍କ ବେକରେ ପଶିଗଲା ରଡ୍



**ଅନୁଗୋଳ,୧୯ା୩ (ମାନସ ବିଶ୍ୱାଳ)**

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟର ନୂତନ ବିଲ୍ଡିଂ କାମ ଚାଲିଥିବାବେଳେ ବୁଧବାର ଏକ ଦୁର୍ଘଟଣା ଘଟିଛି। କାର୍ଯ୍ୟରତ ଜଣେ ଶ୍ରମିକ ଯାଜପୁର ଜିଲା ଜାରକା ଅଞ୍ଚଳର ମନୋରଞ୍ଜନ ବେହେରାଙ୍କ ବେକରେ ଲୁହା ରଡ୍ ପଶିଯାଇଛି। ଜିଲା ମୁଖ୍ୟ ଚିକିତ୍ସାଳୟରେ ପ୍ରାଥମିକ ଚିକିତ୍ସା ପରେ ଗୁରୁତର ଶ୍ରମିକଙ୍କୁ କଟକ ବଡ଼ମେଡିକାଲ ସ୍ଥାନାନ୍ତର କରାଯାଇଛି। ସୂଚନା ମୁତାବକ, ଶ୍ରମିକମାନେ ଲୁହା ରଡ୍‌କୁ ଦଉଡ଼ିରେ ବାନ୍ଧି ବିଲ୍ଡିଂ ଉପରକୁ ଉଠାଉଥିଲେ। ଏହି ସମୟରେ ଏକ ରଡ୍ ତଳକୁ ଖସି ତଳେ କାମ କରୁଥିବା ଶ୍ରମିକ ମନୋରଞ୍ଜନଙ୍କ ବେକରେ ଗଳିଯାଇଥିଲା। ଏହାଦେଖି ସେଠାରେ କାମ କରୁଥିବା ଅନ୍ୟ ଶ୍ରମିକମାନେ ତୁରନ୍ତ କଟର ସାହାଯ୍ୟରେ ଉକ୍ତ ଲୁହା ରଡ୍‌କୁ କାଟି ଛୋଟ କରିଥିଲେ। ଏହାପରେ ତାଙ୍କୁ ଚିକିତ୍ସା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ମାତ୍ର ଅବସ୍ଥା ଗୁରୁତର ଥିବାରୁ ରଡ୍ ସହ ଗୁରୁତର ଶ୍ରମିକଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା। ନିର୍ମାଣ କାମ ବେଳେ ଶ୍ରମିକଙ୍କ ପାଇଁ ସେଭଳି କୌଣସି ସୁରକ୍ଷା ବ୍ୟବସ୍ଥା କରାଯାଇ ନ ଥିବାରୁ ଏଭଳି ଦୁର୍ଘଟଣା ଘଟିଲା ବୋଲି ସାଧାରଣରେ ଅଭିଯୋଗ ହେଉଛି।

# 'ରାଜ୍ୟ ସରକାର ଆଭିମୁଖ୍ୟ ସ୍ପଷ୍ଟ କରନ୍ତୁ'

**ରତ୍ନଭଣ୍ଡାର ଚାବି ହଜିବା ତଦନ୍ତ କମିଶନ ରିପୋର୍ଟ ସାର୍ବଜନୀନ କରିବା ମାମଲା**

**ଏକା ପ୍ରସଙ୍ଗରେ ପୃଥକ୍ ସତ୍ୟପାଠ**

**କଟକ,୧୯ା୩(କାର୍ତ୍ତିକ ସାହୁ)**

ଶ୍ରୀମନ୍ଦିର ରତ୍ନଭଣ୍ଡାର ଚାବି ହଜିବା ଘଟଣାର ତଦନ୍ତ କମିଶନଙ୍କ ରିପୋର୍ଟ ସାର୍ବଜନୀନ କରିବା ପାଇଁ ରୁଜୁ ମାମଲାରେ ରାଜ୍ୟ ସରକାର ହାଇକୋର୍ଟରେ ଭିନ୍ନ ତଥ୍ୟ ଥିବା ପୃଥକ୍ ସତ୍ୟପାଠ ଦାଖଲ କରିଛନ୍ତି। ଏହାକୁ ନେଇ ଦ୍ୱନ୍ଦ୍ୱ ଦେଖାଦେଇଛି। ଏନେଇ ଆବେଦନକାରୀଙ୍କ ପକ୍ଷରୁ ହାଇକୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରାଯିବା ପରେ ରାଜ୍ୟ ସରକାର ଆଭିମୁଖ୍ୟ ସ୍ପଷ୍ଟ କରିବା ନିମନ୍ତେ ହାଇକୋର୍ଟ ଆଦେଶ ଦେଇଛନ୍ତି। ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଅରିନ୍ଦମ ସିହ୍ନା ଓ ବିଚାରପତି ଭି. ନରସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରି ଏ ସଂକ୍ରାନ୍ତରେ ଜବାବ ରଖିବାକୁ ରାଜ୍ୟ ସରକାରଙ୍କୁ ଆଦେଶ ଦେଇଛନ୍ତି। ଆସନ୍ତା ୨୬ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

# ଗାଡ଼ି ଚଳାଇବା ବେଳେ ଡାଳ ପଡ଼ି ଛାତ୍ରଙ୍କ ମୃତ୍ୟୁ

**ବୈପାରିଗୁଡ଼ା,୧୯ା୩(କଳ୍ପତରୁ ମହାନ୍ତି)**

ବୈପାରିଗୁଡ଼ା ଥାନା ଅନ୍ତର୍ଗତ ମହୁଲି ନିକଟ ଏନ୍ଏଚ୍ ଉପରେ ଏକ ଚଳନ୍ତା ବାଇକ୍ ଉପରେ ଗଛଡାଳ ପଡ଼ି ଜଣେ ଛାତ୍ରଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ୨ଜଣ ଗୁରୁତର ରହିଛନ୍ତି। ମୃତକ ହେଲେ ଜୟପୁର ସଦର ଥାନା ଅନ୍ତର୍ଗତ ଡଙ୍ଗରଛିଞ୍ଚି ପଞ୍ଚାୟତ ବାରଙ୍ଗପୁଟର ମହେନ୍ଦ୍ର ନାୟକ(୧୮)। ଗୁରୁତର ଥିବା ମାଳିଗୁଡ଼ାର ଧରମା ମାଳି ଓ ବାରିଣିପୁଟ ପଞ୍ଚାୟତ ନୂଆଗୁଡ଼ାର କୁମୁଲୁ ହରିଜନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ବୈପାରିଗୁଡ଼ାସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ଡିଗ୍ରୀ କଲେଜରେ ପ୍ରଥମ ବର୍ଷର ପରୀକ୍ଷା ଚାଲୁଥିବା ବେଳେ ବୁଧବାର ଜୟପୁରରୁ ମହେନ୍ଦ୍ର ଓ ତାଙ୍କର ୨ ସହପାଠୀ ଏକ ବାଇକ୍‌ରେ ଆସୁଥିବା ବେଳେ ୬ କି.ମି. ଦୂର ମହୁଲି ନିକଟ ରାସ୍ତାକଡ଼ରେ ବହୁଦିନରୁ ଥିବା ଏକ ଶୁଖିଲା ଗଛର ଡାଳ ସେମାନଙ୍କ ଉପରେ ପଡ଼ିଯାଇଥିଲା। ଘଟଣାସ୍ଥଳରେ ବାଇକ୍ ଚଳାଉଥିବା ମହେନ୍ଦ୍ର ତଳେ ଟଳି ପଡ଼ିଥିଲେ। ତାଙ୍କ ସହ ପଛରେ ବସିଥିବା ଅନ୍ୟ ୨ ସହପାଠୀଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ପ୍ରଥମେ ବୈପାରିଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଜୟପୁରସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ପୋଲିସ ନଂ. ୧୩/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ମୃତଦେହ ବ୍ୟବଚ୍ଛେଦ କରିଛି। ତେବେ ବୈପାରିଗୁଡ଼ା-ଜୟପୁର ରାସ୍ତାକଡ଼ର ବହୁ ସ୍ଥାନରେ ଶୁଖିଲା ଗଛ ବିପଦସଙ୍କୁଳ ଅବସ୍ଥାରେ ରହିଛି।

**ଖଦି ଏବଂ ଗ୍ରାମୋଦ୍ୟୋଗ ଆୟୋଗ**
**ସୂକ୍ଷ୍ମ, ଲଘୁ ଏବଂ ମଧ୍ୟମ ଉଦ୍ୟୋଗ ମନ୍ତ୍ରଣାଳୟ, ଭାରତ ସରକାର**
ଗ୍ରାମୋଦୟ, ୩, ଇର୍ଲା ରୋଡ୍, ଭିଲେ ପାର୍ଲେ (ପଶ୍ଚିମ), ମୁମ୍ବାଇ - ୪୦୦୦୫୬
ଟେଲି.: ୦୨୨-୨୬୭୧୩୫୩୮, ଇ-ମେଲ୍: legaltrademark.kvic@gov.in
ୱେବ୍‌ସାଇଟ୍: www.kvic.gov.in
Ministry of Micro, Small & Medium Enterprises Government of India

**ସତର୍କତା ସୂଚନା**

ଖଦି ଏବଂ ଗ୍ରାମୋଦ୍ୟୋଗ ଆୟୋଗ (କେଭିଆଇସି), ସଂସଦର ଏକ ଅଧିନିୟମ 'ଖଦି ଏବଂ ଗ୍ରାମୋଦ୍ୟୋଗ ଆୟୋଗ ଅଧିନିୟମ, ୧୯୫୬' ଅଧୀନରେ ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରଣାଳୟ, ଭାରତ ସରକାରଙ୍କ ଦ୍ୱାରା ପ୍ରତିଷ୍ଠିତ ତଥା "ଗ୍ରାମୋଦ୍ୟୋଗ", ୩ ଇର୍ଲା ରୋଡ୍, ଭିଲେ ପାର୍ଲେ (ପଶ୍ଚିମ), ମୁମ୍ବାଇ, ମହାରାଷ୍ଟ୍ର-୪୦୦୦୫୬ ଠାରେ ଅବସ୍ଥିତ ଏକ ବୈଧାନିକ ନିକାୟ ଏତଦ୍ୱାରା ସର୍ବସାଧାରଣଙ୍କ ଦୃଷ୍ଟିକୁ ଏହା ଆଣିବାକୁ ଚାହୁଁଛି ଯେ ସମସ୍ତ ସାମଗ୍ରୀ ଏବଂ ସେବାଗୁଡ଼ିକ ପାଇଁ କେଭିଆଇସି ନିମ୍ନଦର୍ଶିତ ଟ୍ରେଡ୍‌ମାର୍କଗୁଡ଼ିକର ସ୍ୱତ୍ୱାଧିକାରୀ ଓ ମାଲିକ ଅଟେ:




ଉପରଦର୍ଶିତ ଟ୍ରେଡ୍‌ମାର୍କଗୁଡ଼ିକ ଭାରତରେ ତଥା ବିଶ୍ୱବ୍ୟାପୀ ବିଭିନ୍ନ ଦେଶରେ ସୁରକ୍ଷିତ ତଥା ପଞ୍ଜୀକୃତ ଅଟେ ଏବଂ ସେଗୁଡ଼ିକୁ କେଭିଆଇସି ଦ୍ୱାରା ନିରନ୍ତର ଭାବେ ଓ ସ୍ୱଚ୍ଛନ୍ଦରେ ବ୍ୟବହାର କରାଯାଇଆସୁଛି । କେଭିଆଇସିର ଆଇନସମ୍ମତ ଅଧିକାରକୁ ସୁରକ୍ଷିତ ରଖିବା ପାଇଁ ଉପରଦର୍ଶିତ ଟ୍ରେଡ୍‌ମାର୍କ ଏବଂ/କିମ୍ବା ଭ୍ରମାତ୍ମକ ଭାବେ ସମାନ ଧରଣର ଟ୍ରେଡ୍‌ମାର୍କର ଅନଧିକୃତ ବ୍ୟବହାର କରାଯିବା କିମ୍ବା କେଭିଆଇସିର 'ଖଦି' ଟ୍ରେଡ୍‌ମାର୍କକୁ ଟ୍ରେଡ୍‌ମାର୍କ ଭାବରେ କିମ୍ବା ଟ୍ରେଡ୍ ନାମ ଏବଂ/କିମ୍ବା ଡୋମେନ୍ ନାମର ଅଂଶବିଶେଷ ଭାବରେ ସଂସ୍ଥାର ନାମ ଆଗରେ କିମ୍ବା ପଛରେ ଲଗାଇ ବ୍ୟବହାର କରି ବ୍ୟବସାୟ କରିବାରେ ଦାୟୀ ସମସ୍ତଙ୍କ ବିରୁଦ୍ଧରେ ଆଇନ ଅଦାଲତରେ ଉପଯୁକ୍ତ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଖଦି ଏବଂ ଗ୍ରାମୋଦ୍ୟୋଗ ଆୟୋଗଙ୍କ ଦ୍ୱାରା ପ୍ରାଧିକୃତ ସତ୍ତା/ବ୍ୟକ୍ତିଙ୍କୁ ଛାଡ଼ି ଅନ୍ୟ କାହାଦ୍ୱାରା ଉପରଦର୍ଶିତ ଟ୍ରେଡ୍‌ମାର୍କଗୁଡ଼ିକୁ ବ୍ୟବହାର କରାଯିବା ସମ୍ପର୍କରେ ଯଦି ଜନସାଧାରଣଙ୍କ ନିକଟରେ କୌଣସି ଜ୍ଞାନ/ସୂଚନା ରହିଥାଏ, ତେବେ ସେମାନଙ୍କୁ legalaffairs.kvic@gov.in ଠିକଣାରେ କେଭିଆଇସିକୁ ଅବଗତ କରାଇବା ପାଇଁ ଅନୁରୋଧ କରାଯାଉଛି ।

- ଉପମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ଆଇନଗତ ବ୍ୟାପାର)

CBC 25103/15/0003/2425

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଓଡ଼ିଶା ପ୍ରଗତି ଦଳର ୭ମ ପ୍ରତିଷ୍ଠା ଦିବସ ସମାରୋହ, ସ୍ଥାନ: ବୁଲନ୍ ଭାଇ ସେବା ସଦନ, ମାଷ୍ଟର କ୍ୟାଣ୍ଟିନ ଛକ, ସମୟ: ପୂର୍ବାହ୍ନ ୧୧ଟା।
- ଭୀମ ଭୋଇ ଚେୟାର ଆନୁକୂଲ୍ୟରେ ଏକଦିବସୀୟ ରାଜ୍ୟସ୍ତରୀୟ ଆଲୋଚନାଚକ୍ର, ସ୍ଥାନ: ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ଶହୀଦ ନଗର ଦୁର୍ଗାପୂଜା ସମିତି ପକ୍ଷରୁ ବିଶ୍ୱ ପଖାଳ ଦିବସ, ସ୍ଥାନ: ରୂପାଲି ଛକ, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ପଖାଳ ଦିବସ, ସ୍ଥାନ: ଆଇଏମ୍‌ବି କ୍ୟାମ୍ପସ, ମଞ୍ଚେଶ୍ୱର ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ, ଜ୍ଞାନ ବିହାର, ରସୁଲଗଡ଼, ସମୟ: ଅପରାହ୍ନ ୧ଟା।
- ପୁସ୍ତକ 'ପୁରାଣ ପରମ୍ପରାରେ ମାର୍କଣ୍ଡେୟ' ଲୋକାର୍ପଣ ଉତ୍ସବ, ସ୍ଥାନ: କେଦାରନାଥ ଗବେଷଣା ପ୍ରତିଷ୍ଠାନ, ପୁରୁଣା ଭୁବନେଶ୍ୱର, ସମୟ: ଅପରାହ୍ନ ୫ଟା ୩୦।

## କଟକ
- ଶ୍ରୀମଦ୍ ଭାଗବତ ଗୀତାଯଜ୍ଞ ଓ ପ୍ରବଚନ, ସ୍ଥାନ: ଶ୍ରୀରାମେଶ୍ୱର ମନ୍ଦିର ପ୍ରାଙ୍ଗଣ, ନୂଆପାଟଣା, ତିଗିରିଆ, ସମୟ: ସକାଳ ୭ଟା।

## ପୁରୀ
- ବାବା ଆଖଣ୍ଡଳେଶ୍ୱର ପାଇକ ଆଖଡ଼ା ସଂଘ ଦ୍ୱାରା ସମରକଳା କ୍ରୀଡ଼ା ପ୍ରଦର୍ଶନ, ସ୍ଥାନ: ମାଲୁଦ ପଞ୍ଚଦୋଳ ପଡ଼ିଆ, କୃଷ୍ଣପ୍ରସାଦ, ସମୟ: ଅପରାହ୍ନ ୪ଟା।
- ଆମ ପୁସ୍ତକ ମେଳା ଉଦ୍‌ଘାଟନ, ସ୍ଥାନ: ମାଲୁଦ ପଞ୍ଚଦୋଳ ପଡ଼ିଆ, କୃଷ୍ଣପ୍ରସାଦ, ସମୟ: ଅପରାହ୍ନ ୪ଟା ୩୦।

## ବାଲେଶ୍ୱର
- ଟିୟୁଏସିସି ପକ୍ଷରୁ ଗଣଧାରଣା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଉତ୍କଳୀୟ ପଖାଳ ଦିବସ, ସ୍ଥାନ: କୁମ୍ଭକ୍ଷେତ୍ର, ନୀଳଗିରି, ସମୟ: ପୂର୍ବାହ୍ନ ୧୧ଟା।
- ପ୍ରାଣୀଧନ ସୁରକ୍ଷା ଅଭିଯାନ ତାଲିମ ଶିବିର, ସ୍ଥାନ: ଇମାମୀ ଗୋଶାଳା, ରେମୁଣା, ସମୟ: ପୂର୍ବାହ୍ନ ୧୧ଟା।
- ଦେବଦୀପ ଫାଉଣ୍ଡେଶନ ପକ୍ଷରୁ ପଖାଳ ଦିବସ, ସ୍ଥାନ: ହୋଟେଲ ଫାଣ୍ଟାସି, ବାଲେଶ୍ୱର, ସମୟ: ମଧ୍ୟାହ୍ନ ୧୨ଟା।
- 'ମୁଁ ବି ଦିନେ ଛାତ୍ର ଥିଲି' ପକ୍ଷରୁ ବିଶ୍ୱ ପଖାଳ ଦିବସ, ସ୍ଥାନ: ବ୍ରିଟ୍ କଲ୍ୟାଣମଣ୍ଡପ, ବାଲେଶ୍ୱର, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ବାଲେଶ୍ୱର ପ୍ରେସ କ୍ଲବର ବୈଠକ, ସ୍ଥାନ: ପ୍ରେସ କ୍ଲବ କାର୍ଯ୍ୟାଳୟ, ବାଲେଶ୍ୱର, ସମୟ: ଅପରାହ୍ନ ୪ଟା ୩୦।
- ଗ୍ରାମୀଣ ଫୁଟବଲ ଟୁର୍ନାମେଣ୍ଟର ପୁରସ୍କାର ବିତରଣ ଉତ୍ସବ, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ ପରିସର, ନୂଆପାଢ଼ୀ, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା।

## ଭଦ୍ରକ
- 'ବେଟି ବଚାଓ ବେଟି ପଢ଼ାଓ' ସଚେତନତା ରଥ ପରିକ୍ରମା ଶୁଭାରମ୍ଭ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ଭଦ୍ରକ, ସମୟ: ସକାଳ ୮ଟା ୩୦।
- ପୂର୍ବତନ ସରପଞ୍ଚ ଧନେଶ୍ୱର ପାଣିଙ୍କ ଶ୍ରଦ୍ଧାଞ୍ଜଳି ସଭା ଓ ପ୍ରତିମୂର୍ତ୍ତି ଅନାବରଣ, ସ୍ଥାନ: ସିନ୍ଦୋଳ ଶାସନ, ତିହିଡ଼ି, ସମୟ: ପୂର୍ବାହ୍ନ ୧୦ଟା।
- ଇଦ୍ ଉପଲକ୍ଷେ ଶାନ୍ତି କମିଟି ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହ, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା।
- ମୋବାରକପୁର ମେଳଣ ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ମୋବାରକପୁର, ଭଣ୍ଡାରିପୋଖରୀ, ସମୟ: ସନ୍ଧ୍ୟା ୬ଟା।
- ଦୋଳ ମହୋତ୍ସବର ୩ୟ ସନ୍ଧ୍ୟା, ସ୍ଥାନ: ବାଲିମେଦ ଦୋଳ ପଡ଼ିଆ, ବାସୁଦେବପୁର, ସମୟ: ରାତି ୮ଟା।

## କେନ୍ଦୁଝର
- ରାଧାକୃଷ୍ଣଙ୍କ ମେଳଣ ଉତ୍ସବ ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ ମୁଗୁପୁର ମେଳଣ ପଡିଆ,ଛେନାପଦି, ସମୟ: ରାତି ୮ ଟା।
- ବିଶ୍ୱ ପଖାଳ ଦିବସ ପାଳନ, ସ୍ଥାନ: ନୀଳାଦ୍ରି କାର୍ଯ୍ୟାଳୟ, ବଡ଼ବିଲ, ସମୟ: ମଧ୍ୟାହ୍ନ ୧୨ ଟା।

## ମୟୂରଭଞ୍ଜ
- ରସିକରାୟ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବର ପୂର୍ଣ୍ଣାହୂତୀ, ସ୍ଥାନ: ମାନଗୋବିନ୍ଦପୁର ବଡ଼ସାହି ବ୍ଲକ, ସମୟ: ସକାଳ ୮ଟା।
- କରଞ୍ଜିଆ ମହୋତ୍ସବ, ସ୍ଥାନ: କରଞ୍ଜିଆ,ସମୟ: ସନ୍ଧ୍ୟା ୬ଟା।
- ଆତ୍ମରକ୍ଷା ତାଲିମ ଶିବିରର ଶୁଭାରମ୍ଭ, ସ୍ଥାନ: ଚିତ୍ରଡା ମହାବିଦ୍ୟାଳୟ, ମୋରଡ଼ା, ସମୟ: ଅପରାହ୍ନ ୧ ଟା ୩୦।

## ବ୍ରହ୍ମପୁର
- ବିଶ୍ୱ ଘର ଚଟିଆ ଦିବସ ପାଳନ, ସ୍ଥାନ: ଅନନ୍ତାଇ ଗାଁ, ସମୟ: ସକାଳ ୯ଟା।

## କନ୍ଧମାଳ
- ମା' ପାଟଖଣ୍ଡା କାନ୍ଦୁଲ ଭଜା ଯାତ୍ରା ଭେଟଘାଟ, ସ୍ଥାନ: ମା'ପାଟଖଣ୍ଡା ମନ୍ଦିର ପରିସର ବାଲିଗୁଡ଼ା, ସମୟ: ଅପରାହ୍ନ ୧ ଟା।

## ଢେଙ୍କାନାଳ
- ସଚେତନ ନାଗରିକ ଫୋରମ ପକ୍ଷରୁ ବିଶ୍ୱ ପଖାଳ ଦିବସ, ସ୍ଥାନ: କଲ୍ୟାଣ ମଣ୍ଡପ, ଗୁଡିଆନାଳୀ, ଢେଙ୍କାନାଳ, ସମୟ: ମଧ୍ୟାହ୍ନ ୧୨ଟା।

## ଜଗତ୍‌ସିଂହପୁର
- ଜିଲାସ୍ତରୀୟ ନିଯୁକ୍ତି ମେଳା, ସ୍ଥାନ: ସାଇଲୋ, ରାହାମା, ଜଗତ୍‌ସିଂହପୁର, ସମୟ: ସକାଳ ୧୦ ଟା।
- ଆନ୍ତର୍ଜାତିକ ପଖାଳ ଦିବସ କାର୍ଯ୍ୟକ୍ରମ, ସ୍ଥାନ: ହୋଟେଲ ଏମ୍ପାୟର୍ସ, ନୂଆବଜାର, ପାରାଦୀପ, ସମୟ: ମଧ୍ୟାହ୍ନ ୧୨ଟା।

## କେନ୍ଦ୍ରାପଡ଼ା
- ବଳଦେବ ସାଂସ୍କୃତିକ ପରିଷଦ ପକ୍ଷରୁ ମଧୁସାଗର ମହୋତ୍ସବ, ସ୍ଥାନ: ବାଲିଆ, କେନ୍ଦ୍ରାପଡ଼ା, ସମୟ: ଅପରାହ୍ନ ୫ଟା।
- ଆଧ୍ୟାତ୍ମିକ ସମ୍ମିଳନୀ, ସ୍ଥାନ: ଶିଶୁ ଅନନ୍ତ ଆଶ୍ରମ, ବାରୋ, କେନ୍ଦ୍ରାପଡା, ସମୟ: ଅପରାହ୍ନ ୫ଟା।

## ନୟାଗଡ଼
- ପଞ୍ଚୁଦୋଳ ଯାତ୍ରାର ୨ୟ ଦିବସ, ସ୍ଥାନ: ରଣପୁର ପଞ୍ଚୁ ଦୋଳ ପଡିଆ, ସମୟ:ସକାଳ ୭ଟା ।
- ୨୭ତମ ବାର୍ଷିକ ଯଜ୍ଞୋତ୍ସବର ଅଙ୍କୁରାରୋପଣ, ସ୍ଥାନ:ନୟାଗଡ଼ ବ୍ଲକର ଅଚ୍ୟୁତାନନ୍ଦ ଆଶ୍ରମ ରାଧାକୃଷ୍ଣ ମନ୍ଦିର, ସମୟ:ପୂର୍ବାହ୍ନ ୧୦ଟା ।
- ବନଦୁର୍ଗାଙ୍କର ବାର୍ଷିକୋତ୍ସବର ୨ୟ ଦିବସ, ସ୍ଥାନ:ସିଂଘାପଡାର କୁଞ୍ଜବିହାରୀ ପ୍ରସାଦ, ସ୍ଥାନ: ପୂର୍ବାହ୍ନ ୧୦ଟା।
- ବିଶ୍ୱ ପଖାଳ ଦିବସ, ସ୍ଥାନ: ନୟାଗଡ଼ ବ୍ଲକ ପ୍ରତାପପ୍ରସାଦ ଭୈରବୀ ଠାକୁରାଣୀ ପୀଠ, ସ୍ଥାନ: ପୂର୍ବାହ୍ନ ୧୧ଟା।
- ଜାତୀୟ ଖାଉଟି ଦିବସ, ସ୍ଥାନ: ନୟାଗଡ଼ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସ୍ଥାନ: ପୂର୍ବାହ୍ନ ୧୧ଟା।
- ପଞ୍ଚୁଦୋଳ ଯାତ୍ରାର ୨ୟ ଦିବସ, ସ୍ଥାନ: ନୟାଗଡ଼ ବ୍ଲକର ଇଟାମାଟି, ଖଣ୍ଡପଡା ବ୍ଲକର ବନମାଳିପୁର ଦୋଳମଣ୍ଡପ, ସମୟ:ଅପରାହ୍ନ ୪ଟା।

## ନବରଙ୍ଗପୁର
- ବାବା ବୈଦ୍ୟନାଥ ମନ୍ଦିର ବାର୍ଷିକ ମହୋତ୍ସବ, ସ୍ଥାନ: ଉମରକୋଟ ଗୁଲିପାଟଣା, ସମୟ: ପୂର୍ବାହ୍ନ ୧୧ଟା।

## ସମ୍ବଲପୁର
- ଯୋଗ ପରିବାର ପକ୍ଷରୁ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ଗାନ୍ଧି ପାର୍କ, ସମୟ : ସକାଳ : ୬ଟା।
- ପାଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ବିଶ୍ୱ ପଖାଳ ଦିବସ, ସ୍ଥାନ : କୁଲୁଥକାନୀ, ସମୟ : ମଧ୍ୟାହ୍ନ ୧୨ଟା।
- .ଅଦୃଶ୍ୟ ନାଟ୍ୟ ଆଶ୍ରମ ଆୟୋଜିତ ପଞ୍ଚମ ହୀରଖଣ୍ଡ ନାଟ୍ୟ ମହୋତ୍ସବ-୨୦୨୫ ଉଦ୍‌ଘାଟନୀ ଉତ୍ସବ, ସ୍ଥାନ : ଜ୍ୟୋତି ବିହାର ପରିସରସ୍ଥ ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟ, ସମୟ : ଅପରାହ୍ନ ୫ଟା୩୦।

## ବଲାଙ୍ଗୀର
- ମାରୱାଡି ଯୁବା ମଞ୍ଚ ଓ ପ୍ରଗତି ଶାଖା କଣ୍ଟାବାଞ୍ଜି ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ଓ ଚକ୍ଷୁ ପରୀକ୍ଷା ଶିବିର, ସ୍ଥାନ: ହରିଭବନ, ରୋଡ ନଂ ୩, କଣ୍ଟାବାଞ୍ଜି, ସମୟ : ସକାଳ ୯ଟାରୁ ଅପରାହ୍ନ ୧ଟା।

## ରାଉରକେଲା
- ରାଉରକେଲା କଲେଜ ପକ୍ଷରୁ ବିଶ୍ୱ ପଖାଳ ଦିବସ ପାଳନ, ସ୍ଥାନ:ସେକ୍ଟର-୪, ରାଉରକେଲା କଲେଜ, ସମୟ: ପୂର୍ବାହ୍ନ ୧୨ଟା।
- ଗାରିମା ପରିବାର ପକ୍ଷରୁ ପଖାଳ ଦିବସ ପାଳନ, ସ୍ଥାନ:ରାଉରକେଲା କ୍ଲବ, ସମୟ: ଅପରାହ୍ନ ୧୨ଟା ୩୦।
- ଚୈତ୍ର ନବରାତ୍ର ସନ୍ଦର୍ଭରେ ବିଶେଷ ଚର୍ଚ୍ଚା, ସ୍ଥାନ: ଜଗଦା ବାଟ ମା ମଙ୍ଗଳା ମନ୍ଦିର ସମ୍ମିଳନୀ କକ୍ଷ, ସମୟ: ସନ୍ଧ୍ୟା ୬ଟା।
- ନବଜାଗୃତି ପକ୍ଷରୁ ନାରୀ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ସେକ୍ଟର-୫, ସମୟ: ସନ୍ଧ୍ୟା ୬ଟା।
- ଆଦର୍ଶ ପାଠାଗାର ପକ୍ଷରୁ ମାସିକ ସାହିତ୍ୟ ଆସର, ସ୍ଥାନ: ସେକ୍ଟର-୫, ସମୟ: ସନ୍ଧ୍ୟା ୬ଟା୪୫।

## ବରଗଡ଼
- ପଦ୍ମଶ୍ରୀ ଡଃ କୃତାର୍ଥ ଆଚାର୍ଯ୍ୟଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ,ସ୍ଥାନ:ସମ୍ବଲପୁରୀ ବସ୍ତ୍ରାଳୟ ବିକ୍ରୟ କେନ୍ଦ୍ର ସମ୍ମୁଖ, ବ୍ଲକ ଅଫିସ ସାମ୍ନା, ବରଗଡ଼,ସମୟ: ସକାଳ ୬ଟା ୩୦।
- ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ମହୋତ୍ସବ,ସ୍ଥାନ: ତାଲପାଲି, ଗାଇସିଲେଟ,ସମୟ: ସକାଳ ୮ଟା।
- ବିଶ୍ୱ ପଖାଳ ଦିବସ,ସ୍ଥାନ:ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟ, ବରଗଡ଼,ସମୟ: ପୂର୍ବାହ୍ନ ୧୦ଟା।
- ପଦ୍ମଶ୍ରୀ କୃତାର୍ଥ ଆଚାର୍ଯ୍ୟ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନ୍ସର ବାର୍ଷିକ ଉତ୍ସବ, ସ୍ଥାନ: ଅନୁଷ୍ଠାନ ପରିସର, ଚକରକେନ୍ଦ, ବରଗଡ଼, ସମୟ:ପୂର୍ବାହ୍ନ ୧୦ଟା ୩୦।
- ପଦ୍ମଶ୍ରୀ ଡଃ କୃତାର୍ଥ ଆଚାର୍ଯ୍ୟଙ୍କ ଜୟନ୍ତୀ ସମାରୋହ, ସ୍ଥାନ: ବିଜୁ ପଟ୍ଟନାୟକ ଟାଉନ ହଲ, ବରଗଡ଼,ସମୟ: ସନ୍ଧ୍ୟା ୬ଟା ୩୦।
- ଜିଲା କଂଗ୍ରେସ କମିଟିର ଖବରଦାତା ସମ୍ମିଳନୀ, ସ୍ଥାନ: ସର୍କିଟ ହାଉସ, ବରଗଡ଼,ସମୟ:ଅପରାହ୍ନ ୫ଟା।

## କଳାହାଣ୍ଡି
- ଜିଲାସ୍ତରୀୟ ବିକଶିତ ଭାରତ ଯୁବସଂସଦ ପ୍ରତିଯୋଗିତା ଉଦ୍‌ଯାପନ, ସ୍ଥାନ: ଭବାନୀପାଟଣାସ୍ଥିତ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ବିଧାନସଭା ଘେରାଉ ନେଇ ଜିଲା କଂଗ୍ରେସର ଖବରଦାତା ସମ୍ମିଳନୀ, ସ୍ଥାନ: ଭବାନୀପାଟଣାସ୍ଥିତ ଦଳୀୟ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଜିଲାପାଳଙ୍କ ଦ୍ୱାରା ବାଳ ବାଟିକା କାର୍ଯ୍ୟକ୍ରମ ଉଦ୍‌ଘାଟନ, ସ୍ଥାନ: ଜିଲାପାଳଙ୍କ ଅଫିସ, ସମୟ: ପୂର୍ବାହ୍ନ ୧୧ଟା।

## ଦେବଗଡ଼
- ଶ୍ରୀ ସତ୍ୟସାଇ ମନ୍ଦିର ପକ୍ଷରୁ ନଗର କୀର୍ତ୍ତନ, ସ୍ଥାନ: ଦେବଗଡ଼ ସହର, ସମୟ: ପ୍ରାତଃ ୫ଟା।
- ଡାଇମଣ୍ଡ ସର୍କସ, ସ୍ଥାନ: ବଡ ବଗିଚା ପ୍ରଧାନପାଟ ରୋଡ୍, ସମୟ: ଅପରାହ୍ନ ୧ଟା।
- ଶ୍ରୀ ସତ୍ୟସାଇ ମନ୍ଦିର ପକ୍ଷରୁ ଭଜନ ଓ ଆଳତି, ସ୍ଥାନ: ଶ୍ରୀ ସତ୍ୟସାଇ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ଶିରିଡ଼ି ସାଇ ମନ୍ଦିର କମିଟି ପକ୍ଷରୁ ଖିରି ଭୋଗ ବଣ୍ଟନ, ସ୍ଥାନ: ଶିରିଡ଼ି ସାଇ ମନ୍ଦିର, ପ୍ରଧାନପାଟ, ସମୟ: ସନ୍ଧ୍ୟା ୭ଟା ୩୦।

## ସୁବର୍ଣ୍ଣପୁର
- ସୁବର୍ଣ୍ଣପୁରରେ ଜଗନ୍ନାଥ ମହୋତ୍ସବ ଉପଲକ୍ଷେ ବିଶ୍ୱଶାନ୍ତି ଶ୍ରୀ ବିଷ୍ଣୁ ମହାଯଜ୍ଞ ଓ ଶ୍ରୀ ବିଷ୍ଣୁ ପୂଜନ, ସ୍ଥାନ: ରାମେଶ୍ୱର ଷ୍ଟାଡିୟମ, ସମୟ: ସକାଳ ୮ଟା।
- ଜଗନ୍ନାଥ ମହୋତ୍ସବ ଅବସରରେ ଶ୍ରୀ ଜୀଉଙ୍କ ୩୨ ବେଶ, ସ୍ଥାନ: ସୋନପୁର ରାମେଶ୍ୱର ଷ୍ଟାଡିୟମ, ସମୟ: ସକାଳ ୮ଟା ୩୦।
- ବୀରମହାରାଜପୁର ବ୍ଲକ ଟିଁଠିପାଲିରେ ନବାହ୍ନ ପାରାୟଣର ଚତୁର୍ଥ ଦିବସ, ସ୍ଥାନ: ରାଧେଶ୍ୟାମ ମଠ ପରିସର, ସମୟ: ସକାଳ ୯ଟା।
- ବୀରମହାରାଜପୁର ବ୍ଲକ ଜମ୍ବାଲିପାଲି ଠାରେ ରାମାୟଣ ନବାହ୍ନ ପାରାୟଣର ଚତୁର୍ଥ ଦିବସ, ସ୍ଥାନ: ଗ୍ରାମ୍ୟ ମଣ୍ଡପ ସମ୍ମୁଖ, ସମୟ: ସକାଳ ୯ଟା।
- ବ୍ୟାଙ୍କ୍ ଲିଙ୍କେଜ୍ ପାଇଁ ମହିଳା ସ୍ୱୟଂ ସହାୟିକା ଗୋଷ୍ଠିର କର୍ମଶାଳା, ସ୍ଥାନ: ବୀରମହାରାଜପୁର ବ୍ଲକ ସଭାଗୃହ, ସମୟ: ଅପରାହ୍ନ ୩ଟା।
- ଜଗନ୍ନାଥ ମହୋତ୍ସବ ଅବସରରେ ଧାର୍ମୀକ ସଭା ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ସୋନପୁର ରାମେଶ୍ୱର ଷ୍ଟାଡିୟମ, ସମୟ: ସନ୍ଧ୍ୟା ୬ଟା ୩୦।

## ନୂଆପଡ଼ା
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ଉପଲକ୍ଷେ କଳସ ଶୋଭାଯାତ୍ରା, ସ୍ଥାନ: କୋମନା ବ୍ଲକ ଜଡାମୁଣ୍ଡା ପଞ୍ଚାୟତ ଇଚ୍ଛାପୁର ଗାଁ ଉପରପଡ଼ା, ସମୟ: ଅପରାହ୍ନ ୫ଟା ୫୮।
- ଜିଲାସ୍ତରୀୟ ମାରାଗୁଡା ଲୋକ ମହୋତ୍ସବ ପ୍ରସ୍ତୁତି ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ସନ୍ଧ୍ୟା ୬ଟା।

## ଝାରସୁଗୁଡ଼ା
- ୨୪ ପ୍ରହର ନାମ ସଂକୀର୍ତ୍ତନ, ସ୍ଥାନ: ଘିଚାମୁରା ଗ୍ରାମ ପ୍ରାଙ୍ଗଣ, ସମୟ: ସକାଳ ୭ଟା।
- ଅଷ୍ଟ ପ୍ରହର ନାମଯଜ୍ଞ, ସ୍ଥାନ: ତିଳେଇ ନାମ ମଣ୍ଡପ, ସମୟ: ସକାଳ ୮ଟା।
- ଭାଗବତ ପାରାୟଣ କାର୍ଯ୍ୟକ୍ରମ, ସ୍ଥାନ: ପଞ୍ଚଗାଁ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ରାମାୟଣ ପାଠ, ସ୍ଥାନ: କୁମର କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଧୈର୍ଯ୍ୟହରା ନ ହୋଇ ପରିସ୍ଥିତିର ମୁକାବିଲା କଲେ ଉପକୃତ ହେବେ। ଅଭାବ ପୂରଣ ଦିଗରେ ଜଣେ ବନ୍ଧୁଙ୍କଠାରୁ ଆଶାନୁଯାୟୀ ଅର୍ଥ ସାହାଯ୍ୟ ପାଇବେ। ଆତ୍ମୀୟଙ୍କ ସହଯୋଗରେ ପୂର୍ବରୁ ସ୍ଥିରୀକୃତ ଯୋଜନା ଠିକ୍ ଭାବରେ କାର୍ଯ୍ୟକାରୀ ହେବ। ସ୍ନାୟବିକ ଦୁର୍ବଳତା ଅନୁଭବ କରିବେ।

**ବୃଷ** ଆପଣଙ୍କ କର୍ମଦକ୍ଷତା ହେତୁ ସାମାଜିକ ତଥା ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ। ଆଶା କରିଥିବା ଦିଗରୁ ଅର୍ଥ ପ୍ରାପ୍ତି ହେବାର ପୂର୍ଣ୍ଣ ସୂଚନା ରହିଛି। ସ୍ୱାସ୍ଥ୍ୟ ଓ ପାରିବାରିକ ସମସ୍ୟା ମନକୁ ଆନ୍ଦୋଳିତ କରିପାରେ। ପରିସ୍ଥିତିବଶତଃ ଇଚ୍ଛା ବିରୋଧରେ କୌଣସି କାମ କରି ପଶ୍ଚାତାପ କରିବାକୁ ପଡ଼ିପାରେ।

**ମିଥୁନ** ସାଧାରଣ କଥାରେ କଳହ ସୃଷ୍ଟିଜନିତ ପାରିବାରିକ ସମ୍ପର୍କ ଖରାପ ହୋଇପାରେ। କର୍ମକ୍ଷେତ୍ରରେ ନିଜର ପ୍ରତିକ୍ରିୟା ହଠାତ୍ ପ୍ରକାଶ କଲେ ବିବାଦ ଭିତରକୁ ଟାଣି ହୋଇପାରନ୍ତି। ଅଫିସରେ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହେବାର ସୂଚନା ରହିଛି। ବନ୍ଧୁ ପ୍ରତିଶ୍ରୁତି ରକ୍ଷାକରି ଠିକ୍ ସମୟରେ ଆସି ଆପଣଙ୍କୁ ସାହାଯ୍ୟ କରିବେ।

**କର୍କଟ** ବନ୍ଧୁ ସହଯୋଗର ଦୃଢ଼ ପ୍ରତିଶ୍ରୁତି ଦେବେ, ଯାହାକି ଆପଣଙ୍କ କାମକୁ ଆସିବ। ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ଆନୁଷ୍ଠାନିକ କିମ୍ବା ନିର୍ମାଣ କ୍ଷେତ୍ରରେ ସମସ୍ୟା ବୃଦ୍ଧି ପାଇବା ହେତୁ ବ୍ୟସ୍ତତା ବଢ଼ିଯିବ। ବ୍ୟବସାୟକୁ ସଙ୍କୁଚିତ କରିନେଇ ପାରନ୍ତି କିନ୍ତୁ କଳା ଓ ସାହିତ୍ୟରେ ଉନ୍ନତି କରିବେ।

**ସିଂହ** ଦୃଢ଼ ପଦକ୍ଷେପ ନେଇ ପ୍ରତ୍ୟେକ ସ୍ଥଗିତ କାମକୁ ସମ୍ପନ୍ନ କରିପାରିବେ। ମାତ୍ର ବନ୍ଧୁ କଥାରେ ପ୍ରଭାବିତ ହୋଇ କୌଣସି ଭୁଲ୍ କାମ କରିପାରନ୍ତି। ଉଚ୍ଚବର୍ଗ କିମ୍ବା ଗୁରୁଜନମାନଙ୍କ ପରାମର୍ଶ ଓ ସହଯୋଗରୁ ସମସ୍ୟା ସମାଧାନ ହୋଇଯିବ। ବାଣିଜ୍ୟ, ପରିବହନ ଓ ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିପାରେ।

**କନ୍ୟା** କର୍ମକ୍ଷେତ୍ରରେ ସ୍ଥଗିତ କାମପାଇଁ ଅନ୍ୟକୁ କୈଫିୟତ୍ ଦେବାକୁ ପଡ଼ିପାରେ। ପରିବାରର ଆବଶ୍ୟକତାକୁ ନେଇ ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ପ୍ରେରଣାରୁ ଉପକୃତ ହୋଇପାରନ୍ତି ମାତ୍ର ପରକ୍ଷଣରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ମାଦକ ଦ୍ରବ୍ୟ ସେବନରୁ ବକ୍ଷ ବେଦନା ସୃଷ୍ଟି ହେବାର ସୂଚନା ରହିଛି।

**ତୁଳା** ହିତୈଷୀମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କଲେ ବିଶେଷ ଭାବରେ ଉପକୃତ ହେବେ। ପାରସ୍ପରିକ ବୁଝାମଣା ହେତୁ ପରିବାରରେ ପୁନର୍ବାର ଶାନ୍ତି ଫେରିଆସିବ। ଶତ୍ରୁତାର ଅବସାନ ଘଟିବ ମାତ୍ର ପିଲାମାନଙ୍କ କାର୍ଯ୍ୟରେ ଅସନ୍ତୁଷ୍ଟ ରହିବେ। ଖଳଲୋକଙ୍କ ଦ୍ୱାରା ପ୍ରଚାରିତ ମିଥ୍ୟା ଗୁଜବ ପ୍ରତି ମନ ଦିଅନ୍ତୁ ନାହିଁ।

**ବିଛା** ମନ ଅସ୍ଥିର ରହିବା କାରଣରୁ କାମ ସମ୍ପୂର୍ଣ୍ଣ କଷ୍ଟକର ହୋଇପଡ଼ିବ। ସାଧାରଣ କଥାକୁ କେନ୍ଦ୍ରକରି ଅନ୍ୟ ଉପରେ ବିରକ୍ତ ହେବେ। ଗୃହ ସମସ୍ୟା, ଆନୁଷ୍ଠାନିକ କାମ, ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶା ଅନୁରୂପ ଫଳ ପାଇବେ। ସାମାଜିକ କିମ୍ବା ଆନୁଷ୍ଠାନିକ କ୍ଷେତ୍ରରୁ ସ୍ନେହ, ଶ୍ରଦ୍ଧା ଓ ଅନୁରକ୍ତି ଲାଭ କରିପାରନ୍ତି।

**ଧନୁ** କଳ୍ପନା ଜାଲରେ ବାନ୍ଧିହୋଇ ଅସଂଯତ କାର୍ଯ୍ୟକଳାପ ପାଇଁ ଉଚ୍ଚବର୍ଗଙ୍କଠାରୁ ସମାଲୋଚିତ ହେବେ। ବନ୍ଧୁ ସମସ୍ୟାର କାରଣ ହେବେ। ସାହିତ୍ୟ ଓ ରଚନାତ୍ମକ କାମରେ ପ୍ରଶଂସା ପାଇବେ। ବୃତ୍ତିଗତ ଧନ୍ଦା, ଆଇନ ଅଦାଲତ ଓ ପାରିବାରିକ କ୍ଷେତ୍ରରେ ସମସ୍ୟା ସମାଧାନ ହେବ। ପୂର୍ବାଷାଢ଼ା ନକ୍ଷତ୍ରର ପାରିବାରିକ ଜୀବନ ସୁଖରେ କଟିବ।

**ମକର** ବାରମ୍ବାର ବିଭିନ୍ନ ପ୍ରକାରର ପ୍ରତିରୋଧର ସାମନା କରି କର୍ମକ୍ଷେତ୍ରରେ କାମ ହାସଲ କରିବେ। ଅବଶ୍ୟ ସହକର୍ମୀ ଓ ପଡ଼ୋଶୀମାନେ ସହଯୋଗର ହାତ ବଢ଼ାଇବେ। ପ୍ରକୃତ ଘଟଣା ନ ବୁଝି ପଡ଼ୋଶୀ ଅଯଥା ବିନା କାରଣରେ ଗରଗର ହୋଇପାରନ୍ତି। ନୂତନ କାମରେ ପ୍ରତିବନ୍ଧକ ଯୋଗୁ ଅଗ୍ରଗତି ହୋଇପାରିବ ନାହିଁ।

**କୁମ୍ଭ** ଆପଣଙ୍କ ପ୍ରଭାବଶାଳୀ ବକ୍ତବ୍ୟ ଜନମାନସକୁ ପ୍ରଭାବିତ କରିବ। କିନ୍ତୁ ନିଜ ଲୋକଙ୍କ ଅସହିଷ୍ଣୁ ମନୋଭାବ ଓ ଆଚରଣ ମନକୁ କଷ୍ଟ ଦେଇପାରେ। ହିତୈଷୀଙ୍କ ପରାମର୍ଶରେ ସତ୍‌ସଙ୍ଗ ସାଙ୍ଗକୁ ଧର୍ମଚର୍ଚ୍ଚା ପ୍ରତି ମଧ ମନ ବଳିବ। କିନ୍ତୁ ଅନ୍ୟମାନଙ୍କ ଦ୍ୱାରା ପ୍ରଭାବିତ ହୋଇ ପରକଥାକୁ ବିଶ୍ୱାସ କରି ହଇରାଣରେ ପଡ଼ିପାରନ୍ତି।

**ମୀନ** ପୂର୍ବାହ୍ନରେ କର୍ମାରମ୍ଭ, ଯାନବାହନ, ଲୋକସମ୍ପର୍କ, ସଭାସମିତି ଓ ପାରିବାରିକ ସମସ୍ୟା ନେଇ ଚିନ୍ତା କରିବେ। ପରିବାରର କେତେକ ଅଙ୍କୁହା କଥା ଓ ଗୁଡାଏ ଚିନ୍ତା ମନକୁ ଆନ୍ଦୋଳିତ କରିବ। ବୃଥା ସନ୍ଦେହରୁ ଭଲ ସମ୍ପର୍କ ଥିବା ବନ୍ଧୁଟି ମଧ ଭୁଲ୍ ବୁଝିପାରନ୍ତି। ପରିବାରର ଆବଶ୍ୟକତାକୁ ନେଇ ଦିନଟିରେ ଆୟ ତୁଳନାରେ ବ୍ୟୟ ବୃଦ୍ଧି ଘଟିବ।

ଆଜି ମାର୍ଚ୍ଚ ୨୦ ତାରିଖ, ବିଶ୍ୱ ଘରଚଟିଆ ଦିବସ, ସାର୍ବଜନୀନ ପଖାଳ ଦିବସ, ଚୈତ୍ର କୃଷ୍ଣ ଷଷ୍ଠୀ ଗୁରୁବାର। ରାଶିନକ୍ଷତ୍ର-ଅନୁରାଧା/ବିଛା, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୫.୫୪ ଗତେ ଘ.୦୭.୩୦ ମଧ୍ୟେ, ଘ.୧୦.୪୨ ଗତେ ଘ.୦୧.୦୬ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୦୧.୨୪ ଗତେ ଘ.୦୨.୫୪ ମଧ୍ୟେ ରାହୁ କାଳ

# ଯୁବକଙ୍କୁ ଆକ୍ରମଣ କରି ହାତ ହାଣିଦେଲେ

ସୋର, ୧୯।୩ (ଜନ୍ମେଜୟ ମିଶ୍ର)

ବାଲେଶ୍ୱର ଜିଲା ସୋର ଥାନା ଶିରାପୁର ଛକ ନିକଟରେ ବୁଧବାର ସନ୍ଧ୍ୟାରେ ଜଣେ ଯୁବକଙ୍କୁ ୮ ଜଣ ଯୁବକ ସଙ୍ଘବଦ୍ଧ ଭାବେ ଆକ୍ରମଣ କରି ହାତ ହାଣିଦେଇଛନ୍ତି। ଉକ୍ତ ଯୁବକ ହେଲେ ଶିରାପୁର ଗ୍ରାମର ଦୀପକ ଜେନା (୨୩)। ସେ ହନୁମାନ ଛକ ନିକଟରେ ଠିଆ ହୋଇଥିବା ବେଳେ ୮ ଜଣ ଯୁବକ ତିନୋଟି ବାଇକରେ ଆସି ଭୁଜାଲି ସମେତ ବିଭିନ୍ନ ମାରଣାସ୍ତ୍ର ସହ ସେଠାରେ ପହଞ୍ଚି ତାଙ୍କୁ ଅତର୍କିତ ଭାବେ ଆକ୍ରମଣ କରିଥିଲେ। ଏଥିରେ ତାଙ୍କ ହାତ, ମୁଣ୍ଡ ଓ ଦେହର ବିଭିନ୍ନ ସ୍ଥାନରେ ଗଭୀର କ୍ଷତ ସୃଷ୍ଟି ହେବା ସହ ସେ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ତାଙ୍କ ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ତାଙ୍କୁ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଛନ୍ତି। ପାରିବାରିକ ଘଟଣାକୁ ନେଇ ଏପରି କାଣ୍ଡ ହୋଇଥିବା ସାଧାରଣରେ ଚର୍ଚ୍ଚା ହେଉଛି। ଖବର ଲେଖା ହେବା ବେଳକୁ ଏନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଜଣାପଡିଛି। ପୋଲିସ ଖବର ପାଇ ଘଟଣାର ତଦନ୍ତ ଆରମ୍ଭ କରିଛି।

# ଖୋର୍ଦ୍ଧାରେ ହେବ ଜାତୀୟ ଫରେନ୍‌ସିକ ସାଇନ୍ସ ବିଶ୍ୱବିଦ୍ୟାଳୟ

ଭୁବନେଶ୍ୱର, ୧୯।୩ (ସୁଚିସ୍ମିତା ସାହୁ)

ଜାତୀୟ ଫରେନ୍‌ସିକ ସାଇନ୍ସ ୟୁନିଭର୍ସିଟି (ଏନ୍‌ଏଫ୍‌ଏସ୍‌ୟୁ) ଖୁବ୍‌ଶୀଘ୍ର ଖୋର୍ଦ୍ଧା ଜିଲାରେ ଏହାର କ୍ୟାମ୍ପସ ସ୍ଥାପନ କରିବ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ବୁଧବାର ସୂଚନା ଦିଆଯାଇଛି। ଏନେଇ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ଜାତୀୟ ଫରେନ୍‌ସିକ ସାଇନ୍ସ ୟୁନିଭର୍ସିଟି ଆକ୍ଟ ୨୦୨୦ ଅନୁଯାୟୀ ଏହି ନୂତନ କ୍ୟାମ୍ପସ ପ୍ରତିଷ୍ଠା କରାଯାଉଛି। ମହାରାଷ୍ଟ୍ରର ନାଗପୁର ଏବଂ ଛତିଶଗଡ଼ର ରାୟପୁରରେ ଏନ୍‌ଏଫ୍‌ଏସ୍‌ୟୁର କ୍ୟାମ୍ପସ ରହିଛି। ଓଡ଼ିଶାରେ ଫରେନସିକ ସାଇନ୍ସ ବିଶ୍ୱବିଦ୍ୟାଳୟର ନୂତନ ଶାଖା ସମ୍ପର୍କରେ ନିଆଯାଇଥିବା ନିଷ୍ପତ୍ତି ପାଇଁ ଭଟଲିର ଭାଜପା ବିଧାୟକ ଇରାଶିଷ ଆଚାର୍ଯ୍ୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଏବଂ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ୫୮ ନୂଆ ଶୀତଳଭଣ୍ଡାର...

ହଟ୍ଟଗୋଳ ଯୋଗୁ ବାଚସ୍ପତି ସୁରମା ପାଢ଼ୀ ଗୃହକୁ ୧୨ଟା ଯାଏ ମୁଲତବୀ ଘୋଷଣା କରିଥିଲେ।

ଗୃହ ବାହାରେ ମନ୍ତ୍ରୀ କହିଥିଲେ ଯେ, ରାଜ୍ୟରେ ଖାଦ୍ୟଶସ୍ୟ ସଂରକ୍ଷଣ ସୁବିଧାକୁ ମଜଭୁତ କରିବା ପାଇଁ ଏହି ଯୋଜନା ପ୍ରଣୟନ କରାଯାଇଛି, ଯାହା ବେସରକାରୀ ଉଦ୍ୟୋଗୀଙ୍କୁ ଆର୍ଥିକ ସମ୍ଭାବନା ଦୃଷ୍ଟିରୁ ଶୀତଳଭଣ୍ଡାର ନ ଥିବା ସ୍ଥାନରେ ଶୀତଳଭଣ୍ଡାର ଲାଗି ଉତ୍ସାହିତ କରିବ। ଏହି ଯୋଜନାର ସୁପରିଚାଳନା ଲାଗି ୫ ବର୍ଷ ଅବଧି ମଧ୍ୟରେ ୨୫୨ କୋଟି ଟଙ୍କାର ବଜେଟ ଅନୁମୋଦନ କରାଯାଇଛି। ଏହି ଯୋଜନାରେ ଶୀତଳଭଣ୍ଡାର ପାଇଁ ସ୍ଥାୟୀ ପୁଞ୍ଜି ବ୍ୟୟର ୬୦ପ୍ରତିଶତ ଅର୍ଥାତ୍ ସର୍ବାଧିକ ୬.୫୦ କୋଟି ଟଙ୍କା ରିହାତି ମିଳିବ। ଅନୁସୂଚିତ ଜାତି, ଜନଜାତି, ମହିଳା, ତୃତୀୟଲିଙ୍ଗୀ ହିତାଧିକାରୀଙ୍କୁ ଏହି ରିହାତି ସୁବିଧା ମିଳିବ।

ସେହିପରି ସ୍ଥାୟୀ ପୁଞ୍ଜି ବ୍ୟୟର ୫୦ ପ୍ରତିଶତ ଅର୍ଥାତ୍ ସର୍ବାଧିକ ୬ କୋଟି ଟଙ୍କା ରିହାତି ଅନ୍ୟାନ୍ୟ ହିତାଧିକାରୀଙ୍କୁ ମିଳିବ। ଏହି ଯୋଜନାରେ ୬ ପ୍ରତିଶତ ପର୍ଯ୍ୟନ୍ତ ସୁଧ ହାରରେ ଆର୍ଥିକ ସହାୟତା ଯୋଗାଇ ଦିଆଯିବ, ଯେଉଁଥିରେ ରାଜ୍ୟ ସରକାରଙ୍କ ୩ ପ୍ରତିଶତ ଓ କେନ୍ଦ୍ର ସରକାରଙ୍କ ୩ ପ୍ରତିଶତ ଭାଗ ରହିବ। ନୂତନ ଶୀତଳଭଣ୍ଡାର ୟୁନିଟ୍ କାର୍ଯ୍ୟକ୍ଷମ ହେବା ତାରିଖରୁ ସର୍ବାଧିକ ୭ ବର୍ଷ ପର୍ଯ୍ୟନ୍ତ ସମୁଦାୟ ବିଦ୍ୟୁତ୍ ଶୁଳ୍କ ଉପରେ ୫୦ପ୍ରତିଶତ ରିହାତି ପ୍ରଦାନ କରାଯିବ। ଇଚ୍ଛୁକ ଅଣକାର୍ଯ୍ୟକ୍ଷମ ୟୁନିଟ୍‌ର ପୁନରୁଦ୍ଧାର ପାଇଁ ସର୍ବାଧିକ ୧.୫ କୋଟି ଟଙ୍କା ପର୍ଯ୍ୟନ୍ତ ସ୍ୱତନ୍ତ୍ର ଆର୍ଥିକ ସହାୟତା ପାଇଁ ବିବେଚନା କରାଯିବ। ଶୀତଳଭଣ୍ଡାର ଉଦ୍ୟୋଗୀମାନଙ୍କର ବକେୟା ବିଦ୍ୟୁତ୍ ଦେୟ, ବକେୟା ଟ୍ୟାକ୍ସ, ବକେୟା ବ୍ୟାଙ୍କ ଦେୟ ଏବଂ ବକେୟା ଅନ୍ୟାନ୍ୟ ବିଧି ଯାହାକି ସରକାରୀ କିମ୍ବା ଜନକଲ୍ୟାଣ ସେବା ପ୍ରଦାନକାରୀଙ୍କୁ ପ୍ରଦାନ କରାଯିବାର ଥିବ, ସେଥିପାଇଁ ସ୍ୱତନ୍ତ୍ର ଆର୍ଥିକ ସହାୟତା ପ୍ରଦାନ କରାଯିବ। ଶୀତଳଭଣ୍ଡାର ୟୁନିଟ୍‌ଗୁଡ଼ିକ ସମ୍ଭାବ୍ୟ କୃଷି ଉତ୍ପାଦନ ପୁଞ୍ଜି ସହିତ ସଂଲଗ୍ନ କରାଯିବ। ସଂରକ୍ଷଣ ଏବଂ ପରିବହନ ରିହାତି ଉଦ୍ୟାନ କୃଷି ନିର୍ଦ୍ଦେଶାଳୟର ଅମଳ ପରବର୍ତ୍ତୀ ପରିଚାଳନା ଯୋଜନା ମାଧ୍ୟମରେ ପ୍ରଦାନ କରାଯିବ।

ଏହି ଅବସରରେ ଡ. ମହାପାତ୍ର କହିଥିଲେ, ରାଜ୍ୟରେ ସମୁଦାୟ ୧୩୩ଟି ଶୀତଳଭଣ୍ଡାର ଅଛି, ଯାହାର କି ସଂରକ୍ଷଣ କ୍ଷମତା ୪ଲକ୍ଷ ୧ହଜାର ୯୨୫ ମେଟ୍ରିକ୍ ଟନ୍। ସେଥିମଧ୍ୟରୁ ୩୫ଟି ସଚଳ ଅବସ୍ଥାରେ ରହିଛି। ଏଥିରେ ୨ଟି ସରକାରୀ ଶୀତଳଭଣ୍ଡାର ଯଥା ପୁରୀ ଏବଂ କଟକରେ ରହିଥିବାବେଳେ ଅବଶିଷ୍ଟ ୩୩ଟି ବେସରକାରୀ ଶୀତଳଭଣ୍ଡାର ରହିଛି। ସେହିପରି ରାଜ୍ୟରେ ୯୮ଟି ଶୀତଳଭଣ୍ଡାର ଅଚଳ ଅବସ୍ଥାରେ ରହିଛି ଯାହାର କି ସଂରକ୍ଷଣ କ୍ଷମତା ୨ଲକ୍ଷ ୨୯ହଜାର ୭୪୫ ମେଟ୍ରିକ୍ ଟନ୍ ବୋଲି ମନ୍ତ୍ରୀ କହିଛନ୍ତି।

### ପ୍ରେମିକଙ୍କ ସହ ମିଶି ...

ମିରଠ ବାସିନ୍ଦା ସୌରଭ ରାଜପୁତ ବ୍ରିଟେନ୍‌ରେ ଚାକିରି କରନ୍ତି। ୨୦୧୬ରେ ସେ ମୁସ୍କାନ ରୋହତଗୀଙ୍କୁ ବିବାହ କରିଥିଲେ। ମୁସ୍କାନ ସେମାନଙ୍କର ୫ ବର୍ଷୀୟା ଝିଅକୁ ଧରି ମିରଠର ଏକ ଭଡ଼ାଘରେ ରହୁଥିଲେ। ଇତିମଧ୍ୟରେ ସୌରଭ ନିକଟରେ ଲଣ୍ଡନରୁ ମିରଠକୁ ଫେରିଥିଲେ। କିନ୍ତୁ ଗତ ୪ ତାରିଖରୁ ସୌରଭଙ୍କ କୌଣସି ପତ୍ତା ମିଳି ନ ଥିଲା। ସେହିଦିନ ହିଁ ମୁସ୍କାନ ଓ ତାଙ୍କ ପ୍ରେମିକ ସାହିଲ ଶୁକ୍ଳା ମିଶି ସୌରଭଙ୍କୁ ହତ୍ୟା କରିଥିବା କୁହାଯାଉଛି। ପୋଲିସ ଆଗରେ ଉଭୟେ ଦୋଷ ସ୍ୱୀକାର କରି ସବୁ ମାନି ନେଇଛନ୍ତି। ମାର୍ଚ୍ଚ ୪ ରାତିରେ ମୁସ୍କାନ ସୌରଭଙ୍କ ଖାଦ୍ୟରେ ନିଶା ଔଷଧ ମିଶାଇ ଦେଇଥିଲେ। ତାକୁ ଖାଇବା ପରେ ସୌରଭ ସଂଜ୍ଞାହୀନ ହୋଇଯାଇଥିଲେ। ଏହା ପରେ ପ୍ରେମିକ ସାହିଲଙ୍କୁ ମୁସ୍କାନ ନିଜ ଘରକୁ ଡାକିଥିଲେ। ସାହିଲ ସୌରଭଙ୍କ ଛାତିରେ ଛୁରି ଭୁସି ତାଙ୍କ ଗଳା କାଟି ଦେଇଥିଲେ। ଦୁହେଁ ମିଶି ସୌରଭଙ୍କୁ ହତ୍ୟା କରିବା ପରେ ତାଙ୍କ ମୃତଦେହକୁ ଖଣ୍ଡ ଖଣ୍ଡ କରି କାଟିଥିଲେ। ପୂର୍ବ ଯୋଜନା ମୁତାବକ ପରଦିନ ଖଣ୍ଡବିଖଣ୍ଡିତ ଅଙ୍ଗପ୍ରତ୍ୟଙ୍ଗଗୁଡ଼ିକୁ ଏକ ବଡ଼ ପ୍ଲାଷ୍ଟିକ୍ ଡ୍ରମ୍‌ରେ ଭର୍ତ୍ତି କରି ତା' ଉପରେ ସିମେଣ୍ଟ ପ୍ଲାଷ୍ଟର କରିଥିଲେ। ଉକ୍ତ ଡ୍ରମ୍‌କୁ ସେମାନେ ଘର ଭିତରେ ଲୁଚାଇ ଦେଇଥିଲେ।

ଏହା ପରେ ମୁସ୍କାନ ଓ ସାହିଲ ଶିମ୍‌ଲାସ୍ଥିତ ଏକ ହିଲ୍ ଷ୍ଟେଶନକୁ ଛୁଟି କାଟିବାକୁ ଚାଲିଯାଇଥିଲେ। ଇତିମଧ୍ୟରେ ମୁସ୍କାନଙ୍କ ମା' ଥାନାକୁ ଯାଇ ଝିଅ ତାଙ୍କ ସମ୍ମୁଖରେ ଅପରାଧ ସ୍ୱୀକାର କରିଥିବା ବିଷୟ ପୋଲିସକୁ ଜଣାଇବା ପରେ ଏହି ହତ୍ୟାକାଣ୍ଡ ଲୋକଲୋଚନକୁ ଆସିଛି। ପୋଲିସ ମୁସ୍କାନ ଓ ସାହିଲଙ୍କୁ ହତ୍ୟା ଘଟାଇଥିବା ଘରକୁ ନେଇଛି। ଦୁହେଁ ଲୁଚାଇ ରଖିଥିବା ମୃତଦେହକୁ ବାହାର କରିବା ପାଇଁ ପୋଲିସକୁ ୨ ଘଣ୍ଟାରୁ ଅଧିକ ସମୟ ଲାଗିଯାଇଥିଲା। ଶେଷରେ ପୋଲିସ ତାକୁ ଜବତ କରି ଏକ ଶବଗୃହକୁ ପଠାଇ ଦେଇଛି। ସ୍ଥାନୀୟ ଲୋକଙ୍କ କହିବା ହେଲା, ମୁସ୍କାନ ନିଜ ଘରେ ତାଲା ପକାଇ ସ୍ୱାମୀଙ୍କ ସହ ହିମାଚଳ ପ୍ରଦେଶକୁ ଯାଉଥିବା ବିଷୟ ପଡ଼ୋଶୀଙ୍କୁ ଜଣାଇଥିଲେ। ଏହା ଭିତରେ ସେ ସନ୍ଦେହ ଏଡ଼ାଇବା ପାଇଁ ସୌରଭଙ୍କ ମୋବାଇଲରୁ ତାଙ୍କ ପରିବାର ସଦସ୍ୟମାନଙ୍କ ନିକଟକୁ ବିଭ୍ରାନ୍ତିକର ମେସେଜ୍ ପଠାଉଥିଲେ।

ତଦନ୍ତରୁ ପୋଲିସ ଆହୁରି ଜାଣିବାକୁ ପାଇଛି ଯେ, ସୌରଭ ନିଜ ଘର ଲୋକଙ୍କୁ ମର୍ଚ୍ଚାଣ୍ଟ ନେଭିରେ କାମ କରୁଥିବା କଥା କହିଥିଲେ। କିନ୍ତୁ ସେ ଲଣ୍ଡନର ଏକ ବେକେରିରେ କାର୍ଯ୍ୟ କରୁଥିଲେ। ମିରଠ ଏସ୍‌ପି ଆୟୁଷ ବିକ୍ରମ କହିଛନ୍ତି, ଇନ୍ଦିରା ନଗରରେ ହତ୍ୟା ଘଟିଥିବା ନେଇ ଆମେ ସୂଚନା ପାଇଥିଲୁ। ତଦନ୍ତରୁ ଏନେଇ ସବୁ ସ୍ପଷ୍ଟ ହୋଇଯାଇଛି। ଡ୍ରମ୍‌ରୁ ଦେହାବଶେଷକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ପରିବାର ଲୋକଙ୍କ ଏତଲାକ୍ରମେ ଦୁହିଁଙ୍କ ବିରୋଧରେ ହତ୍ୟା ମାମଲା ରୁଜୁ କରାଯିବା ସହ ଅଧିକ ତଦନ୍ତ ଜାରି ରହିଛି।

### ୨ରୁ ସକାଳୁଆ ସ୍କୁଲ...

**■ ସକାଳ ୭ଟାରୁ ୯ଟା ଅଙ୍ଗନୱାଡ଼ି ପାଠପଢ଼ା**
**■ ଜିଲାପାଳମାନେ ସ୍କୁଲ ସମୟ ନିଷ୍ପତ୍ତି ନେଇପାରିବେ**

ଏହି ସମୟରେ ସ୍କୁଲରେ ସୁରକ୍ଷିତ ପାନୀୟ ଜଳ, ଓଆର୍‌ଏସ୍ ପ୍ୟାକେଟ ମହଜୁଦ ରଖିବା ସହ ଅନ୍ୟ ଆବଶ୍ୟକ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଜିଲାପାଳମାନେ ନିଜ ଜିଲାର ପାଣିପାଗ ସ୍ଥିତିକୁ ଦେଖି ବିଦ୍ୟାଳୟ ଖୋଲିବା ନିଷ୍ପତ୍ତି ନେଇପାରିବେ ବୋଲି ମନ୍ତ୍ରୀ କହିଛନ୍ତି। ତେବେ ସ୍କୁଲରେ ପାଠପଢ଼ା କେଉଁ ସମୟରୁ ଆରମ୍ଭ ହୋଇ କେଉଁ ସମୟରେ ଶେଷ ହେବ ସେ ନେଇ କୌଣସି ସୂଚନା ମିଳିପାରି ନାହିଁ।

ଅନ୍ୟପଟେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶକ୍ରମେ ପ୍ରବଳ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ରାଜ୍ୟର ସମସ୍ତ ଅଙ୍ଗନୱାଡି କେନ୍ଦ୍ରକୁ ସକାଳ ୭ଟାରୁ ୯ଟା ଯାଏ ଖୋଲା ରଖିବାକୁ ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ସମସ୍ତ ଜିଲାପାଳଙ୍କୁ ଚିଠି କରାଯାଇଛି। ଆବଶ୍ୟକସ୍ଥଳେ ଅତ୍ୟଧିକ ଗ୍ରୀଷ୍ମ ପ୍ରବାହ ହେଲେ ନିଜ ଜିଲାର ଅଙ୍ଗନୱାଡି କେନ୍ଦ୍ରଗୁଡ଼ିକୁ ଜିଲାପାଳମାନେ ଛୁଟି ଘୋଷଣା କରିପାରିବେ ବୋଲି ପରାମର୍ଶ ଦିଆଯାଇଛି। ସୂଚନାଯୋଗ୍ୟ, ରାଜ୍ୟର ସମସ୍ତ ଅଙ୍ଗନୱାଡି କେନ୍ଦ୍ରକୁ ସକାଳ ୭ରୁ ଖୋଲିବା ପାଇଁ ବିଭାଗ ପକ୍ଷରୁ ପୂର୍ବରୁ ମଧ ସବୁ ଜିଲାପାଳଙ୍କୁ ପତ୍ର ଜରିଆରେ ନିର୍ଦ୍ଦେଶ ଦିଆଯାଇଥିଲା।

## ନାମଯଜ୍ଞ ଉଦ୍‌ଯାପିତ

ଲୋଇସିଂହା,(ସୁଶାନ୍ତ ବାରିକ): ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବାଦିବାହାଲ ଗ୍ରାମର ନବନିର୍ମିତ ପିତାବଳି ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ ୧୬ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଗ୍ରାମବାସୀ ନାମଯଜ୍ଞ ଅବସରରେ ପୂର୍ଣ୍ଣ କଳସ ଆଣି ଗ୍ରାମର ରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣ ପ୍ରହରୀମଣ୍ଡପରେ ସ୍ଥାପନା କରିଥିଲେ। ରବିବାର ନାମଯଜ୍ଞ ଆରମ୍ଭ ହୋଇ ମଙ୍ଗଳବାର ଉଦ୍‌ଯାପିତ ହୋଇଥିଲା। ମଙ୍ଗଳବାର ଅପରାହ୍ନରେ ଗ୍ରାମରେ ନଗର ପରିକ୍ରମା କରାଯାଇଥିଲା। ନାମଯଜ୍ଞରେ ଗ୍ରାମର ୩ ପଡାର ସଂକୀର୍ତ୍ତନ ଦଳ ସମେତ ଶୁଖା,ଗୁର୍ଜିଭଟା ,କଙ୍କରିଆ,ସାଗରତଳ,ପାଇକବାହାଲ ଆଖପାଖର ୧୨ଟି ସଂକୀର୍ତ୍ତନ ଦଳ ଅଂଶଗ୍ରହଣ କରିଥିଲେ। ନାମଯଜ୍ଞରେ ସୁଦର୍ଶନ ଧରୁଆ ସସ୍ତ୍ରୀକ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ।

# କୁଶଙ୍ଗ ବ୍ଲକ୍ ଗଠନ ଦାବିରେ ଜିଲାପାଳଙ୍କୁ ଦାବିପତ୍ର

**ବଲାଙ୍ଗୀର,୧୯।୩(ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଅନ୍ତର୍ଗତ କୁଶଙ୍ଗ ଅଞ୍ଚଳର ବିଭିନ୍ନ ଗ୍ରାମ ପଞ୍ଚାୟତକୁ ନେଇ ଏକ ନୂଆ ବ୍ଲକ ଗଠନ କରିବା ଦାବି ନେଇ ବୁଧବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଏକ ଦାବିପତ୍ର ଦିଆଯାଇଛି। କୁଶଙ୍ଗ ସରପଞ୍ଚ ଗୀତାଞ୍ଜଳି ପଟେଲ, ତଲିଉଡାର ସରପଞ୍ଚ ଗୀତାଞ୍ଜଳି ସାଏ, ବୀରେନ୍ଦ୍ର ପଟେଲ, ବୃନ୍ଦାବନ ପଟେଲ, ପ୍ରଶାନ୍ତ ପଟେଲ, ଜ୍ୟୋତିମୟ ରାଉତ୍, ଆଦିକନ୍ଦ ସାହୁ, ରାଜକୁମାର ପଟେଲ, କରୁଣାକର ପଟେଲ, ଶ୍ୟାମସୁନ୍ଦର ବେହେରା, କୁଶଙ୍ଗ ସମିତି ସଭ୍ୟ ଟିଙ୍କୁ ଛତ୍ରିଆ ଓ ଅନ୍ୟମାନେ ଜିଲାପାଳ କାର୍ଯ୍ୟାଳୟ ଆସି ଦାବିପତ୍ର ପ୍ରଦାନ କରିଥିଲେ।


କୁଶଙ୍ଗ ବ୍ଲକ ଗଠନ ଦାବି ନେଇ ଗ୍ରାମବାସୀ ଜିଲାପାଳ କାର୍ଯ୍ୟାଳୟକୁ ଆସିଛନ୍ତି।

ପ୍ରକାଶ ଯେ, ଲୋଇସିଂହା ବ୍ଲକ କାର୍ଯ୍ୟାଳୟକୁ ଆସିବା ପାଇଁ ଉପାନ୍ତ ରେଙ୍ଗାଲି ଗ୍ରାମପଞ୍ଚାୟତ ଅଞ୍ଚଳରୁ ପ୍ରାୟ ୩୦ କିଲୋମିଟର ଦୂର ଅତିକ୍ରମ କରିବାକୁ ପଡୁଛି। କୁଶଙ୍ଗ ଅଞ୍ଚଳ ପ୍ରଶାସନିକ ଦୃଷ୍ଟିକୋଣରୁ ଅନୁନ୍ନତ ହୋଇ ପଡିରହିଛି। ବିଭିନ୍ନ ଗାଁକୁ ଠିକ୍ ସମୟରେ ଯୋଜନା ପହଞ୍ଚିବା ଏବଂ କାର୍ଯ୍ୟକାରୀ ହେବା ସମ୍ଭବ ହୋଇପାରୁନାହିଁ। ସାଧାରଣ କାମ ପାଇଁ ଲୋକେ ଏତେ ଦୂର ଲୋଇସିଂହା ଯିବା ଆସିବା କରିବାରେ ଅସୁବିଧା ଭୋଗୁଛନ୍ତି। ଏହାସହିତ ଲୋଇସିଂହାର ଉପାନ୍ତ ଅଞ୍ଚଳଗୁଡିକ ଭୌଗୋଳିକ ଦୃଷ୍ଟିକୋଣରୁ ଲୋଇସିଂହା ବ୍ଲକ କାର୍ଯ୍ୟାଳୟ ସହ ଯୋଗାଯୋଗ ସ୍ଥାପନ କରିବା ସହଜ ହୋଇପାରୁନାହିଁ। ଫଳରେ ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କୁଶଙ୍ଗଠାରେ ନୂଆ ବ୍ଲକ କାର୍ଯ୍ୟାଳୟ ସ୍ଥାପନ ହେଲେ ନିକଟସ୍ଥ ପ୍ରାୟ ସବୁ ଅଞ୍ଚଳରୁ ଏହି ସ୍ଥାନକୁ ସୁବିଧାରେ ଲୋକେ ପହଞ୍ଚି ପାରିବେ। ମାତ୍ର ୧୦-୧୨ କିମି ଆସିଲେ ଲୋକେ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ପାରିବେ। କୁଶଙ୍ଗଠାରେ ନୂଆ ବ୍ଲକ କାର୍ଯ୍ୟାଳୟ ହେଲେ ପ୍ରଶାସନିକ କାର୍ଯ୍ୟକ୍ରମ ମଧ୍ୟ ଗ୍ରାମାଭିମୁଖୀ ହୋଇପାରିବ। ଲୋକେ ସରକାରୀ ସୁବିଧା ସୁଯୋଗ ପାଖରେ ପାଇପାରିବେ ବୋଲି ଗ୍ରାମବାସୀ କହିଛନ୍ତି। ୧୯୯୩ ମସିହାରୁ କୁଶଙ୍ଗ ଅଞ୍ଚଳବାସୀ କୁଶଙ୍ଗକୁ ଏକ ନୂଆ ବ୍ଲକ କରିବା ପାଇଁ ଦାବି କରିଆସୁଛନ୍ତି। କୁଶଙ୍ଗ ଗାଁରେ ପ୍ରସିଦ୍ଧ କୁଶଙ୍ଗାଇ ଦେବୀଙ୍କ ମନ୍ଦିର ରହିଛି। ଏହା ଏକ ପ୍ରସିଦ୍ଧ ଶକ୍ତିପୀଠ ଏବଂ ଦର୍ଶନୀୟ ସ୍ଥାନ। ୧୨୨୦ ଖ୍ରୀଷ୍ଟାବ୍ଦର କୁଶଙ୍ଗାଇ ଦେବୀ ମନ୍ଦିର ଓଡିଶାର ଏକ ପ୍ରମୁଖ ଶକ୍ତପୀଠ ଭାବେ ଜଣାଶୁଣା। ଏଠାରେ ଯୁକ୍ତ ଦୁଇ କଲେଜ, ଯୁକ୍ତ ତିନି କଲେଜ, ଭାରତୀୟ ଷ୍ଟେଟ ବ୍ୟାଙ୍କ ଶାଖା, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ପ୍ରାଥମିକ ବିଦ୍ୟାଳୟ, ସବ୍‌ପୋଷ୍ଟ ଅଫିସ, ପୋଲିସ ଫାଣ୍ଡି ରହିଛି। ଗାଁରେ ପ୍ରାୟ ୨୦୦ ଏକର ସରକାରୀ ଖାଲି ଜମି ମଧ୍ୟ ରହିଛି। ଏଣୁ ଏଠାରେ ନୂଆ ବ୍ଲକ ସ୍ଥାପନ କଲେ ଲୋକେ ଉପକୃତ ହେବା ସହ ଏହା ଏକ ଉନ୍ନତ ଅଞ୍ଚଳ ଭାବେ ପରିଗଣିତ ହୋଇପାରିବ ବୋଲି ସେମାନେ ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବି ଜଣାଇଛନ୍ତି। କୁଶଙ୍ଗରେ ନୂଆ ବ୍ଲକ କାର୍ଯ୍ୟାଳୟ ସ୍ଥାପନ ହେଲେ ଆଖପାଖର ତଲିଉଡାର, ସରଗାଡ, ଉପରବାହାଲ, ବାଦୀମୁଣ୍ଡା, ରେଙ୍ଗାଲି, ମାଗୁରବେଡା, ଖାରମୁଣ୍ଡା, କନ୍ଦାଜୁରୀ, କୁଟେନପାଲି ଗ୍ରାମ ପଞ୍ଚାୟତର ଲୋକେ ସୁବିଧାରେ ଯିବାଆସିବା କରିପାରିବେ ବୋଲି କହିଛନ୍ତି।

# ୪୦ ଲିଟର ଦେଶୀ ରନ୍ଧା ମଦ ଜବତ: ଜଣେ ଗିରଫ

**ପାଟଣାଗଡ,୧୯।୩(ସଚ୍ଚିଦାନନ୍ଦ ମହାକୁର)**

ପାଟଣାଗଡ ଅବକାରୀ ବିଭାଗ ପକ୍ଷରୁ ଲରମ୍ଭା ଥାନା ଅଧୀନ ଇନପୁରଠାରେ ଚଢାଉ କରାଯାଇ ୪୦ ଲିଟର ରନ୍ଧା ମଦ ଜବତ ହୋଇଛି। ଏହି ଘଟଣାରେ ଇନପୁର ଗାଁର କରୁଣା ବରିହାଙ୍କୁ ଗିରଫ କରାଯାଇଛି। ପ୍ରକାଶ ଯେ, ଜିଲା ଅବକାରୀ ଅଧୀକ୍ଷକ ସୀତାକାନ୍ତ ମୁଦୁଲିଙ୍କ ନିର୍ଦ୍ଦେଶ କ୍ରମେ ଏକ ଟିମ୍ ବୁଧବାର ପାଟ୍ରୋଲିଂ କରୁଥିଲେ। ଏହି ସମୟରେ କରୁଣା ବାଇକ ଯୋଗେ ରନ୍ଧାମଦ ଧରି ଲରମ୍ଭା ରାସ୍ତାଦେଇ ଇନପୁର ଗାଁକୁ ଯାଉଥିଲେ। ବିଭାଗୀୟ କର୍ମଚାରୀମାନେ ସନ୍ଦେହରେ ଉକ୍ତ ବାଇକ୍‌କୁ ଅଟକାଇ ଯାଞ୍ଚ କରିଥିଲେ। ଯାଞ୍ଚରୁ ବାଇକ୍‌ରେ ଦେଶୀ ରନ୍ଧାମଦ ଥିବା ଜାଣିବାକୁ ପାଇଥିଲେ। ମଦ କାରବାର ଅଭିଯୋଗରେ କରୁଣାଙ୍କୁ ଗିରଫ କରି ପାଟଣାଗଡ ଅବକାରୀ ଥାନାକୁ ଅଣାଯାଇଥିଲା। ସେଠାରେ ତାଙ୍କୁ ଅଧିକ ପଚରାଉଚରା ପରେ କୋର୍ଟ ଚାଲାଣ କରାଯାଇଥିଲା। କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ଅବକାରୀ ଥାନା ଅଧିକାରୀ ରାଜକୁମାର ବେହେରା ସୂଚନା ଦେଇଛନ୍ତି। ଚୋରା ଚାଲାଣରେ ବ୍ୟବହୃତ ବାଇକ୍ ଓ ଦେଶୀମଦ ଜବତ ହୋଇଛି।

# ଜରାସିଂହା ଡିଗ୍ରୀ ମହାବିଦ୍ୟାଳୟରେ ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ

**ଦେଓଗାଁ,୧୯।୩ (କୃଷ୍ଣ ପ୍ରସାଦ ପାଣିଗ୍ରାହୀ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଜରାସିଂହାସ୍ଥିତ ଶାଶ୍ୱତ ଡିଗ୍ରୀ ମହାବିଦ୍ୟାଳୟରେ ପ୍ରଥମ ବର୍ଷ ଛାତ୍ରୀମାନଙ୍କୁ ନେଇ ଆୟୋଜିତ ହୋଇଥିବା ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ଏଥିରେ କଲେଜ ଅଧ୍ୟକ୍ଷ ପୁରୁଷୋତ୍ତମ ମେହେର ସଭାପତିତ୍ୱ କରିଥିଲେ। ମାଷ୍ଟର ଟ୍ରେନର ପ୍ରେମବତୀ ଜାଲ ଆତ୍ମରକ୍ଷାର କୌଶଳ ସମ୍ବନ୍ଧରେ ଛାତ୍ରୀମାନଙ୍କୁ ଅବଗତ କରିଥିଲେ। ଖେଳ ଶିକ୍ଷକ ନଳିନୀକାନ୍ତ ପ୍ରଧାନ ସଭା ସଂଯୋଜନା କରିଥିବା ବେଳେ ଅଧ୍ୟାପକ ବିଷ୍ଣୁ ଚରଣ ସାହୁ ଧନ୍ୟବାଦ ଦେଇଥିଲେ। ମହାବିଦ୍ୟାଳୟ ଅଧ୍ୟାପକ ଜଗଦୀଶ ସିଂ ବାବୁ, ବ୍ୟାସଦେବ ଦଣ୍ଡସେନା, ଶ୍ରୀତମ ଯୋଶୀ, ଅଧ୍ୟାପିକ ବିନ୍ଦୁସାଗର ବେହେରା, ସଙ୍ଗୀତା ମେହେର, ନିକିତା ବିଶି ପ୍ରମୁଖ ଉପସ୍ଥିତ ଥିଲେ।



ଆତ୍ମରକ୍ଷା ତାଲିମ ଶିବିରରେ ତାଲିମ ନେଇଥିବା ଜଣେ ଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଉଛି।

# ଦେଓସର ନାଳାର ଉନ୍ନତୀକରଣ ପାଇଁ ଭୂମିପୂଜା

**ଟିଟିଲାଗଡ଼,୧୯।୩(ଶରତ ମିଶ୍ର)**

ଟିଟିଲାଗଡ ବ୍ଲକର ଖୋଲାଣ ପଞ୍ଚାୟତରେ ଥିବା ଦେଓସର ନାଳାର ଉନ୍ନତୀକରଣ ହେବାକୁ ଯାଉଛି। ଏହା ଚେନ୍ନାଇସ୍ଥିତ ରିଫ୍ଲେକ୍ସ କମ୍ପାନୀ ପକ୍ଷରୁ କରାଯିବାର ଅଛି। ଏଥିପାଇଁ ମଙ୍ଗଳବାର ନାଳା ନିକଟରେ ଭୂମିପୂଜା କରାଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଟିଟିଲାଗଡ଼ ବ୍ଲକ ସ୍ୱାସ୍ଥ୍ୟ ଅଧିକାରୀ ଡା. ମୀନକେତନ କିଷାନ ଯୋଗଦେଇ ଏହି ଉତ୍ତପ୍ତ ଅଞ୍ଚଳରେ ଜଳାଶୟଗୁଡିକର ଉନ୍ନତୀକରଣ ନେଇ ରିଫ୍ଲେକ୍ସ କମ୍ପାନୀର ଯୋଗଦାନ ଯୁଗାନ୍ତକାରୀ ବୋଲି କହିଥିଲେ। ଏହି ଅବସରରେ ଟିଟିଲାଗଡ ଅଞ୍ଚଳର ଦିନେଶ ଅଗ୍ରୱାଲ, ଅନିଲ ଜୈନ, ଗଗନ ପଟ୍ଟନାୟକ, ଯନ୍ତ୍ରୀ ସେଲଭା କୁମାର. ଏସ, ଖୋଲାଣ ସରପଞ୍ଚ ନରେଶ ଅଗ୍ରୱାଲଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ। ଜଳାଶୟର ନବୀକରଣ, ପଙ୍କ ଉଦ୍ଧାର, ଆଡିବନ୍ଧ, କୃଷିଭିତ୍ତିକ ଚାରାରୋପଣ ଆଦି ନେଇ କମ୍ପାନୀ ପ୍ରାୟ ୫୦ ଲକ୍ଷ ଟଙ୍କା ଖର୍ଚ୍ଚ କରିବ ବୋଲି ଜଣାପଡିଛି। କାର୍ଯ୍ୟକ୍ରମରେ ଖୋଲାଣ ଗୌନ୍ତିଆ ତଥା ପୂର୍ବତନ ସରପଞ୍ଚ ଧର୍ମେନ୍ଦ୍ର ଭୋଇ, ପଣ୍ଡିତ ପଦ୍ମଲୋଚନ ପାଣିଗ୍ରାହୀ, ପୂର୍ବତନ ସରପଞ୍ଚ ହରିନାରାୟଣ ମିଶ୍ର, ସଞ୍ଜୀବ ସାହୁ ପ୍ରମୁଖ ସାମିଲ ହୋଇଥିଲେ।

# ଲାଠୋର ଅଞ୍ଚଳରେ ବେଆଇନ ଇଟାଭାଟି

**ଲାଠୋର,୧୯।୩(ଭୁବନେଶ୍ୱର ବାରିକ)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଅଞ୍ଚଳରେ ଦିନକୁ ଦିନ ବେଆଇନ ଇଟା ଭାଟି ଗଢି ଉଠୁଥିଲେ ମଧ୍ୟ ଏ ଦିଗରେ ପ୍ରଶାସନ ଅଙ୍କୁଶ ଲଗାଇବାରେ ବିଫଳ ହେଉଛି। ଫଳରେ ପରିବେଶ ଦୂଷିତ ହେବା ସହ ସରକାର ରାଜସ୍ୱ ହରାଉଛନ୍ତି। ବର୍ତ୍ତମାନ ଗ୍ରୀଷ୍ମ ଋତୁ ଚାଲିଛି, ଲୋକ ତାତିରେ ସିଝୁଥିବା ବେଳେ ଗଢି ଉଠିଥିବା ବେଆଇନ ଇଟା ଭାଟି ପରିସ୍ଥିତିକୁ ସଙ୍ଗୀନ କରି ପକାଉଥିବା ଅଭିଯୋଗ ହେଉଛି। ଲାଠୋର ଅଞ୍ଚଳର ବିଭିନ୍ନ ଗ୍ରାମରେ ଲୋକେ ଘର ନିର୍ମାଣ ତଥା ବ୍ୟବସାୟ କରିବା ପାଇଁ ଇଟାଭାଟିମାନ କରି ଜଳାଉଛନ୍ତି। କିନ୍ତୁ ଇଟା ଗଢିବା ପାଇଁ ଆବଶ୍ୟକ ରାଜସ୍ୱ ନ ଦେଇ ଚୋରାରେ ନିଜ ନିଜର କାରବାର ଚଲାଇ ଲାଭବାନ ହେଉଛନ୍ତି। ଏନେଇ ଲାଠୋର ରାଜସ୍ୱ ନିରୀକ୍ଷକ ଇନ୍ଦ୍ରଦ୍ୟୁମ୍ନ ନାଏକଙ୍କୁ ପଚାରିବାରେ ଆମେ ଇଟାଭାଟି କରିଥିବା ତିନି ଚାରି ଜଣଙ୍କ ନାମ ଖପ୍ରାଖୋଲ ତହସିଲଦାରଙ୍କୁ ପଠାଇଛୁ। ଅନ୍ୟମାନଙ୍କର ଏକ ତାଲିକା ପ୍ରସ୍ତୁତ କରି ପୁଣି ପଠାଇବୁ ବୋଲି କହିଥିଲେ। ସେହିପରି ଫରେଷ୍ଟର ସାଗରିକା ସେଠଙ୍କୁ ପଚାରିବାରେ ଯେଉଁମାନେ ଇଟା ଭାଟି ପୋଡ଼ିବା ପାଇଁ କାଠ ଜମା କରି ରଖୁଛନ୍ତି ତାଙ୍କଠାରୁ ଆମେ ରାଜସ୍ୱ ଆଦାୟ କରୁଛୁ ବୋଲି କହିଥିଲେ। ତେବେ ଏ ଦିଗରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଦାବି ହେଉଛି।




# ୨୬ରୁ ମହାକୋଶଲ କୋଶଲୀ ନାଟବାଦୀ-ନାଟ ଯାତ୍ରା



ମହାକୋଶଲ କୋଶଲୀ ନାଟବାଦୀ-ନାଟ ଯାତ୍ରା ପ୍ରସ୍ତୁତି ବୈଠକ।

**ବଲାଙ୍ଗୀର,୧୯।୩(ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ସହର ଉପକଣ୍ଠ ସଦାଇପାଲି ରାମଜୀ ଯୁବକ ସଂଘ ପକ୍ଷରୁ ମହାକୋଶଲ କୋଶଲୀ ନାଟବାଦୀ-ନାଟ ଯାତ୍ରା ୨୦୨୫ ଆସନ୍ତା ୨୬ରୁ ୨୯ ତାରିଖ ପର୍ଯ୍ୟନ୍ତ ରାଧାକୃଷ୍ଣ ନାଟ୍ୟମଣ୍ଡପରେ ଅନୁଷ୍ଠିତ ହେବ। ପଲ୍ଲୀଶ୍ରୀ ବିହାରସ୍ଥିତ ସାଇଟ୍ କଲେଜ ସମ୍ମିଳନୀ କକ୍ଷରେ ଏ ସଂକ୍ରାନ୍ତରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଡ. ଶ୍ରୀକର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ନାଟବାଦୀ ଅଧ୍ୟକ୍ଷ ହିମାଂଶୁ ପାଢୀ, ଆବାହକ ନାଟ୍ୟକାର ପ୍ରଶାନ୍ତ ଖମାରୀ ଏବଂ ସମ୍ପାଦକ ଡ. ନାରାୟଣ ପ୍ରସାଦ ମିଶ୍ର କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇଥିଲେ।

ପ୍ରକାଶ ଯେ, ଚଳିତବର୍ଷ ଦୁଇଟି କୋଶଲୀ ନାଟକ, ଦୁଇଟି ଲୀଳା ନାଟକ ଓ ଗୋଟିଏ ଓଡିଆ ନାଟକ ପରିବେଷଣ ସହ ବିଶ୍ୱ ନାଟ୍ୟ ଦିବସ ପାଳନ କରିବା ପାଇଁ ନିଷ୍ପତ୍ତି ହୋଇଛି। ଏଥିରେ ହରିନାରାୟଣ ପୂଜାରୀଙ୍କୁ ମୁଖ୍ୟ ସଂଯୋଜକ ଏବଂ ପ୍ରହଲ୍ଲାଦ ଦର୍ଜି ଓ ରାମପ୍ରସାଦ ଦାଶଙ୍କୁ ସଂଯୋଜକ ଦାୟିତ୍ୱ ଦିଆଯାଇଛି। ମୁଖ୍ୟ ଉପଦେଷ୍ଟା ଭାବେ ଡ. ଶ୍ରୀକର ମିଶ୍ର ଓ ଉପଦେଷ୍ଟା ଭାବେ ଡା. ପ୍ରମୋଦ କୁମାର ମିଶ୍ର, ବିରଞ୍ଚି ସାଏ, ରମେଶ ନାଏକ, ନନ୍ଦଲାଲ ସାଏ, ଆଦିତ୍ୟ ପଟ୍ଟନାୟକ ରହିଛନ୍ତି। ସାଇଟ ନର୍ସିଂ କଲେଜର ନିର୍ଦ୍ଦେଶିକା ତୃପ୍ତିମୟୀ ମିଶ୍ର, ଇଞ୍ଜିନିୟରିଂ କଲେଜ ଅଧ୍ୟକ୍ଷା ନମିତା ପଟେଲ ଓ ଲୋପାମୁଦ୍ରା ମିଶ୍ର ଉପସ୍ଥିତ ଥିଲେ। ଆଦିତ୍ୟ ପଟ୍ଟନାୟକ, ପ୍ରଫୁଲ୍ଲ ମିଶ୍ର, ବୃନ୍ଦାବନ ମହାକୁର, ଅଶୋକ ପଧାନ, ମଧୁସୂଦନ ନାୟକ, ପ୍ରେମାନନ୍ଦ ସାଏ, ସନ୍ତୋଷ ବ୍ରହ୍ମା, ଶାନ୍ତନୁ ମିଶ୍ର, ଜିତେନ୍ଦ୍ରେ ମିଶ୍ର, ଦେବାଶିଷ ପଟ୍ଟନାୟକ ଓ ଜୟନ୍ତ ପଟେଲଙ୍କୁ ବିଭିନ୍ନ ଦାୟିତ୍ୱ ଦିଆଯାଇଛି।

# ଦୁର୍ଘଟଣାକୁ ଆମନ୍ତ୍ରଣ କରୁଛି ରାସ୍ତା ମଝିରେ ଥିବା ବିଦ୍ୟୁତ୍ ଖୁଣ୍ଟ

**ଲୋଇସିଂହା,୧୯।୩(ସୁଶାନ୍ତ ବାରିକ)**

ବଲାଙ୍ଗୀର ପୂର୍ତ୍ତ ବିଭାଗ ପକ୍ଷରୁ ଆଗଲପୁର ବ୍ଲକ ଗାଇଖାଇ ଛକରୁ କୁଟାସିଂହାକୁ ନିକଟରେ ଏକ ପିଚୁ ରାସ୍ତା ନିର୍ମାଣ ହୋଇଛି। ଉକ୍ତ ରାସ୍ତାର ବିଶାଳପାଲି ଗାଁ ପୂର୍ବରୁ ପଡୁଥିବା ଡାକଲେନ ଅଞ୍ଚଳରେ ରାସ୍ତା ଏପଟେ ଓ ସେପଟେ ପିଚୁ ସଂଲଗ୍ନରେ ବିଦ୍ୟୁତ ଖୁଣ୍ଟ ରହିଛି। ପୂର୍ତ୍ତ ବିଭାଗ ଓ ବିଦ୍ୟୁତ୍ ବିଭାଗର ସମନ୍ୱୟ ଅଭାବରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଏପରି ରାସ୍ତା ଯାତ୍ରୀଙ୍କ ପାଇଁ ବିପଦପୂର୍ଣ୍ଣ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

**ଗାଇଖାଇ ଛକରୁ କୁଟାସିଂହା ରାସ୍ତା**

ବଲାଙ୍ଗୀର-ବରଗଡ ୨୬ ନଂ ଜାତୀୟ ରାଜପଥ ଆଗଲପୁର ବ୍ଲକ ଗାଇଖାଇ ଛକରୁ କୁଟାସିଂହା ପ୍ରାୟ ୧୫ କିମି ରାସ୍ତା ପୂର୍ତ୍ତ ବିଭାଗ ପକ୍ଷରୁ ନିର୍ମାଣ ହୋଇଛି। ରାସ୍ତା ନିର୍ମାଣ ନିମ୍ନମାନର କରାଯାଇଥିବା ଅଭିଯୋଗ ହୋଇଛି। ଏହାଛଡା ଉକ୍ତ ରାସ୍ତାର ବଟିଠାରୁ ପଟୁଆପାଲି କେନାଲ ରାସ୍ତାର ଏପାଖ ସେପାଖରେ ବିଦ୍ୟୁତ ଖୁଣ୍ଟଗୁଡିକ ରହିଛି। ରାସ୍ତାର କେତେକ ସ୍ଥାନରେ ବିଦ୍ୟୁତ୍ ଖୁଣ୍ଟ ଯୋଗୁ ରାସ୍ତାକୁ ସଂକୀର୍ଣ୍ଣ କରି ଦିଆଯାଇଛି। ଏଣୁ ଏହି ରାସ୍ତାରେ ରାତି ସମୟରେ ଯାତ୍ରା କରୁଥିବା ଯାତ୍ରୀମାନେ ନିଜକୁ ଅସୁରକ୍ଷିତ ମଣୁଛନ୍ତି। ନୂଆ କରି ସେହି ବାଟ ଦେଇ ଯାଉଥିବା ଯାତ୍ରୀଙ୍କ ପାଇଁ ରାସ୍ତା ବିପଦଘଣ୍ଟି ସାଜିଛି। ଦିନବେଳା ମଧ୍ୟ ଦ୍ରୁତଗତିରେ ଯାତ୍ରା କରୁଥିବା ଲୋକେ ବୁଲାଣି ନିକଟରେ ବିଦ୍ୟୁତ୍ ଖୁଣ୍ଟରେ ପଟି ହୋଇ ଦୁର୍ଘଟଣାଗ୍ରସ୍ତ ହେବା ଆଶଙ୍କାକୁ ଏଡାଇ ଦିଆ ଯାଇ ନ ପାରେ ବୋଲି ସାଧାରଣରେ ମତପ୍ରକାଶ ପାଇଛି। ଜିଲା ପ୍ରଶାସନର ତଦାରଖ ଅଭାବରୁ ଉନ୍ନୟନ କାମରେ ଏଭଳି ଅନିୟମିତତା ଦେଖିବାକୁ ମିଳୁଛି। ଲୋକେ ସୁଫଳ ପାଇବାରୁ ବଞ୍ଚିତ ହେଉଛନ୍ତି। ଏ ସମ୍ପର୍କରେ ଯନ୍ତ୍ରୀ ବିଧାନ ନାଏକଙ୍କୁ ପଚାରିବାରେ ଗାଇଖାଇ କୁଟାସିଂହା ରାସ୍ତାରେ ପୂର୍ବରୁ ବିଦ୍ୟୁତ୍ ଖୁଣ୍ଟ ଥିଲା ବୋଲି କହିଛନ୍ତି।

# ଟିଟିଲାଗଡ଼ରେ ଗାୟତ୍ରୀ ମହାଯଜ୍ଞ

**ଟିଟିଲାଗଡ଼,୧୯।୩(ଶରତ ମିଶ୍ର)**

ଟିଟିଲାଗଡ଼ ଗାୟତ୍ରୀ ଶକ୍ତିପୀଠ ଆନୁକୂଲ୍ୟରେ ଟିଟିଲାଗଡ ଥାନା ସମ୍ମୁଖରେ ଥିବା ବିଆରସି ବିଲ୍ଡିଂଠାରେ ତ୍ରିଦିବସୀୟ ୨୪ କୁଣ୍ଡୀୟ ଶକ୍ତି ସମ୍ବର୍ଦ୍ଧନ ଗାୟତ୍ରୀ ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ଯଜ୍ଞର ପୂର୍ଣ୍ଣାହୁତି କରାଯାଇଥିଲା। ହରିଦ୍ୱାର ଶାନ୍ତିକୁଞ୍ଜରୁ ସର୍ବେଶ୍ୱର ଶର୍ମା ଆସି ପ୍ରବଚନ ଦେଇଥିଲେ। ଯଜ୍ଞ ଅବସରରେ ଟିଟିଲାଗଡ଼ ବିଧାୟକ ନବୀନ ଜୈନ ଓ ତାଙ୍କ ପତ୍ନୀ ମମତା ଦେବୀ ଜୈନ, ଏସଡିପିଓ ଯଶୋବନ୍ତ ନାରାୟଣ ପ୍ରଧାନଙ୍କ ସମେତ ବହୁ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ଗାୟତ୍ରୀ ପରିବାରର ସନ୍ତୋଷ କୁମାର ଦାଶ, ସତ୍ୟ ନାରାୟନ ଗୁପ୍ତା, ରମାକାନ୍ତ ବେହେରା, ରାଜ କୁମାର କେୱଟ, ଯୁଗଳ କିଶୋର ଗୋୟଙ୍କା, ବିଜୟ କୁମାର ଧନ ଚୱଲିୟା, ଦେବାନନ୍ଦ ସାହୁ, ନିର୍ମଳା କେୱଟ, ସସ୍ମିତା ଦାସ, ପଦ୍ମିନୀ ବେହେରା, ରୀନା ବେହେରା, ମଞ୍ଜୁ ରତେଇ ଓ ଅନ୍ୟ ସଦସ୍ୟମାନେ ସହଯୋଗ କରିଥିଲେ। ଏହି ଅବସରରେ ଏଠାରେ ଲାଗିଥିବା ସାହିତ୍ୟ ଓ ଆୟୁର୍ବେଦିକ ଷ୍ଟଲରେ ଲୋକଙ୍କ ପ୍ରବଳ ଭିଡ଼ ଜମିଥିଲା।



# ଜୟ ଜଗନ୍ନାଥ ଧ୍ୱନିରେ କମ୍ପିଲା ସୁବର୍ଣ୍ଣପୁର

- କଳସ ଯାତ୍ରା ସହ ମେରୁସ୍ତମ୍ଭ ସ୍ଥାପନ
- ଆରମ୍ଭ ହେଲା ଜଗନ୍ନାଥ ମହୋତ୍ସବ

ସୋନପୁର,୧୯।୩(ମୃତ୍ୟୁଞ୍ଜୟ ଶତପଥୀ)

ଶ୍ରୀ ଜଗନ୍ନାଥଙ୍କ ଆଦ୍ୟ ଲୀଳାପୀଠ ସୁବର୍ଣ୍ଣପୁରରେ ବୁଧବାରଠାରୁ ଜଗନ୍ନାଥ ମହୋତ୍ସବ ଆରମ୍ଭ ହୋଇଛି। ଏଥିପାଇଁ ହରିବୋଲ, ହୁଳହୁଳି ଓ ଜୟ ଜଗନ୍ନାଥ ଧ୍ୱନିରେ ସୁବର୍ଣ୍ଣପୁର ସହର ପ୍ରକମ୍ପିତ ହେଉଛି। ୭ଦିନ ବ୍ୟାପୀ ଅନୁଷ୍ଠିତ ହେବାକୁ ଥିବା ମହୋତ୍ସବ ରୀତିନୀତି ଅନୁସାରେ ଆରମ୍ଭ ହୋଇଛି। ପାତାଳି ଶ୍ରୀକ୍ଷେତ୍ରରୁ ଆସିଥିବା ମେରୁସ୍ତମ୍ଭକୁ ଶୋଭାଯାତ୍ରାରେ ରାମେଶ୍ୱର ଷ୍ଟାଡିୟମକୁ ଅଣାଯାଇଥିଲା। ଯଜ୍ଞସ୍ଥଳରେ ବନ୍ଦାପନା ଓ ପଣ୍ଡିତ ରାଜୀବ ଲୋଚନ ପଣ୍ଡାଙ୍କ ଦ୍ୱାରା ପୂଜାକର୍ମ ପରେ ମେରୁସ୍ତମ୍ଭକୁ ସ୍ଥାପନ କରାଯାଇଛି। ସେହିପରି ଜିଲାର ସମସ୍ତ ଜଗନ୍ନାଥ ମନ୍ଦିରରୁ ଆଜ୍ଞାମାଳ ଗ୍ରହଣ ସହ ଶତାଧିକ ମହିଳାଙ୍କ ଦ୍ୱାରା କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ମା' ଦଶମତୀ ଘାଟରୁ କଳସରେ ପୂର୍ଣ୍ୟତୋୟା ମହାନଦୀ ଜଳ ମୁଣ୍ଡାଇ ମହିଳାମାନେ ସହର ପରିକ୍ରମା କରିଥିଲେ। ଭଜନ କୀର୍ତ୍ତନରେ ସହରରେ ଏକ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ରାମେଶ୍ୱର ଷ୍ଟାଡିୟମର ଯଜ୍ଞ ମଣ୍ଡପ ନିକଟରେ ସଂଗୃହୀତ ୧୦୮ କଳସୀ ଜଳ ସ୍ଥାପନ କରାଯାଇଛି। ମହୋତ୍ସବ କମିଟି ସଭାପତି ଗଦାଧର ବାରିକ, ସମ୍ପାଦକ ଶ୍ୟାମା ଓଁ ପ୍ରସାଦ ମିଶ୍ର, ଶ୍ରୀବତ୍ସ ମଲ୍ଲିକ, ବୈକୁଣ୍ଠନାଥ ଶତପଥୀ, ମନୋଜ ଅଗ୍ରୱାଲ, ଶ୍ରଦ୍ଧାଞ୍ଜଳି ମିଶ୍ର, ଆରତି ଖମାରୀ, ସୁନନ୍ଦା ସାହୁ, ରାଧେଶ୍ୟାମ ପୁରୋହିତ, ବିଘ୍ନରାଜ ପଣ୍ଡା, ଗଣପତି ବାଘ, ସଚ୍ଚିଦାନନ୍ଦ ଦାଶ ଓ ମନୋଜ ବାରିକ୍ ପ୍ରମୁଖ ସକ୍ରୀୟ ସହଯୋଗ କରୁଛନ୍ତି। ଗୁରୁବାର ସକାଳେ ପଞ୍ଚକୁଣ୍ଡିୟ ବିଶ୍ୱଶାନ୍ତି ମହାଯଜ୍ଞ, ଶ୍ରୀ ଜୀଉଙ୍କ ଦୁର୍ଲଭ ୩୨ ବେଶ, ପଞ୍ଚ ଦିବସୀୟ ଶ୍ରୀବିଷ୍ଣୁ ମହାଯଜ୍ଞ, ଶ୍ରୀବିଷ୍ଣୁ ସହସ୍ରନାମ ପଠନ, ଚବିଶ ପ୍ରହରୀ ନାମଯଜ୍ଞ, ପ୍ରତ୍ୟହ ଅନ୍ନ ଯଜ୍ଞ, ସାଧୁ ସେବା, ପ୍ରବଚନ ଓ ସନ୍ଧ୍ୟା ଆଳତୀ ସହ ଭଜନ ପରିବେଷଣ କରାଯିବ। ୨୪ରେ ସାମୁହିକ ବ୍ରତୋପନୟନ ଓ ୨୫ ତାରିଖ ଭୋର ସମୟରେ ତ୍ରିବେଣୀ ସଙ୍ଗମରେ ସାହି ସ୍ନାନ କରାଯିବାର କାର୍ଯ୍ୟକ୍ରମ ରହିଛି।


ଜଗନ୍ନାଥ ମହୋତ୍ସବ ପାଇଁ ବାହାରିଥିବା କଳସ ଶୋଭାଯାତ୍ରା।

# ନିର୍ଭୁଲ୍ ଭୋଟର ତାଳିକା ପ୍ରସ୍ତୁତି ବୈଠକ


ବୈଠକରେ ଜିଲାପାଳ ଓ ଅନ୍ୟମାନେ।

ବୌଦ୍ଧ,୧୯।୩(ଅଜିତ କୁମାର ବାରିକ)

ଆଗକୁ ପଞ୍ଚାୟତ ନିର୍ବାଚନ ଥିବାବେଳେ ନିର୍ବାଚନ କମିଶନ ପକ୍ଷରୁ ନିର୍ଭୁଲ ଭୋଟର ତାଲିକା ପ୍ରସ୍ତୁତିକୁ ଗୁରୁତ୍ୱ ଦିଆଯାଇଛି। ଏନେଇ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ସହ ଆଲୋଚନାକରି ମୃତ ଲୋକଙ୍କୁ ତାଲିକାରୁ ବାଦ୍ ଦେବା ସହିତ ଜଣେ ମଧ୍ୟ ଯୋଗ୍ୟ ଭୋଟର ଯେପରି ତାଲିକାରୁ ବାଦ୍ ନ ପଡ଼ିବେ ସେଥିପାଇଁ ଗୁରୁତ୍ୱ ଦିଆଯାଉଛି। ବୌଦ୍ଧ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ସୁବ୍ରତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଜିଲାପାଳ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷଠାରେ ବୁଧବାର ଏନେଇ ଏକ ବୈଠକ ହୋଇଯାଇଛି। ବୈଠକରେ ନିର୍ଭୁଲ ଭାବରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରସ୍ତୁତି ପାଇଁ ପ୍ରତି ବୁଥ୍ ଲାଗି ଜଣେ ପ୍ରତିନିଧିଙ୍କ ନାମ ଦେବାକୁ ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ଅନୁରୋଧ କରାଯାଇଥିଲା। ଭୋଟର ପରିଚୟପତ୍ର ସହ ଆଧାର ସଂଯୁକ୍ତ କରିବା, ତାଲିକା ପ୍ରସ୍ତୁତିରେ ସ୍ୱଚ୍ଛତା ଅବଲମ୍ବନ କରିବା ସହ ମାର୍ଗଦର୍ଶିକାକୁ ଅନୁସରଣ କରି ତାଲିକା ପ୍ରସ୍ତୁତ କରିବାକୁ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ମାତାପିତାଙ୍କ ସମ୍ପତ୍ତିରେ ଭାଗଦାବିରୁ ବଞ୍ଚିତ କରିବା ପାଇଁ ଝିଅ ଭୋଟରମାନଙ୍କୁ ତାଲିକାଭୁକ୍ତ କରାଯାଉ ନ ଥିବା ଭଳି ଅଭିଯୋଗ ହେଉଥିବାବେଳେ ବୁଥ୍ସ୍ତରୀୟ ପ୍ରତିନିଧିମାନେ ସେମାନଙ୍କୁ ସଚେତନ କରି ସମସ୍ତ ଯୋଗ୍ୟ ଝିଅ ଭୋଟରଙ୍କୁ ତାଲିକାଭୁକ୍ତ କରିବାକୁ ବୈଠକରେ ପରାମର୍ଶ ଦିଆଯାଇଥିଲା। ଶେଷରେ ଅତିରିକ୍ତ ଜିଲାପାଳ ଅନିରୁଦ୍ଧ ପଧାନ ଧନ୍ୟବାଦ ପ୍ରଦାନ କରିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଉପଜିଲାପାଳ ପ୍ରବୀଣ କୁମାର ବାଣୁଆ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରିତାକାନ୍ତି ବଳିୟାରସିଂହ, କଂଗ୍ରେସ ଦଳ ପକ୍ଷରୁ ଶାନ୍ତନୁ କୁମାର ମହାପାତ୍ର, ବିଜେଡି ପକ୍ଷରୁ ସିତାଂଶୁ ଶେଖର ମହାକୁଡ଼ ଓ କନ୍ଧୁଧର କ୍ଷେତି, ଭାଜପା ପକ୍ଷରୁ ଶ୍ୟାମସୁନ୍ଦର ପୁରୋହିତ ଓ ପଙ୍କଜ ମହାକୁଡ଼ ପ୍ରମୁଖ ଉପସ୍ଥିତ ଥିଲେ। ଡେପୁଟି କଲେକ୍ଟର ବୈଠକକୁ ପରିଚାଳନା କରିଥିବାବେଳେ ନିର୍ବାଚନ ବିଭାଗର କର୍ମଚାରୀମାନେ ସହାୟତା କରିଥିଲେ।

# ମୁଖ୍ୟମନ୍ତ୍ରୀ ବସ୍ ସେବାରେ ଯୋଡ଼ିହେଲା ଗଜବନ୍ଧ

ଡୁଙ୍ଗୁରିପାଲି,୧୯।୩(ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଗଜବନ୍ଧ ପଞ୍ଚାୟତ ମୁଖ୍ୟମନ୍ତ୍ରୀ ବସସେବା ଯୋଜନାରେ ଯୋଡି ହୋଇଛି। ବୁଧବାର ସକାଳ ୭ଟାରୁ ଡୁଙ୍ଗୁରିପାଲି ବ୍ଲକ ସଦର ମହକୁମାକୁ ବସ୍ ବାହାରି ଗଜବନ୍ଧ ପଞ୍ଚାୟତ ସଦର ଗାଁରେ ପହଞ୍ଚିଥିଲା। ଏହାକୁ ନେଇ ସମ୍ପୃକ୍ତ ପଞ୍ଚାୟତବାସୀ ମଧ୍ୟରେ ଖୁସି ପ୍ରକାଶ ପାଇଛି। ବ୍ଲକ ମୁଖ୍ୟ ଦପ୍ତରରୁ ପଞ୍ଚାୟତ ହେଡକ୍ୱାର୍ଟର୍ସକୁ ମୁଖ୍ୟମନ୍ତ୍ରୀ ବସ୍(ପୂର୍ବର ଲକ୍ଷ୍ମୀ)ଚାଲୁଥିବା ବେଳେ ଗଜବନ୍ଧ ପଞ୍ଚାୟତ ଏଥିରୁ ବଞ୍ଚିତ ଥିଲା। ଏ ନେଇ ଗ୍ରାମବାସୀ ଗତ ଫେବୃଆରୀ ୧୭ତାରିଖ ସୋମବାର ଡୁଙ୍ଗୁରିପାଲି ବ୍ଲକ ସଭାଗୃହରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଲିଖିତ ଫେରାଦ ହୋଇଥିଲେ। ଅଭିଯୋଗକୁ ଜିଲାପାଳ ଅନ୍ୟା ଦାସ ଗ୍ରହଣ କରି ବସ୍ ସେବା ଉପଲବ୍ଧ କରାଯିବା ନେଇ ପ୍ରତିଶ୍ରୁତି ଦେଇଥିଲେ। ଏହାର ୧ମାସ ପରେ ବୁଧବାର ଗ୍ରାମକୁ ଗଜବନ୍ଧ ଗ୍ରାମକୁ ମୁଖ୍ୟମନ୍ତ୍ରୀ ବସ ସେବା ଆରମ୍ଭ ହୋଇଛି। ସକାଳ ୭ଟାରେ ଗଜବନ୍ଧରେ ପହଞ୍ଚିବା ପରେ ଗ୍ରାମବାସୀ ବସ୍‌କୁ ପୂଜାର୍ଚ୍ଚନା କରିଥିଲେ। ଗଜବନ୍ଧ ଗ୍ରାମରେ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ, ଡାକ ଘର, ମହାବିଦ୍ୟାଳୟ, ହାଇସ୍କୁଲ, ବ୍ୟାଙ୍କ, ପ୍ୟାକ୍ସ, ବିଭିନ୍ନ ସରକାରୀ କାର୍ଯ୍ୟାଳୟ ରହିଛି। ଏଠାରୁ ବ୍ଲକ ମୁଖ୍ୟ ଦପ୍ତରକୁ ଯିବା ଆସିବାରେ ଲୋକେ ଅସୁବିଧାର ସମ୍ମୁଖୀନ ହେଉଥିଲେ। ବସ୍‌କୁ ସ୍ୱାଗତ କରିବା ଅବସରରେ ରୀନା ଭୋଇ, ପଦ୍ମିନୀ ମୁଦୁଲି, ରଞ୍ଜିତା ଷାଣ୍ଢ, ମଞ୍ଜୁ ସାହୁ, ପୁଷ୍ପା ସାହୁ, ସୁଜେଇ ପଶାୟତା, ବିଜୟ ବେରିହା, ବଦ୍ରୀ ମେହେର, ନେପାଳ ରଣା, ରାଜୁ ଷାଣ୍ଢ, ନଳିନୀ ବିଶ୍ୱାଳ, ପଦ୍ମା ଷାଣ୍ଢ, ଝରଣା ବୁଡ଼େକ, ବବିତା ଖେତୀ ପ୍ରମୁଖ ଗ୍ରାମବାସୀ ଉପସ୍ଥିତ ଥିଲେ।


ଗଜବନ୍ଧରେ ବସ୍ ପହଞ୍ଚିବା ଅବସରରେ ଲୋକେ ସ୍ୱାଗତ କରୁଛନ୍ତି।

# ଜଳ ବିଭାଜିକା ପ୍ରକଳ୍ପ ପକ୍ଷରୁ ୱାଟରଶେଡ୍ ଯାତ୍ରା

ତରଭା, ୧୯।୩ (ମାନଭଞ୍ଜନ ମିଶ୍ର)

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ଶ୍ରଦ୍ଧାପାଲିରେ ଜଳ ବିଭାଜିକା ପ୍ରକଳ୍ପ ବିଭାଗ ପକ୍ଷରୁ ୱାଟରଶେଡ ଯାତ୍ରା କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥିଭାବେ ବ୍ଲକ ଅଧ୍ୟକ୍ଷ ସରୋଜ କମ୍ପ ଯୋଗଦେଇଥିଲେ। ଜିଲା ପରିଷଦ ସଦସ୍ୟା ଶକୁନ୍ତଳା ପୃଷ୍ଟି, ଏମ୍‌ପି ପ୍ରତିନିଧି ନରେଶ କୁମାର ଷାଣ୍ଢ, ଭବାନୀ ପଣ୍ଡା, ସମ୍ମାନୀତ ଅତିଥିଭାବେ ଯୋଗଦେଇ ଜଳ ବିଭାଜିକା ପ୍ରକଳ୍ପ ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ଜଳ ସଂରକ୍ଷଣ ପାଇଁ ଶପଥ ପାଠ କରାଯାଇଥିଲା। ପ୍ରକଳ୍ପ ନିର୍ଦ୍ଦେଶକ ଦେବରାଜ ଦାସ ବିବରଣୀ ପଠନ ସହ ଜନସାଧାରଣଙ୍କୁ ସଚେତନ କରିଥିଲେ। ଏହି ଅବସରରେ ୧୦ଜଣ ଚାଷୀ ମାର୍ଗଦର୍ଶକ ଓ ୧୦ ଜଣ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଭା ପରେ ଡୁଷୁରାର ଘୁଡୁକା ନାଚ, ତରଭାର ଡାଲଖାଇ ନୃତ୍ୟ ସହିତ ଦେବାନନ୍ଦ ଦାସ ଓ ଚେତନମୟୀ ସଙ୍ଗୀତ ପରିବେଷଣ କରିଥିଲେ। ପବିତ୍ର ନେଗୀ ଧନ୍ୟବାଦ ଅର୍ପଣ କରିଥିଲେ। ଦିଲୀପ ବିଶି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




# ଅଂଶୁଘାତ ରୋକିବା ପାଇଁ ସଚେତନତା କାର୍ଯ୍ୟକ୍ରମ


ବ୍ଲକସ୍ତରୀୟ ସଚେତନତା କାର୍ଯ୍ୟକ୍ରମରେ ଅତିଥିମାନେ।

ସୋନପୁର,୧୯।୩(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ସଭାଗୃହରେ ଅଂଶୁଘାତ ରୋକିବା ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବୀରମହାରାଜପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାଜିବ ହାଁସଦାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଡିପିଓ ବିଶ୍ୱନାଥ ନାଏକ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଅଂଶୁଘାତ ନ ହେବା ପାଇଁ କ'ଣ କରିବା କଥା ତାହା ଉପରେ ସେ ବକ୍ତବ୍ୟ ରଖିଥିଲେ। ଡାକ୍ତର ପ୍ରଣବ କୁମାର ମହାପାତ୍ର ଅଂଶୁଘାତକୁ ଏଡେଇବା ପାଇ କ'ଣ କରିବେ ଓ ଅଂଶୁଘାତ ହେଲେ କିପରି ଏହାର ମୁକାବିଲା କରାଯିବ ତା' ଉପରେ ବକ୍ତବ୍ୟ ରଖିଥିଲେ। ଏହି ସଚେତନତା କାର୍ଯ୍ୟକ୍ରମରେ ଅଙ୍ଗନୱାଡ଼ି କର୍ମୀ, ଆଶାକର୍ମୀ ଓ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ଶତାଧିକ ମହିଳା ସାମିଲ ହୋଇଥିଲେ।

# ଶିଶୁଙ୍କ ପାଇଁ ଉଦ୍ଦିଷ୍ଟ ସୁରକ୍ଷା ବ୍ୟବସ୍ଥା ପ୍ରଦାନକୁ ଗୁରୁତ୍ୱ



କର୍ମଶାଳାରେ ଉପସ୍ଥିତ ଅତିଥି ଓ ଅନୁଷ୍ଠାନ କର୍ମକର୍ତ୍ତା।

## ଶିଶୁଙ୍କ ସୁରକ୍ଷିତ ଭବିଷ୍ୟତ ନେଇ ଆଲୋଚନା

ସୋନପୁର,୧୯।୩(ମୃତ୍ୟୁଞ୍ଜୟ ଶତପଥୀ)

ସୋନପୁର ଧୋବାମୁଣ୍ଡସ୍ଥିତ ରେଆର କାର୍ଯ୍ୟାଳୟରେ ଜିଲାସ୍ତରୀୟ ଅଧିକାରୀଙ୍କ ସହିତ ଶିଶୁ ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ପରାମର୍ଶ କର୍ମଶାଳା ବୁଧବାର ଅନୁଷ୍ଠିତ ହୋଇଯାଇଛି। ମାତାପିତାଙ୍କ ସ୍ନେହ ଶ୍ରଦ୍ଧାରୁ ବଞ୍ଚିତ, ଅସହାୟ, ଅସୁରକ୍ଷିତ ଶିଶୁଙ୍କ ବିକଳ୍ପ ଥଇଥାନ କାର୍ଯ୍ୟକ୍ରମ ଅଧୀନରେ ଏହି କର୍ମଶାଳା ଆୟୋଜିତ ହୋଇଥିଲା। ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ଶଙ୍କର୍ଷଣ ପଣ୍ଡା ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିଶୁମାନଙ୍କ ପାଇଁ ଉଦ୍ଦିଷ୍ଟ ସମସ୍ତ ସୁରକ୍ଷା ବ୍ୟବସ୍ଥା ପ୍ରଦାନ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହା ଦ୍ୱାରା ଶିଶୁଙ୍କ ଭବିଷ୍ୟତ ସୁରକ୍ଷିତ ଓ ବିକଶିତ ହେବ ବୋଲି ମତ ଦେବା ସହ ଶିଶୁ ସୁରକ୍ଷା ସମ୍ପର୍କିତ ପ୍ରକଳ୍ପକୁ ଗୁରୁତ୍ୱ ଦେବା ପାଇଁ କହିଥିଲେ। ବିଶିଷ୍ଟ ଅତିଥିଭାବେ ସୋନପୁର ବିଡିଓ ସଞ୍ଜିବ କୁମାର ସାହୁ ଯୋଗଦେଇ ଶିଶୁ ସୁରକ୍ଷା କାର୍ଯ୍ୟକ୍ରମର ନିରନ୍ତର ପରିଚାଳନାକୁ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥିଭାବେ କିଶୋରୀ ନ୍ୟାୟ ବୋର୍ଡ ସଦସ୍ୟା ରଞ୍ଜିତା ସାହୁ, ପ୍ରଭାଗୀୟ ଶ୍ରମଅୟୁକ୍ତ ଡିଲେଶର ଖାଖା, ଜିଲା ମୁଖ୍ୟ ଚିକିତ୍ସାଳୟର ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପଦ୍ମହଂସ ଦୋରା, ଡିଏସ୍‌ପି ରାଜେଶ୍ୱରୀ ଭୋଇ, ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ସଂଯୁକ୍ତା ମାଝି, ଶିଶୁ ସୁରକ୍ଷା ଅଧିକାରୀ ବିଜୟ ବିଶ୍ୱାଳ, ଜିଲା ଶିଶୁ ସୁରକ୍ଷା ଟାସ୍କଫୋର୍ସ ସଦସ୍ୟ ସ୍ୱାଧୀନ ମେହେର, ଜିଲା ସମାଜ ମଙ୍ଗଳ କାର୍ଯ୍ୟାଳୟ କାର୍ଯ୍ୟକ୍ରମ ଅଧିକାରୀ ସୁଦେଷ୍ଣା ମେହେର, ସୋନପୁର ସିଡିପିଓ ସାଗରିକା ସ୍ୱାଇଁ, ବୀରମହାରାଜପୁର ସିଡ଼ିପିଓ ମଞ୍ଜୁଲତା ସ୍ୱାଇଁ, ସୁପରଭାଇଜର ବସନ୍ତ ମଞ୍ଜରୀ ଦୀପ, ଏକ୍ସନ ଏଡର ବାଲ୍ୟବିବାହ ନିରୋଧ ପରାମର୍ଶଦାତା ଅକ୍ଷୟ କୁମାର ସିଂହ ଓ ଷ୍ଟେଟବ୍ୟାଙ୍କ ଗ୍ରାମୀଣ ସ୍ୱରୋଜଗାର ତାଲିମ କେନ୍ଦ୍ର ନିର୍ଦ୍ଦେଶିକା ଚୁଲେଶରୀ ଦାଶ ଯୋଗଦେଇଥିଲେ। ଶିଶୁମାନଙ୍କ ଖାଦ୍ୟ, ସ୍ୱାସ୍ଥ୍ୟ, ଶିକ୍ଷା ଓ ଅଂଶଗ୍ରହଣକୁ ସୁଦୃଢ଼ କରିବା, ଯୌନ ନିର୍ଯାତନାରୁ ସୁରକ୍ଷା, ବାଲ୍ୟ ବିବାହ, ଶିଶୁ ଶ୍ରମିକ ତଥା ଶିଶୁ ପଳାୟନକୁ ପ୍ରତିରୋଧ କରିବା ପାଇଁ ନିରନ୍ତର ପର୍ଯ୍ୟାଲୋଚନା କରିବା ଏବଂ ପ୍ରତ୍ୟେକ ଯତ୍ନକାରୀଙ୍କୁ ସ୍ୱାବଲମ୍ବନ ହେବା ପାଇଁ ରୋଜଗାରର ମାଧ୍ୟମ ସୃଷ୍ଟି ଉପରେ ଆଲୋଚନା ହୋଇଥଲା। ରେଆର ପ୍ରତିଷ୍ଠାତା ଗୌରୀଶ୍ୟାମ ପଣ୍ଡା ଶିଶୁ ସୁରକ୍ଷା ଏକ ନିରନ୍ତର ପ୍ରକ୍ରିୟା ଏବଂ ଏହାକୁ ସୁଦୃଢ କରିବାକୁ ହେଲେ ପ୍ରଶାସନିକ ପଦକ୍ଷେପ ଅତ୍ୟନ୍ତ ଜରୁରୀ ବୋଲି ମତ ଦେଇଥିଲେ। ରେଆରର ସାଧାରଣ ସମ୍ପାଦକ ଅନଙ୍ଗ ନେଗି ଶିଶୁମାନଙ୍କ ବିକଳ୍ପ ଥଇଥାନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମ ସଂଯୋଜକ ମନୋଜ ସ୍ୱାଇଁ ସାଗତ ଭାଷଣ ପ୍ରଦାନ କରିଥିବା ବେଳେ କାର୍ଯ୍ୟକ୍ରମ ସହାୟିକା ରିଙ୍କି ବସ୍ତିଆ ଓ ପ୍ରିୟଙ୍କା କଣ୍ଟାଲିଆ ସହଯୋଗ କରିଥିଲେ। ଅଶୋକ ଝାଙ୍କର ଧନ୍ୟବାଦ ଅର୍ପଣ କରିଥିଲେ।





ଏନଟିପିସି କର୍ମକର୍ତ୍ତାଙ୍କ ସହ ପୁରସ୍କୃତ ଛାତ୍ରୀଛାତ୍ର।

# ୬୩ ଛାତ୍ରୀଛାତ୍ରଙ୍କୁ ଏନଟିପିସି ଉତ୍କର୍ଷ ମେଧାବୃତ୍ତି ପ୍ରଦାନ

**ସୁନ୍ଦରଗଡ଼, ୧୯।୩(ଜୟ ନାରାୟଣ ମେଣ୍ଡୁଲି)**

ଏନଟିପିସି ଦର୍ଲିପାଲି ପ୍ରକଳ୍ପ ପ୍ରଭାବିତ ଏବଂ ପ୍ରକଳ୍ପ ସ୍ଥାନର ପାର୍ଶ୍ୱବର୍ତ୍ତୀ ଗ୍ରାମଗୁଡ଼ିକରେ ରହୁଥିବା ଦଶମ ଏବଂ ଦ୍ୱାଦଶ ଶ୍ରେଣୀର ମେଧାବୀ ଛାତ୍ରୀଛାତ୍ରମାନଙ୍କୁ ବୁଧବାର ମେଧା ବୃତ୍ତି ବଣ୍ଟନ କରାଯାଇଛି। ଏହି ପଦକ୍ଷେପ ଏନଟିପିସିର ପ୍ରମୁଖ ସିଏସଆର କାର୍ଯ୍ୟକ୍ରମ, ଏନଟିପିସି ଉତ୍କର୍ଷ ମେଧାବୃତ୍ତି କାର୍ଯ୍ୟକ୍ରମର ଏକ ଅଂଶ। ଏହି କାର୍ଯ୍ୟକ୍ରମରେ ୧୯ଟି ସ୍କୁଲର ମୋଟ ୬୩ ଜଣ ଛାତ୍ରୀଛାତ୍ର ଛାତ୍ରବୃତ୍ତି ପାଇଥିଲେ। ଏନଟିପିସି ଦର୍ଲିପାଲି ପ୍ରକଳ୍ପର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ରାମ ଭଜନ ମଲିକଙ୍କ ଦ୍ୱାରା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଅଭିଭାଷଣ ସହିତ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ସେ ମେଧାବୀ ଛାତ୍ରୀଛାତ୍ରମାନଙ୍କୁ ଅଭିନନ୍ଦନ ଜଣାଇବା ସହିତ ସେମାନଙ୍କୁ ସମସ୍ତ ସଫଳତା କାମନା କରିଥିଲେ। ସେ ରାଷ୍ଟ୍ର ନିର୍ମାଣ ପାଇଁ ଶିକ୍ଷାର ଗୁରୁତ୍ୱ ଉପରେ ମଧ୍ୟ ଗୁରୁତ୍ୱାରୋପ କରିଥିଲେ। ତାଙ୍କ ସହିତ ପୁରସ୍କାର ବଣ୍ଟନ କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ଜିଲା ଅତିରିକ୍ତ ଶିକ୍ଷା ଅଧିକାରୀ ସାରଙ୍ଗଧର ବରିହା ଏବଂ ଲେଫ୍ରିପଡା ବ୍ଲକ ଶିକ୍ଷା ଅଧିକାରୀ ଅଶୋକ ଲାକ୍ରା ମଧ୍ୟ ଉପସ୍ଥିତ ଥିଲେ। ଏହି ଅବସରରେ ଜିଏମ ହରେ ରାମ ସିଂହ, ପ୍ରକଳ୍ପର ବିଭିନ୍ନ ବିଭାଗର ମୁଖ୍ୟ, ଅଭିଳାଷ ଲେଡିଜ କ୍ଲବ, କାର୍ଯ୍ୟନିର୍ବାହୀ କ୍ଲବ, କ୍ରୀଡା ପରିଷଦର ସଦସ୍ୟ, ସ୍ଥାନୀୟ ସରକାରୀ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ଶିକ୍ଷକ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏନଟିପିସି ଦର୍ଲିପାଲି ଦୀର୍ଘ ଦିନ ଧରି ଏହାର ଅନ୍ତର୍ଭୁକ୍ତିମୂଳକ ଏବଂ ବିକାଶ ପ୍ରୋତ୍ସାହନମୂଳକ ପଦକ୍ଷେପ ସହିତ ଅବହେଳିତ ଲୋକଙ୍କୁ ସାହାଯ୍ୟ କରିଆସଛି। ଆଗାମୀ ଦିନରେ ମଧ୍ୟ ଏହା ପ୍ରତି ପ୍ରତିବଦ୍ଧ ରହିବ ବୋଲି ପ୍ରକଳ୍ପ ପକ୍ଷରୁ ସୂଚୀତ କରାଯାଇଛି।

## ଲହୁଣୀପଡ଼ାରେ ଶ୍ରୀରାମ ନବମୀ ପ୍ରସ୍ତୁତି ବୈଠକ

**ଲହୁଣୀପଡ଼ା, ୧୯।୩(ଦାଶରଥି ପଣ୍ଡା)**

ସୁନ୍ଦରଗଡ ଜିଲା ଲହୁଣୀପଡା ବସ ଷ୍ଟାଣ୍ଡ ସ୍ଥିତ ଶିବ ମନ୍ଦିର ପରିସରରେ ଚଳିତ ବର୍ଷ ବଜରଙ୍ଗୀ ଆଖଡ଼ା ପକ୍ଷରୁ ଶ୍ରୀରାମ ନବମୀ ମହୋତ୍ସବ ଅନୁଷ୍ଠିତ ପାଇଁ ପ୍ରସ୍ତୁତି ବୈଠକ ଆୟୋଜିତ ହୋଇଯାଇଛି। ଶାନ୍ତି ଶୃଙ୍ଖଳାର ସହିତ ପାରମ୍ପାରିକ ରୀତିନୀତି ଅନୁଯାୟୀ ଶ୍ରୀରାମ ନବମୀ ମହୋତ୍ସବ ଆୟୋଜନ କରାଯିବାର ସ୍ଥିରୀକୃତ ହୋଇଛି। ଏହି ବୈଠକ ଗୁଞ୍ଜୁ ଚୌଧୁରୀଙ୍କ ଅଧ୍ୟକ୍ଷକତାରେ ଅନୁଷ୍ଠିତ ହୋଇଥିଲା। ଏପ୍ରିଲ ୬ରେ ଅନୁଷ୍ଠିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ସର୍ବପ୍ରଥମେ ଶସ୍ତ୍ର ପୂଜନ ହେବା ପରେ ଏକ ବାଇକ ଶୋଭାଯାତ୍ରା ଏବଂ ଏହାପରେ ସାମୂହିକ ହନୁମାନ ଚାଳିଶା ପାଠ କରାଯିବ। ଏହାପରେ ଅନ୍ନଭୋଗ ବଣ୍ଟନ ଓ ଅପରାହ୍ନ ସମୟରେ ଆଖଡ଼ା ଶୋଭାଯାତ୍ରା ତଥା ପାରମ୍ପାରିକ ଅସ୍ତ୍ର ଖେଳ ଆୟୋଜନ କରାଯିବା ପାଇଁ ସ୍ଥିର ହୋଇଥିଲା। ଏହି କାର୍ଯ୍ୟକ୍ରମର ଦାୟିତ୍ୱ ସଭାପତି ଭାବେ ଗୁଞ୍ଜୁ ଚୌଧୁରୀ, ଉପ ସଭାପତି ରାଜେସ ଦାସ, କୋଷାଧ୍ୟକ୍ଷ ନିତେଶ ଜୟସ୍ୱାଲ, ଗଣେଶ ପ୍ରସାଦ ସା ଏବଂ ଏତଦବ୍ୟତୀତ ପ୍ରାୟ ୧୫ ରୁ ୨୦ ଜଣ ସଦସ୍ୟଙ୍କୁ ସର୍ବସମ୍ମତିକ୍ରମେ ମନୋନୀତ କରାଯାଇଥିଲା।

## ମହୁଲି ମଦ ଜବତ: ୬ ଗିରଫ



**କୁତ୍ରା, ୧୯।୩(ଦେବାଶିଷ ସାହୁ)**

କୁତ୍ରା ଅଞ୍ଚଳରେ ଦିନକୁ ଦିନ ଚୋରା ମଦ କାରବାର ବଢ଼ିବାରେ ଲାଗିଛି। ଏହାକୁ ନେଇ ବିଭିନ୍ନ ସମୟରେ ଅଭିଯୋଗ ହେଉଛି ଏବଂ ଚଢାଉ ମଧ୍ୟ ହେଉଛି। ତଥାପି ଚୋରା ମଦ କାରବାର ବନ୍ଦ ହେଉନାହିଁ। ଏହାକୁ ଆଧାର କରି ବହୁ ଦିନର ବ୍ୟବଧାନ ପରେ ବୁଧବାର କୁତ୍ରା ବ୍ଲକ ଅଞ୍ଚଳରେ କୁତ୍ରା ପୋଲିସ ଓ ଅବକାରୀ ବିଭାଗ ମିଳିତଭାବେ ଚଢାଉ କରି ଚୋରା ମହୁଲି ମଦ ବିକ୍ରି ଅଭିଯୋଗରେ ୬ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ଛୋଟେଲାଲ ସାହୁ(୪୦), ଅନିତା ସାହୁ(୩୧), କ୍ରିଷ୍ଣା ସାହୁ (୩୫), ସମରା ସାହୁ(୫୫),ଚିନ୍ମୟି ଟପ୍ପୋ(୨୫), ସୁରେଶ ସାହୁ(୪୫)। ସୂଚନା ଅନୁଯାୟୀ, ବୁଧବାର କୁତ୍ରା ପୋଲିସ ଓ ଅବକାରୀ ବିଭାଗ ମିଳିତଭାବେ ଖଡକୁରବାହାଲ ମାଲିପଡା, ରାଏକାନି ଓ ରଏକାକଛାର ଗ୍ରାମରେ ଚଢାଉ କରି ୧୦୯ ଲିଟର ଚୋରା ମହୁଲି ମଦ ଏବଂ ୮୫ ଲିଟର ମହୁଲି ପୋଚ ଜବତ କରିଥିଲେ। ଏଥିରେ ସମ୍ପୃକ୍ତ ୬ ଜଣଙ୍କୁ ଗିରଫ କରାଯାଇଥିଲା। ଏହାସହିତ ମଦ ତିଆରିରେ ବ୍ୟବହୃତ ବିଭିନ୍ନ ସରଞ୍ଜାମକୁ ମଧ୍ୟ ଜବତ କରାଯାଇଛି। ଏହି ଚଢାଉବେଳେ ଅତିରିକ୍ତ ତହସିଲଦାର ପଦ୍ମିନୀ ନାଏକ, କୁତ୍ରା ପୋଲିସ ଏଏସଆଇ ବିଜୟ ସୁନା ସମେତ ସୁନ୍ଦରଗଡ଼, ବଡଗାଁ ଓ ରାଜଗାଙ୍ଗପୁର ଅବକାରୀ ବିଭାଗର ସଦସ୍ୟ ଉପସ୍ଥିତ ଥିଲେ।

# ସମିତି ସଭ୍ୟା, ଗ୍ରାମବାସୀଙ୍କ ବିକ୍ଷୋଭ ପ୍ରଦର୍ଶନ



ଗ୍ରାମବାସୀ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

**ବଡ଼ଗାଁ, ୧୯।୩(ଅଶୋକ ଷଡ଼ଙ୍ଗୀ)**

### ବ୍ଲକ ଅଧ୍ୟକ୍ଷାଙ୍କ ମନମୁଖି କାର୍ଯ୍ୟ ଅଭିଯୋଗ

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅଧ୍ୟକ୍ଷା ଦୁଲାରୀ ସୋରେଙ୍ଗଙ୍କ ମନମୁଖୀ କାର୍ଯ୍ୟ ଅଭିଯୋଗ ଉଠାଇ ବୁଧବାର ପୂର୍ବାହ୍ନରେ ବରଙ୍ଗାକଛାର ସମିତି ସଭ୍ୟା ସଂଯୁକ୍ତା ସୋରେଙ୍ଗଙ୍କ ସହିତ ତଲିମୁଣ୍ଡା ଗ୍ରାମବାସୀମାନେ ବ୍ଲକ ଅଫିସ ପରିସରରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପ୍ରାୟ ଦେଢ଼ ଘଣ୍ଟା ବିକ୍ଷୋଭ ପ୍ରଦର୍ଶନ ପରେ ବିଡିଓ ପୂର୍ଣ୍ଣଚନ୍ଦ୍ର ଭୋଇ ସବୁ ଦିଗରୁ ତଦନ୍ତ କରି ଉଚିତ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେବାପରେ ଗ୍ରାମବାସୀମାନେ ଆନ୍ଦୋଳନରୁ ଓହରିଥିଲେ। ଏଠାରେ ଉଲ୍ଲେଖ ଯୋଗ୍ୟ ଯେ, ବିଗତ ସମିତି ସେୟାର କାର୍ଯ୍ୟକୁ ସୂଚନା ନ ଦେଇ ବରଙ୍ଗାକଛାର ପଞ୍ଚାୟତର କାମକୁ ତୁଡାଲଗା ପଞ୍ଚାୟତକୁ ଦିଆଯାଇଥିବା ଓ ସମିତି ସେୟାର କାର୍ଯ୍ୟ ଦେବାରେ ଅସମାନତା କରାଯାଇଥିବା ସମ୍ପର୍କରେ ସମିତି ସଭ୍ୟା ସଂଯୁକ୍ତା ସୋରେଙ୍ଗଙ୍କ ସହିତ ୱାର୍ଡମେମ୍ବର କ୍ରେସେନସିଆ ହରୋ, ଗ୍ରାମର ଦମନିକ ଧାନୁଆର, ଯାଷ୍ଟିନା କାଙ୍ଗାଡି, ଆନିମା ଧନୁଆର, ହେଲିନା କେରକେଟା, ପୁଷ୍ପା ଟପୋ, ଶୁସିଲା କାଙ୍ଗାଡି ପ୍ରମୁଖ ଗ୍ରାମବାସୀମାନେ ଗତ ସପ୍ତାହରେ ଜିଲାପାଳଙ୍କୁ ଲିଖିତ ଜଣାଇଥିଲେ। ଯଥାଶୀଘ୍ର ସମାଧାନ କରାନଗଲେ ବ୍ଲକ ଅଫିସ ସମ୍ମୁଖରେ ଆନ୍ଦୋଳନ କରିବାକୁ ଅଭିଯୋଗପତ୍ରରେ ଦର୍ଶାଇଥିଲେ। ସମିତି ସଭ୍ୟା ସୋରେଙ୍ଗଙ୍କ ସହିତ ଦମନିକ ଧୁମା, ଲିଲିପ୍ରଭା ଧୁମା, ମନୋଜ ଧୁମା, ଯୋଶିଆ ଟପ୍ପୋ, ବବିତା ଜାତର୍ମା ପ୍ରମୁଖ ୩୦ରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ବଡ଼ଗାଁ ସ୍ଥିତ ପୂର୍ତ୍ତ ବିଭାଗ ଡାକବଙ୍ଗଳାଠାରେ ବ୍ଲକ ଅଧ୍ୟକ୍ଷାଙ୍କ ମନମୁଖୀ କାର୍ଯ୍ୟ ଉପରେ ଆଲୋଚନା କରିଥିଲେ। ପରେ ଅଧ୍ୟକ୍ଷାଙ୍କ ମନମୁଖୀ ବନ୍ଦ ହେଉ ନାରା ଦେଇ ଶୋଭାଯାତ୍ରାରେ ବ୍ଲକ କାର୍ଯ୍ୟାଳୟକୁ ଆସିଥିଲେ। ବ୍ଲକ ପରିସରରେ ବସି ବିକ୍ଷୋଭ ପ୍ରଦର୍ଶନ କଲାବେଳେ ବିଡିଓ ପୂର୍ଣ୍ଣଚନ୍ଦ୍ର ଭୋଇ ସେମାନଙ୍କୁ ବୁଝାସୁଝା କରି ସବୁ ଦିଗରୁ ତଦନ୍ତ କରି ଉଚିତ ପଦକ୍ଷେପ ନିଆଯିବ କହିଥିଲେ। ଆସନ୍ତା ୭ ଦିନ ମଧ୍ୟରେ ସମାଧାନ କରା ନ ଗଲେ ପୁନର୍ବାର ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଆନ୍ଦୋଳନକାରୀ ଚେତାବନୀ ଦେଇଛନ୍ତି।

ଏନେଇ ବ୍ଲକ ଅଧ୍ୟକ୍ଷା ସୋରେଙ୍ଗଙ୍କୁ ପଚାରିବାରୁ, ସମିତି ସେୟାର କାର୍ଯ୍ୟ ତୁଡାଲଗା ପଞ୍ଚାୟତକୁ ଭୁଲ ବଶତଃ ଦିଆଯାଇଥିଲା। ବରଙ୍ଗାକଛାର ପଞ୍ଚାୟତରୁ ଗୋଟିଏ କାମ ଆଣି ତୁଡାଲଗା ପଞ୍ଚାୟତକୁ ଦିଆଯାଇଛି। ଏହା ସମିତି ବୈଠକରେ ମଧ୍ୟ ମଞ୍ଜୁରୀ କରିଛୁ। ଆମେ ସମସ୍ତଙ୍କୁ ସମାନ ଭାଗରେ କାମ ବଣ୍ଟନ କରିଛୁ ବୋଲି ବ୍ଲକ ଅଧ୍ୟକ୍ଷା ସୋରେଙ୍ଗ କହିଛନ୍ତି। ଏଠାରେ ସୂଚନା ଯୋଗ୍ୟ ଯେ, ଗତ ସମିତି ବୈଠକରେ ମଧ୍ୟ ସରପଞ୍ଚମାନେ ବ୍ଲକ ଅଧ୍ୟକ୍ଷାଙ୍କ କାର୍ଯ୍ୟରେ ଅସନ୍ତୋଷ ପ୍ରକାଶ କରି କିଛି ସମୟ ପାଇଁ ବୈଠକ ବର୍ଜନ କରିଥିଲେ।

## କଟାରୁ ପଞ୍ଚାୟତରେ ଖୋଲିଲା ଜଳଛତ୍ର କେନ୍ଦ୍ର

**କୁଆଁରମୁଣ୍ଡା, ୧୯।୩(ମହେନ୍ଦ୍ର କୁମାର ସାହୁ):** ରୌଦ୍ର ତାପକୁ ଦୃଷ୍ଟିରେ ରଖି ପଥଚାରୀଙ୍କ ନିମନ୍ତେ କୁଆଁରମୁଣ୍ଡା ବ୍ଲକର ୨୦ ପଞ୍ଚାୟତରେ ଜଳଛତ୍ର ଖୋଲିବା ନିମନ୍ତେ ବିଡିଓ ଜଗଦୀଶ ଚନ୍ଦ୍ର ମହାନନ୍ଦ ନିର୍ଦ୍ଦେଶ ଦେଇଛନ୍ତି। କଟାରୁ ପଞ୍ଚାୟତରେ ବୁଧବାର ଜଳଛତ୍ର କେନ୍ଦ୍ର ପିଇଓ ଦେବବ୍ରତ ଦାସଙ୍କ ତତ୍ତ୍ୱାବଧାନରେ ଖୋଲିଛି। ସରପଞ୍ଚ ଝୁବା ଟପ୍ପୋଙ୍କ ଉପସ୍ଥିତିରେ ପଞ୍ଚାୟତର କଟାରୁ, ରାମପୁର, ଡୁଙ୍ଗୁରିଟୋଲା, ପସରାରେ ଜଳଛତ୍ର ଖୋଲାଯାଇଛି। ଅନ୍ୟ ୮ଟି ସ୍ଥାନରେ ଖୁବଶୀଘ୍ର ଖୋଲା ଯିବ ବୋଲି ପିଇଓ ଦାସ କହିଛନ୍ତି। ବ୍ଲକର ଅନ୍ୟ ପଞ୍ଚାୟତରେ ଦୁଇ ଦିନ ମଧ୍ୟରେ ଜଳଛତ୍ର କେନ୍ଦ୍ର ଖୋଲିବ ବୋଲି ସୂଚନା ମିଳିଛି।




# ଜିଲାପାଳଙ୍କୁ ଭେଟିଲେ କାଉନ୍‌ସିଲର



ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

**ସୁନ୍ଦରଗଡ, ୧୮।୩(ଜୟ ନାରାୟଣ ମେଣ୍ଡୁଲି)**

### ପୌରପାଳିକାର ବିଭିନ୍ନ ସମସ୍ୟାର ସମାଧାନ ଦାବି

ସୁନ୍ଦରଗଡ଼ ପୌରପାଳିକାର ବିଭିନ୍ନ ସମସ୍ୟାର ସମାଧାନ ଦାବିରେ ମଙ୍ଗଳବାର କାଉନସିଲରମାନେ ଜିଲାପାଳ ମନୋଜ ସତ୍ୟବାନ ମହାଜନଙ୍କୁ ଭେଟି ଆଲୋଚନା କରିଛନ୍ତି। ଏଥିସହିତ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ସୁନ୍ଦରଗଡ଼ ପୌରପାଳିକାରେ ବିଭିନ୍ନ ପଦପଦବୀ ଗୁଡ଼ିକ ପୂରଣ ହେଉନଥିବାରୁ ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ ହେବାସହ ଅଚଳାବସ୍ଥା ଦେଖାଦେଉଛି। ଗତ ୪ମାସ ହେବ ପୌରଯନ୍ତ୍ରୀଙ୍କ ପଦବୀ ଖାଲି ପଡିବା ସହିତ ଅନ୍ୟ ୨ଟି କନିଷ୍ଠ ଯନ୍ତ୍ରୀ ପଦବୀ ମଧ୍ୟ ଖାଲି ପଡିଛି ଏବଂ ଜଣେ ମାତ୍ର କନିଷ୍ଠ ଯନ୍ତ୍ରୀ ରହି କାର୍ଯ୍ୟ କରୁଛନ୍ତି। ଖାଲି ଥିବା ସ୍ଥାନରେ ବଡଗାଁ ବ୍ଲକର ୨ଜଣ ଯନ୍ତ୍ରୀଙ୍କୁ ଦାୟିତ୍ୱରେ ରଖା ଯାଇଥିଲେ ମଧ୍ୟ ସେମାନେ ନିୟମିତ ଆସୁ ନାହାଁନ୍ତି। ଫଳରେ ପୌରପାଳିକାର ସମସ୍ତ ଉନ୍ନତି ମୂଳକ କାମ ଗୁଡିକ ଠିକ ଭାବେ ତଦାରଖ ହୋଇ ପାରୁନାହିଁ। ବର୍ଷା ମାସ ଆଗରୁ ପୌରପାଳିକାର ସମସ୍ତ ୱାର୍ଡର ଡ୍ରେନ କାର୍ଯ୍ୟ ଓ ମରାମତି ଓ ସଫେଇ କାର୍ଯ୍ୟ ହୋଇପାରନାହିଁ। ପୌରପାଳିକାର ସମସ୍ତ ୱାର୍ଡରେ କିଛି ମୁଖ୍ୟ ରାସ୍ତା ପିଚୁ କାର୍ଯ୍ୟ ହେବାର ଅଛି। କିନ୍ତୁ ଏମଇ ଜେଇ ନ ଥିବାରୁ ଦୀର୍ଘ ୯ ମାସ ହବ ଟେଣ୍ଡର ହୋଇପାରି ନାହିଁ। ପୌରପାଳିକାରେ ପାଖାପାଖି ୫୦ଜଣ କର୍ମଚାରୀ ରହିବା କଥା। କିନ୍ତୁ ମାତ୍ର ୧୭ଜଣ କର୍ମଚାରୀ ନେଇ କାର୍ଯ୍ୟ ଚାଲୁଅଛି। ସେଥି ମଧ୍ୟରୁ ଆଉ କିଛି କର୍ମଚାରୀ ଆସନ୍ତା ୨ ମାସ ମଧ୍ୟରେ ଅବସର ନେବେ। ନୂତନ ସରକାର ଆସିବା ପରେ ଦୀର୍ଘ ୯ ମାସ ହବ ରାଜ୍ୟ ସରକାରଙ୍କ ତରଫରୁ କିଛି ଅନୁଦାନ ମଧ୍ୟ ଆସି ନାହିଁ। ଯୋଜନାରେ ମହିଳା ଗ୍ରୁପମାନେ ଏକ ବର୍ଷ ହେବ ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟ କରିଛନ୍ତି। କିନ୍ତୁ ସେମାନେ ଏ ପର୍ଯ୍ୟନ୍ତ ତାଙ୍କ ବିଲ ପାଇ ପାରିନାହାଁନ୍ତି। ପୂର୍ବତନ ନଗରପାଳ ତଥା କାଉନସିଲର ବେଣୁଧର ତାଣ୍ଡିଆଙ୍କ ନେତୃତ୍ୱରେ କାଉନସିଲର ସୁମନ୍ତ ସାହୁ, କୈଳାସ ତନ୍ତୀ, ଆଜାର ହୁସାନ, ହେମନ୍ତ ପାଢ଼ୀ, ଅନିଲ ମହାପାତ୍ର ପ୍ରମୁଖ ଜିଲାପାଳଙ୍କୁ ଭେଟିଥିଲେ।



**୨୧ରେ ଡିଜିଙ୍କ ଦୁଇଦିନିଆ ସମ୍ବଲପୁର ଗସ୍ତ**

ସମ୍ବଲପୁର,(ପ୍ରମୋଦ ବହିଦାର): ପୋଲିସ ମହାନିର୍ଦ୍ଦେଶକ (ଡିଜି) ୱାଇ. ବି. ଖୁରାନିଆ ଆସନ୍ତା ୨୧ରେ ଦୁଇଦିନିଆ ସମ୍ବଲପୁର ଗସ୍ତରେ ଆସୁଥିବା ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଛି। ଗୋଶାଳା କର୍ଡୋଲା ଗ୍ରାମର ଦୁଇ ଭାଜପା ନେତାଙ୍କୁ ହାଇୱା ଚଢ଼ାଇ ହତ୍ୟା ଘଟଣାର ତଦନ୍ତ ପାଇଁ ସେ ସମ୍ବଲପୁର ଆସୁଥିବା ଜଣାପଡ଼ିଛି। ଗତ ୭ ତାରିଖରେ ମୃତକଙ୍କ ପରିବାର ଲୋକେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି କ୍ରାଇମବ୍ରାଞ୍ଚ ତଦନ୍ତ ପାଇଁ ନିବେଦନ କରିଥିଲେ। ଫଳରେ ମୁଖ୍ୟମନ୍ତ୍ରୀ ଫୋନ ମାଧ୍ୟମରେ ଡିଜିଙ୍କ ସହ ଆଲୋଚନା କରି ନିରପେକ୍ଷ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ସୂଚନା ଅନୁସାରେ ଗତ ଜାନୁଆରୀ ୫ରେ ଭାଜପା ନେତା ଦେବେନ୍ଦ୍ର ନାୟକ ଓ ମୁରଲୀଧର ଛୁରିଆଙ୍କୁ ହାଇୱା ଚଢ଼ାଇ ହତ୍ୟା କରାଯାଇଥିଲା।

# ଗ୍ରୀଷ୍ମପ୍ରବାହ ମୁକାବିଲା, ପରିଚାଳନା ଉପରେ ଗୁରୁତ୍ୱ

ଝାରସୁଗୁଡ଼ା,୧୯।୩(ଆଶିଷ ରଞ୍ଜନ ଦାଶ)

ଗ୍ରୀଷ୍ମପ୍ରବାହ ମୁକାବିଲା ଓ ପରିଚାଳନା ପାଇଁ ଝାରସୁଗୁଡ଼ା ଜିଲାସ୍ତରୀୟ ଅଧିକାରୀଙ୍କ ପ୍ରଶିକ୍ଷଣ ବୈଠକ ଅନୁଷ୍ଠିତ ହୋଇଛି। ବୁଧବାର ପୂର୍ବାହ୍ନ ୧୧ଟାରେ ଜିଲା ଖଣିଜ ପାଣ୍ଠି ପ୍ରେକ୍ଷାଳୟରେ ଅତିରିକ୍ତ ଜିଲାପାଳ ରାଜସ୍ୱ କିଶୋର ଚନ୍ଦ୍ର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଉପଜିଲାପାଳ ସବ୍ୟସାଚୀ ପଣ୍ଡା, ଜରୁରିକାଳୀନ ଅଧିକାରୀ ଉମାକାନ୍ତ ପ୍ରଧାନଙ୍କ ସମେତ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ପୌର ପରିଷଦ ନିର୍ବାହୀ ଅଧିକାରୀ, ତହସିଲଦାର, ଲାଇନ ଡିପାର୍ଟମେଣ୍ଟର ଅଧିକାରୀମାନେ ଉପସ୍ଥିତ ଥିଲେ। ବୈଠକରେ ଜିଲା ମୁଖ୍ୟ ଚିକିତ୍ସାଳୟର ମେଡ଼ିସିନ ସ୍ପେଶାଲିଷ୍ଟ ଡାକ୍ତର ବିଭୁଦତ୍ତ ମହାନ୍ତି ମାଷ୍ଟର ଟ୍ରେନର ଭାବେ ଯୋଗଦେଇଥିଲେ। ଜିଲାରେ ଆଗାମୀ ଗ୍ରୀଷ୍ମପ୍ରବାହ ପରିସ୍ଥିତିର ମୁକାବିଲା ସକାଶେ ସବୁସ୍ତରରେ ସଜାଗ ରହି ଜନସାଧାରଣଙ୍କୁ ସେବା ଯୋଗାଇଦେବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଗତ ଫେବୃଆରୀ ୨୫ରେ ଜିଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଗୃହିତ ନିଷ୍ପତ୍ତି ତଥା ଜାରି କରାଯାଇଥିବା ଏସ୍‌ଓପି ଅନୁସାରେ ଜିଲାର ବିଭାଗଗୁଡ଼ିକ ପକ୍ଷରୁ ଗ୍ରହଣ କରାଯାଇଥିବା ପଦକ୍ଷେପ ସମ୍ପର୍କରେ ବୈଠକରେ ସମୀକ୍ଷା କରାଯାଇଥିଲା। ପୂର୍ବ ବୈଠକରେ ଗୃହୀତ ନିଷ୍ପତ୍ତି ଅନୁସାରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ




ଗ୍ରୀଷ୍ମ ପ୍ରବାହ ମୁକାବିଲା ପାଇଁ ବୈଠକରେ ଅଧିକାରୀମାନେ ଆଲୋଚନା କରୁଛନ୍ତି।

ଓ ପୌରପାଳିକା ନିର୍ବାହୀ ଅଧିକାରୀମାନେ ଜଳକ୍ଲିଷ୍ଟ ଅଞ୍ଚଳରେ ସଚେତନତା ବୈଠକ ଆୟୋଜନ ନେଇ ସ୍ଥିତି ସମ୍ପର୍କରେ ସୂଚନା ଦେଇଥିଲେ। ଜାରି ଏସ୍‌ଓପି ଅନୁସାରେ ଏପ୍ରିଲ ୧ ପରିବର୍ତ୍ତେ ପୂର୍ବ ନିର୍ଦ୍ଧାରିତ ସ୍ଥାନରେ ମାର୍ଚ୍ଚ ୨୫ ସୁଦ୍ଧା ଜଳଛତ୍ର ଖୋଲିବାକୁ ନିର୍ଦ୍ଦେଶ ଦିଆଯାଇଛି। ଖଣି ଅଞ୍ଚଳ, ଶିକ୍ଷାନୁଷ୍ଠାନ, କଳକାରଖାନା ତଥା କୋଠାବାଡ଼ି ନିର୍ମାଣ ହେଉଥିବା ସ୍ଥାନରେ ଗ୍ରୀଷ୍ମ ପ୍ରବାହ ମୁକାବିଲା ପାଇଁ ଏସ୍‌ଓପି ଅନୁସାରେ ସମସ୍ତ ପଦକ୍ଷେପ ନେବାକୁ ସମ୍ପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଜିଲା ଶିକ୍ଷା ଅଧିକାରୀ ଓ ଜିଲା ମଙ୍ଗଳ ଅଧିକାରୀ ବିଦ୍ୟାଳୟରେ ଆନୁସଙ୍ଗିକ ବ୍ୟବସ୍ଥା ଗ୍ରହଣ ପାଇଁ ପ୍ରଧାନ ଶିକ୍ଷକମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଟାଟା ପାୱାର ଅଧିକାରୀମାନେ କଣ୍ଟ୍ରୋଲ ରୁମ ସ୍ଥାପନ, ଓଭରଲୋଡ଼ ପଏଣ୍ଟ

**ଜିଲାସ୍ତରୀୟ ଅଧିକାରୀଙ୍କ ପ୍ରଶିକ୍ଷଣ ବୈଠକ**

- ୨୫ ସୁଦ୍ଧା ପୂର୍ବ ନିର୍ଦ୍ଧାରିତ ସ୍ଥାନରେ ଜଳଛତ୍ର ଖୋଲ
- ସହର ପ୍ରମୁଖ ଟ୍ରାଫିକ୍ ଛକରେ ଛାମୁଣ୍ଡିଆ ବ୍ୟବସ୍ଥା କର

ଚିହ୍ନଟ ଓ ଡାକ୍ତରଖାନା, ପମ୍ପ ହାଉସ ଆଦି ଅତ୍ୟାବଶ୍ୟକ ସ୍ଥାନରେ ୨୪ଘଣ୍ଟିଆ ବିଦ୍ୟୁତ୍ ଯୋଗାଣ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ୱାଟକୋ ଏବଂ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ପାନୀୟ ଜଳ ଯୋଗାଣ, ଡିଏଫଓଙ୍କ ପକ୍ଷରୁ ବନ୍ୟ ପ୍ରାଣୀଙ୍କ ସକାଶେ ପାନୀୟ ଜଳ ବ୍ୟବସ୍ଥା ଓ ଜଙ୍ଗଲକୁ ନିଆଁରୁ ରକ୍ଷା କରିବା, ଖଣି ଅଧିକାରୀ ଖଣି ଅଞ୍ଚଳରେ ଓ ଡିଏସ୍‌ଡବ୍ଲ୍ୟୁ ଓ ଅଙ୍ଗନୱାଡ଼ି କେନ୍ଦ୍ରଗୁଡିକରେ, ସିଡିଭିଓ ଗୃହପାଳିତ ପଶୁଙ୍କ ଯତ୍ନ ନେବା ଦିଗରେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ସହରର ପ୍ରମୁଖ ଟ୍ରାଫିକ ଛକରେ ଛାମୁଣ୍ଡିଆ ବ୍ୟବସ୍ଥା ପାଇଁ ନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ମାଷ୍ଟରଟ୍ରେନର ଡାକ୍ତର ମହାନ୍ତି ଗ୍ରୀଷ୍ମପ୍ରବାହକୁ ରୋକିବା ପାଇଁ ପାୱାର ପଏଣ୍ଟ ଜରିଆରେ ପ୍ରଶିକ୍ଷଣ ପ୍ରଦାନ ସହ ନିଜେ ସଚେତନ ହେବା ଓ ଅନ୍ୟମାନଙ୍କୁ ସଚେତନ କରାଇବା ପାଇଁ ପରାମର୍ଶ ଦେଇଥିଲେ। ଜରୁରିକାଳୀନ ଅଧିକାରୀ ପ୍ରଧାନ କାର୍ଯ୍ୟକ୍ରମ ଆୟୋଜନର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିବା ବେଳେ ଡିପିଓ ସୁଶାନ୍ତ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ବୃତ୍ତି ମାର୍ଗଦର୍ଶନ, ପରାମର୍ଶ କାର୍ଯ୍ୟକ୍ରମ

ଦେବଗଡ଼,୧୯।୩(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ଦକ୍ଷତା ବିକାଶ ଓ ନିଯୋଜନ ଅଧିକାରୀ ବିଜୟ କୁମାର ଉପାଧ୍ୟାୟଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଦେବଗଡ଼ସ୍ଥିତ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟରେ ବୃତ୍ତି ମାର୍ଗଦର୍ଶନ ଓ ପରାମର୍ଶ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ବିଦ୍ୟାଳୟ ଓଡ଼ିଆ ଅଧ୍ୟାପକ ମନୋରଞ୍ଜନ ବାରିକ୍ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟ ଦଶମ ଶ୍ରେଣୀ ଛାତ୍ରୀଛାତ୍ରମାନେ ଯୋଗଦେଇ ନିମନ୍ତ୍ରିତ ଜିଲାସ୍ତରୀୟ ଅଧିକାରୀଙ୍କଠାରୁ ବିଭିନ୍ନ କ୍ଷେତ୍ରରେ ଥିବା ଉଚ୍ଚ ଶିକ୍ଷା ତଥା ଚାକିରି ସମ୍ଭାବନା ବିଷୟରେ ବିଭିନ୍ନ ପ୍ରଶ୍ନ କରି ନିଜର ସନ୍ଦେହ ଦୂର କରିଥିଲେ। କାର୍ଯ୍ୟକ୍ରମରେ ପ୍ରକଳ୍ପ ପ୍ରଶାସିକା (ଆଇଟିଡିଏ) ସନ୍ଧ୍ୟା ମାଝି, ଜିଲା ମଙ୍ଗଳ ଅଧିକାରୀ ଶିଶିର କୁମାର ପୁହାଣ, ସହକାରୀ ନିର୍ଦ୍ଦେଶକ ଉଦ୍ୟାନ ବିଭାଗ ଅନ୍ତର୍ଯ୍ୟାମୀ ସାହୁ, ଜିଲା ଶିଳ୍ପ ବିଭାଗର ଅଧିକାରୀ ରମେଶ ପଟେଲ, ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ (ଆର୍ ଏବଂ ବି) ପ୍ରବୋଧ କୁମାର ସାହୁ, ଜିଲା ମତ୍ସ୍ୟସମ୍ପଦ ଅଧିକାରୀ କୁଟିଳ ଚନ୍ଦ୍ର ଦାସ, ମେଡିକାଲ୍ ଅଧିକାରୀ ଡ଼. ସୁସ୍ମିତା ରଥ, ବ୍ଲକ୍ ପ୍ରାଣୀ ସମ୍ପଦ ଅଧିକାରୀ ଡ଼. ସୁଭାଶିଷ ରାୟ, ଡିପିସି-ଡିପିଏମ୍, ମିଶନ ଶକ୍ତି ଶିଶିର କୁମାର ଷଡଙ୍ଗୀ, ପଲିଟେକନିକ୍ ମହାବିଦ୍ୟାଳୟ ଦେବଗଡ଼ରୁ ମୀନକେତନ ମାଝି, ସୁବୋଧ କାନ୍ତ ବାରିକ୍ ତଥା ମୁଖ୍ୟମନ୍ତ୍ରୀ ଦକ୍ଷତା ବିକାଶ ସାଥୀ ସୃଷ୍ଟି ଅବିନାଶ ପୁରୀ ପ୍ରମୁଖ ଯୋଗଦେଇ ଭବିଷ୍ୟତରେ କିଭଳି ମେଡିକାଲ୍, ଇଞ୍ଜିନିୟରିଂ, ପ୍ରାଣୀ ବିଭାଗ, ଉଦ୍ୟାନ ବିଭାଗ, କୃଷି, ମତ୍ସ୍ୟ ବିଭାଗ, ବିଜ୍ଞାନ, ବାଣିଜ୍ୟ, କଳା ତଥା ବୈଷୟିକ ଶିକ୍ଷା ଦିଗରେ ଥିବା ସୁଯୋଗ, ଆବଶ୍ୟକ ପରୀକ୍ଷା, ପ୍ରତିଯୋଗିତା ମୂଳକ ପରୀକ୍ଷା ନିମନ୍ତେ ଯୋଗ୍ୟତା ମାନଦଣ୍ଡ ତଥା ଚାକିରି ସମ୍ଭାବନା ବିଷୟରେ ପିଲାମାନଙ୍କୁ ସଚେତନ କରିଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ ଡୋମେନ ଏକ୍କା ଧନ୍ୟବାଦ ଅର୍ପଣ କରିଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

# ଡା. ସୁବାସ ଚନ୍ଦ୍ର ପ୍ରଧାନ ପାଇଲେ ଲାବଣ୍ୟ ସମ୍ମାନ-୨୦୨୫



ସୁବାସ ପ୍ରଧାନଙ୍କୁ ପୁରସ୍କୃତ କରାଯାଉଛି।

ଝାରସୁଗୁଡ଼ା,୧୯।୩(ଆଶିଷ ରଞ୍ଜନ ଦାଶ)

ଭୁବନେଶ୍ୱରର ଅଗ୍ରଣୀ ନାଟ୍ୟ ଅନୁଷ୍ଠାନ ଲାବଣ୍ୟ ଥିଏଟର ପକ୍ଷରୁ ଅନୁଷ୍ଠିତ ରାଜ୍ୟସ୍ତରୀୟ ନାଟକ ମହୋତ୍ସବ ଭୁବନେଶ୍ୱରସ୍ଥିତ ଭଞ୍ଜ କଳା ମଣ୍ଡପରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ନାଟକ କ୍ଷେତ୍ରରେ ଅତୁଳନୀୟ ଅବଦାନ ପାଇଁ ଝାରସୁଗୁଡ଼ା ଜିଲା ବେଲପାହାଡ଼ ମିରର୍ ଥିଏଟର ପ୍ରତିଷ୍ଠାତା ନିର୍ଦ୍ଦେଶକ ଡ଼ା. ସୁବାସ ଚନ୍ଦ୍ର ପ୍ରଧାନଙ୍କୁ ଲାବଣ୍ୟ ସମ୍ମାନ-୨୦୨୫ ପ୍ରଦାନ କରାଯାଇଛି। ଏହି ଅବସରରେ ମୁଖ୍ୟଅତିଥି ଭାବେ ବରିଷ୍ଠ ନାଟ୍ୟ ନିର୍ଦ୍ଦେଶକ ଧିର ମଲ୍ଲିକ, ଡ଼ା. ନାରାୟଣ ସାହୁ, ମୁକୁନ୍ଦ ଶତପଥୀ ଯୋଗ ଦେଇଥିବାବେଳେ ଲାବଣ୍ୟ ଥିଏଟର ସମ୍ପାଦକ ସତ୍ୟ ଜେନା ମଞ୍ଚାସୀନ ଥିଲେ।

# ୧୯ ଦିନ ପରେ ବି ଲୁଟେରାଙ୍କ ଟେର୍ ପାଉନି ପୋଲିସ

ଦେବଗଡ଼,୧୯।୩(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା କୁଣ୍ଡେଇଗୋଳା ଥାନା ବଡଛାପଲ ଗ୍ରାମପଞ୍ଚାୟତ ଅନ୍ତର୍ଗତ ମଇଛକ ନିକଟରେ ଫେବୃୟାରୀ ୨୮ ପୂର୍ବାହ୍ନରେ ଭୁଜାଲି ଓ ରିଭଲଭର ମୁନରେ ଘଟିଥିବା ଟଙ୍କା ଲୁଟ ଘଟଣାକୁ ୧୯ ଦିନ ବିତିଯାଇଛି। ହେଲେ ବର୍ତ୍ତମାନ ପର୍ଯ୍ୟନ୍ତ ପୋଲିସ ଲୁଟେରାଙ୍କ ସମ୍ପର୍କରେ କୌଣସି ଟେର୍ ପାଇ ନ ଥିବା ଜଣାପଡିଛି। ଫଳରେ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇବା ସହ ପୋଲିସର କାର୍ଯ୍ୟଦକ୍ଷତା ଓ ତଦନ୍ତ ଶୈଳୀ ନେଇ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସୂଚନା ଥାଉ କି, ବଡଛାପଲ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ

**ଭୁଜାଲି, ରିଭଲଭର ମୁନରେ ଟଙ୍କା ଲୁଟ ଘଟଣା**

ଥିବା ଜନସେବା କେନ୍ଦ୍ରର କର୍ମଚାରୀ ଯଦୁମଣି ସାହୁ ଫେବୃୟାରୀ ୨୮ ପୂର୍ବାହ୍ନ ପ୍ରାୟ ୯ଟା ସମୟରେ ଭୁଲକାବାହାଲ ଗ୍ରାମରୁ ଉପରୋକ୍ତ ଜନସେବା କେନ୍ଦ୍ରକୁ ଏକ ବାଇକ୍ ଯୋଗେ ଯାଉଥିବା ବେଳେ ଏକ କଳାରଙ୍ଗର ପଲସର ଗାଡିରେ ପିଛା କରୁଥିବା ୨ଜଣ ଦୁର୍ବୃତ୍ତ ବଡଛାପଲ ମଇଛକ ନିକଟରେ ଅଟକାଇବା ସହ ଯଦୁମଣିଙ୍କୁ ଭୁଜାଲି ଓ ରିଭଲଭର ମୁନରେ ଭୟଭୀତ କରିଥିଲେ। ଏଥିସହ ଯଦୁମଣିଙ୍କ ମୁଣ୍ଡରେ ରିଭଲଭର ଲଗାଇ ଭୟଭୀତ କରି ସେ ଧରିଥିବା ବ୍ୟାଗରୁ ନଗଦ ୫୧ ହଜାର ଟଙ୍କା, ଏକ ଟ୍ୟାବଲେଟ, ଏକ ଫିଙ୍ଗର ପ୍ରିଣ୍ଟ ସ୍କାନର, ଯଦୁମଣିଙ୍କ ଅଧାର କାର୍ଡ ଓ ଏଟିଏମ୍ କାର୍ଡ, ମନି ପର୍ସ ସହିତ ନଗଦ ୧୨ ହଜାର ଟଙ୍କା ଲୁଟି ନେବା ସହ ବାଇକ୍ ଡିକି ଭାଙ୍ଗି ଫେରାର ହୋଇଯାଇଥିଲେ। ଏ ନେଇ ଯଦୁମଣି କୁଣ୍ଡେଇଗୋଳା ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଛି। ହେଲେ ଏଯାଏ ଘଟଣାରେ କାହାରିଙ୍କୁ ଗିରଫ କରି ପାରିନାହିଁ।




# ଖୁନ୍ତାମାଲ ନାମଯଜ୍ଞ ପାଇଁ ପ୍ରସ୍ତୁତି ବୈଠକ

ଝାରସୁଗୁଡ଼ା,୧୯।୩(ଆଶିଷ ରଞ୍ଜନ ଦାଶ)

ଝାରସୁଗଡ଼ା ଜିଲା ଲଇକେରା ବ୍ଲକ ଖୁନ୍ତାମାଲ ଗ୍ରାମରେ ନାମଯଜ୍ଞ ପାଇଁ ପ୍ରସ୍ତୁତି ବୈଠକ ବୁଧବାର ଅପରାହ୍ନ ୪ଟାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଚବିଶ ପ୍ରହର ନାମଯଜ୍ଞ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ମେ ୨ରୁ ୬ ତାରିଖ ପର୍ଯ୍ୟନ୍ତ ଚବିଶ ପ୍ରହର ନାମଯଜ୍ଞ ହେବାକୁ ଥିବା ବେଳେ ନୂତନ କମିଟି ଗଠନ କରାଯାଇଛି। ସୁପ୍ରିୟା ନାଏକ ଓ ପ୍ରସନ୍ନ କୁମାର ନାଏକ କର୍ତ୍ତା ଦାୟିତ୍ୱ ତୁଲାଇବେ। ସଭାପତି ଘନଶ୍ୟାମ ପାଉଲେ, ସମ୍ପାଦକ ରୁପାନନ୍ଦ ବେହେରା, କୋଷାଧ୍ୟକ୍ଷ ଭାବେ ରାମେଶ୍ୱର ସାହୁଙ୍କୁ ଚୟନ କରାଯାଇଛି। ନାମଯଜ୍ଞ ଖୁନ୍ତାମାଲ ଗ୍ରାମବାସୀଙ୍କ ଆନୁକୁଲ୍ୟରେ ହେବାକୁ ଥିବାବେଳେ ସୁନାମଧନ୍ୟ ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେବା ନିଷ୍ପତି ନିଆଯାଇଛି।

# ସ୍କୁଲରେ ଅଚେତ ହେଲେ ଚତୁର୍ଥ ଶ୍ରେଣୀ ଛାତ୍ର

ଦେବଗଡ଼,୧୯।୩(ଶଶାଙ୍କ ଶେଖର ଝାଙ୍କର)

କିଛିଦିନ ହେଲା ଦେବଗଡ଼ ଜିଲାରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଅନୁଭୂତ ହେଉଛି। ଏହାର ପ୍ରଭାବରେ ତିଲେଇବଣି ବ୍ଲକ ପାଳକୁଦର ଗ୍ରାମପଞ୍ଚାୟତ ସଦର ମହକୁମା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଜଣେ ଚତୁର୍ଥ ଶ୍ରେଣୀ ଛାତ୍ର ହଠାତ ଅସୁସ୍ଥ ହୋଇ ଚେତାଶୂନ୍ୟ ହୋଇପଡିଥିଲେ। ସେ ହେଲେ କାଇବେଙ୍ଗ ଗ୍ରାମର ଫାଲଗୁନୀ ଲୁହା। ଚିକିତ୍ସା ପରେ ଏବେ ସେ ସୁସ୍ଥ ହୋଇ ଘରକୁ

**ପ୍ରବଳ ଗ୍ରୀଷ୍ମ ପ୍ରବାହ**

ଫେରିଯାଇଥିବା ଜଣାପଡିଛି। ପ୍ରଧାନ ଶିକ୍ଷକ ଲିଙ୍ଗରାଜ ମହାନନ୍ଦଙ୍କ ସୂଚନା ଅନୁଯାୟୀ ପରୀକ୍ଷା ଚାଲିଥିବାରୁ ବର୍ତ୍ତମାନ ସ୍କୁଲ ସକାଳୁଆ ଚାଲିଛି। ନିକଟସ୍ଥ କାଇବେଙ୍ଗ ଗ୍ରାମର ଛାତ୍ର ଫାଲଗୁନୀ ଅନ୍ୟ ଦିନ ଭଳି ବୁଧବାର ମଧ୍ୟ ସ୍କୁଲକୁ ଆସିଥିଲେ। ସକାଳ ପ୍ରାୟ ୯ଟାରେ ସେ ହଠାତ ଅସୁସ୍ଥ ଅନୁଭବ କରିବା ସହ ଚେତାଶୂନ୍ୟ ହୋଇପଡ଼ିଥିଲେ। ଏ ସମ୍ପର୍କରେ ଅସୁସ୍ଥ ଫାଲଗୁନୀଙ୍କ ପରିବାର ଲୋକଙ୍କୁ ପ୍ରଧାନ ଶିକ୍ଷକ ମହାନନ୍ଦ ଖବର ଦେଇଥିଲେ। ପରେ ୧୦୮ ଆମ୍ବୁଲାନ୍ସ ଯୋଗେ ତିଲେଇବଣି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଚିକିତ୍ସା ପରେ ସେ ସୁସ୍ଥ ହୋଇ ଘରକୁ ଫେରିଯାଇଥିବା ଜଣାପଡିଛି। ପ୍ରବଳ ଗ୍ରୀଷ୍ମ ତାପ ପ୍ରଭାବରେ ଛାତ୍ର ଏଭଳି ହଠାତ ଅସୁସ୍ଥ ହୋଇପଡିଥିବା ବିଦ୍ୟାଳୟ କର୍ତ୍ତୃପକ୍ଷ ଅନୁମାନ କରୁଛନ୍ତି।

# ବଜରଙ୍ଗୀ କପ୍ କ୍ରିକେଟ: କୁଚିଣ୍ଡା ଚାମ୍ପିୟନ



ଚାମ୍ପିୟନ ଟିମ୍‌କୁ ଟ୍ରଫି ପ୍ରଦାନ କରାଯାଉଛି।

ଦେବଗଡ଼,୧୯।୩(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ତିଲେଇବଣି ବ୍ଲକ ଶରଣଖୋଳ ଗ୍ରାମରେ ବଜରଙ୍ଗୀ କ୍ଲବ ପକ୍ଷରୁ ଗତ ଶନିବାରଠାରୁ ଆରମ୍ଭ ହୋଇଥିବା ପଞ୍ଚଦିବସୀୟ ବଜରଙ୍ଗୀ କପ୍ କ୍ରିକେଟ ପ୍ରତିଯୋଗିତା ବୁଧବାର ଉଦ୍‌ଯାପିତ ହୋଇଯାଇଛି। ମୋଟ ୧୬ଟି ଦଳକୁ ନେଇ ଚାଲିଥିବା ଏହି ପ୍ରତିଯୋଗିତାର ଫାଇନାଲ ମ୍ୟାଚ୍‌ରେ ରିଆମାଳ ବ୍ଲକ ତେନ୍ତଲାବାହାଲ କ୍ରିକେଟ କ୍ଲବକୁ ପରାସ୍ତ କରି ସମ୍ବଲପୁର ଜିଲା କୁଚିଣ୍ଡାର ସମଲେଶ୍ୱରୀ କ୍ରିକେଟ କ୍ଲବ ଚାମ୍ପିୟନ ହୋଇଛି। ତେନ୍ତଲାବାହାଲ କ୍ରିକେଟ କ୍ଲବ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୯୫ ରନ ସଂଗ୍ରହ କରିଥିଲା। ଏହାର ଜବାବରେ କୁଚିଣ୍ଡାର ସମଲେଶ୍ୱରୀ କ୍ରିକେଟ କ୍ଲବ ୭ ଓଭରରେ ୫ ଉଇକେଟ ହରାଇ ଆବଶ୍ୟକ ୯୬ ରନର ବିଜୟ ଲକ୍ଷ ହାସଲ କରିବା ସହ ଚାମ୍ପିୟନ ହୋଇଥିଲା। ଫାଇନାଲ ମ୍ୟାଚ୍‌ରେ ଅମ୍ପାୟର ଭାବେ କାଳିଆ ପରିଡା ଓ ସରୋଜ ପରିଡା ପରିଚାଳନା କରିଥିଲେ। ସନ୍ଧ୍ୟାରେ ଆୟୋଜିତ ପ୍ରତିଯୋଗିତାର ଉଦ୍‌ଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ତିଲେଇବଣି ପଞ୍ଚାୟତ ସମିତି ଉପାଧ୍ୟକ୍ଷା ଆରତୀ ପ୍ରଧାନ ଓ ସମ୍ମାନିତ ଅତିଥି ଭାବେ ସମ୍ବଲପୁର ଏମ୍‌ପିଙ୍କ ତିଲେଇବଣି ବ୍ଲକ ପ୍ରତିନିଧି ଯୋଗେଶ ପ୍ରଧାନ, ତିଲେଇବଣି ସମିତି ସଦସ୍ୟ ଶୁକ୍ରୁ ମୁଣ୍ଡା ଓ ରୁଦ୍ରମଣି ସୁବୁଦ୍ଧି ଯୋଗଦେଇ ଚାମ୍ପିୟନ ସମଲେଶ୍ୱରୀ କ୍ରିକେଟ କ୍ଲବକୁ ଟ୍ରଫି ସହ ନଗଦ ୧୫ ହଜାର ଟଙ୍କା ଓ ରନର୍ ଅପ୍ ତେନ୍ତଲାବାହାଲ କ୍ରିକେଟ କ୍ଲବକୁ ଟ୍ରଫି ସହ ନଗଦ ୧୨ ହଜାର ଟଙ୍କା ପୁରସ୍କାର ପ୍ରଦାନ କରିଥିଲେ। ପ୍ରତିଯୋଗିତା ଆୟୋଜନରେ ରବିନ୍ଦ୍ର ସାହୁ, ସୁଜିତ ପରିଡା, ସୁନିଲ ପରିଡା ଓ ସଞ୍ଜିତ ପରିଡାଙ୍କ ସମେତ କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।



# ବୁଦ୍ଧ ଓ ଯିଶୁ



ଦେବଦତ୍ତ ପଟ୍ଟନାୟକ

ଆଜକୁ ୨୫୦୦ ବର୍ଷ ପୂର୍ବେ ବୌଦ୍ଧଧର୍ମ ଭାରତର ପୂର୍ବଭାଗରେ ସୃଷ୍ଟିହେବା ପରେ ବୁଦ୍ଧଙ୍କ କାହାଣୀ ଆମ ସମ୍ମୁଖକୁ ଆସିଥିଲା । ସେହିଭଳି ୨୦୦୦ ବର୍ଷ ପୂର୍ବର ଯିଶୁଙ୍କ କାହାଣୀ ପଶ୍ଚିମ ଏସିଆରୁ ଆମ ସାମ୍ନାକୁ ଆସିଲା। ଅନେକେ ବିଶ୍ୱାସ କରନ୍ତି, ଯିଶୁ ପୂର୍ବଦିଗକୁ ଯାତ୍ରାକରି ତାଙ୍କ ଜୀବନର ଅଧିକାଂଶ ସମୟ ବୌଦ୍ଧ ସନ୍ନ୍ୟାସୀଙ୍କ ସହିତ କଟାଇବା ସହ ବିଭିନ୍ନ ମଠକୁ ଯାଇଥିଲେ। ସମ୍ଭବତଃ ସେ କଶ୍ମୀରକୁ ଯାଇଥିବା ମଧ୍ୟ କୁହାଯାଏ। ପ୍ରାଚ୍ୟର ବିଚାରଧାରା ଦ୍ୱାରା ଖ୍ରୀଷ୍ଟିଆନ ସଂସ୍ଥାଗୁଡ଼ିକ ଅଧିକ ପ୍ରଭାବିତ ହୋଇଥିବାର ଅନେକ ଦୃଢ଼ ସଙ୍କେତ ରହିଛି। ବୌଦ୍ଧଧର୍ମରୁ ଆଶ୍ରମବାସୀ ଗୋଷ୍ଠୀ (ସଂଘ) ବିଚାର ଆସିଥିଲା। ବୌଦ୍ଧ ସନ୍ନ୍ୟାସୀମାନେ ବ୍ରହ୍ମଚର୍ଯ୍ୟ ପାଳନ କରୁଥିଲେ, ଏକୁଟିଆ ରହୁଥିଲେ ଓ ନିଜର ଦୋଷ ସ୍ୱୀକାର କରୁଥିଲେ। ଏଭଳି ପରମ୍ପରା ମଧ୍ୟ ଖ୍ରୀଷ୍ଟଧର୍ମରେ ଦେଖିବାକୁ ମିଳେ। ତେବେ ପାଶ୍ଚାତ୍ୟ ବିଶ୍ୱାସ ଉପରେ ଭାରତୀୟଙ୍କ ପ୍ରଭାବକୁ ବୁଝିବାକୁ ହେଲେ ଆମକୁ ଖ୍ରୀଷ୍ଟଧର୍ମ ପ୍ରାରମ୍ଭ କାଳରେ ସୃଷ୍ଟିହୋଇଥିବା ଗ୍ନୋଷ୍ଟିକ୍ ଟ୍ରାଡିସନ ବା ଜ୍ଞାନବାଦୀ ପରମ୍ପରାକୁ ଅନୁଧ୍ୟାନ କରିବାକୁ ହେବ। ଶୁଦ୍ଧ ଆତ୍ମା ରକ୍ତ ମାଂସର ଶରୀର ଓ ପ୍ରଦୂଷିତ ବିଶ୍ୱ ମଧ୍ୟରେ ଆବଦ୍ଧ ବୋଲି ଯେଉଁମାନେ ବିଶ୍ୱାସ କରୁଥିଲେ ସେମାନଙ୍କୁ ଗ୍ନୋଷ୍ଟିକ୍ ବା ଜ୍ଞାନବାଦୀ କୁହାଯାଏ। ସେମାନଙ୍କ ବିଶ୍ୱାସ ଯେ, ଜୀବନର ଲକ୍ଷ୍ୟ ହେଉଛି କର୍ମ ଓ ଶୁଦ୍ଧୀକରଣ ଦ୍ୱାରା ଏହି ଭ୍ରମିତ ଅସ୍ତିତ୍ୱରୁ ମୁକ୍ତହେବା । ଜ୍ଞାନବାଦୀମାନେ ମୁଖ୍ୟତଃ ଉପବାସ ରହିବା ସହ ବ୍ରହ୍ମଚର୍ଯ୍ୟ ପାଳନ କରୁଥିଲେ। ଭୌତିକ ଧନସମ୍ପତ୍ତିଠାରୁ ଦୂରେଇରହୁଥିଲେ। ବିବାହ କରୁ ନ ଥିଲେ, ପ୍ରବାହିତ ଜଳରେ ସ୍ନାନକରି ଶରୀରକୁ ପବିତ୍ର ରଖୁଥିଲେ ଏବଂ ମୋକ୍ଷ ଚାହୁଁଥିଲେ। ଏହିଭଳି ବିଚାର ପଶ୍ଚିମ ଏସିଆରୁ ଆରମ୍ଭକରି ଭାରତ ପର୍ଯ୍ୟନ୍ତ ଅତ୍ୟଧିକ ପ୍ରଚାରିତ ହେବା ସହ ଲୋକଙ୍କ ଦ୍ୱାରା ଗ୍ରହଣୀୟ ହୋଇଥିଲା। ପଶ୍ଚିମ ଏସିଆରେ ଏହି ଧର୍ମୀୟ ବିଶ୍ୱାସରୁ ମାଣ୍ଡିଆନ୍ସ (ଜନ୍ ବାପ୍ଟିଷ୍ଟଙ୍କୁ ବିଶ୍ୱାସ କରୁଥିବା ମାଣ୍ଡାଇକ୍ ଭାଷାଭାଷୀ ଲୋକ) ଭଳି ଗୋଷ୍ଠୀ ସୃଷ୍ଟି ହୋଇଥିଲା, ଯେଉଁମାନେ ଏବେ ବି ରହିଛନ୍ତି ଏବଂ ନିୟମିତ ଭାବେ ପ୍ରବାହିତ ଜଳରେ ସ୍ନାନ କରୁଛନ୍ତି। ନ୍ୟୁ ଟେଷ୍ଟାମେଣ୍ଟ (ଖ୍ରୀଷ୍ଟିଆନ ବାଇବେଲର ଦ୍ୱିତୀୟ ଭାଗ)ରେ ଯିଶୁଙ୍କ ଅଗ୍ରଦୂତ ଭାବେ ପ୍ରମୁଖ ବ୍ୟକ୍ତିତ୍ୱ ଜନ୍ ବାପ୍ଟିଷ୍ଟଙ୍କ ସହ ଏମାନଙ୍କର ସମ୍ପର୍କ



ରହିଛି। ଜ୍ଞାନବାଦୀଙ୍କ ବିଚାର ମଧ୍ୟ ମାନିକେଜିମ୍ ବା ମାନିଧର୍ମ ( ତୃତୀୟ ଶତାବ୍ଦୀରେ ଇରାନ୍‌ରୁ ସୃଷ୍ଟିହୋଇ ଏସିଆକୁ ପ୍ରସାରିତ ହୋଇଥିଲା)କୁ ପ୍ରଭାବିତ କରିଥିଲା। ମାନିଧର୍ମର ବିଶ୍ୱାସ ଭଲ ଓ ମନ୍ଦ ଦ୍ୱନ୍ଦ୍ୱ ଉପରେ ଆଧାରିତ। ଏହି ଧର୍ମ ଜୋରୋଷ୍ଟ୍ରିଆନିଜମ୍ (ଏକେଶ୍ୱରବାଦ ଧର୍ମ) ସହ କେନ୍ଦ୍ର ଏସିଆ ଏବଂ ପର୍ସିଆ (ଏବକାର ଇରାନ)ରେ ବିକଶିତ ହୋଇଥିଲା।

ଭାରତରେ ଜ୍ଞାନବାଦୀ ବିଚାର ବୌଦ୍ଧଧର୍ମ ଓ ଜୈନଧର୍ମରୁ ଆସିଥିଲା। ବୌଦ୍ଧଧର୍ମ ମଧ୍ୟମମାର୍ଗୀ ଥିବାବେଳେ ଜୈନଧର୍ମ ଅତ୍ୟଧିକ କଠୋର ଥିଲା। କେତେଜଣ ଭାଷାବିତ୍ ବିଶ୍ୱାସ କରନ୍ତି, ଗ୍ନୋଷ୍ଟିକ୍ ଶବ୍ଦ ସଂସ୍କୃତ ଶବ୍ଦ ଜ୍ଞାନରୁ ଆସିଛି। ଏହା ମଧ୍ୟ ଅଷ୍ଟମ ଶତାବ୍ଦୀରେ ହିନ୍ଦୁ ଯୋଗୀ ଆଦି ଶଙ୍କରାଚାର୍ଯ୍ୟଙ୍କ ମାର୍ଗ ଥିଲା। ତେବେ ବିକଶିତ ବୌଦ୍ଧଧର୍ମ ଓ ଖ୍ରୀଷ୍ଟ ପରମ୍ପରା ମଧ୍ୟରେ ଅନେକ ସାମଞ୍ଜସ୍ୟ ରହିଛି। ଉଦାହରଣ ସ୍ୱରୂପ, ପ୍ରାଚୀନ ନିକାୟ ବୌଦ୍ଧଧର୍ମ ସନ୍ନ୍ୟାସ ଆଧାରିତ ଥିଲା। କିନ୍ତୁ ପରେ ମହାଯାନ ବୌଦ୍ଧଧର୍ମ ବୋଧିସତ୍ତ୍ୱର ଦୟାଳୁ ବିଚାରକୁ ଆରମ୍ଭ କରିଥିଲା। ସେହିପରି ହିବ୍ରୁ ବାଇବେଲ ବା ଇହୁଦୀଙ୍କ ତନଖ (ବାଇବେଲର ପ୍ରଥମ ଭାଗ)ରେ ଈଶ୍ୱରଙ୍କୁ କଠୋର ଏବଂ ଅଲଗା ଅସ୍ତିତ୍ୱ ଭାବେ ଦର୍ଶାଇଥିବାବେଳେ ଓଲ୍ଡ ଟେଷ୍ଟାମେଣ୍ଟ (ବାଇବେଲର ଦ୍ୱିତୀୟ ଭାଗ) ଯିଶୁଙ୍କୁ ଈଶ୍ୱରଙ୍କ ସନ୍ତାନ, ଦୟା ଓ କରୁଣାର ଅବତାର ଭାବେ ଦର୍ଶାଇଛି।

ବୁଦ୍ଧ ଓ ଯିଶୁଙ୍କ କାହାଣୀଗୁଡ଼ିକ ମଧ୍ୟରେ ବିଚିତ୍ର ସାମଞ୍ଜସ୍ୟ ଅଛି। ବୁଦ୍ଧ ଏକ ରାଜ ପରିବାରରୁ ଆସିଛନ୍ତି ଏବଂ ବୋଧିସତ୍ତ୍ୱମାନଙ୍କୁ ବି ରାଜକୁମାର ଭାବେ ସୂଚିତ କରାଯାଇଛି। ସେହିଭଳି ଯିଶୁଙ୍କ ବଂଶର ଡାଭିଡ୍ ରାଜ ପରିବାର ସହ ସମ୍ପର୍କ ଅଛି। ଉଭୟଙ୍କର ଜନ୍ମ ଅଲୌକିକ ଭାବେ ହୋଇଥିଲା। ଯିଶୁ ଜଣେ କୁମାରୀ ଗର୍ଭରୁ ଜନ୍ମ ହୋଇଥିଲେ, ଯାହା ନିଷ୍କଳଙ୍କ ବା ପାପରହିତ ଗର୍ଭଧାରଣ ସିଦ୍ଧାନ୍ତର ବିଶ୍ୱାସକୁ ଦୃଢ଼କରେ। ସେହିଭଳି ବୌଦ୍ଧ ଧର୍ମର ଗ୍ରନ୍ଥଗୁଡ଼ିକରେ ବର୍ଣ୍ଣନା ରହିଛି ଯେ, ବୁଦ୍ଧ ତାଙ୍କ ମାତୃଗର୍ଭରେ ଏକ ଧଳା ଦିବ୍ୟ ହସ୍ତି ରୂପରେ ପ୍ରବେଶ କରିଥିଲେ ଏବଂ ରକ୍ତ, ମୂତ୍ରରୁ ଅଲଗାକରି ରଖିବା ପାଇଁ ସେ ଏକ ରତ୍ନ ଖଚିତ କ୍ରିଷ୍ଟାଲ ବାକ୍ସରେ ମୁଦିତ ହୋଇ ରହିଥିଲେ। ସାଧାରଣତଃ ସେ ପ୍ରସବନଳୀ ବାଟ ନ ଦେଇ ତାଙ୍କ ମାତାଙ୍କ ଡାହାଣ ପଟରୁ ବାହାରକୁ ବାହାରି ଆସିଥିଲେ । ତେବେ ଏହା ଦର୍ଶାଏ ଯେ, ଉଭୟ କ୍ଷେତ୍ରରେ କାମ ବାସନାର କୌଣସି ସମ୍ପର୍କ ନାହିଁ। ବୁଦ୍ଧ ତାଙ୍କ ସ୍ତ୍ରୀ ଓ ସାଂସାରିକ ବନ୍ଧନକୁ ତ୍ୟାଗକରିଥିବାବେଳେ ଯିଶୁ ବିବାହ କରିନାହାନ୍ତି। ଜ୍ଞାନପ୍ରାପ୍ତି ପରେ ବୁଦ୍ଧ ତାଙ୍କ ମାତାଙ୍କୁ ଶିକ୍ଷାଦେବା ଲାଗି ତୁଷିତ ସ୍ୱର୍ଗରେ ପହଞ୍ଚିଥିଲେ ଓ ମା'ଙ୍କ ସହ ତାଙ୍କ ସମ୍ପର୍କକୁ ଦର୍ଶାଇଥିଲେ। ସେହିଭଳି ଯିଶୁ ତାଙ୍କ ମାତା ମେରୀଙ୍କ ମଧ୍ୟରେ ନିବିଡ଼ ସମ୍ପର୍କ ରହିଥିଲା ଏବଂ ମା' ଓ ପୁଅଙ୍କ ମୂର୍ତ୍ତି କ୍ୟାଥୋଲିକ୍ ଖ୍ରୀଷ୍ଟଧର୍ମର ମୁଖ୍ୟ ହୋଇ ରହିଛି।

ଅଷ୍ଟମ ଶତାବ୍ଦୀରେ ବୁଦ୍ଧ ଆରବ ଦେଇ ୟୁରୋପକୁ ଯାତ୍ରା କରିଥିବାର କାହାଣୀ ରହିଛି। ଏଣୁ ଖ୍ରୀଷ୍ଟିଆନ ଶାସ୍ତ୍ରରେ ଆମେ ଏକ କାହାଣୀ ଦେଖିବାକୁ ପାଉ ଯାହାର ବୁଦ୍ଧଙ୍କ ଜୀବନୀ ସହ ଅଦ୍ଭୁତ ସାମଞ୍ଜସ୍ୟ ରହିଛି। ରାଜା ଆବେନ୍ନର ଖ୍ରୀଷ୍ଟିଆନଙ୍କୁ ହତ୍ୟା କରିଥିଲେ ଓ ତାଙ୍କୁ ଜ୍ୟୋତିଷୀମାନେ କହିଥିଲେ ଯେ, ତାଙ୍କ ପୁଅ ଦିନେ ଜଣେ ଖ୍ରୀଷ୍ଟିଆନ ହେବ। ଆବେନ୍ନରଙ୍କ ପୁଅ ଯୁବରାଜ ଜୋଶାପତ୍ ଗୁପ୍ତରେ ସନ୍ଥ ବର୍‌ଲାମ( ବିଲାଓ୍ୱାର)ଙ୍କୁ ସାକ୍ଷାତ କରିଥିଲେ ଓ ଖ୍ରୀଷ୍ଟଧର୍ମ ଗ୍ରହଣ କରିଥିଲେ ଏବଂ ଧୀରେ ଧୀରେ ଖ୍ରୀଷ୍ଟଧର୍ମ ଗ୍ରହଣ କରିବାକୁ ଆବେନ୍ନରଙ୍କୁ ବୁଝାଇଥିଲେ।

ଏହା ସ୍ପଷ୍ଟ ଯେ, ବିଭିନ୍ନ ଧର୍ମୀୟ ସିଦ୍ଧାନ୍ତ ବାଣିଜ୍ୟପଥ ଦେଇ ବ୍ୟାପିଥିଲା ଏବଂ ଦକ୍ଷିଣ ଏସିଆ ଓ ପଶ୍ଚିମ ଏସିଆ ମଧ୍ୟରେ ଧର୍ମୀୟ ବିଚାରର ଆଦାନପ୍ରଦାନକୁ ଉତ୍ସାହିତ କରିଥିଲା। ତେବେ ବୁଦ୍ଧ ଓ ଯିଶୁଙ୍କ ଦେହାବସାନକୁ ନେଇ ଲୋକଙ୍କ ମନରେ ଦ୍ୱନ୍ଦ୍ୱ ରହିଛି। ବୁଦ୍ଧ ଶାନ୍ତିରେ ୮୦ ବର୍ଷ ବୟସରେ ମୃତ୍ୟୁବରଣ କରିଥିଲେ। ଅପରପଟେ ଯିଶୁଙ୍କୁ ରୋମାନମାନେ କ୍ରୁଶବିଦ୍ଧକରି ହତ୍ୟା କରିଥିଲେ। ବୌଦ୍ଧ ପରମ୍ପରାରେ ଦର୍ଶାଯାଇଥିବା ଅନେକ ବୁଦ୍ଧଙ୍କ ମଧ୍ୟରେ ଗୌତମ ବୁଦ୍ଧ ହେଉଛନ୍ତି ଜଣେ । ଏମାନେ ସମସ୍ତେ ସମାନ ପ୍ରକାର ଜୀବନ ବିତାଇଥିଲେ, ସମାନ ପ୍ରକାର ଜ୍ଞାନ ବାଣ୍ଟିଥିଲେ। ଏହି ପ୍ରକାର ପରସ୍ପର ସମ୍ପର୍କିତ ଦୃଷ୍ଟିକୋଣ ଖ୍ରୀଷ୍ଟଧର୍ମରେ ନାହିଁ। ଯିଶୁ ତାଙ୍କ ମୃତ୍ୟୁର ୩ ଦିନ ପରେ ନିଜକୁ ପୁନର୍ବାର ଜୀବିତ କରିଥିଲେ । ସେ ଥିଲେ ଜଣେ ମୁକ୍ତିଦାତା, ଯିଏ କି ମାନବତାର ପାପ ପାଇଁ ପ୍ରାୟଶ୍ଚିତ୍ତ କରିବାକୁ ନିଜ ଜୀବନକୁ ସମର୍ପଣ କରିଦେଇଥିଲେ। ଏହି ସିଦ୍ଧାନ୍ତର ମଧ୍ୟ ବୌଦ୍ଧଧର୍ମ ସହ ସାମଞ୍ଜସ୍ୟ ରହିଛି।

-devduttofficial@gmail.com

## ଏଇ ଭାରତରେ

ଦିଲ୍ଲୀର ବାୟୁ ପ୍ରଦୂଷଣ ସ୍ୱାସ୍ଥ୍ୟ ସଙ୍କଟ ସୃଷ୍ଟି କରିବାରେ ଲାଗିଛି। ଏହି ପ୍ରଦୂଷଣ ପାଇଁ ଧୂଳି, ଧୂଆଁ ସହ ପ୍ଲାଷ୍ଟିକ୍ ବର୍ଜ୍ୟ ଦାୟୀ। ପ୍ଲାଷ୍ଟିକ୍ ବର୍ଜ୍ୟ ମଧ୍ୟ ନଦୀନାଳ ପାଣିକୁ ପ୍ରଦୂଷିତ କରୁଛି। ତେବେ ପ୍ଲାଷ୍ଟିକ୍ ବର୍ଜ୍ୟ ହ୍ରାସ କରିବା ପାଇଁ ଦିଲ୍ଲୀର ମହମ୍ମଦ ସୁହେଲ ଏହାର ରିସାଇକେଲିଂ କରୁଛନ୍ତି। ଏବେ ସୁଦ୍ଧା ସେ ୨୦୦ ଟନ୍ ପ୍ଲାଷ୍ଟିକ୍ ବର୍ଜ୍ୟ ରିସାଇକେଲିଂ କରିସାରିଲେଣି ଓ ଏଥିରୁ ପରିବେଶ ଉପଯୋଗୀ ପ୍ୟାକେଜିଂ ସାମଗ୍ରୀ ତିଆରି ହେଉଛି। ଏହାଦ୍ୱାରା ୩୦୦ ଟନ୍ କାର୍ବନ ଡାଇଅକ୍ସାଇଡ୍ ନିର୍ଗମନ ରୋକିବାରେ ବି ସେ ସଫଳ ହୋଇପାରିଛନ୍ତି। ସୁହେଲ ତାଙ୍କ କମ୍ପାନୀ 'ଅଥର ପ୍ୟାକେଜିଂ ସଲ୍ୟୁଶନ' ଦ୍ୱାରା ଏହି କାର୍ଯ୍ୟ କରୁଛନ୍ତି। ଏହି କମ୍ପାନୀକୁ ସେ ୨୦୨୦ରେ ପ୍ରତିଷ୍ଠା କରିଥିଲେ। ଏବେ ଏହି କମ୍ପାନୀ ଦିଲ୍ଲୀ ବ୍ୟତୀତ ବେଙ୍ଗାଲୁରୁ ଓ ମୁମ୍ବାଇ ସମେତ ପାଖାପାଖି ୬୦ଟି ସହରରେ ତାହାର ବିଜ୍‌ନେସ୍ ଚଳାଇଛି। ବିଭିନ୍ନ ବର୍ଜ୍ୟ ଯୋଗାଣକାରୀ ତଥା ପ୍ଲାଷ୍ଟିକ୍ କମ୍ପାନୀଗୁଡ଼ିକ ସହ ଯୋଗାଯୋଗ ରକ୍ଷା କରି ରିସାଇକେଲିଂ ପ୍ରକ୍ରିୟାକୁ ଅଧିକ ତ୍ୱରାନ୍ୱିତ କରିଛନ୍ତି। ସୋହେଲ କୁହନ୍ତି, ଏପରି ଏକ କ୍ଷୁଦ୍ର ବ୍ୟବସାୟ ବି ପରିବେଶରେ ବଡ଼ ପରିବର୍ତ୍ତନ ଆଣିପାରିବ।

## ୫୦ ବର୍ଷ ତଳର ଧରିତ୍ରୀ
DHARITRI

୨୦ ମାର୍ଚ୍ଚ ୧୯୭୬

- ବାଲେଶ୍ୱର-ଚାନ୍ଦିପୁର ସାମରିକ ରାସ୍ତା ନିର୍ମାଣ ଲାଗି କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରଣାଳୟ ୬ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି।
- ଦାସତ୍ୱ ପ୍ରଥାରୁ ମୁକ୍ତି ପାଉଥିବା ଶ୍ରମିକମାନଙ୍କର ଥଇଥାନ ପାଇଁ ରାଜ୍ୟ ସରକାର ଏକ ନୂତନ ଯୋଜନା ଆରମ୍ଭ କରିଛନ୍ତି।
- ଅନ୍ତଃରାଜ୍ୟ ବିଦ୍ୟୁତ୍ ଟ୍ରାନ୍ସମିଶନ ଲାଇନ ନିର୍ମାଣ ନିମନ୍ତେ କେନ୍ଦ୍ର ସରକାର ଜାମ୍ମୁ ଓ କାଶ୍ମୀର ରାଜ୍ୟକୁ ୧୧.୫ ନିୟୁତ ଟଙ୍କା ଋଣ ସହାୟତା ମଞ୍ଜୁର କରିଛନ୍ତି।

## su|do|ku ସୁ-ଡୋ-କୁ
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 8 | | | | | | 9 | |
| | | 1 | | 9 | | | 2 | |
| 2 | | | 3 | | | | | 4 |
| 3 | | | | 8 | | 9 | | |
| 9 | | 5 | | | | 4 | | |
| 8 | | | | 7 | | 6 | | |
| | | | | | 4 | | 5 | |
| 1 | | | 2 | | 9 | | | |
| | | | | 5 | 6 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 8 | 3 | 1 | 4 | 7 | 6 | 2 | 9 |
| 2 | 7 | 6 | 5 | 8 | 9 | 3 | 4 | 1 |
| 9 | 1 | 4 | 3 | 2 | 6 | 8 | 7 | 5 |
| 8 | 9 | 7 | 6 | 1 | 2 | 4 | 5 | 3 |
| 3 | 6 | 5 | 7 | 9 | 4 | 2 | 1 | 8 |
| 4 | 2 | 1 | 8 | 3 | 5 | 9 | 6 | 7 |
| 7 | 5 | 9 | 4 | 6 | 8 | 1 | 3 | 2 |
| 1 | 4 | 8 | 2 | 5 | 3 | 7 | 9 | 6 |
| 6 | 3 | 2 | 9 | 7 | 1 | 5 | 8 | 4 |

ଗତକାଲିର ଉତ୍ତର

# ସ୍ମାର୍ଟ ନିଆଁହୁଲା



ଉପେନ୍ଦ୍ର ବିଶ୍ୱାଳ

ପିଲାଙ୍କ ଦୀର୍ଘ ଜୀବନଯାତ୍ରା କିପରି ସୁଖଦ ହେବ, ସେଥିପାଇଁ ସଭିଙ୍କୁ ଚିନ୍ତା କରିବାର ଅଛି। କାରଣ ପିଲାମାନେ ହେଉଛନ୍ତି ଦେଶ ଓ ଜାତିର ଭବିଷ୍ୟତ। କଅଁଳ ବୟସରେ ପିଲାଙ୍କ ମନ-ମସ୍ତିଷ୍କରେ ଯେଉଁ ପ୍ରକାର ବିଚାର-ଭାବନା ଆମେ ଭରିବା, ସେମାନେ ସେହି ପ୍ରକାର ହିଁ ହେବେ। ସେଥିପାଇଁ ଆମେରିକାର ଜଣେ ବିଶିଷ୍ଟ ବିଦ୍ୱାନ ଶିଶୁ ମନସ୍ତତ୍ତ୍ୱବିତ୍ ୱେସ୍ ଷ୍ଟେଫୋର୍ଡ କହୁଥିଲେ, "ପିଲାମାନଙ୍କୁ ଆମେ ଯଦି ଆଦ୍ୟରୁ ସମୁଚିତ ମାର୍ଗରେ ବାଟ କଢ଼େଇ ନିଅନ୍ତୁ, ତେବେ ଦୁନିଆର ଛବି ବଦଳିଯାଆନ୍ତା। ଯଦି ସେମାନଙ୍କୁ ଖରାପ ଦିଗରୁ ମୂଳରୁ ଦୂରେଇ ନ ରଖିବୁ, ତେବେ ଦୁନିଆକୁ ଦୁର୍ଦ୍ଦଶା ଭୋଗିବାକୁ ପଡ଼ିବ ହିଁ ପଡ଼ିବ। ବୀଜଟି ଭିତରେ ଯେମିତି ବିଶାଳ ବୃକ୍ଷର ସମ୍ଭାବନା ଛପି ରହିଥାଏ, ଠିକ୍ ସେମିତି ପିଲାମାନଙ୍କ ଭିତରେ ପ୍ରଚଣ୍ଡ ସମ୍ଭାବନା ଭରିରହିଥାଏ। ବିଶିଷ୍ଟ ବାଗ୍ମୀ, ଲେଖକ ଫ୍ରେଡରିକ ଡଗ୍ଲାସଙ୍କ ମତରେ, "ପିଲାଙ୍କୁ ଶକ୍ତକରି ଗଢ଼ିତୋଳିବା ବରଂ ସହଜ, ମାତ୍ର ଥରେ ଖରାପ/ ଅସଜଡ଼ା ହୋଇଗଲାପରେ ପରବର୍ତ୍ତୀ ସମୟରେ ତାଙ୍କୁ ସଜାଡ଼ିବା ଖୁବ କାଠିକରପାଠ।" ସରଳଭାବେ ବୁଝାଇ କହିଲେ, ଚାରାଟି ଯଦି ମୂଳରୁ ବଙ୍କା ଥିବ, ଗଛଟି ସେମିତି ବଙ୍କା ହୋଇ ରହିବ। ଗଛଟି ବଡ଼ ହୋଇଗଲା ପରେ ତାକୁ ସଳଖ କରିବା ସହଜ ନୁହେଁ। ଏଣୁ ଆଦ୍ୟରୁ ଚାରାଟିଏ ଯେମିତି ସିଧାସଳଖ, ଶୃଙ୍ଖଳିତ ଢଙ୍ଗରେ ବୃଦ୍ଧି ପାଇବ, ତାହାକୁ ତଦାରଖ କରିବା ଦାୟିତ୍ୱ ହେଉଛି ମାଳିଟିର/ ସମାଜର। ୱାରେନ ବଫେଟଙ୍କ ଅନୁଯାୟୀ, "ଆଜି ଜଣେ ଛାଇରେ ବସିଛି ମାନେ କେହି ଜଣେ ବହୁ ପୂର୍ବରୁ ସେଇଠି ଚାରାଟିଏ ଲଗେଇଥିଲା।" ଅର୍ଥାତ୍ ଶୀତଳ ଛାୟା ପାଇବାକୁ ହେଲେ ଚାରାଟିଏ ରୋପଣ କରି ସଯତ୍ନ ବଢ଼େଇବାକୁ ପଡ଼ିବ। ଏଥିପାଇଁ ଦେଶର ଭବିଷ୍ୟତକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ବହୁ ପ୍ରତୀକ୍ଷିତ 'ଡିଜିଟାଲ ପର୍ସନାଲ ଡାଟା ପ୍ରୋଟେକ୍ସନ ଆଇନ -୨୦୨୩' ପ୍ରଣୟନ କରିବାକୁ ଯାଉଛନ୍ତ। ପ୍ରସ୍ତାବିତ ଆଇନଟି ପାରିତ ହେଲେ ମା'-ବାପାଙ୍କ ବିନାନୁମତିରେ ୧୮ ବର୍ଷରୁ କମ୍ ବୟସର କୌଣସି ପିଲା ସାମାଜିକ ଗଣମାଧ୍ୟମରେ ନିଜ ଆକାଉଣ୍ଟ ଖୋଲିପାରିବେ ନାହିଁ। ଅଭିଭାବକଙ୍କ ଅନୁମୋଦନ ବାଧ୍ୟତାମୂଳକ।

ମନସ୍ତତ୍ତ୍ୱବିତ୍‌ଙ୍କ ଅନୁଯାୟୀ ପିଲାମାନେ ଅତ୍ୟନ୍ତ ଅନୁକରଣପ୍ରିୟ। ସେମାନଙ୍କ ମନ ଅସ୍ଥିର। ଆବେଗର ସ୍ରୋତରେ ଭାସିଯାଇ ସହଜେ ଭ୍ରମିତ ହୁଅନ୍ତି। ଇଣ୍ଟରନେଟ ତଥା ସାମାଜିକ ଗଣମାଧ୍ୟମରେ ମଜ୍ଜିରହିବା କାରଣରୁ ବିଭିନ୍ନ ଅସାମାଜିକ କାର୍ଯ୍ୟକଳାପରେ ଲିପ୍ତ ରହିବା ସହିତ ସ୍ୱାସ୍ଥ୍ୟଗତ ସମସ୍ୟା ଭୋଗୁଛନ୍ତି। ପୁଣି କେତେବେଳେ ଆତ୍ମହତ୍ୟା କଲେଣି ତ ଆଉ କେତେବେଳେ ହତ୍ୟାର ଶିକାର ହେଲେଣି। ମାର୍ଚ୍ଚ ୨୦୨୫ରେ ରାୟଗଡ଼ାର ଦୁଇଜଣ ପିଲା ଅନଲାଇନ ଗେମ୍ ଖେଳି ଜୀବନ ହାରିଥିବା ଖବର ପ୍ରକାଶ ପାଇଥିଲା। ଏହିଭଳି ଗେମ୍ ନିଶାରେ ଅବେଳରେ ଶହ ଶହ ପିଲାଙ୍କ ଜୀବନ ଯାଉଛି। ପୁନଶ୍ଚ ବହୁ ସଂଖ୍ୟାରେ ବିପଥଗାମୀ ହେଉଥିବାର ଦେଖାଯାଉଛି। ନ୍ୟାଶନାଲ କ୍ରାଇମ୍ ରେକର୍ଡ୍ସ ବ୍ୟୁରୋର(ଏନ୍‌ସିଆର୍‌ବି)ର ତଥ୍ୟାନୁଯାୟୀ



ଦେଶରେ ବାର୍ଷିକ ପ୍ରାୟ ୩୦ ହଜାର (ଦୈନିକ ୮୦ରୁ ଅଧିକ) ନାବାଳିକା ନିଖୋଜ ହେଉଥିବା ଜଣାଯାଏ। ଦିନକୁ ଦିନ ଏହି ସଂଖ୍ୟା ବଢ଼ି ଚାଲିଛି। ଭାରତରେ କୁମାରୀ ମାତୃତ୍ୱ ସଂଖ୍ୟା ବି ବଢ଼ିବାରେ ଲାଗିଛି। ଏସବୁ ଦିଗକୁ ଦୃଷ୍ଟିରେ ରଖି ବିଳମ୍ବରେ ହେଲେ ମଧ୍ୟ ଭାରତ ସରକାର ଏହି ନିୟମର ଚିଠା ପ୍ରସ୍ତୁତ କରିଛନ୍ତି। ଏହା ପୂର୍ବରୁ କର୍ନାଟକ ଉଚ୍ଚ ନ୍ୟାୟାଳୟ ୨୧ ବର୍ଷରୁ କମ୍ ବୟସ ପିଲାଙ୍କର ସାମାଜିକ ଗଣମାଧ୍ୟମ ବ୍ୟବହାର ଉପରେ ପ୍ରତିବନ୍ଧକ ଲଗେଇବାକୁ କେନ୍ଦ୍ର ସରକାରଙ୍କୁ ପରାମର୍ଶ ଦେଇଥିଲେ। ପିଲାଙ୍କ ନିରାପତ୍ତା ଏବଂ ଭବିଷ୍ୟତକୁ ଆଖିଆଗରେ ରଖି ଅଷ୍ଟ୍ରେଲିଆର ପ୍ରଧାନମନ୍ତ୍ରୀ ଏଇ ନିକଟରେ ସାମାଜିକ ଗଣମାଧ୍ୟମ ବ୍ୟବହାର ପାଇଁ ପିଲାଙ୍କ ସର୍ବନିମ୍ନ ବୟସ ଧାର୍ଯ୍ୟ କରିବାକୁ ଘୋଷଣା କରିଛନ୍ତି। ଦକ୍ଷିଣ କୋରିଆରେ ୧୬ ବର୍ଷରୁ କମ୍ ବୟସର ପିଲାମାନେ ଅନଲାଇନ ଗେମ୍ ଖେଳିବା ନିଷେଧ ଅଛି। ଚାଇନା ସମେତ ୟୁରୋପର ଅନେକ ଦେଶ ଏ ସମ୍ପର୍କରେ ଦୃଢ଼ ଆଇନ ପ୍ରଣୟନ କରିଛନ୍ତି।

କୁସଙ୍ଗ ଏକପ୍ରକାର ଭୟଙ୍କର ବିଷ। ଏହାର ଦୁଷ୍ପ୍ରଭାବ ସମ୍ପର୍କରେ ସମସ୍ତେ ଅବଗତ। କୁସଙ୍ଗ କେବଳ ଖରାପ ସାଙ୍ଗ ସହିତ ଯୋଡ଼ିହେବା ନୁହେଁ। କୁସଙ୍ଗ ହେଉଛି ମୋବାଇଲର ଅସଦୁପଯୋଗ। ଖରାପ ପୁସ୍ତକ ପଢ଼ିବା, ଅଶ୍ଳୀଳ ଦୃଶ୍ୟ ଦେଖିବା। ଥରେ କୁସଙ୍ଗ ପଞ୍ଝାରେ ପଡ଼ିଲେ, ସେଥିରୁ ମୁକୁଳିବା ସହଜ ହୋଇ ନ ଥାଏ। ମା'-ବାପାଙ୍କ ସମେତ ସଭିଙ୍କ ଦାୟିତ୍ୱ ହେଉଛି ପିଲାଙ୍କୁ ଖରାପ ମାର୍ଗ ବା କୁସଙ୍ଗରୁ କ୍ଷାନ୍ତ କରେଇବା, ସେଥିପ୍ରତି ସେମାନଙ୍କୁ ସଚେତନ କରେଇବା। ଏ ଦିଗରେ ଚାଇନା ସରକାର ଗୋଟିଏ ପାଦ ଆଗକୁ ଯାଇ ପିଲା ଖରାପ ହେଲେ ପ୍ରଥମେ ଅଭିଭାବକଙ୍କୁ ଦାୟୀ କରିଛନ୍ତି। ବଢୁଥିବା ଆପରାଧିକ ମାମଲା, ବିଗିଡୁଥିବା ଆଇନ-ଶୃଙ୍ଖଳାକୁ ଆଖିଆଗରେ ରଖି ଅକ୍ଟୋବର ୨୩, ୨୦୨୧ରେ ସେ ଦେଶରେ ଆଗତ ବିଧେୟକ 'ପାରିବାରିକ ଶିକ୍ଷା ପ୍ରୋତ୍ସାହନ ଆଇନ' ଅନୁଯାୟୀ ୧୬ ବର୍ଷରୁ କମ୍ ବୟସର ପିଲାଙ୍କ ଅସଦ୍ ଆଚରଣ ଓ ଅପରାଧ ପାଇଁ ଉତ୍ତରଦାୟୀ ରହିବେ ଅଭିଭାବକମାନେ। ପିଲା ଅପରାଧୀ ହେଲେ ମା'-ବାପା/ ଅଭିଭାବକ ଦଣ୍ଡିତ ହେବା ଥୟ।

ପିଲାମାନେ ଭଲ ମଣିଷ ହେଲେ ପରିବାର ସମେତ ସମାଜ ଓ ରାଷ୍ଟ୍ରର ପ୍ରଭୂତ ମଙ୍ଗଳ ସାଧିତ ହୋଇଥାଏ। ପିଲାଟି ଅସାମାଜିକ ହେଲେ ସମାଜ ପାଇଁ ବୋଝ ପାଲଟିଯାଏ। ପିଲାଟିଏ ବିଗିଡ଼ିଯାଏ ପରିବାରର ଉପଯୁକ୍ତ ମାର୍ଗଦର୍ଶନ ଓ ତତ୍ତ୍ୱାବଧାନ ବିନା। ଏଣୁ ପରିବାରରୁ ଉପଯୁକ୍ତ ଶିକ୍ଷା, ସଂସ୍କାର ଓ ନିଘାର ଅଭାବ ଯେମିତି ନ ହୁଏ, ତାହାକୁ ଦୃଷ୍ଟିରେ ରଖି ଚାଇନା ସରକାର ଏପରି କଠୋର ଆଇନ ପ୍ରଣୟନ କରିଛନ୍ତି। କାରଣ ସଂସ୍କାରର ଭିତ୍ତିଭୂମି ଉପରେ ଭବିଷ୍ୟତର ଭବ୍ୟ ଭବନ ଛିଡ଼ା ହୋଇଥାଏ। ଆମେରିକାର ସିଲିକନ ଭ୍ୟାଲି ହେଉଛି ଆଜିର ସୂଚନା ଓ ପ୍ରଯୁକ୍ତିବିଦ୍ୟାର ସମୃଦ୍ଧ ସହର। କିନ୍ତୁ ସେଠାକାର ସ୍କୁଲରେ ହେଉ ଅବା ପରିବାରରେ, ପିଲାଙ୍କ ହାତରେ ମୋବାଇଲ ଥିବାର ଦେଖାଯାଏ ନାହିଁ। ସ୍କୁଲଗୁଡ଼ିରେ ପିଲାମାନଙ୍କୁ କଳାପଟା ଓ ଚକ୍‌ଖଡ଼ି ଜରିଆରେ ପାଠ ପଢ଼ାଯାଉଥିବାର ଦେଖାଯାଏ। ପିଲାମାନେ ଯେମିତି ଆଇପ୍ୟାଡ ବା ମୋବାଇଲଠାରୁ ଦୂରେଇ ରହିବେ, ସେଥିପ୍ରତି ସେମାନେ ବିଶେଷ ଯତ୍ନବାନ ଥା'ନ୍ତି। ମାଇକ୍ରୋସଫ୍ଟ ପ୍ରବର୍ତ୍ତକ ବିଲ୍ ଗେଟ୍ସ ମଧ୍ୟ ତାଙ୍କ ପରିବାରରେ ୧୬ ବର୍ଷରୁ କମ୍ ବୟସର ପିଲାମାନଙ୍କୁ ମୋବାଇଲଠାରୁ ଦୂରେଇ ରଖିଥା'ନ୍ତି। ସେହିପରି 'ଆପଲ' ସଂସ୍ଥାର ଅନ୍ୟତମ ସଂସ୍ଥାପକ ଇଭନ କୁକ୍ ମଧ୍ୟ ତାଙ୍କ ପିଲାମାନଙ୍କୁ ସୋସିଆଲ ନେଟୱର୍କ ବ୍ୟବହାର ପାଇଁ ବାରଣ କରିଛନ୍ତି। ଏହାସତ୍ତ୍ୱେ ବି ଭାରତୀୟ କିଶୋର ଏବଂ ଯୁବବର୍ଗ ନିଆଁହୁଳା ସଦୃଶ ସ୍ମାର୍ଟଫୋନ ପ୍ରେମରେ ବାୟା ହେବାଟା ଆତ୍ମଘାତୀ ସଦୃଶ ନୁହେଁ କି?

ମୋ:୯୪୩୭୪୩୬୦୭୩

# ସମୟ ସୁଅରେ ଦୂର ସମ୍ପର୍କୀୟ



ଦେବେନ୍ଦ୍ର କର

ଜୀବନର ଲମ୍ବା ରାସ୍ତା ଅତିକ୍ରମ କରିବାକୁ ସଭିଙ୍କ ସହିତ ସୁସମ୍ପର୍କ କେତେ ଜରୁରୀ ତାହା କେବଳ ଜଣେ ଅନୁଭବୀ ବୁଝେ। ଅସମୟରେ ହିଁ ସାଙ୍ଗସାଥୀ, ସମ୍ପର୍କୀୟଙ୍କ କଥା ମନେପଡ଼େ। ହେଲେ ଯୋଗାଯୋଗ କି ସୁସମ୍ପର୍କ ନ ଥିଲେ କିଏ କାହିଁ ବା ଜାଣିବ କି ପାଖେ ଆସି ଛିଡାହେବ। ସମୟ ସୁଅରେ ଦୂର ସମ୍ପର୍କୀୟ ଆଜି ନାମକୁ ମାତ୍ର। ଦିନ ଥିଲା ଗାଁ ସମ୍ପର୍କୀୟ ସାହିଭାଇ ଦୂର ସହରରେ ମୋ ଗାଁ ଭାଇ, ମୋ ଗାଁ ବନ୍ଧୁ କହି ଗର୍ବ ଅନୁଭବ କରୁଥିଲେ। ସତେ ଯେମିତି ଗୋଟିଏ ଗାଁର ନୁହେଁ ଗୋଟିଏ ପରିବାରର। ପରସ୍ପର ଘରକୁ ଯିବା ଆସିବା ଥିଲା ଆଉ ସୁଖ ଦୁଃଖରେ ସାହା ହେଉଥିଲେ। ସହରୀ ଲୋକ ମୁଖରେ ଗାଁ ସମ୍ପର୍କୀୟ ଭାଇମାନଙ୍କ ଏକତା, ଭାଇଚାରା କଥା ଚର୍ଚ୍ଚା ପଡୁଥିଲା। ସମୟ ବଦଳିବା ସହିତ ବଦଳିଲା ସମ୍ପର୍କର ପରିଭାଷା। ଆଜି ସହରରେ ନିଜ ଗାଁ ସମ୍ପର୍କୀୟ କେହି କେଉଁଠି ରୁହନ୍ତି ଖବର ନେବା ତ ଦୂରର କଥା ଏଠି ସେଠି ଦେଖିଲେ ବାଟ କାଟିନେବାକୁ ବି କୁଣ୍ଠାବୋଧ କରନ୍ତି ନାହିଁ। ଆଉ ଗାଁ ସାହିଭାଇ କେହି ସହରରେ ଯେବେ ସଫଳ ହୁଏ କି ନାଁ କମାଏ ନିନ୍ଦା ଅପବାଦ ଦେବାକୁ ବି ପଛାନ୍ତି ନାହିଁ। ସେ ନିଜ ଜ୍ଞାତି କୁଟୁମ୍ବର ହୋଇଥାଉ ନା କାହିଁ। ସହରୀ ଚାକଚକ୍ୟ ଭିତରେ ମଣିଷ ନୂଆ ନୂଆ ସମ୍ପର୍କ ଗଢ଼ିଲା ନୂଆ ଲୋକଙ୍କ ସହିତ ମିଶିଲା। ଆଉ ପାସୋରି ଦେଲା ସାଇଭାଇ ଜ୍ଞାତି କୁଟୁମ୍ବଙ୍କୁ। ଦୂର ସମ୍ପର୍କୀୟ ଏବେ ନାମମାତ୍ର। ସହରରେ କୋଠାବାଡ଼ି ତୋଳି ଗାଁ ମଣିଷଟି ସ୍ଥାୟୀ ବାସିନ୍ଦା ବୋଲି ପରିଚୟ ପାଇଛି ସତ ହେଲେ ହାତଛଡ଼ା କରିଛି ଅନେକ ଦୂର ସମ୍ପର୍କୀୟଙ୍କୁ।

ସମ୍ପର୍କ ତ ଅନେକ ଗଢ଼ି ହେବ ହେଲେ ସମ୍ପର୍କ ସେତେବେଳେ ସୁସମ୍ପର୍କର ରୂପ ନେବ ଯେତେବେଳେ ପରସ୍ପର ଭିତରେ ବିଶ୍ୱାସ ଭଲ ପାଇବା ମହମହ ହୋଇ ବାସିବ। ସମ୍ପର୍କରେ ଦେବାନେବା ଭାବନା ରଖିଲେ ଏହା ଢଳିପଡ଼େ ସ୍ୱାର୍ଥ ନଦୀକୁ। ଯାହାର ଜଳ ଉପରୁ ତ ସ୍ୱଚ୍ଛ ଦୃଶ୍ୟମାନ ହୁଏ ହେଲେ ଗୁଣ ମାନରେ ନ ଥାଏ ଉତ୍କୃଷ୍ଟତା। ଯେତିକି କାମ ବାସ୍ ସେତିକି କଥା ଦୈନନ୍ଦିନ ଜୀବନର ଆଜି ମୂଳ ମନ୍ତ୍ର ପାଲଟିଗଲାଣି। ଖାଦ୍ୟ ପାନୀୟରେ ଆମର ଯେମିତି କଟକଣା ବନ୍ଧୁ ବାନ୍ଧବଙ୍କ ଘରକୁ ଯିବା ଆସିବା, ମିଳାମିଶା କଥାବାର୍ତ୍ତାରେ ସେମିତି ମାପଚୁପ। କାରଣ ନ ଥାଇ କେହି କାହା ଘରକୁ ଯିବା ଆସିବା ନାହିଁ କି ଫୋନଫାନ ନାହିଁ। ପରସ୍ପରର ନିୟମିତ ଭାବବିନିମୟରୁ ସମ୍ପର୍କ ଡୋର ହୋଇଉଠେ ମଜଭୁତ। ସେ ଫୋନ କଲେନି ମୁଁ କାହିଁକି କରିବି, ସେ କାହିଁକି ଆସୁନାହାନ୍ତି ମୁଁ କାହିଁକି ଯିବି ଏ ପ୍ରକାର ମାନସିକତାରେ ସମ୍ପର୍କ ହୋଇପଡେ ଅସୁରକ୍ଷିତ। ଆଜିର ଦିନେ ବନ୍ଧୁ ସମ୍ପର୍କୀୟଙ୍କ ଘରକୁ ବାହାରିଲେ ପ୍ରଥମେ ମୁଣ୍ଡକୁ ଢୁକେ ସାଙ୍ଗରେ କ'ଣ ଭଲମନ୍ଦ ଧରିକି ଯିବା। ପିଲାଛୁଆ ଘରେ ହାତରେ କିଛି ନ ଧରି ଗଲେ ମନ ମାନେନି। ସମ୍ମାନ ବିବେକ ବୋଲି କିଛି ଅଛି ନା ନାହିଁ ମନ ଆଢୁଆଳରେ ପ୍ରଶ୍ନ ଉଙ୍କି ମାରେ। ଏପଟେ ନ ଗଲେ ମୁହଁ ଫୁଲାଫୁଲି ଆଉ ଗଲେ ପକେଟ ଉପରେ ଚାପ। ମଧ୍ୟବିତ୍ତ ମଣିଷର ସ୍ୱଳ୍ପ ରୋଜଗାର ସବୁ କାମରେ ଯେ ବାଟ ଓଗାଳେ ଏକଥାକୁ ଆଦୌ ଏଡ଼ାଇ ଦେଇ ହେବନି। ଅନ୍ୟପଟେ ସମ୍ପର୍କୀୟ ଦୋଷ ତ୍ରୁଟି ଖୋଜିବାରେ ବ୍ୟସ୍ତ। ଆହୁରି ଅନେକ ସମ୍ପର୍କୀୟ ଅଛନ୍ତି ଦବାନବାକୁ ଗୁରୁତ୍ୱ ଦେଇଥାନ୍ତି। ବାହାର ଲୋକ ତ ଅଲଗା କଥା ରକ୍ତ ସମ୍ପର୍କୀୟ ବି ଅଡି ବସିଥାନ୍ତି କିଏ ଆମକୁ ଫୁଲାଏ ଦେଇ ମନ ଜିଣିବ। ଏଭଳି ସମ୍ପର୍କର ଆୟୁଷ କେତେ ଦିନ ତାହା ତ କେବଳ ସମୟ କହିବ। ମଧ୍ୟବିତ୍ତ ମଣିଷର ଆର୍ଥିକ ସମସ୍ୟା ତ ସବୁ ସମୟର କଥା। ହେଲେ ନିଅଣ୍ଟିଆ ବଜେଟ ଭିତରେ ସନ୍ତୁଳନ ରକ୍ଷା କରି ଚାଲିବାକୁ ହେବ। ରକ୍ତ ସମ୍ପର୍କୀୟ ହୁଅନ୍ତୁ ଅବା ଦୂର ବନ୍ଧୁବାନ୍ଧବ ସମସ୍ତଙ୍କ ସହିତ ସୁସମ୍ପର୍କ ଭରପୂର ମନୋବଳର ପୁଞ୍ଜି। ସମ୍ପର୍କ ଥିଲେ ସାହାଯ୍ୟ ସହଯୋଗରେ ଜମାରୁ କେହି କେବେ ବଞ୍ଚିତ ହୁଏନାହିଁ। ଆଜି ଯାହା କଷ୍ଟ ମନେହେଉଛି ନିଶ୍ଚିତ ଆଗାମୀ ଦିନରେ ତାହା ବଡ଼ ସମସ୍ୟାକୁ ଟାଳି ଦେଇ ପାରେ। ସମ୍ପର୍କରେ ବଢୁଥିବା ଦୂରତା ପାଇଁ ସବୁଠି ଯେ ଅର୍ଥ ମୂଳ ସମସ୍ୟା କହିବା ସମ୍ପୂର୍ଣ୍ଣ ଭୁଲ୍, କେଉଁଠି ସମୟର ଅଭାବ ଥାଏ ତ କେଉଁଠି ଖାମଖିଆଲି ମନୋଭାବ ଦାୟୀ। ଏମିତିରେ ବହୁତ ଲୋକ ଅଛନ୍ତି ଯେଉଁମାନେ ନିଜ ଦୁନିଆରେ ନିଜେ ଖୁସି ସାଉଁଟି ଥାଆନ୍ତି। କିଏ କେମିତି ଅଛି ଆଉ କାହାର କ'ଣ ହାଲ୍‌ଚାଲ୍ ଜାଣିବାକୁ ତିଳେ ମାତ୍ର ନ ଥାଏ ଆନ୍ତରିକତା। କିନ୍ତୁ ସମୟ ସବୁବେଳେ ସମାନ ନ ଥାଏ। ଆଜି ଯିଏ ସବଳ ଆସନ୍ତାକାଲି ହେବ ଦୁର୍ବଳ, ଏଣୁ ଦବାନବାରେ କ'ଣ ଅଛି ନିଜ ଶକ୍ତି ସାମର୍ଥ୍ୟ ମୁତାବକ ସମ୍ପର୍କ ବଞ୍ଚାଇବାକୁ ପ୍ରୟାସ କରିବା।

**ମଙ୍ଗଳାବାଗ, ନିୟୋଗି କଲୋନୀ, କଟକ**
**ମୋ: ୯୯୩୭୯୬୩୯୧୦**

## ଚିରନ୍ତନୀ

ବିକଳ ପ୍ରାଣେ ବେଦନା ପ୍ରାସ
ସରମ ଚାରୁ ଚପଳ ହାସ
ଆସ ଗୋ ଆସ ଭୀତି ତରାସ ରଙ୍ଗିଣୀ
ଆସ ଗୋ ହୃଦ ଅଭୟ ଧାରା ସଙ୍ଗିନୀ।
-(ବର୍ଷା ନାୟିକା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଏମାର ମଠର ରୁପାଇଟା

ମହାଶୟ,

ବିଜେଡି ସରକାର ସମୟରେ ପୁରୀ ଏମାରମଠରୁ ମିଳିଥିବା ରୁପା ଇଟାଗୁଡ଼ିକୁ ସମ୍ପର୍କରେ ପ୍ରଶାସନ ନୀରବତା ଅବଲମ୍ବନ କରିଆସିଛି। ଆଗେ ତୀର୍ଥଯାତ୍ରୀମାନେ ଏମାରମଠକୁ ଯାଇ ମଠାଧୀଶଙ୍କୁ ଦର୍ଶନକରି ପ୍ରଣାମି ସ୍ୱରୂପ ରୁପା ଟଙ୍କା ଭେଟି ଦେଉଥିଲେ। ଯାତ୍ରୀଙ୍କଠାରୁ ମଠରେ ଯେଉଁ ରୁପା ଟଙ୍କା ମିଳୁଥିଲା ତାର ପରିମାଣ ବୃଦ୍ଧି ହେବାରୁ ସେଗୁଡ଼ିକୁ ବିଦେଶ ପଠାଯାଇ ରୁପା ଇଟାରେ ପରିଣତ କରି ଅଣାଯାଇଥିଲା। କାରଣ ସେଥିରେ ହଂକଂ ଛାପ କାଳିରେ ମରାହୋଇଥିଲା। ବିଜେଡି ଶାସନ କାଳରେ ଏହି ସବୁର ସୁରକ୍ଷା ଦୃଷ୍ଟିରୁ ସାମୟିକ ଭାବେ ପୁରୀ ରିଜର୍ଭ ପୋଲିସ ଲାଇନ୍‌ରେ ଗଚ୍ଛିତ ଅଛି,ଯାହାର ତଦାରଖ ହୋଇନାହିଁ। ଏବେ କିଛିଦିନ ତଳେ ଶ୍ରୀମନ୍ଦିର ପ୍ରଶାସନ ଏ ସବୁର ସୁବିନିଯୋଗ କରିବା ନିମନ୍ତେ ପରିଚାଳନା କମିଟିରେ ଆଲୋଚନା ହେବା ସୌଭାଗ୍ୟର ବିଷୟ । ବର୍ତ୍ତମାନ ଭାଜପା ସରକାର ଏ ସମ୍ପର୍କରେ କି ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି ତାହା ଦେଖିବାକୁ ରାଜ୍ୟବାସୀ ଉତ୍କଣ୍ଠିତ ହେବା ସ୍ୱାଭାବିକ।

**-ହରମୋହନ ମହାନ୍ତି, ଦତ୍ତତୋଟା, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ରାଜା ଚକ୍ରଙ୍କୁ ରିମାଣ୍ଡରେ ନେଲା ଇଓଡବ୍ଲ୍ୟୁ

## ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସିରେ ଦୁର୍ନୀତି ମାମଲା

ଭୁବନେଶ୍ୱର,୧୯।୩ (ସତ୍ୟଜିତ୍ ରାଉତ)

ଓଡ଼ିଶା ଖଣି ନିଗମ ସହ ସହଯୋଗିତା ଥିବା କେନ୍ଦୁଝର ଶୁଆକାଟିସ୍ଥିତ ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସି ଆଣ୍ଡ ଟ୍ରାନ୍ସପୋର୍ଟିଂ କୋ-ଅପରେଟିଭ୍ ସୋସାଇଟି ଲିରେ ବହୁ କୋଟି ଟଙ୍କାର ଦୁର୍ନୀତି ମାମଲାରେ ଗିରଫ ହୋଇଥିବା ବିଜେଡି ନେତା ସୌମ୍ୟ ଶଙ୍କର ଚକ୍ର ଓରଫ ରାଜା ଚକ୍ରଙ୍କୁ ବୁଧବାର କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ୩ ଦିନିଆ ରିମାଣ୍ଡରେ ଆଣିଛି। ମାମଲାରେ ବିଭିନ୍ନ ଦିଗକୁ ନେଇ ଇଓଡବ୍ଲ୍ୟୁ ଟିମ୍ ରାଜାଙ୍କୁ ମାରାଥନ୍ ଜେରା କରୁଛି। ଅଭିଯୁକ୍ତ ରାଜାଙ୍କୁ ୫ ଦିନିଆ ରିମାଣ୍ଡରେ ନେବା ପାଇଁ ଇଓଡବ୍ଲ୍ୟୁ ପକ୍ଷରୁ



ରାଜା ଚକ୍ର

ମଙ୍ଗଳବାର ବାଲେଶ୍ୱର ଓପିଆଇଡି କୋର୍ଟରେ ଆବେଦନ ହୋଇଥିଲା। କୋର୍ଟ ଆବେଦନକୁ ଗ୍ରହଣ କରି ୩ ଦିନିଆ ରିମାଣ୍ଡ ଅନୁମତି ଦେଇଥିଲେ। ତେବେ ଏହି ଲିଙ୍କରେ କେତେଜଣ ବଡ଼ବଡ଼ିଆଙ୍କ ହାତ ରହିଥିବା ସନ୍ଦେହ କରି ଇଓଡବ୍ଲ୍ୟୁ ଅଧିକ ତଦନ୍ତ କରୁଛି। ଏପରିକି ସହଅଭିଯୁକ୍ତ ଥିବା ରାଜାଙ୍କ ୩ ସହଯୋଗୀ ସଦାଶିବ ସାମଲ, ଶେଖର ନାୟକ ଓ ସମୀର ଜେନାଙ୍କୁ ପୂର୍ବରୁ ପଚରାଉଚରା କରାଯାଇଥିବାବେଳେ ରିମାଣ୍ଡ ଅବଧି ଭିତରେ ଇଓଡବ୍ଲ୍ୟୁ ଏମାନଙ୍କୁ ଡାକି ଜେରା କରିବ ବୋଲି ସୂଚନା ମିଳିଛି।

ଉଲ୍ଲେଖଯୋଗ୍ୟ, ଉକ୍ତ ସମବାୟ ସମିତିର ସଭାପତି, ସମ୍ପାଦକ ଏବଂ ଅନ୍ୟାନ୍ୟ ଲୋକଙ୍କୁ ହାତ ବାରିଶି କରି ରାଜା ବହୁ କୋଟି ଟଙ୍କା ହଡ଼ପ କରିଥିଲେ। ପୂର୍ବରୁ ସମବାୟ ସମିତିର ସଭାପତି ମାନସ ରଞ୍ଜନ ବାରିକ ଓ ସମ୍ପାଦକ ଉତ୍କଳ ଦାଶ ଗିରଫ ହୋଇଥିବା ବେଳେ ମାର୍ଚ୍ଚ ୧୩ରେ ରାଜାଙ୍କୁ ଗିରଫ କରାଯାଇଥିଲା। ତେବେ ଏହି ମାମଲାରେ ଇଓଡବ୍ଲ୍ୟୁ ଅଧିକ ତଥ୍ୟ ପ୍ରମାଣ ଯୋଗାଡ଼ କରିବାକୁ ଛାନଭିନ୍ ଚଳାଇଥିବା ବେଳେ ଆଗକୁ ଗିରଫଦାରୀ ସଂଖ୍ୟା ବଢ଼ିପାରେ ବୋଲି ଆଶା କରାଯାଉଛି।

# ୧୩ ଗିରଫ, ଖାରିପଲ୍ଲୀ ଗାଁ ଜନଶୂନ୍ୟ

## ଗୁଣି ସନ୍ଦେହରୁ ସଂଘର୍ଷରେ ୩ ମୃତ ଘଟଣା

ଧରାକୋଟ,୧୯।୩ (ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ଗଞ୍ଜାମ ଜିଲା ଧରାକୋଟ ବ୍ଲକ ବାହାରପୁର ପଞ୍ଚାୟତ ତଥା ବଡ଼ଗଡ଼ ଥାନା ଅଧୀନ ଖାରିପଲ୍ଲୀ ଗାଁରେ ମଙ୍ଗଳବାର ରାତିରେ ହୋଇଥିବା ଗୋଷ୍ଠୀ ସଂଘର୍ଷରେ ବାପପୁଅଙ୍କ ସମେତ ୩ ଜଣଙ୍କ ମୃତ୍ୟୁ ଘଟିଥିଲା। ଗାଁ ମଝିରେ ଖଦାଳ ବେହେରା ଓ ତାଙ୍କ ପୁଅ ରତ୍ନାକର ବେହେରା ଏବଂ ଧରାକୋଟ ମେଡିକାଲରେ ରମେଶ ବେହେରାଙ୍କ ମୃତଦେହକୁ ପୋଲିସ ଜଗି ରହିଥିଲା। ବୁଧବାର ୩ ମୃତଦେହ ବ୍ରହ୍ମପୁର ବଡ଼ ମେଡିକାଲରେ ବ୍ୟବଚ୍ଛେଦ କରାଯାଇଛି। ଖାରିପଲ୍ଲୀ ଗାଁ ଜନଶୂନ୍ୟ ହୋଇପଡ଼ିଥିବା ବେଳେ ସେଠାରେ ୨ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି। ପୋଲିସ ଅଟକ ରଖିଥିବା ୧୩ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଖାରିପଲ୍ଲୀ ଗ୍ରାମର ଅରୁଣ ବେହେରା, ରାଜେନ୍ଦ୍ର ବେହେରା, ଚନ୍ଦନ ବେହେରା, ଚିତ୍ରସେନ ବେହେରା, ଅରୁଣ ବେହେରା(ପିତା ଭଗବାନ ବେହେରା), ଦୀପକ କୁମାର ବେହେରା, ଟୁକୁନା ବେହେରା,



ଗଞ୍ଜାମ ଏସ୍‌ପି ଓ ଅନ୍ୟ ପୋଲିସ ଅଧିକାରୀ ଘଟଣାସ୍ଥଳରେ ତଦନ୍ତ କରୁଛନ୍ତି।

ଜଗନ୍ନାଥ ବେହେରା, ବୁଲୁ ବେହେରା, ଶଙ୍କର ବେହେରା, ଡମ୍ବରୁ ବେହେରା, ଧୋବା ବେହେରା ଓ ରଙ୍କନିଧି ବେହେରା। ମାମଲା ନଂ. ୧୫୪/୨୫ରେ ସନ୍ଧ୍ୟାରେ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି।

ଗଞ୍ଜାମ ଏସ୍‌ପି ଶୁଭେନ୍ଦୁ ପାତ୍ର, ଭଞ୍ଜନଗର ଅତିରିକ୍ତ ଏସ୍‌ପି ରଞ୍ଜନ ଦେ, ଆସିକା ଉପଖଣ୍ଡ ପୋଲିସ ଅଧିକାରୀ ସନ୍ତୋଷ ଜେନା, ବଡଗଡ ଥାନା ଅଧିକାରୀ ସନ୍ତୋଷ ବେହେରା, ପାଟପୁର ଥାନା ଅଧିକାରୀ ଦୀପ୍ତି ରଞ୍ଜନ ବେହେରା ଘଟଣାସ୍ଥଳକୁ ଯାଇ ସ୍ଥିତି ଅନୁଧ୍ୟାନ କରିଛନ୍ତି। ସାଇଣ୍ଟିଫିକ ଟିମ୍ ପହଞ୍ଚି ସେଠାରୁ ରକ୍ତଭିଜା ଖୁଣ୍ଟ, ଶିଳପଥର, ୫ ହଳ ଚପଲ, କାତି ଜବତ କରି ପରୀକ୍ଷା ପାଇଁ ପଠାଇଛି। ଏସ୍‌ପି ପାତ୍ର କହିଛନ୍ତି, ଘଟଣାର ତଦନ୍ତ ଜାରି ରହିଛି। ପୀଡ଼ିତ ପରିବାରକୁ ସୁରକ୍ଷା ଦିଆଯିବା ସହ ଆଉ ଯେଉଁମାନେ ଏଥିରେ ସଂପୃକ୍ତ ଅଛନ୍ତି ସେମାନଙ୍କୁ ଗିରଫ କରାଯିବ ବୋଲି ପ୍ରକାଶ କରିଛନ୍ତି।

# ୮ମ ଶ୍ରେଣୀ ଛାତ୍ରୀ ଗର୍ଭବତୀ

ଫୁଲବାଣୀ,୧୯।୩ (ରାକେଶ କୁମାର ରାଉତ)

କନ୍ଧମାଳ ଜିଲା ଫିରିଙ୍ଗିଆ ଅଞ୍ଚଳର ଜଣେ ଅଷ୍ଟମ ଶ୍ରେଣୀ ଛାତ୍ରୀ ଗର୍ଭବତୀ ହୋଇଛନ୍ତି। ଛାତ୍ରୀ ଜଣକ ଦୀର୍ଘ ମାସ ଧରି ସ୍କୁଲରେ ଅନୁପସ୍ଥିତ ରହିଥିଲେ ମଧ୍ୟ ପ୍ରଧାନ ଶିକ୍ଷକ କି ଅନ୍ୟ କେହି ଶିକ୍ଷକ ତାଙ୍କ ବିଷୟରେ ଖବର ନ ରଖିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ସେହିପରି ସିଡିପିଓ ଏହି ଘଟଣା ବିଷୟରେ ଗତ ୪ ତାରିଖରୁ ଅବଗତ ହୋଇଥିଲେ ହେଁ ଘଟଣାକୁ ଚାପିଦେବା ପାଇଁ ଚେଷ୍ଟା କରିବା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏ ନେଇ ଥାନାରେ ଏତଲା ଦେବାପରେ ଘଟଣା ପଦାକୁ ଆସିଛି। ନାବାଳିକା ଜଣକ କିଛି ମାସ ହେବ ନିଜ ଭିଣୋଇଙ୍କ ଘରେ ରହୁଥିଲେ। ଭିଣୋଇ ତାଙ୍କୁ ଗର୍ଭବତୀ କରିଥିବା ଚର୍ଚ୍ଚା ହେଉଛି।

ପ୍ରକାଶ ଯେ, ନାବାଳିକା ଜଣକ ଏକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅଷ୍ଟମ ଶ୍ରେଣୀରେ ପାଠ ପଢୁଛନ୍ତି। କିଛି ମାସ ତଳେ ସେ ସ୍କୁଲ ୟୁନିଫର୍ମ ଓ ବହିପତ୍ର ନେବା ପରେ ଆଉ ବିଦ୍ୟାଳୟକୁ ଆସି ନ ଥିଲେ। ଅଭିଭାବକଙ୍କୁ ପଚାରିବାରୁ ଛାତ୍ରୀ ଜଣକ ସାଡ଼ିଙ୍ଗିଆ ପଞ୍ଚାୟତରେ ତାଙ୍କ ଭିଣୋଇଙ୍କ ଘରେ ରହୁଥିବା କହିଥିଲେ। ସେ ୭ ମାସର ଗର୍ଭବତୀ ଥିବା ଜଣାପଡ଼ିବା ପରେ ଗତ ୪ ତାରିଖରେ ସ୍ଥାନୀୟ ଅଙ୍ଗନୱାଡ଼ି କର୍ମୀ ଫିରିଙ୍ଗିଆ ସିଡିପିଓ ନିବେଦିତା ପ୍ରଧାନଙ୍କୁ ଜଣାଇଥିଲେ। ସିଡିପିଓ ସେହି ଅଞ୍ଚଳର ଅଙ୍ଗନୱାଡ଼ି ସୁପରଭାଇଜରଙ୍କୁ ଏହାର ତଦନ୍ତ ଦାୟିତ୍ୱ ଦେଇଥିଲେ। ଶିଶୁ ସୁରକ୍ଷା ଓ ବାଲ୍ୟବିବାହ ଉପରେ କାର୍ଯ୍ୟ କରୁଥିବା ହମାରା ବଚପନ ନାମକ ସ୍ୱେଚ୍ଛାସେବୀ ସଙ୍ଗଠନ ଘଟଣାକୁ ଗୁରୁତର ସହ ନେଇ ଫିରିଙ୍ଗିଆ ଥାନାରେ ଏତଲା ଦେଇଛି। ଏ ନେଇ ସମ୍ପୃକ୍ତ ସ୍ୱେଚ୍ଛାସେବୀ ସଂଗଠନ ଶିଶୁ ବିକାଶ ଅଧିକାରୀଙ୍କୁ ଜଣାଇଥିବା ବେଳେ ତାଙ୍କ ତରଫରୁ କୌଣସି କାର୍ଯ୍ୟାନୁଷ୍ଠାନ ହୋଇ ନ ଥିବା କୁହାଯାଇଛି। ଫିରିଙ୍ଗିଆ ଥାନା ଅଧିକାରୀ ଗୋପୀନାଥ ପ୍ରଧାନଙ୍କୁ ପଚାରିବାରୁ ଏହା ଏକ ସମ୍ବେଦନଶୀଳ ଘଟଣା। ଏହାକୁ ଗୁରୁତ୍ୱର ସହ ଗ୍ରହଣ କରାଯାଇଛି। ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

# ୪ ହତ୍ୟାକାରୀଙ୍କୁ ଆଜୀବନ ଜେଲ

ଭଦ୍ରକ,୧୯।୩ (ସନାତନ ରାଉତ)

ଭଦ୍ରକ ଅତିରିକ୍ତ ଜିଲା ତଥା ଦୌରା ଜଜ୍ କୋର୍ଟରେ ବୁଧବାର ଏକ ହତ୍ୟା ମାମଲାର ରାୟ ପ୍ରକାଶ ପାଇଛି। ନାୟକାଣିଡିହୀ ଥାନା ଅଞ୍ଚଳରେ ଘଟିଥିବା ଏହି ହତ୍ୟା ମାମଲାର ବିଚାର କରି ଅତିରିକ୍ତ ଜିଲା ତଥା ଦୌରାଜଜ୍ ପ୍ରଭାତ କୁମାର ରାଜଗୁରୁ ୪ ହତ୍ୟାକାରୀଙ୍କୁ ଆଜୀବନ ଜେଲଦଣ୍ଡ ଶୁଣାଣି କରିଛନ୍ତି। ଏଥିସହ ୧୦ ହଜାର ଟଙ୍କା ଜରିମାନା ଏବଂ ଜରିମାନା ଅନାଦାୟେ ଅଧିକ ୨ ମାସ ସଶ୍ରମ କାରାଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି। ଦୋଷୀମାନେ ହେଲେ ନାୟକାଣିଡିହୀ ଥାନା ଅଧୀନ ଛତ୍ରପଦା ଗ୍ରାମର ୩ ଭାଇ ଚୈତନ୍ୟ ମଲିକ, ମନ୍ମଥ ମଲିକ, ହରିହର ମଲିକ ଏବଂ ଚୈତନ୍ୟଙ୍କ ପୁଅ ସାଗର ମଲିକ। ୨୦୧୮ ଅକ୍ଟୋବର ୪ରେ ଏହି ହତ୍ୟାକାଣ୍ଡ ଘଟିଥିଲା। ପୂର୍ବଶତ୍ରୁତାକୁ କେନ୍ଦ୍ରକରି ଛତ୍ରପଦା ଗ୍ରାମର ବ୍ରହ୍ମାନନ୍ଦ ମହାଲିକଙ୍କୁ ୪ଜଣ ସଂଘବଦ୍ଧ ଭାବେ ହତ୍ୟା କରିଥିଲେ।

# ସ୍ତ୍ରୀଙ୍କୁ ହତ୍ୟା ଅଭିଯୋଗ, ନାଏବ ସରପଞ୍ଚ ଗିରଫ

ପାରଳାଖେମୁଣ୍ଡି,୧୯।୩ (ଗିରିଧାରୀ ପରିଚ୍ଛା)

ଗଜପତି ଜିଲା ଗୁମ୍ମା ବ୍ଲକ ଅନ୍ତର୍ଗତ ନାମନଗଡ଼ ପଞ୍ଚାୟତର ନାଏବ ସରପଞ୍ଚ ସୁନୀଲ ଗମାଙ୍ଗଙ୍କୁ ସ୍ତ୍ରୀ ହତ୍ୟା ଅଭିଯୋଗରେ ପୋଲିସ ଗିରଫ କରିଛି। ବୁଧବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଛି।

ଗୁମ୍ମା ବ୍ଲକ କୁଜାସିଂ ପଞ୍ଚାୟତ ଅନ୍ତର୍ଗତ ଗଙ୍ଗାପୁର ଗ୍ରାମର ଚୈତନ୍ୟ ଗମାଙ୍ଗଙ୍କ ଝିଅ ଏନିମା ଗମାଙ୍ଗ(୨୬)ଙ୍କୁ ନାମନଗଡ ପଞ୍ଚାୟତ ନାଏବ ସରପଞ୍ଚ ସୁରଙ୍ଗି ଗ୍ରାମର ସୁନୀଲ ୯ ବର୍ଷ ତଳେ ବିବାହ କରିଥିଲେ। ଏନିମା ଘରେ ବେକରେ ଶାଢ଼ି ଲଗାଇ ଆତ୍ମହତ୍ୟା କରିଥିବା ସୁନୀଲଙ୍କ ପରିବାର ଲୋକେ ସୋମବାର ତାଙ୍କ ବାପା ଚୈତନ୍ୟଙ୍କୁ ଖବର ଦେଇଥିଲେ। ଚୈତନ୍ୟ ସେଠାକୁ ଯିବା ସମୟରେ ଝିଅ ମୃତଦେହ ଚଟାଣରେ ପଡ଼ିଥିବା ଓ ଶରୀରର ବିଭିନ୍ନ ସ୍ଥାନରେ ଆଘାତ ଚିହ୍ନ ଦେଖି ତାଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରି ସେରଙ୍ଗ ଥାନାରେ ଅଭିଯୋଗ କରିଥିଲେ। ଏନିମାଙ୍କ ସହ ଜ୍ୱାଇଁ ସବୁବେଳେ ଝଗଡ଼ା କରୁଥିଲେ ବୋଲି ବୋଲି ସେ ଦର୍ଶାଇଥିଲେ। ଅଭିଯୋଗକୁ ଭିତ୍ତିକରି ସେରଙ୍ଗ ଥାନା ଅଧିକାରୀ ପ୍ରମୋଦ କୁମାର ଖଣ୍ଡୁଆଳ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପାରଳାଖେମୁଣ୍ଡିସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଚୈତନ୍ୟଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ନଂ.୨୧/୨୫ରେ ଏକ ମାମଲା ରୁଜୁକରିତଦନ୍ତ ଚଳାଇଥିଲା।

# ଝିଅ, ସ୍ତ୍ରୀଙ୍କୁ ବିଷଦେଇ ହତ୍ୟା ଅଭିଯୋଗ: ୨ ବର୍ଷ ପରେ ସ୍ୱାମୀ ଗିରଫ

ବୁଗୁଡ଼ା,୧୯।୩ (କାଳିଚରଣ ଦାଶ)

ଗଞ୍ଜାମ ଜିଲା ବୁଗୁଡ଼ା ଥାନା ବାଲିପଦର ଫାଣ୍ଡି ଅନ୍ତର୍ଗତ ପୋଚାଲୁଣ୍ଡି ଗ୍ରାମରେ ଝିଅ ଓ ସ୍ତ୍ରୀଙ୍କୁ ବିଷଦେଇ ହତ୍ୟାକରି ଫେରାର ଥିବା ସ୍ୱାମୀ ୨ ବର୍ଷ ପରେ ଗିରଫ ହୋଇଛନ୍ତି। ସେ ହେଲେ ପୋଚାଲୁଣ୍ଡି ଗ୍ରାମର କୃଷ୍ଣଚନ୍ଦ୍ର ବିଷୋୟୀ। କୃଷ୍ଣଚନ୍ଦ୍ରଙ୍କୁ ଧରିବା ପାଇଁ ପୋଲିସ ଅନେକ ଥର ଉଦ୍ୟମ କରିଥିଲେ ମଧ୍ୟ ସଫଳ ହୋଇ ନ ଥିଲା। ବୁଧବାର ତାଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି।



ଗିରଫ ଅଭିଯୁକ୍ତ।

୨୦୨୦ ମେ ୨୪ ତାରିଖରେ କୃଷ୍ଣଚନ୍ଦ୍ରଙ୍କ ପୋଲସରା ଥାନା ଅନ୍ତର୍ଗତ ମନ୍ଦାର ଗ୍ରାମର ଶଙ୍କର ମଲିକଙ୍କ ବଡ଼ଝିଅ ଆରତୀଙ୍କ ସହ ବିବାହ ହୋଇଥିଲା। ବିବାହ ସମୟରେ ଦାବି ମୁତାବକ ସମସ୍ତ ଜିନିଷ ଓ ଦେଢ ଲକ୍ଷ ଟଙ୍କା ଯୌତୁକ ଦିଆଯାଇଥିଲା। ଏହାପରେ ବି ଆରତୀଙ୍କ ସ୍ୱାମୀ, ଶାଶୁ ଓ ଅନ୍ୟମାନେ ତାଙ୍କୁ ବାପଘରୁ ଗୋଟିଏ ବାଇକ୍ ଏବଂ ଆଉ ୨ ଲକ୍ଷ ଟଙ୍କା ଆଣିବାକୁ ଚାପ ପକାଉଥିଲେ। ତେଣୁ ବହୁ କଷ୍ଟରେ ଶଙ୍କର ୧ ଲକ୍ଷ ଟଙ୍କା ଯୋଗାଡ଼ କରି ଝିଅ ଶାଶୁଘରେ ଦେଇଥିଲେ। ବଳକା ଅର୍ଥ ଓ ବାଇକ୍ ନ ଆଣିଲେ ଜୀବନରେ ମାରିଦେବେ ବୋଲି ଶାଶୁଘର ପକ୍ଷରୁ ଆରତୀଙ୍କୁ ଧମକ ଦିଆଯାଇଥିଲା। ୨୦୨୩ ଜୁନ୍ ୨୫ ତାରିଖ ବିଳମ୍ବିତ ରାତିରେ ଆରତୀ ଓ ତାଙ୍କର ୨ ବର୍ଷର ଝିଅ ବିଷ ପ୍ରକ୍ରିୟା ଯୋଗୁ ଗୁରୁତର ହୋଇ ଭଞ୍ଜନଗର ମେଡିକାଲରେ ଭର୍ତ୍ତି ହୋଇଥିଲେ। ଖବରପାଇ ପରଦିନ ଭୋରରେ ଆରତୀଙ୍କ ବାପା ମେଡିକାଲରେ ପହଞ୍ଚି ଝିଅ ଓ ନାତୁଣୀଙ୍କ ମୃତଦେହ ଦେଖିଥିଲେ। ଏହା ଯୌତୁକଜନିତ ହତ୍ୟା ବୋଲି ସେ ଅଭିଯୋଗ କରିଥିଲେ। ପୋଲିସ ପକ୍ଷରୁ ବୁଗୁଡ଼ା ଥାନାରେ ନଂ.୪୫୭/୨୩ରେ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଚାଲିଥିବା ବେଳେ ଆରତୀଙ୍କ ଶାଶୁ ଓ ବଡ଼ ନଣନ୍ଦ ହାଇକୋର୍ଟରୁ ଆଗୁଆ ଜାମିନ ଆଣିଥିଲେ। କୃଷ୍ଣଚନ୍ଦ୍ର ସେବେଠାରୁ ଫେରାର ରହିଥିଲେ। ୨ ବର୍ଷ ପରେ ବାଲିପଦର ଫାଣ୍ଡି ଅଧିକାରୀ କେ.ନୀଳାଦ୍ରି ରେଡ୍ଡୀଙ୍କ ନେତୃତ୍ୱରେ ୪ ଜଣିଆ ଟିମ୍ ବୁଧବାର କୃଷ୍ଣଚନ୍ଦ୍ରଙ୍କୁ ଗିରଫ କରିଥିବା ବୁଗୁଡ଼ା ଥାନା ଆଇଆଇସି ସିତାଂଶୁ ଶେଖର ମାନ୍ଧାତା କହିଛନ୍ତି।

# ୨ ଲୁହାପଥର ବୋଝେଇ ଟ୍ରକ୍ ଜବତ

## ■ ପୁଣି ପରିତ୍ୟକ୍ତ କ୍ରଶରରୁ ଖଣିଜ ଚୋରି
## ■ ଘରୋଇ ପରିବହନ ସଂସ୍ଥାର ଚାଲାଣ ମିଳିଲା

ଯୋଡ଼ା,୧୯।୩ (ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ଖଣି ମଣ୍ଡଳ ତଥା ଯୋଡ଼ା ଥାନା ଅଞ୍ଚଳରେ ଥିବା ବେହେରା ହଟିଂ ନିକଟସ୍ଥ ଏକ ପରିତ୍ୟକ୍ତ କ୍ରଶରରେ ପଡ଼ିଥିବା ଖଣିଜ ପୁଣି ଚୋରି ହୋଇଛି। ମଙ୍ଗଳବାର ବିଳମ୍ବିତ ରାତିରେ ଚୋରି ସମୟରେ ପୋଲିସ ଅତର୍କିତ ଚଢ଼ାଉକରି ୨ ଟ୍ରକ୍‌କୁ ଜବତ କରିଛି। ଟ୍ରକ୍ ଦ୍ୱୟରେ ପ୍ରାୟ ୪୦ ମେଟ୍ରିକ ଟନ୍‌ର ଲୁହାପଥର ବୋଝେଇ ହୋଇଥିବା ଆକଳନରୁ ଜଣାପଡ଼ିଛି। ଯାଞ୍ଚ ସମୟରେ ଟ୍ରକ୍ ମଧ୍ୟରୁ ଘରୋଇ ପରିବହନ ସଂସ୍ଥାର ଚାଲାଣ ମିଳିଛି।

ସୂଚନା ଅନୁଯାୟୀ, ଖଣିଜ ଚୋରି ଖବର ପାଇ ଯୋଡ଼ା ପୋଲିସ ବେହେରା ହଟିଂଠାରେ ସଦଳବଳ ଚଢ଼ାଉ କରିଥିଲା। ଅନ୍ଧାରର ସୁଯୋଗରେ ବେଆଇନ ଖଣି ବ୍ୟବସାୟୀ ଦୌଡ଼ି ପଳାଇଥିଲେ। ପୋଲିସ ଘଟଣାସ୍ଥଳରୁ ଲୁହାପଥର ବୋଝେଇ ୨ ଟ୍ରକ୍ (ଓଡି ୦୯ ଜେଡ ୩୧୦୬ ଏବଂ ଓଡି ୦୯ ପି ୧୭୧୫) ଜବତ କରିଥିଲା। ଯୋଡ଼ା ଥାନା ଅଧିକାରୀ ସୁଶାନ୍ତ ପ୍ରଧାନ କହିଛନ୍ତି, ଚାଲାଣର ଯାଞ୍ଚ କରାଯାଉଛି। କିଛି ରଙ୍ଗିନ କାଗଜରେ ମୁଦ୍ରଣ କରାଯାଇଥିବା ପରିଲକ୍ଷିତ ହୋଇଛି। ତେଣୁ ପ୍ରାରମ୍ଭିକ ତଦନ୍ତରୁ ଏହା ନକଲି ହୋଇଥାଇପାରେ ବୋଲି ସେ କହିଥିଲେ। ଏ ନେଇ କେନ୍ଦୁଝର ଜିଲା ପୋଲିସ ଅଧିକ ତଦନ୍ତ କରୁଥିବା କହିଥିଲେ। ଉକ୍ତ ସ୍ଥାନରୁ ଗତ ଫେବୃଆରୀ ୧୭ରେ ମଧ୍ୟ ଯୋଡ଼ା ପୋଲିସ ଲୁହାପଥର ବୋଝେଇ ଟ୍ରକ୍ ଜବତ କରିଥିଲା। ପ୍ରକାଶଯୋଗ୍ୟ, ଅତୀତରେ ଏହି ସ୍ଥାନରେ ଏକ ଲୁହାପଥର କ୍ରଶର ଥିଲା। ଖଣି ଅଞ୍ଚଳରୁ କ୍ରଶର ବନ୍ଦ ହେବା ପରେ ପରିତ୍ୟକ୍ତ କ୍ରଶର ପରିସରରେ ଅନେକ ହଜାର ମେଟ୍ରିକ୍ ଟନ ଉନ୍ନତମାନର ଖଣିଜ ଗଦା ହୋଇଥିଲା। ହେଲେ ଖଣିଜ ଚୋରା ବ୍ୟବସାୟୀ ଖଣିଜର ଏହି ଗଦାକୁ ଏବେ ପ୍ରାୟତଃ ପଦା କରିଦେଲେଣି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଟାହି ଟାମୁସି ଟାକୁଆ ଗାଲି**
**ସବୁ ପିଠାଯାକ ଖାଇଲା**
**ହାଣ୍ଡିରେ ଖାଇ ଚୁଲିରେ ହଗି**
**ଢ଼ିଙ୍କିଶାଳେ ଯାଇ ଶୋଇଲା।**

ଲୁଚେଇ ଛପେଇ ଖାଦ୍ୟ ଖାଇ ନ ଖାଇବାର ମିଛ ଅଭିନୟ କେବଳ ଧୂର୍ତ୍ତ ବା ସିଆଣିଆ ବ୍ୟକ୍ତି ହିଁ ବେଶ ଭଲ ଭାବେ କରିପାରନ୍ତି। ଅତି ସନ୍ତର୍ପଣ ଭାବେ ଲୁଚେଇ ଚୋରେଇ ଖାଦ୍ୟ ଖାଉଥିବା ସ୍ତ୍ରୀଲୋକ ପ୍ରତି ଏଠାରେ ବ୍ୟଙ୍ଗୋକ୍ତି ଭାବ ପ୍ରକାଶ କରାଯାଇଛି।

**ଟୋକେଇ ପାଖରେ କୁଣ୍ଡେଇଟିଏ**
**ମିଛରେ ବୋଲିବେ ଡୁଣ୍ଡେଇଟିଏ।**

ସତ କହୁଥିବା ବ୍ୟକ୍ତି ବେଳେବେଳେ ମିଛରେ ଦଣ୍ଡିତ ହେଉଥିବାର ଦେଖିବାକୁ ମିଳିଥାଏ। ଜଣେ ଅନ୍ୟ ଜଣକୁ ମିଛରେ ଦାୟୀ କରିବା ପରିପ୍ରେକ୍ଷୀରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ





ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

Government of Odisha, "e"-Procurement Notice
WORKS DEPARTMENT
E-mail : eiccivil.nirmansoudha@gmail.com
SHORT TENDER CALL NOTICE FOR INVITING REQUEST FOR PROPOSAL (RFP)
RFP identification No. : 03/2024-25
No.B-1091

1. The Engineer-in-Chief (Civil), Odisha on behalf of Governor of Odisha invites Request for Proposal (RFP) in double cover for consultancy firm as mentioned below :
2. Nature of work : RFP
3. No. of work : 1 No.
4. Cost of RFP document : Rs. 10,000.00
5. Available of RFP document in the website : From 10.00 A.M. of 24.03.2025 to 5.00 P.M. of 02.04.2025
6. Date of opening of RFP : Dt. 02.04.2025 at 5.30 P.M.
7. The applicants have to participate in ONLINE bidding only. Further details can be seen from the website : https://tenderodisha.gov.in. Any addendum / corrigendum / cancellation of RFP can also be seen in the said website.

Sd./- Engineer-In-Chief (Civil), Odisha
OIPR-34181/11/0013/2425

GOVERNMENT OF ODISHA
DISTRICT PROJECT OFFICE, SAMAGRA SHIKSHA, SUNDARGARH
E-mail ID : dpcsndgssa.opepa@nic.in
"e"-Procurement Notice
Bid Identification No. - DPC/SS/SNG/11 of 2024-25
Letter No. : 679/Civil/Date :- 18/March/2025

| | | | |
|---|---|---|---|
| 1 | District Project Co-ordinator, Samagra Shiksha, Sundargarh on behalf of Governor of Odisha inviting percentage rate bid in Double cover system on On-LINE mode from eligible contractors with valid licenses for "Improvement of Infrastructure (Civil + Electrical + PH + Renovation) in the Schools" as detailed in DTCN. | | |
| 2 | Nature of Work | : | Improvement of Infrastructure (Civil + Electrical + PH + Repair & Renovation) in the Schools |
| 3 | No. of works | : | 16 (Sixteen) |
| 4 | Cost of Tender Paper | : | Rs. 10,000/- / Rs. 6,000/- |
| 5 | Class of Contractor | : | "A" In 7 Projects / "B" & "A" In 2 Projects / "B" In 5 projects / "C" & "B" In 2 projects |
| 6 | Availability of bid documents on the website | : | From 09.00 Hours of date - 21.03.2025 to 17.00 Hours of date - 11.04.2025 |
| 7 | Date of opening of Bid | : | 17.30 P.M. On Dt. 11.04.2025 |
| 8 | The bidders have to participate in ON-LINE bidding only. Further details can be seen from the website (https://tendersodisha.gov.in). Any addendum / corrigendum / cancellation of tender can also be seen in the said website only. | | |

Sd./- District Project Coordinator, Samagra Shiksha, Sundargarh

e-Procurement Cell
JHARKHAND STATE BUILDING CONSTRUCTION CORPORATION LTD., RANCHI
Short Term e-Procurement Notice
Date-19/03/2025

| Sl. No | Tender Reference No. | Work Name | Amount in (Rs) | Completion Time |
|---|---|---|---|---|
| 1 | JSBCCL/125/ 2024-25 | Construction of Community Health Centre Building at Majhgaon Block in West Singhbhum District. | 12,38,51,791/- | 12 Months |
| 2 | JSBCCL/126/ 2024-25 | Renovation work in the campus of Jharkhand Raksha Shakti University, Ranchi Located at ATI, Ranchi | 5,88,49,312/- | 09 Months |
| 3 | JSBCCL/127/ 2024-25 | Renovation/strengthening of the Doctor's Hostel located in the 500 bedded Sadar Hospital Complex in Ranchi District | 5,05,17,129/- | 11 Months |
| 4 | Date of Publication of Tender on Website | | 26.03.2025 at 11:00 AM | |
| 5 | Start Date of Submission of Bids | | 26.03.2025 at 11:00 AM | |
| 6 | Last Date/Time of Submission of Bids | | 16.04.2025 at 05:00 PM | |
| 7 | Date/Time of opening of Bid | | 17.04.2025 at 05:00 PM | |
| 8 | Name & Address of office Inviting tender | | e-Procurement Cell, Jharkhand State Building Co nstruction Corporation Ltd., Ranchi. | |
| 9 | Helpline Number of e-procurement Cell | | 0651-2446259 | |
| 10 | e-mail ID | | jsbccljharkhand@gmail.com | |

Note:- Cost of bidding document for a non-refundable fee & Bid Security (EMD) shall be payable online through http:// Jharkhandtenders.gov.in.
Any change can be seen on Website http:// Jharkhandtenders.gov.in.
Any other information can be seen on http:// Jharkhandtenders.gov.in.

Nodal Officer
e-Procurement Cell
Jharkhand State Building Construction Corporation Ltd., Ranchi

PR 348800 Jharkhand State Building Construction Corp. ltd.(24-25).D

झारखण्ड सरकार
आदिवासी कल्याण आयुक्त कार्यालय, झारखण्ड राँची

अनुसूचित जनजाति वर्ग के अभ्यार्थियों को संघ लोक सेवा आयोग द्वारा आयोजित अखिल भारतीय सिविल सेवा परीक्षा के लिए दिल्ली/नई दिल्ली में गुणवत्तापूर्ण कोचिंग हेतू आर्थिक सहायता उपलब्ध कराने के लिए ई–कल्याण पोर्टल पर विभागीय पत्रांक 573 दिनांकः–25.02.2025 के द्वारा निर्गत दिशा–निर्देश (पत्र के प्रति ई–कल्याण पोर्टल पर उपलब्ध है) अनुसार वित्तीय वर्ग–2024–25 के लिए निम्न प्रकार ऑनलाईन आवेदन आमंत्रित किये जाते हैः–

ऑनलाईन आवेदन की समय सीमाः–

| क्रमांक | प्रक्रियात्मक कार्रवाई | कार्यवाही के लिए निर्धारित तिथि |
|---|---|---|
| 1. | अनुसूचित जनजाति के छात्र–छात्राओं के द्वारा आवेदन करने की तिथि | दिनांकः–19.03.2025 से 05.04.2025 तक |

नोटः–1. मिशन यू0पी0एस0सी0 से संबंधित अनुसूचित जनजाति, अनुसूचित जाति, अल्पसंख्यक एवं पिछड़ा वर्ग कल्याण विभाग से निर्गत दिशा–निर्देश सं0–573 दिनांकः–25.02.2025 वेबसाइट http://eklyan.cgg.gov.in पर देखा जा सकता है। ऑनलाईन आवेदन करने के पूर्व कृपया उक्त वेबसाइट पर दिए निर्देश को आवश्य देख लें।
2. निश्चित समय सीमा की समाप्ति के पश्चात् किसी प्रकार का आवेदन पत्र पर विचार नहीं किया जाएगा।
3. प्रत्येक छात्र/छात्रा आधार आधारित बैंक खाता KYC कराने के उपरान्त ही आवेदन करें।
4. एक से अधिक आवेदन पत्र भरने पर छात्र/छात्रा का आवेदन पत्र रद्द कर दिया जायेगा।
5. आवेदक को ऑनलाईन निर्गत स्थानीय निवासी प्रमाण पत्र एवं जाति प्रमाण पत्र देना अनिवार्य होगा।
6. आवेदक की न्यूनतम आयु 01 अगस्त 2024 को न्यूनतम 20 वर्ष एवं अधिकतम 36 वर्ष होना चाहिए। जन्म तिथि के सत्यापन हेतु वर्ग 10 का प्रमाण पत्र देना अनिवार्य होगा।
7. आवेदक को स्नातक परीक्षा का अंक पत्र देना अनिवार्य होगा।
8. विभागीय पत्रांक–573, दिनांक–25.02.2025 के द्वारा निर्गत दिशा–निर्देश के कंडिका–4 के अनुसार अभ्यर्थियों का चयन किया जायेगा।
9. ऐसे आवेदक जो वर्तमान में किसी भी सरकारी सेवा में कार्यरत हों वे इस कार्य योजना के तहत आर्थिक सहायता हेतु पात्र नहीं होंगे। इस विशयक आदिवासी कल्याण आयुक्त झारखण्ड द्वारा निर्धारित प्रपत्र में घोषणा करना अनिवार्य होगा।
10. चयनित अभ्यार्थियों को अधिकतम 01 (एक) बार ही आर्थिक सहायता प्रदान की जाएगी।
11. ऑनलाईन आवेदन में त्रुटि/अशुद्धि/गलत अथवा भ्रामक सूचना देने पर आवेदन रद्द कर दिया जायेगा।

आदिवासी कल्याण आयुक्त
PR 348753 Schedule Tribe, Schedule Caste, Minority and Backward Class Welfare Department(24-25)#D

ପୂର୍ବ ତଟ ରେଳପଥ
ଟେଣ୍ଡର ବିଜ୍ଞପ୍ତି ସଂ. ST-OT-AMC-MSDAC-459, ତା.12.03.2025ରିଖ
କାର୍ଯ୍ୟର ନାମ : 36 (ଛତିଶି) ମାସ ଅବଧି ନିମନ୍ତେ ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ୍ ମଣ୍ଡଳରେ ନୟାଗଡ଼ ଷ୍ଟେସନରେ 54 ଡିଟେକ୍ସନ ପଏଣ୍ଟସରେ ELDYNE ନିର୍ମିତ ମଲ୍ଟି ସେକ୍ସନ ଡିଜିଟାଲ ଆକ୍ସଲ କାଉଣ୍ଟର (MSDAC)ର ବ୍ୟାପକ ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି ନିମନ୍ତେ ବ୍ୟବସ୍ଥା।
ଟେଣ୍ଡର ମୂଲ୍ୟ : ₹58,01,697.90, EMD : ₹1,16,000/-, ଟେଣ୍ଡର ନଥିପତ୍ରର ମୂଲ୍ୟ : ₹5,900/-
ବିଡ୍ ଆରମ୍ଭ ହେବା ତାରିଖ : ତା.20.03.2025ରିଖ
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.03.04.2025ରିଖ 1100 ଘଟିକା।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।
ବରିଷ୍ଠ ମଣ୍ଡଳ ସଙ୍କେତ ଏବଂ ଦୂରସଞ୍ଚାର ଯନ୍ତ୍ରୀ, ଖୋର୍ଦ୍ଧା ରୋଡ୍
PR-1103/P/24-25

ଦ.ପୂ. ରେଳପଥ – ଟେଣ୍ଡର
ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମଣ୍ଡଳ ରେଳ ପ୍ରବନ୍ଧକ (ଯାନ୍ତ୍ରିକ), ଦ.ପୂ. ରେଳପଥ, ଚକ୍ରଧରପୁରଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟଗୁଡ଼ିକ ପାଇଁ ଖୋଲା ଟେଣ୍ଡର ବାବଦରେ ଇ-ଟେଣ୍ଡର ଆହ୍ୱାନ କରାଯାଉଛି। ଏହି ଟେଣ୍ଡରଗୁଡ଼ିକ ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ହେବନାହିଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ। କ୍ର.ସଂ. ଏବଂ ଟେଣ୍ଡର ବିଜ୍ଞପ୍ତି ନଂ.; କାର୍ଯ୍ୟର ନାମ; ଟେଣ୍ଡର ମୂଲ୍ୟ; ଇଏମଡି: (୧) ସିକେପି-ସେଣ୍ଟ୍ରାଲ-୨୪-୨୫-୦୫୭, ତାରିଖ: ୧୮।୦୩।୨୦୨୫; ପାଟସାହି: ୟାର୍ଡର ଉଭୟ ପ୍ରାନ୍ତରେ ଅତିରିକ୍ତ ପୂର୍ଣ୍ଣ ଦୈର୍ଘ୍ୟର ଲୋଡିଂ ଲାଇନ୍ ଏବଂ ଶଣ୍ଟିଂ ନେକ୍ ସମ୍ପ୍ରସାରଣର ନିର୍ମାଣ; ₹୯,୧୭,୬୫,୩୧୫.୮୧; ₹୬,୦୮,୮୦୦/-। (୨) ସିକେପି-ସେଣ୍ଟ୍ରାଲ-୨୪-୨୫-୫୮, ତାରିଖ: ୧୮।୦୩।୨୦୨୫; ରାଙ୍ଗରା: ୟାର୍ଡର ଉଭୟ ପ୍ରାନ୍ତରେ ଅତିରିକ୍ତ ପୂର୍ଣ୍ଣ ଦୈର୍ଘ୍ୟର ଲୋଡିଂ ଲାଇନ୍ ଏବଂ ଶଣ୍ଟିଂ ନେକ୍ ସମ୍ପ୍ରସାରଣର ନିର୍ମାଣ; ₹୧୧,୩୨,୮୮,୦୧୮.୦୮; ₹୭,୧୬,୫୦୦/-। (୩) ସିକେପି-ସେଣ୍ଟ୍ରାଲ-୨୪-୨୫-୫୯, ତାରିଖ: ୧୮।୦୩।୨୦୨୫; ବରିଷ୍ଠ ମଣ୍ଡଳ ଯନ୍ତ୍ରୀ/କେନ୍ଦ୍ରୀୟ/ଚକ୍ରଧରପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ଏଲଡବ୍ଲ୍ୟୁଆର୍ ଟ୍ରାକ୍‌ର ରକ୍ଷଣାବେକ୍ଷଣ ନିମନ୍ତେ ବିଭିନ୍ନ ରେଳ ସେକ୍ସନ ପାଇଁ କେବଳ ଅଟୋମାଟିକ୍ ଟାପିଂ ଥ୍ରିମ୍ବଲ୍ ଦ୍ୱାରା ଥ୍ରୀ-ପିସ୍ ମୋଲ୍ଡ ସହିତ କମ୍ପ୍ରେସ୍ଡ ଏୟାର୍ ପେଟ୍ରୋଲ୍/ଏଲ୍‌ପିଜିର ବ୍ୟବହାର ଯୋଗେ ରେଲ୍ ଜଏଣ୍ଟଗୁଡ଼ିକର ଫ୍ୟୁଜନ୍ ୱେଲ୍ଡିଂ ଲାଗି ୬୦୦୦ ଏଟି ୱେଲ୍ଡିଂ ପୋର୍ସନ୍‌ର ଯୋଗାଣ କାର୍ଯ୍ୟର ନିର୍ବାହ। ₹୧,୪୮,୮୭,୯୭୧.୪୦; ₹୨,୨୪,୪୦୦/-। ଟେଣ୍ଡର ଫର୍ମ ମୂଲ୍ୟ: ପ୍ରତ୍ୟେକ ପାଇଁ ୦.୦୦। ଖୋଲାଯିବା ତାରିଖ: କ୍ର.ସଂ. ୧ ଓ ୩ ପାଇଁ ତା୧୧।୦୪।୨୦୨୫ରିଖ ଏବଂ କ୍ର.ସଂ. ୨ ପାଇଁ ତା୧୫।୦୪।୨୦୨୫ରିଖ। ଟେଣ୍ଡର ୱେବ୍‌ସାଇଟ୍ http://www.ireps.gov.in ରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍ନେଚର୍ ସାର୍ଟିଫିକେଟ୍ ରହିଥିବା ଓ ସେ ଆଇଆରପିଏସ୍ ପୋର୍ଟାଲ ଅଧୀନରେ ପଞ୍ଜୀକୃତ ହୋଇଥିବା ଜରୁରୀ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡର ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ। ଦ୍ରଷ୍ଟବ୍ୟ: ସମସ୍ତ ଟେଣ୍ଡରଦାତାଙ୍କୁ ବିନା ମୂଲ୍ୟରେ ଇ-ଟେଣ୍ଡର ଫର୍ମ ଜାରି କରାଯିବ (କର୍ତ୍ତୃପକ୍ଷ- ରେଲୱେ ବୋର୍ଡର ପତ୍ର ସଂ. ୨୦୨୦/ସିଇ-I/ସିଟି/୩ଇ/ଜିସିସି/ପଲିସି, ତାରିଖ: ୧୬।୦୭।୨୦୨୦)। (PR-1247)

# ନାଲ୍‌କୋ ପକ୍ଷରୁ ଆର୍ଥିକ ସହାୟତା

**ଦାମନଯୋଡ଼ି, ୧୯।୩(ମାନସ ରଞ୍ଜନ କର)**



ନାଲ୍‌କୋ ନିର୍ଦ୍ଦେଶକ ଇଂ ନିରଞ୍ଜନ ସାମଲ କୋରାପୁଟ ଜିଲାପାଳଙ୍କୁ ଚେକ୍ ପ୍ରଦାନ କରୁଛନ୍ତି।

ନାଲ୍‌କୋ ପକ୍ଷରୁ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲକୁ ୧୦.୧୦ କୋଟି ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ନାଲ୍‌କୋର ସିଏସ୍‌ଆର କାର୍ଯ୍ୟକ୍ରମ ଏବଂ ନିରନ୍ତର ବିକାଶ ପ୍ରତି ପ୍ରତିବଦ୍ଧତା ଯୋଗୁ ଏହି ସହାୟତା ପ୍ରଦାନ କରାଯାଇଛି। ନାଲ୍‌କୋ ଖଣି ଓ ପରିଶୋଧନ ପ୍ରକଳ୍ପ ଦାମନଯୋଡିର କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ଇଂ ନିରଞ୍ଜନ ସାମଲ ଓ ନାଲକୋ କର୍ପୋରେଟ କାର୍ଯ୍ୟାଳୟରୁ କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ(ଏଚ୍‌ଆଣ୍ଡଏ) ଆଶୁତୋଷ ରଥ ବୁଧବାର କୋରାପୁଟ ଜିଲାପାଳ ଭି.କୀର୍ତ୍ତି ଭାସନଙ୍କୁ ଏହି ଚେକ ପ୍ରଦାନ କରିଥିଲେ। ଏହି ସମୟରେ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲର ଅଧୀକ୍ଷକ ତଥା ଡିନ୍ ପ୍ରଫେସର ଡ. ସୁଶାନ୍ତ କୁମାର ସାହୁ ଉପସ୍ଥିତ ଥିଲେ। ଏହି ଅର୍ଥ ରାଶି ହସ୍ପିଟାଲର ବିଭିନ୍ନ ବିଭାଗର ରୋଗୀ ସେବାକୁ ଉନ୍ନତ କରିବା, ଅତ୍ୟାବଶ୍ୟକ ସୁବିଧା ଓ ଉନ୍ନତ ଚିକିତ୍ସା ଉପକରଣ କ୍ରୟ ପାଇଁ ବ୍ୟବହୃତ ହେବ ବୋଲି ଜିଲାପାଳ ଭାସନ ଓ ହସ୍ପିଟାଲ ଅଧୀକ୍ଷକ ଡ. ସାହୁ କହିଛନ୍ତି। ପ୍ରକାଶ ଯେ, ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲ ଜିଲାବାସୀ ଓ ଆଦିବାସୀ ସମ୍ପ୍ରଦାୟକୁ ସ୍ୱାସ୍ଥ୍ୟସେବା ପ୍ରଦାନ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ନାଲ୍‌କୋର ଆର୍ଥିକ ସହାୟତା ହସ୍ପିଟାଲର କ୍ଷମତାକୁ ଉଲ୍ଲେଖନୀୟ ଭାବେ ବୃଦ୍ଧି କରିବା ଓ ସମଗ୍ର ଜିଲା ତଥା ପାରିପାର୍ଶ୍ୱିକ ଅଞ୍ଚଳର ଜନସାଧାରଣଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇବାକୁ ଆବଶ୍ୟକୀୟ ସୁବିଧା ସୁଯୋଗ କ୍ଷେତ୍ରରେ ଉନ୍ନତି ଆଣିବ ନେଇ ଆଶା କରାଯାଇଛି। ନାଲ୍‌କୋ ସିଏସ୍‌ଆର କାର୍ଯ୍ୟକ୍ରମ ମାଧ୍ୟମରେ କୋରାପୁଟ ଜିଲାରେ ବିଭିନ୍ନ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସେବା, ଦାମନଯୋଡ଼ି ଅଞ୍ଚଳରେ ଥିବା ଖଣି ଓ ପରିଶୋଧନ ପ୍ରକଳ୍ପର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ନିରନ୍ତର ମୋବାଇଲ ସ୍ୱାସ୍ଥ୍ୟସେବା ୟୁନିଟ୍ ମାଧ୍ୟମରେ ୧୬୩ରୁ ଉର୍ଦ୍ଧ୍ୱ ନିକଟ ଓ ସଂଲଗ୍ନ ଗ୍ରାମକୁ ମୌଳିକ ସ୍ୱାସ୍ଥ୍ୟସେବା ପ୍ରଦାନ କରୁଛି। ପଟ୍ଟାଙ୍ଗି ଅଞ୍ଚଳରେ ମଧ୍ୟ ୪୮ରୁ ଉର୍ଦ୍ଧ୍ୱ ଗ୍ରାମର ଲୋକଙ୍କୁ ଏହି ସେବା ଯୋଗାଇ ଦିଆଯାଉଥିବା ନାଲ୍‌କୋର କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ସାମଲ କହିଛନ୍ତି।

# ଶେୟାର ବଜାରରେ ଉତ୍ସାହ

**ମୁମ୍ବାଇ, ୧୯।୩**

କ୍ରମାଗତ ତୃତୀୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଏପରିକି ଚଳିତ ସପ୍ତାହର ତୃତୀୟ କାର୍ଯ୍ୟ ଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ଉତ୍ସାହ ବୃଦ୍ଧି ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢାଇପାରିଛନ୍ତି। ବିଶେଷକରି ବୁଧବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୧୪୮ (୧୪୭.୭୯) ପଏଣ୍ଟ ବୃଦ୍ଧି ଘଟି ୭୫,୪୪୯ (୭୫,୪୪୯.୦୫) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ ରେ ମଧ୍ୟ ୭୩ (୭୩.୩୦) ପଏଣ୍ଟ ବଢି ୨୨,୯୦୮(୨୨,୯୦୭.୬୦) ଅଙ୍କରେ କାରବାର ଶେଷ ହୋଇଥିଲା।

# ସିଏସଏମଆଇଏ ଭିତ୍ତିଭୂମି ଆଧୁନିକୀକରଣ ପାଇଁ ପଦକ୍ଷେପ



**ଭୁବନେଶ୍ୱର, ୧୯।୩(ଅନୁରାଧା ମହାରଣା):** ଛତ୍ରପତି ଶିବାଜୀ ମହାରାଜ ଅନ୍ତର୍ଜାତୀୟ ବିମାନବନ୍ଦର (ସିଏସଏମଆଇଏ)ର ଅପରେଟର, ଆଦାନୀ ବିମାନବନ୍ଦର ହୋଲଡିଂ ଲିମିଟେଡ (ଏଏଏଚ୍‌ଏଲ୍)ର ଏକ ସହାୟକ କମ୍ପାନୀ ମୁମ୍ବାଇ ଆନ୍ତର୍ଜାତୀୟ ବିମାନବନ୍ଦର ଲିମିଟେଡ (ଏମଆଇଏଏଲ୍) ଭିତ୍ତିଭୂମିର ଆଧୁନିକୀକରଣ ତଥା ଯାତ୍ରୀଙ୍କ ସୁବିଧା ପାଇଁ ରଣନୀତିକ ପଦକ୍ଷେପ ନେଉଛି। ବିମାନ ବନ୍ଦର ଅର୍ଥନୈତିକ ନିୟାମକ ପ୍ରାଧିକରଣ (ଏଇଆରଏ) ସମ୍ମୁଖରେ ଦିଆଯାଇଥିବା ପ୍ରସ୍ତାବରେ ଏମଆଇଏଲ୍ ଘରୋଇ ଯାତ୍ରୀଙ୍କ ପାଇଁ ୩୨୫ ଟଙ୍କା ଏବଂ ଅନ୍ତର୍ଜାତୀୟ ଯାତ୍ରୀଙ୍କ ପାଇଁ ୬୫୦ ଟଙ୍କା ମୂଲ୍ୟର ୟୁଜର୍ସ ଡେଭେଲପ୍‌ମେଣ୍ଟ ଫି (ୟୁଡିଏଫ୍) କୁ ପରାମର୍ଶ ଦେଇଛି, ଯାହାଫଳରେ ଏମଆଇଏଏଲ୍ ମୁମ୍ବାଇ ବିମାନବନ୍ଦରରେ ଭିତ୍ତିଭୂମି ବିକାଶ ଏବଂ ବୈଷୟିକ ଉନ୍ନତି ପ୍ରକଳ୍ପ ଗ୍ରହଣ କରିପାରିବ। ଏମଆଇଏଏଲ୍‌ର ପ୍ରସ୍ତାବ ଏହି ପରିବର୍ତ୍ତନ ପାଇଁ କ୍ଷତିପୂରଣ ଦେବାକୁ ଚେଷ୍ଟା କରେ ଏବଂ ଯାତ୍ରୀମାନଙ୍କ ଉପରେ ଏହାର ପ୍ରଭାବକୁ କମ କରିଥାଏ। ଏଇଆରଏରେ ଦାଖଲ ହୋଇଥିବା ପ୍ରସ୍ତାବଟି ଓ୍ୱାଇପିପିକୁ ପ୍ରାୟ ୩୩୨ ଟଙ୍କାକୁ ସଂଶୋଧନ କରିବାକୁ ଲକ୍ଷ୍ୟ ରଖିଛି, ଯାହା ୧୮% ବୃଦ୍ଧିକୁ ଦର୍ଶାଉଛି, ଯାହା ମାର୍ଚ୍ଚ ୧୦ରେ ଏଇଆରଏ ଦ୍ୱାରା ଜାରି କରାଯାଇଥିବା ମାର୍ଗଦର୍ଶିକା ଅନୁରୂପ ଅଟେ।

# ନିଜ ଉପରେ ବିଶ୍ୱାସ ହିଁ ସଫଳତାର ଚାବିକାଠି

**ପୁରୀ ଜିଲା ନିମାପଡ଼ା ବ୍ଲକ୍ ଗଡ଼ ଅମରପ୍ରସାଦ ଭଳି ଏକ ଛୋଟ ଗାଁରେ ଡିଅନ୍ ଗ୍ରୁପର ପ୍ରତିଷ୍ଠାତା ତଥା ନିର୍ଦ୍ଦେଶକ ଇଂ. ମନୋଜ କୁମାର ସାହୁଙ୍କ ଜନ୍ମ। ଏକ ମଧ୍ୟବିତ୍ତ ପରିବାରରେ ଜନ୍ମ ହୋଇଥିବା ମନୋଜ ବ୍ୟବସାୟରେ ଭବିଷ୍ୟତ ଗଢ଼ିବାର ଉଚ୍ଚସ୍ୱପ୍ନ ଦେଖିଥିଲେ। କଟକ ରେଭେନ୍‌ଶା କଲିଜିଏଟ୍ ସ୍କୁଲ ଓ ପରେ ଭୁବନେଶ୍ୱରରେ ସିଭିଲ୍ ଇଞ୍ଜିନିୟରିଂରେ ପାଠପଢ଼ା ସାରିଥିଲେ। ୧୯୮୦ରୁ ଜାରି ରହିଥିବା ପାରିବାରିକ ବ୍ୟବସାୟକୁ ଆଗକୁ ନେବାକୁ ଚିନ୍ତାକରିଥିଲେ। ଅଟୋମୋବାଇଲ୍, ନିର୍ମାଣ ଓ ରିଅଲ ଇଷ୍ଟେଟ୍ କ୍ଷେତ୍ରରେ ଭାଗ୍ୟ ପରୀକ୍ଷା କରିଥିଲେ ଏବଂ ସେଥିରେ ସଫଳ ମଧ୍ୟ ହୋଇଥିଲେ। ୬୦୦ରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରିପାରିଥିବା ମନୋଜଙ୍କ ବ୍ୟବସାୟିକ ଯାତ୍ରା ସମ୍ପର୍କରେ ଧରିତ୍ରୀ ପକ୍ଷରୁ ସ୍ୱତନ୍ତ୍ର ବାର୍ତ୍ତାଳାପ...**



ମନୋଜ କୁମାର ସାହୁ

**ପ୍ର- ରିଅଲ ଇଷ୍ଟେଟ୍ କ୍ଷେତ୍ରରେ ଭବିଷ୍ୟତ ଗଢ଼ିବା ପାଇଁ କେଉଁ ଘଟଣା ପ୍ରେରିତ କରିଥିଲା?**

ଉ- ମୋ ଜେଜେବାପା ସବୁବେଳେ ଭଲ ପାଠପଢ଼ା ଓ ସ୍ଥାୟୀ ଚାକିରି ଉପରେ ବିଶ୍ୱାସ କରୁଥିଲେ। ଅନ୍ୟପକ୍ଷେ ମୋ ବାପା ସୁଯୋଗର ସଦୁପଯୋଗ କରି ନୂଆ ନୂଆ ଆହ୍ୱାନ ସହ ଆଗକୁ ବଢ଼ିବାକୁ ଚାହୁଁଥିଲେ। ମୁଁ ଦେଖିଛି, ମାତ୍ର କିଛି ହଜାର ଟଙ୍କା ପାଇଁ ବାପାଙ୍କୁ ମୋ' ମା'ଙ୍କ ଗହଣା ବନ୍ଧା ପକାଇବାକୁ ପଡ଼ିଥିଲା। ଆମର ପାଠପଢ଼ା ଓ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ସେ ରାତି ରାତି ଶୋଉ ନ ଥିଲେ। ତାଙ୍କର ତ୍ୟାଗ ଓ ନିଷ୍ଠାପର ମନୋଭାବ ମୋତେ ଗଭୀର ଭାବେ ପ୍ରଭାବିତ କରିଥିଲା। ଖୁବ୍ କମ୍ ବୟସରୁ ମୁଁ ବ୍ୟବସାୟର ବିଭିନ୍ନ ଦିଗଗୁଡ଼ିକୁ ବୁଝିପାରୁଥିଲି। ଗ୍ରାଜୁଏଶନ ପରେ କଣ୍ଟ୍ରାକ୍ଟର ଲାଇସେନ୍ସ ପ୍ରାପ୍ତ କରିଥିଲି ଓ ପାରିବାରିକ ବ୍ୟବସାୟକୁ ଆଗକୁ ନେଇଥିଲି। ଇଞ୍ଜିନିୟରିଂ ପଢ଼ିବା ସମୟରେ ପଟିଆ ସମେତ ବିଭିନ୍ନ ଅଞ୍ଚଳରେ ନିର୍ମାଣ କାର୍ଯ୍ୟକୁ ଅନୁଧ୍ୟାନ କରୁଥିଲି। ଏହା ମୋତେ ରିଅଲ ଇଷ୍ଟେଟ୍ କ୍ଷେତ୍ରରେ ଭବିଷ୍ୟତ ଗଢ଼ିବାରେ ସହାୟକ ହୋଇଥିଲା।

**ପ୍ର- ଓଡ଼ିଶା ବଜାରରେ ହାଉସିଂ ପ୍ରୋଜେକ୍ଟର ଚାହିଦା କିପରି ରହିଛି? ଆପଣଙ୍କର ଆଗାମୀ ଯୋଜନା କ'ଣ ରହିଛି?**

ଉ- ଓଡ଼ିଶାରେ ବିଶେଷକରି ଟୁଇନ୍ ସିଟି କଟକ-ଭୁବନେଶ୍ୱରରେ ହାଉସିଂ ପ୍ରୋଜେକ୍ଟର ଚାହିଦା ଦିନକୁ ଦିନ ବଢ଼ିବାରେ ଲାଗିଛି। ବିକାଶୋନ୍ମୁଖୀ ସହରାଞ୍ଚଳ ହୋଇଥିବାବେଳେ ଏଠାରେ ସମସ୍ତେ ସ୍ୱପ୍ନର ଘରଟିଏ ତୋଳିବାକୁ ଚାହୁଁଛନ୍ତି। ମୁଣ୍ଡ ପିଛା ଆୟରେ ବୃଦ୍ଧି, ଅଷ୍ଟମ ବେତନ କମିଶନ ଲାଗୁ ହେବା, ଶିଳ୍ପାୟନ ଉପରେ ସରକାର ଗୁରୁତ୍ୱ ଦେଉଥିବାରୁ ରିଅଲ ଇଷ୍ଟେଟ୍ ଶିଳ୍ପ ପାଇଁ ପଥ ଅନୁକୂଳ ହେଉଛି। ଆଗକୁ କଟକ ତ୍ରିଶୂଳିଆ ଅଞ୍ଚଳରେ ୧୦୦୦ ଆବାସ ବିଶିଷ୍ଟ ଇଣ୍ଟିଗ୍ରେଟେଡ୍ ଟାଉନଶିପ୍‌ର ଯୋଜନା ରହିଛି। ଏଠାରେ ୨୦୦ ଶଯ୍ୟା ବିଶିଷ୍ଟ ହସ୍ପିଟାଲ ସହ ମଲ୍, ମଲ୍ଟିପ୍ଲେକ୍ସ, ସ୍କୁଲ ଓ ଷ୍ଟାର ହୋଟେଲ ସହ ଅତ୍ୟାଧୁନିକ ସେବା ମିଳିବ। କୁଆଖାଇ ଓ କାଠଯୋଡ଼ି ନିକଟରେ ଏହି ପ୍ରୋଜେକ୍ଟ ନିଷ୍ପତ୍ତି ରାଜ୍ୟ ସରକାରଙ୍କ ରିଭରଫ୍ରଣ୍ଟ ଡେଭେଲପମେଣ୍ଟ ଯୋଜନାକୁ ତ୍ୱରାନ୍ୱିତ କରିବ।

**ପ୍ର- ଦରଦାମ ବୃଦ୍ଧି ରିଅଲ ଇଷ୍ଟେଟ୍ କ୍ଷେତ୍ରକୁ କିପରି ପ୍ରଭାବିତ କରୁଛି?**

ଉ- ଦରଦାମ ବୃଦ୍ଧିର ପ୍ରଭାବ ଲୋକଙ୍କ ଉପରେ ପଡୁଥିଲେ ମଧ୍ୟ ନିଜ ପାଇଁ ଘରଟିଏ ତୋଳିବାକୁ ସେମାନେ ପ୍ରାଥମିକତା ଦେଉଛନ୍ତି। ଫଳସ୍ୱରୂପ ସାମ୍ପ୍ରତିକ ସରକାରୀ ତଥ୍ୟକୁ ଦେଖିଲେ, କଟକ-ଭୁବନେଶ୍ୱର ଅଞ୍ଚଳରେ ଘରର ଚାହିଦା ଓ ଯୋଗାଣ ବ୍ୟବଧାନ ପ୍ରାୟ ୧,୪୦,୦୦୦ ରହିଛି। ଏହି ପାର୍ଥକ୍ୟ ଏହି ଅଞ୍ଚଳରେ ହାଉସିଂ ପ୍ରୋଜେକ୍ଟର ବଢୁଥିବା ଆବଶ୍ୟକତାକୁ ଦର୍ଶାଉଛି। ଏହାବ୍ୟତୀତ ଓଡ଼ିଶା ରିଅଲ ଇଷ୍ଟେଟ ରେଗୁଲେଟୋରି ଅଥରିଟି (ଓରେରା) ଯୋଗୁ ଗ୍ରାହକଙ୍କ ବିଶ୍ୱାସ ଯଥେଷ୍ଟ ବୃଦ୍ଧି ପାଇଛି। ଏବେ ଅଧିକ ଲୋକ ଓରେରା ପଞ୍ଜୀକୃତ ପ୍ରକଳ୍ପରେ ପୁଞ୍ଜିନିବେଶ କରିବାକୁ ଆଗ୍ରହୀ ଅଛନ୍ତି। ମୋଟାମୋଟି ଭାବେ ସକାରାତ୍ମକ ଅର୍ଥନୈତିକ ପରିବେଶ, ସରକାରୀ ପଦକ୍ଷେପ ଏବଂ ନିୟାମକ ସଂସ୍କାର ଓଡ଼ିଶାରେ ବିଶେଷକରି ଟୁଇନ୍ ସିଟିରେ ରିଅଲ ଇଷ୍ଟେଟ ବଜାରର ଦ୍ରୁତ ଅଭିବୃଦ୍ଧିରେ ସହାୟକ ହେଉଛି।




**ପ୍ର- ଅଟୋମୋବାଇଲ ବ୍ୟବସାୟ କ୍ଷେତ୍ରରେ ଆପଣଙ୍କ ଯାତ୍ରା ସମ୍ପର୍କରେ କ'ଣ କହିବେ?**

ଉ- ରାଜ୍ୟରେ ଭୁବନେଶ୍ୱର, କଟକ, ପୁରୀ, ବାଲୁଗାଁ, ଫୁଲବାଣୀ, ବ୍ରହ୍ମପୁର ଆଦି ୬ଟି ଶାଖା ସହିତ ଟାଟା ମୋଟର୍ସର ଯାତ୍ରୀବାହୀ ଯାନ ୟୁନିଟ୍ ଏବଂ ଟାଟା ପାସେଞ୍ଜର ଇଲେକ୍ଟ୍ରିକ ମୋବିଲିଟି ୟୁନିଟ୍‌ର ଅନୁମୋଦିତ ଡିଲର ଭାବେ ୨୦୧୯ରେ ଡିଓନ ଅଟୋମୋଟିଭ ବିଜିନେସ୍ ପ୍ରତିଷ୍ଠା ହୋଇଥିଲା। ଏହା ୭ ହଜାରରୁ ଅଧିକ ଯାତ୍ରୀବାହୀ ଯାନ ବିକ୍ରି କରିବା ସହ ୨୦ ହଜାରରୁ ଅଧିକ ଗ୍ରାହକଙ୍କୁ ସେବା ପ୍ରଦାନ କରିଛି। ବାୟୁ ପ୍ରଦୂଷଣର ମୁକାବିଲା ପାଇଁ ଇଲେକ୍ଟ୍ରିକ ଯାନକୁ ଡିଅନ୍ ପ୍ରୋତ୍ସାହିତ କରୁଛି। ଭୁବନେଶ୍ୱରରେ ପ୍ରଥମଥର ପାଇଁ ଏକ୍ସକ୍ଲୁସିଭ୍ ଇଭି ଶୋ'ରୁମ୍ ଓ ଇଭି ଓ୍ୱାର୍କଶପ୍ ଖୋଲିବାକୁ ଯାଉଛି।

**ପ୍ର- ଜଣେ ସଫଳ ଉଦ୍ୟୋଗୀ ହେବା ପାଇଁ କେଉଁ ସବୁ ପନ୍ଥା ଆପଣେଇବା ଜରୁରୀ?**

ଉ- କଠିନ ପରିଶ୍ରମ, ନିଷ୍ଠା, ଉତ୍ତମ ସେବା ଏବଂ ନିଜ ଉପରେ ବିଶ୍ୱାସ ହିଁ ସଫଳତାର ଚାବିକାଠି। ପ୍ରତ୍ୟେକ ବ୍ୟବସାୟରେ ୨ଟି ଦିଗ ପ୍ରତି ଗୁରୁତ୍ୱ ଦେବା ଜରୁରୀ। ପ୍ରଥମରେ ଆପଣଙ୍କ ଟିମ୍ ଏବଂ ଦ୍ୱିତୀୟରେ ଆପଣଙ୍କ ଗ୍ରାହକ। ତେଣୁ ଆପଣଙ୍କ ଟିମ୍ ସହ ସମନ୍ୱୟ ରକ୍ଷା କରିବା ଯେତିକି ଜରୁରୀ ଗ୍ରାହକଙ୍କୁ ଉତ୍ତମ ସେବା ପ୍ରଦାନ ମଧ୍ୟ ସେତିକି ଗୁରୁତ୍ୱପୂର୍ଣ୍ଣ।

-ସାକ୍ଷାତ୍‌କାର: **ଅନୁରାଧା ମହାରଣା,** ଭୁବନେଶ୍ୱର

# ଜେନ୍ ଜେଡ୍ କ୍ରେତାଙ୍କ ସଂଖ୍ୟାରେ ୩ ଗୁଣା ବୃଦ୍ଧି

**ନୂଆଦିଲ୍ଲୀ, ୧୯।୩**

ଆମାଜନ୍ ଫ୍ୟାଶନର ବହୁ ପ୍ରତୀକ୍ଷିତ ଷ୍ଟୋର 'ନେକ୍ସଟ ଜେନ୍'କୁ ଉଲ୍ଲେଖନୀୟ ସଫଳତା ମିଳିଛି। ଏପରିକି ଏହାର ନେକ୍ସଟ ଜେନ୍ ଷ୍ଟୋର ପାଇଁ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହାସଲ କରିଛି। ୨୦୨୩ରେ ଜେନେରାଲ ଜେଡ୍ ପାଇଁ ଭାରତର ପ୍ରଥମ ଉତ୍ସର୍ଗୀକୃତ ଡିଜିଟାଲ ଫ୍ୟାଶନ ହବ୍ ଭାବେ ଆରମ୍ଭ ହୋଇଥିବା ଏହି ଅଭିନବ ଷ୍ଟୋର ଫ୍ରଣ୍ଟ ଜେନ୍ ଜେଡ୍ ଗ୍ରାହକଙ୍କ ସଂଖ୍ୟାରେ ୩ ଗୁଣ ବୃଦ୍ଧି ଘଟିଛି। ଏପରିକି ଟିୟର ୨ ସହରଗୁଡ଼ିକରୁ ଆହୁରି ଉଲ୍ଲେଖନୀୟ ୪ ଗୁଣ ବିକ୍ରି ବୃଦ୍ଧିକୁ ପ୍ରୋତ୍ସାହିତ କରିଛି,ଯାହା ଭାରତର ଭୂଗୋଳରେ ଟ୍ରେଣ୍ଡ-ଫରୱାର୍ଡ ଫ୍ୟାଶନର ଲୋକପ୍ରିୟତାକୁ ଦର୍ଶାଉଛି। ସେହିପରି ୨ ନିୟୁତରୁ ଅଧିକ ଉତ୍ପାଦ ସହିତ ୩୪୦ରୁ ଅଧିକ ଘରୋଇ ଏବଂ ବିଶ୍ୱସ୍ତରୀୟ ବ୍ରାଣ୍ଡର ଏକ ବିସ୍ତୃତ ପୋର୍ଟଫୋଲିଓ ଥିବା ଏହି ଅନ୍‌ଲାଇନ ଷ୍ଟୋର ଡିଜିଟାଲ-ନେଟିଭ୍ ଫ୍ୟାଶନ ଉପଭୋକ୍ତାଙ୍କ ପାଇଁ ଉଭୟ ଉପଲବ୍ଧତା ଏବଂ ଅଭିବ୍ୟକ୍ତି ଚାହୁଁଥିବା ନିଶ୍ଚିତ ଗନ୍ତବ୍ୟସ୍ଥଳ ଭାବେ ନିଜକୁ ପ୍ରତିଷ୍ଠିତ କରିଛି। ଏହି ଗତିକୁ ବଜାୟ ରଖିବା ପାଇଁ ଆମାଜନ ଫ୍ୟାଶନ ୨୦୨୫ ମାର୍ଚ୍ଚ ୨୦ ରୁ ୨୪ ପର୍ଯ୍ୟନ୍ତ 'ନେକ୍ସଟ ଜେନ୍ ଅନ୍‌ଲାଇନ ଶପିଂ ଇଭେଣ୍ଟ'ର ଆୟୋଜନ କରୁଛି। ଯେଉଁଥିରେ ଯୁବ ସୌନ୍ଦର୍ଯ୍ୟକୁ ବର୍ଣ୍ଣନା କରୁଥିବା କ୍ୟୁରେଟେଡ୍ କଲେକ୍ସନ ଉପରେ ୬୦% ପର୍ଯ୍ୟନ୍ତ ରିହାତି ପ୍ରଦାନ କରାଯିବ। ଏହି କାର୍ଯ୍ୟକ୍ରମରେ ୱାଇ୨କେ ବାଡି, ୯୦ଦଶକର ଗ୍ରୁ, ଷ୍ଟ୍ରିଟ୍ ଷ୍ଟାର ଏବଂ ସଫ୍ଟ ବୟ ଭଳି ସମସାମୟିକ ଶୈଳୀର କାହାଣୀ ସହିତ ଜେନ୍ ଜେଡ୍ ଲେନ୍ସ ମାଧ୍ୟମରେ ପୁନଃପରିକଳ୍ପିତ ଫ୍ୟାସନ ଷ୍ଟେପଲ୍ ଗୁଡ଼ିକୁ ପ୍ରଦର୍ଶିତ କରାଯିବ।



ୟୁକେ ସରକାର ଏବଂ ଓଡ଼ିଶା ସରକାରଙ୍କ ଶକ୍ତି ବିଭାଗ ଓ ଗ୍ରୀଡ୍‌କୋ ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ନିକଟରେ ହୋଇଯାଇଛି। ଏହି ଅବସରରେ ଉଭୟ ସରକାରଙ୍କର ପ୍ରତିନିଧି ଉପସ୍ଥିତ ଅଛନ୍ତି।

# ଜେମ୍‌ସ ଡାଇସନ ଆୱାର୍ଡ ଆବେଦନ ପ୍ରକ୍ରିୟାର ଶୁଭାରମ୍ଭ

**ନୂଆଦିଲ୍ଲୀ, ୧୯।୩:** ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ବିଶ୍ୱର ଏକ ପ୍ରମୁଖ ସମ୍ମାନ ତଥା ଇଣ୍ଟରନ୍ୟାଶନାଲ ଷ୍ଟୁଡେଣ୍ଟ ଡିଜାଇନ ଓ ଇଞ୍ଜିନିୟରିଂ ପ୍ରତିଯୋଗିତା 'ଦ ଜେମ୍‌ସ ଡାଇସନ ଆୱାର୍ଡ-୨୦୨୫'ର ଆବେଦନ ପ୍ରକ୍ରିୟା ନିକଟରେ ଶୁଭାରମ୍ଭ ହୋଇଯାଇଛି। ଏହି ପ୍ରକ୍ରିୟା ୨୦୨୫ ଜୁଲାଇ ୧୬ରେ ଶେଷ ହେଉଛି। ସେହିଭଳି ଏହି ପ୍ରତିଯୋଗିତାରେ ୨୮ ଦେଶ ଓ ଅଞ୍ଚଳର ମେଧାବୀଙ୍କ ପାଇଁ ଏହି ଆବେଦନ ପ୍ରକ୍ରିୟା ଆରମ୍ଭ କରାଯାଇଛି। ବିଶେଷକରି ଦୈନନ୍ଦିନ ଆହ୍ୱାନଗୁଡିକରୁ ଆରମ୍ଭକରି ବିଶ୍ୱର ସବୁଠାରୁ ଗମ୍ଭୀର ସମସ୍ୟା ପର୍ଯ୍ୟନ୍ତର ବିଷୟବସ୍ତୁକୁ ନେଇ ଛାତ୍ରୀଛାତ୍ରମାନେ ପ୍ରକଳ୍ପ ଦାଖଲ କରିବେ। ଏହି ଆୱାର୍ଡ ବିଦ୍ୟମାନ ଓ ନୂତନ ଛାତ୍ରୀଛାତ୍ରମାନଙ୍କୁ ନିଜର ସମସ୍ୟା ସମାଧାନକାରୀ ବିଚାରଧାରା ଦାଖଲ କରିବା ପାଇଁ ଆହ୍ୱାନ କରିଛି,ଯାହା ଲୋକମାନଙ୍କ ଜୀବନରେ ଏକ ବାସ୍ତବ ଭିନ୍ନତା ସୃଷ୍ଟି କରିପାରିବ। ଅପରପକ୍ଷରେ ଏକ ଅଭିଜ୍ଞ ବିଚାରକ ସମିତି ଏହି ପ୍ରତିଯୋଗିତାର ପ୍ରତିଯୋଗୀମାନଙ୍କୁ ଚୟନ କରିବେ। ଏହି ବିଚାରକ ସମିତି ଦ୍ୱାରା ଚୟନ ହୋଇଥିବା ଜାତୀୟ ବିଜେତାଙ୍କୁ ୫୦୦୦ ପାଉଣ୍ଡ (ପ୍ରାୟ ୫ ଲକ୍ଷ ଟଙ୍କା)ର ପୁରସ୍କାର ରାଶି ଦିଆଯିବ। ପୁରସ୍କାର ରାଶି ପାଇବାକୁ ଥିବା ପ୍ରତ୍ୟେକ ବିଜେତାଙ୍କ ନାମକ ୨୦୨୫ ସେପ୍ଟେମ୍ବର ୧୦ରେ ଘୋଷଣା କରାଯିବ। ସେହିପରି ଡାଇସ ଇଞ୍ଜିନିୟରଙ୍କ ଦ୍ୱାରା ଚୟନ ହୋଇଥିବା ବିଶ୍ୱର ଶ୍ରେଷ୍ଠ ୨୦ ପ୍ରତିଯୋଗୀଙ୍କ ନାମ ୨୦୨୫ ଅକ୍ଟୋବର ୧୫ ରେ ଏବଂ ଜେମ୍‌ସ ଡାଇସନଙ୍କ ଦ୍ୱାରା ଚୟନ ହୋଇଥିବା ଅନ୍ତର୍ଜାତୀୟ ବିଜେତାଙ୍କ ନାମ ୨୦୨୫ ନଭେମ୍ବର ୫ରେ ଘୋଷଣା କରାଯିବ।

# ଓଡିଏମ୍‌ର ୩୬ତମ ପ୍ରତିଷ୍ଠା ଦିବସ

**ଭୁବନେଶ୍ୱର, ୧୯।୩**



ରାଜ୍ୟର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ତଥା ଭୁବନେଶ୍ୱରର ପଟିଆ ଶିଶୁବିହାରସ୍ଥିତ ଓଡିଏମ୍ ପବ୍ଲିକ୍ ସ୍କୁଲର ୩୬ତମ ପ୍ରତିଷ୍ଠା ଦିବସ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅପରପକ୍ଷରେ ପ୍ରତି ବର୍ଷ ପରି ଚଳିତ ବର୍ଷ ମଧ୍ୟ ଉକ୍ତ ଦିବସକୁ 'ପିତୃ-ମାତୃ ପୂଜନ ଦିବସ'ଭାବେ ଉତ୍ସର୍ଗୀକୃତ କରାଯାଇଛି। ଓଡିଏମ୍ ଶିକ୍ଷାନୁଷ୍ଠାନ ସମୂହର ପ୍ରତିଷ୍ଠାତା ଡ. ସତ୍ୟବ୍ରତ ମୀନକେତନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିବା ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ଚିନ୍ମୟ ମିଶନର ଆଞ୍ଚଳିକ ମୁଖ୍ୟ ବିଶିଷ୍ଟ ଆଧ୍ୟାତ୍ମିକ ଗୁରୁ ତଥା ପ୍ରବଚକ ସ୍ୱାମୀ ସଦାନନ୍ଦ ସରସ୍ୱତୀ ଏବଂ ମୁଖ୍ୟବକ୍ତା ଭାବେ ବୈଦିକ ବିଦ୍ୱାନ ତଥା ପ୍ରେରଣାଦାୟୀ ବକ୍ତା ପଣ୍ଡିତ ବୀରେନ୍ କୁମାର ପଣ୍ଡାଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ବୁଦ୍ଧିଜୀବୀ ଯୋଗଦାନକରି ଉତ୍ସବକୁ ସାଫଲ୍ୟମଣ୍ଡିତ କରିଥିଲେ ।

ପ୍ରତିଷ୍ଠା ଦିବସ ଉପଲକ୍ଷେ ପ୍ରତିଷ୍ଠାତା ଡ. ମୀନକେତନଙ୍କ ତତ୍ତ୍ୱାବଧାନରେ ଓଡିଏମ୍‌ର ଶିକ୍ଷୟିତ୍ରୀଶିକ୍ଷକ ଏବଂ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ନିକଟରେ 'ଜୟ ଅଫ୍ ଗିଭିଂ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରତିଷ୍ଠାତା ଡ. ମୀନକେତନ ତାଙ୍କ ଅଭିଭାଷଣରେ ପିତାମାତା ଜୀବନ୍ତ ଦେବତା, ତାଙ୍କ ପ୍ରତି ସମ୍ମାନ, ଶ୍ରଦ୍ଧା ଓ ଭକ୍ତି ଜ୍ଞାପନ କରିବା ସହ ନିଜର କର୍ତ୍ତବ୍ୟ ସମ୍ପାଦନ କରିବା ପାଇଁ ପିଲାମାନଙ୍କୁ ଉଦ୍‌ବୋଧନ ଦେଇଥିଲେ।

ପରେ ପରେ ଓଡିଏମ୍‌ର ୩୬ବର୍ଷ ଦୀର୍ଘ ଯାତ୍ରାପଥକୁ ନେଇ ଏକ ଛାୟାଚିତ୍ର ପ୍ରଦର୍ଶିତ ହେବା ସହ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବିଦ୍ୟାର୍ଥୀମାନଙ୍କ ଭିତରେ ପାରିବାରିକ ମୂଲ୍ୟବୋଧକୁ ଜାଗ୍ରତ କରିବା ପାଇଁ ପିତାମାତାଙ୍କ ଉଦ୍ଦେଶ୍ୟରେ ଲିଖିତ କବିତାଗୁଡିକୁ ନେଇ ଇ-ମାଗାଜିନ୍ ପ୍ରଦର୍ଶିତ ହୋଇଥିଲା। ବିଦ୍ୟାଳୟର ନିର୍ଦ୍ଦେଶିକା ଇନ୍ଦୁମତୀ ରାୟ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଉତ୍ସବରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ପ୍ରଫେସର ଡ. ପି.କେ. ଦାସ, ଶିକ୍ଷା-ନିର୍ଦ୍ଦେଶକ ଡ.ଆର୍ତ୍ତତ୍ରାଣ ମିଶ୍ର, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ୱୟନ୍ ସତ୍ୟେନ୍ଦୁ ତଥା ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ବିଦ୍ୟାଳୟର ଉପାଧ୍ୟକ୍ଷା ଡ.ସନ୍ଧ୍ୟାରାଣୀ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଏଲ୍‌ଆଇସି ଗୋଲଡେନ୍ ଜୁବିଲି ଫାଉଣ୍ଡେଶନ୍ ପକ୍ଷରୁ ସ୍କୁଲ ବସ୍ ପ୍ରଦାନ

**ନୂଆଦିଲ୍ଲୀ, ୧୯।୩**



ଏଲ୍‌ଆଇସି ଗୋଲ୍‌ଡେନ୍ ଜୁବିଲି ଫାଉଣ୍ଡେଶନ ପକ୍ଷରୁ ଚନ୍ଦକା ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍ ଭୁବନେଶ୍ୱରର ଫ୍ୟୁଚର ଭୁବନେଶ୍ୱର ସ୍କୁଲ କ୍ୟାମ୍ପସରେ ଅଟିଜମ୍ ଥେରାପି ସେଣ୍ଟରର ଅଟିଷ୍ଟିକ୍ ପିଲାମାନଙ୍କ ପାଇଁ ଏକ ସ୍କୁଲ ବସ୍ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଏଲ୍‌ଆଇସି ଜୋନାଲ ଅଫିସ୍ ପାଟନାର ଜୋନାଲ ମ୍ୟାନେଜର ଶ୍ରବଣ କୁମାରଙ୍କ ଦ୍ୱାରା ସେମାନଙ୍କ କ୍ୟାମ୍ପସରେ ମନୋରଞ୍ଜନ ଦାସ, ସିନିୟର ଡିଏମ୍, ଅଶୋକ କୁମାର ଭୂୟାଁ, ମାର୍କେଟିଂ ମ୍ୟାନେଜର ଏବଂ ଏଲ୍‌ଆଇସି ଭୁବନେଶ୍ୱର ଡିଭିଜନର ଅନ୍ୟାନ୍ୟ ଅଧିକାରୀଙ୍କ ଉପସ୍ଥିତିରେ ଚାବି ହସ୍ତାନ୍ତର ଏବଂ ପତାକା ଦେଖାଇ ଶୁଭାରମ୍ଭ କରାଯାଇଥିଲା। ଏହି ସମାରୋହ ଭୁବନେଶ୍ୱରରେ ମ୍ୟାନେଜ୍ ଅଟିଜମ୍ ନାଓ (ଏମ୍‌ଏଏନ୍) ଟ୍ରଷ୍ଟ ଦ୍ୱାରା ଆୟୋଜିତ ହୋଇଥିଲା। ଏହି ଉତ୍ସବରେ ଏଟିସିର ପରାମର୍ଶଦାତା ମଦନ ମୋହନ ପଣ୍ଡା, ଏମ୍‌ଏଏନ୍ ଟ୍ରଷ୍ଟର ଅଧ୍ୟକ୍ଷ ପ୍ରଫେସର ରଞ୍ଜନ କୁମାର ବଳ, ଏଏସ୍‌ବିଏମ୍ ବିଶ୍ୱବିଦ୍ୟାଳୟର ଭିସି ଡ. ଡି.ଏନ୍. ମିଶ୍ର, ଅଧ୍ୟକ୍ଷ ଡିଏଭି ସ୍କୁଲ୍ ଅଫ୍ ବିଜ୍‌ନେସ୍ ମ୍ୟାନେଜମେଣ୍ଟ, ଭୁବନେଶ୍ୱର ଏବଂ ପ୍ରଫେସର ସ୍ୱର୍ଣ୍ଣ ମିଶ୍ର, ଉତ୍କଳ ବିଶ୍ୱବିଦ୍ୟାଳୟ ଏବଂ ଏମ୍‌ଏଏନ୍ ଟ୍ରଷ୍ଟର ଅନ୍ୟାନ୍ୟ ଟ୍ରଷ୍ଟିମାନେ ଉପସ୍ଥିତ ଥିଲେ।

ସେହିଭଳି ଏହା ଏକ ଅନନ୍ୟ କେନ୍ଦ୍ର। ଯେଉଁଠାରେ ଭିନ୍ନକ୍ଷମ ପିଲାମାନେ, ବିଶେଷକରି ଅଟିଷ୍ଟିକ୍ ପିଲାମାନଙ୍କୁ ତାଲିମ ଦିଆଯାଇଥାଏ। ଅନ୍ୟମାନଙ୍କ ଉପରେ ସେମାନଙ୍କର ନିର୍ଭରଶୀଳତା ହ୍ରାସ କରିବା ପାଇଁ ସକ୍ଷମ କରାଯାଏ। ଚିକିତ୍ସା ଏବଂ ଅନ୍ୟାନ୍ୟ କାର୍ଯ୍ୟକଳାପ ମାଧ୍ୟମରେ କେନ୍ଦ୍ର ସେମାନଙ୍କର ଉତ୍ସର୍ଗୀକୃତ କର୍ମଚାରୀ ଏବଂ ପରାମର୍ଶଦାତାମାନଙ୍କ ମାଧ୍ୟମରେ ଏହି ସ୍ୱତନ୍ତ୍ର ପିଲାମାନଙ୍କୁ ସାମାଜିକ ମୁଖ୍ୟଧାରାକୁ ଆଣିବାକୁ ଚେଷ୍ଟା କରିଥାଏ। ଏହି କେନ୍ଦ୍ରକୁ ପ୍ରତ୍ୟେକ ପଦକ୍ଷେପରେ ସିଲିକନ୍ ଗ୍ରୁପ୍ ଅଫ୍ ଇନଷ୍ଟିଟ୍ୟୁଶନ୍ସ ଭୁବନେଶ୍ୱରର ସଞ୍ଜୀବ ନାୟକଙ୍କ ଦ୍ୱାରା ସମର୍ଥିତ ଏବଂ ପ୍ରେରିତ କରାଯାଉଛି।

ସମାବେଶରେ ଶ୍ରବଣ କୁମାର ୨୦୦୬ ରେ ପ୍ରତିଷ୍ଠିତ ଭାରତୀୟ ଜୀବନ ବୀମା ସ୍ୱର୍ଣ୍ଣ ଜୁବିଲି ଫାଉଣ୍ଡେଶନର ଇତିହାସ ଏବଂ ସମଗ୍ର ଦେଶରେ ଏପରି ସାମାଜିକ ପ୍ରକଳ୍ପ ବିକାଶ କାର୍ଯ୍ୟକଳାପକୁ ସମର୍ଥନ କରିବାରେ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ। ମନୋରଞ୍ଜନ ଦାସ ଏହି ପିଲାମାନଙ୍କ ପାଇଁ ଟ୍ରଷ୍ଟିମାନଙ୍କୁ କରିଥିବା ମହତ କାର୍ଯ୍ୟ ପାଇଁ ଅଭିନନ୍ଦନ ଜଣାଇଥିଲେ ଏବଂ ଭବିଷ୍ୟତରେ ଏଟିସିରେ ସଫଳତା କାମନା କରିଥିଲେ।

**ରକ୍ତ କର୍କଟରେ ଆର୍‌ଆଇଙ୍କ ମୃତ୍ୟୁ**

**ଭବାନୀପାଟଣା (ଉତ୍ତମ କୁମାର ଦାଶ):** କଳାହାଣ୍ଡି ତହସିଲ କାର୍ଯ୍ୟାଳୟରେ କାର୍ଯ୍ୟରତ ରାଜସ୍ୱ ନିରୀକ୍ଷକ (ଆର୍‌ଆଇ) ପ୍ରତିଭା ନାୟକ (୩୫)ଙ୍କ ରକ୍ତ କର୍କଟ ରୋଗରେ ପରଲୋକ ହୋଇଯାଇଛି। ଦୀର୍ଘ ଦୁଇବର୍ଷ ଧରି ସେ ଏହି ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିଲେ। ସ୍ୱାମୀ କାହ୍ନୁ ପ୍ରଧାନ ମୁଖାଗ୍ନି ଦେଇ ଶେଷକୃତ୍ୟ ସମ୍ପନ୍ନ କରିଥିଲେ। ତାଙ୍କ ପିତା ଭାବଗ୍ରାହୀ ନାୟକ ମଧ କଳାହାଣ୍ଡି ତହସିଲ କାର୍ଯ୍ୟାଳୟର କର୍ମଚାରୀ ଅଟନ୍ତି। ତାଙ୍କ ମୃତ୍ୟୁରେ ପରିଚିତ ମହଲରେ ଶୋକର ଛାୟା ଖେଳିଯାଇଛି।

## ସଂକ୍ଷେପରେ

### ଭଟାଙ୍ଗପଦରଠାରେ ଅଂଶୁଘାତ ସଚେତନତା ଶିବିର

**ଲାଞ୍ଜିଗଡ଼, ୧୯।୩ (ରମେଶ ଚନ୍ଦ୍ର ନାୟକ):** କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ଭଟାଙ୍ଗପଦର ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ଏସ୍‌ବିଆଇ ଫାଉଣ୍ଡେଶନ ଓ ରାମ୍‌କୀ ଫାଉଣ୍ଡେଶନ ମିଳିତ ସହଯୋଗରେ ଅଂଶୁଘାତ ଓ ଗ୍ରୀଷ୍ମପ୍ରବାହ ଉପରେ ସଚେତନତା ଶିବିର ଅନୁଷ୍ଠିତ ହେଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଲିଲିମା ମଞ୍ଜରୀ ମଙ୍ଗରାଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାମ୍‌କୀ ସଂସ୍ଥା କଳାହାଣ୍ଡିର ମୁଖ୍ୟ ପ୍ରକଳ୍ପ ସଂଯୋଜକ ପି ଭୋକ୍ତା, ଭେଷଜ ବିତରକ ଜ୍ୟୋତ୍ସ୍ନାରାଣୀ ବେହେରା, ନର୍ସିଂ ଅଫିସର ପଙ୍କଜିନି ରଣା, ଲ୍ୟାବ୍ ଟେକ୍‌ନିସିଆନ ନିତୁ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଡାକ୍ତର ବିମଳ କୁମାର ଷଡଙ୍ଗୀ ଛାତ୍ରୀଛାତ୍ରଙ୍କୁ ଅଂଶୁଘାତ ଓ ଗ୍ରୀଷ୍ମପ୍ରବାହରୁ କିପରି ରକ୍ଷା କରିବେ ତା' ଉପରେ ଆଲୋକପାତ କରିଥିଲେ।

# ଜଳୁଛି ସିଙ୍ଗାରି, ଦେବଗିରି ଜଙ୍ଗଲ

**ଭବାନୀପାଟଣା, ୧୯।୩(ଉତ୍ତମ କୁମାର ଦାଶ)**


ସିଙ୍ଗାରି ଜଙ୍ଗଲରେ ନିଆଁ ଲାଗିଛି।

କଳାହାଣ୍ଡି ଜିଲାରେ ମାର୍ଚ୍ଚ ପହିଲାରୁ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଲାଗିରହିଛି। ଏହାରି ଭିତରେ ୧ସପ୍ତାହ ହେବ ଜିଲାର ସିଙ୍ଗାରି ଓ ଦେବଗିରି ଜଙ୍ଗଲରେ ନିଆଁ ଲାଗିଛି। ବନ ବିଭାଗ ପକ୍ଷରୁ ୩ଟି ଟିମରେ ନିଆଁ ଲିଭାଯାଉଥିଲେ ମଧ୍ୟ କାବୁ କରିବାରେ ବିଫଳ ହୋଇଛନ୍ତି। ସୂଚନା ଅନୁଯାୟୀ, କଳାହାଣ୍ଡି ଜିଲାର ଦକ୍ଷିଣ ବନଖଣ୍ଡ ଥୁଆମୂଳ ରାମପୁର ରେଞ୍ଜ ଅଧୀନରେ ଥିବା ସିଙ୍ଗାରି ଓ ଦେବଗିରି ସଂରକ୍ଷିତ ଜଙ୍ଗଲ ସପ୍ତାହକ ପୂର୍ବରୁ ସାଟେଲାଇଟ ସର୍ଭେ ପକ୍ଷରୁ ଆଗୁଆ ସୂଚନା ଦିଆଯାଇଥିଲା। ହେଲେ ବନ ବିଭାଗ ଏହାକୁ ଖାମଖିଆଲ ଭାବରେ ନେଇଥିବାରୁ ନିଆଁ କାବୁ କରାଯାଇପାରୁ ନ ଥିବା ଅଭିଯୋଗ ହେଉଛି। ନିଆଁ ଲାଗିବା ଯୋଗୁ ବ୍ୟାପକ ଜଙ୍ଗଲ ନଷ୍ଟ ହୋଇଥିବାବେଳେ ବନ୍ୟଜନ୍ତୁ ଏବେ ବିପଦରେ ଅଛନ୍ତି। ରାସ୍ତାକଡ ସିଙ୍ଗାରି ଜଙ୍ଗଲରେ ନିଆଁ ଲାଗିଥିବା ସମସ୍ତେ ଦେଖୁଥିବାବେଳେ ବନବିଭାଗ କିମ୍ବା ବନ ସୁରକ୍ଷା ସମିତି ଏ ନେଇ ଠୋସ୍ ପଦକ୍ଷେପ ନେଉନାହାନ୍ତି। ରିପୋର୍ଟ ପରେ ବହୁ ବିଳମ୍ବରେ ନିଆଁ ଲିଭାଇବା ପାଇଁ ନାମକୁ ମାତ୍ର ଟିମ୍ ନିୟୋଜିତ କରାଯାଉଛି। ଜଙ୍ଗଲରେ ନିଆଁ ବ୍ୟାପିଥିବାବେଳେ ଏଥିପାଇଁ କିଏ ଉତ୍ତରଦାୟୀ ହେବେ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କଳାହାଣ୍ଡି ଜିଲାରେ ପ୍ରାୟ ୧୬% ଜଙ୍ଗଲ ହ୍ରାସ ପାଇଥିବାବେଳେ ଏଭଳି ଜଙ୍ଗଲ ପୋଡ଼ି ଯୋଗୁ ବୃକ୍ଷରାଜି ନଷ୍ଟହେବାରେ ଲାଗିଛି । ସିଙ୍ଗାରି ଓ ଦେବଗିରି ଜଙ୍ଗଲରେ ବିଭିନ୍ନ ବନ୍ୟଜନ୍ତୁ ରହୁଥିବାବେଳେ ବର୍ତ୍ତମାନ ସେମାନଙ୍କ ସୁରକ୍ଷା ପରିବେଶବିତ୍‌ଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ସେହିପରି ଜିଲାର ଆମପାଣି ଘାଟି ଅଞ୍ଚଳ, ବିରିମୁହାଣ, କର୍ଲାପାଟ ଅଭୟାରଣ୍ୟ, ନିୟମଗିରି ଅଞ୍ଚଳ, ଉର୍ଲାଦାନୀ ଅଞ୍ଚଳରେ ଏବେ ନିଆଁ ଲାଗୁଥିବା ଯୋଗୁ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଛି । ଏ ନେଇ ଥୁଆମୂଳ ରାମପୁର ବନ ବିଭାଗ ରେଞ୍ଜର ତ୍ରିନାଥ ସେଠୀଙ୍କୁ ପଚାରିବାରୁ ଗତ ୮ଦିନ ତଳୁ ସିଙ୍ଗାରି ଜଙ୍ଗଲରେ ନିଆଁ ଲାଗିଥିଲା। ଏହାକୁ ଆୟତ୍ତ କରିବା ପାଇଁ ସମୁଦାୟ ୧୦ଟି ଟିମ୍ ଗଠନ କରାଯାଇଥିବାବେଳେ କେବଳ ସିଙ୍ଗାରି ପାଇଁ ୩ଟି ଟିମ୍ ନିୟୋଜିତ ଥିବା ପ୍ରକାଶ କରିଛନ୍ତି ।

## ଅଜା, ଆଈ ଭରସାରେ ଭିନ୍ନକ୍ଷମ ଜଗଦୀଶ


ଅଜାଆଈଙ୍କ ସହ ଭିନ୍ନକ୍ଷମ ଜଗଦୀଶ।

**କୋକସରା, ୧୯।୩ (ଦୁଷ୍ମନ୍ତ କୁମାର ପାଢ଼ଯୋଷୀ)**

ମା'ବାପା ମାନସିକ ରୋଗାକ୍ରାନ୍ତ ହୋଇଥିବାବେଳେ ସେମାନଙ୍କର ୫ ବର୍ଷର ଭିନ୍ନକ୍ଷମ ଶିଶୁପୁତ୍ର ଅଜା, ଆଈଙ୍କ ଭରସାରେ ଜୀବନ ବିତାଉଛନ୍ତି। ଏଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି କୋକସରା ବ୍ଲକ୍ ସାନପୋଡ଼ାଗୁଡ଼ା ପଞ୍ଚାୟତ ସୋରିପଡ଼ାରେ। ଗ୍ରାମରେ ରହୁଥିବା ମାନସିକ ରୋଗାକ୍ରାନ୍ତ ବାପା ଲାବନ୍ୟ ସୋରି ଓ ମା' ରତନୀ ସୋରିଙ୍କ ୫ ବର୍ଷର ପୁଅ ଜଗଦୀଶ ଜନ୍ମରୁ ଭିନ୍ନକ୍ଷମ। ବୃଦ୍ଧ ଅଜା ଶୋଭା ସୋରି ଓ ଆଈ କ୍ଷୀରମଣି ସୋରି ଭିନ୍ନକ୍ଷମ ନାତି ଜଗଦୀଶଙ୍କୁ ସେବାଯତ୍ନ ସହ ଲାଳନପାଳନ କରିଆସୁଛନ୍ତି। ଜଗଦୀଶଙ୍କୁ ନିଜର ସାଧ ମତେ ଚିକିତ୍ସା କରାଇଥିଲେ, ହେଲେ ଫଳପ୍ରଦ ହେଲାନାହିଁ। ବ୍ଲକ୍ ପ୍ରଶାସନ ପକ୍ଷରୁ ତୁରନ୍ତ ଉକ୍ତ ଶିଶୁକୁ ସରକାରୀ ସହାୟତା ଯୋଗାଇଦେବାକୁ ଦାବି ହେଉଛି। ଏ ସମ୍ପର୍କରେ କୋକସରା ବିଡିଓ ଡ. ହିମାଞ୍ଚଳ ମାଝୀଙ୍କୁ ପଚାରିବାରୁ ଘଟଣା ସମ୍ପର୍କରେ ଅବଗତ ନ ଥିଲି, ବୁଧବାର ପଞ୍ଚାୟତ ପିଇଓ ଓ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ପଠାଇ ଘଟଣା ସମ୍ପର୍କରେ ସମସ୍ତ ତଥ୍ୟ ମିଳିବା ପରେ ପ୍ରଶାସନିକ ସ୍ତରରେ ଯାହାବି ସହାୟତା ଓ ଚିକିତ୍ସା ସୁବିଧା ରହିଛି ଯୋଗାଇ ଦିଆଯିବ ବୋଲି କହିଛନ୍ତି।

## ବ୍ରହ୍ମପୁତ୍ର ଛାତ୍ରାବାସରେ ବାର୍ଷିକ ଉତ୍ସବ

**ଖଡ଼ିଆଲ, ୧୯।୩ (ସୁଜିତ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡ଼ିଆଲ ସ୍ୱୟଂଶାସିତ ମହାବିଦ୍ୟାଳୟର ବ୍ରହ୍ମପୁତ୍ର ଛାତ୍ରାବାସରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ପ୍ରାକ୍ତନ ଅଧ୍ୟକ୍ଷ ମେଜର ଡ. ରାମଚନ୍ଦ୍ର ମିଶ୍ର ମୁଖ୍ୟ ଅତିଥି, ବୋଡ଼େନ ଯୁକ୍ତ ୨ କଲେଜର ଇଂରାଜୀ ଅଧ୍ୟାପକ ସାମୁଏଲ ଦାନୀ ମୁଖ୍ୟ ବକ୍ତା ଓ ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିଶ୍ୱଜିତ ପାଢ଼ୀ, ଯୁକ୍ତ ୨ ଭାରପ୍ରାପ୍ତ ଅଧ୍ୟକ୍ଷ ଡ଼. ରଣବୀର ସିଂହ, ଛାତ୍ରକଲ୍ୟାଣ ଅଧିକାରୀ ଡ. ଗୀତାଶ୍ରୀ ପ୍ରିୟମ୍ବଦା ପ୍ରମୁଖ ସମ୍ମାନିତ ଅତିଥି ଭାବରେ ମଞ୍ଚାସୀନ ଥିଲେ। ଛାତ୍ରାବାସର ମୁଖ୍ୟ ପରିଚାଳକ ଡ. ଶୁଭ୍ରାଂଶିଷ ବାରିକ ଅତିଥି ପରିଚୟ ଓ ସାଧାରଣ ସମ୍ପାଦକ କଲ୍ୟାଣ ଦେବ ରଣା ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଛାତ୍ରାବାସର ସହ ପରିଚାଳକ ଅଧ୍ୟାପକ ରମାକାନ୍ତ ସିଂହ ସାହାଣୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଏମ୍‌ପିଙ୍କୁ ଭେଟି ସମସ୍ୟା ଜଣାଇଲା ସଚେତନ ନାଗରିକ ମଞ୍ଚ

**କେସିଙ୍ଗା, ୧୯।୩ (ତୁମେଶର ସାହୁ)**


ଏମ୍‌ପି ମାଳବିକା ଦେବୀଙ୍କୁ ଭେଟିବା ଅବସରରେ ନାଗରିକ ମଞ୍ଚର ସଦସ୍ୟ।

କଳାହାଣ୍ଡି ଜିଲା କେସିଙ୍ଗାର ସଚେତନ ନାଗରିକ ମଞ୍ଚ କର୍ମକର୍ତ୍ତା ଦିଲ୍ଲୀ ଗସ୍ତ କରି ଲୋକ ସଭା ଓ ରାଜ୍ୟ ସଭା ସାଂସଦଙ୍କୁ ସାକ୍ଷାତ କରି ଅଞ୍ଚଳର ସମସ୍ୟା ନେଇ ଦାବିପତ୍ର ପ୍ରଦାନ କରିଛନ୍ତି। ସହରରେ ସର୍ବପୁରାତନ ରେଲୱେ ଷ୍ଟେଶନ ଥିଲେ ମଧ୍ୟ ସିଧାସଳଖ ଭୁବନେଶ୍ୱର ଯିବା ପାଇଁ ରେଳ ସୁବିଧା ନାହିଁ। ସେହିପରି ସହର ମଧ୍ୟରେ ଟ୍ରାଫିକ ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ଏକ ବାଇପାସ୍ ରାସ୍ତା ନିର୍ମାଣ କରିବା ଜରୁରୀ ହୋଇପଡିଛି। ମଞ୍ଚ କର୍ମକର୍ତ୍ତା ଦିଲ୍ଲୀ ଗସ୍ତ କରି କଳାହାଣ୍ଡି ସାଂସଦ ମାଳବିକା ଦେଓ ଓ ରାଜ୍ୟ ସଭା ସଦସ୍ୟ ସୁଜିତ କୁମାରଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରି ଆଲୋଚନା କରିବା ସହ ଉପରୋକ୍ତ ଦାବି ପୂରଣ ନିମନ୍ତେ ଦାବିପତ୍ର ପ୍ରଦାନ କରିଛନ୍ତି। ମଞ୍ଚ ସଭାପତି ଉତ୍ତର ମହଲାଙ୍କ ନେତୃତ୍ୱରେ ଉପସଭାପତି ତଥା ପୂର୍ବତନ ନଗରପାଳ ରାମଜୀ ମାତଖଣ୍ଡିଆ, ପୂର୍ବତନ ଉପ ନଗରପାଳ ଗୋବିନ୍ଦ ବନଛୋର, ସାଧାରଣ ସମ୍ପାଦକ ଟିକେମନ ଦୀପ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ରାମଲାଲ ସୁନାମୀ, ବରିଷ୍ଠ ଖବରଦାତା ଗଜିନ୍ଦ୍ର ସାହୁ ପ୍ରମୁଖ ସାମିଲ ଥିଲେ। ସାଂସଦ ଦେଓ ଉପରୋକ୍ତ ଦାବିଗୁଡ଼ିକ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

## ମା' ଦନ୍ତେଶ୍ୱରୀ କ୍ରିକେଟ: ରଙ୍ଗାବାହାଲ ଚାମ୍ପିୟନ

**ବେହେରା, ୧୯।୩ (ଭୂପେଶ ତିୱାରୀ)**

କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ ବାଙ୍କି ମୁଣ୍ଡାଠାରେ ମା' ଦନ୍ତେଶ୍ୱରୀ କ୍ରିକେଟ କ୍ଲବ ପକ୍ଷରୁ ଆୟୋଜିତ କ୍ରିକେଟ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ବେହେରା ଓ ରଙ୍ଗାବାହାଲ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ୧୨ ଓଭର ବିଶିଷ୍ଟ ଖେଳରେ ପ୍ରଥମେ ବେହେରା ଦଳ ବ୍ୟାଟିଂକରି ୧୧.୧ ଓଭରରେ ୧୧୫ ରନ କରିଥିଲା। ରଙ୍ଗାବାହାଲ ଦଳ ୧୧.୪ ଓଭରରେ ୧୧୬ ରନ କରି ଚାମ୍ପିୟନ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ଧର୍ମଗଡ ଜୋନ୍ ୨ ଜିଲା ପରିଷଦ ଶଙ୍କର କ୍ରୁଏଡ ମୁଖ୍ୟ ଅତିଥି ଓ କୋକସରା ବ୍ଲକ ଉପାଧ୍ୟକ୍ଷ ରାଜୀବ ଅଗ୍ରୱାଲ, ବେହେରା ସମିତି ସଭ୍ୟ କିଶୋର ଚନ୍ଦ୍ର ନାଗ, ତେଣ୍ଡାପାଲି ସରପଞ୍ଚ ଗୌଲୋଚନ ଗୋପାଳ, ବରିଷ୍ଠ ଆଇନଜୀବୀ ଦିଗମ୍ବର ଦୁରିଆ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବେଷ୍ଟ ଫିଲ୍‌ଡର ପ୍ରଶାନ୍ତ ଗୋପାଳ, ବେଷ୍ଟ ବୋଲର ପ୍ରଦୀପ ତିୱାରୀ, ମ୍ୟାନ ଅଫ୍ ଦି ମ୍ୟାଚ ଚନ୍ଦ୍ର ଦାସ, ମ୍ୟାନ୍ ଅଫ ଦି ସିରିଜ ଟନ୍ଟୁ ରାଉତ ବିବେଚିତ ହୋଇଥିଲେ। ଅମ୍ପାୟର ଭାବେ ଅଜୟ ପଣ୍ଡା ଓ ଭୋଳାନାଥ ଭରଡିଆ ଖେଳ ପରିଚାଳନା କରିଥିଲେ। ଆୟୋଜକ କ୍ଲବ ସଭାପତି ଚିତ୍ତରଞ୍ଜନ ପୂଜାରୀ, ଉପସଭାପତି ପ୍ରଶାନ୍ତ ତିୱାରୀ, ସମ୍ପାଦକ ତ୍ରିଲୋଚନ ପୂଜାରୀ, କୋଷାଧ୍ୟକ୍ଷ ନିରାକାର ବିଶି ପ୍ରମୁଖ ସହଯୋଗ କରିଥିଲେ।

## ମାରାଗୁଡ଼ା ଲୋକ ମହୋତ୍ସବ ସ୍ମରଣିକା କମିଟି ବୈଠକ

**ନୂଆପଡ଼ା, ୧୯।୩ (ମକାରୁ ବେମାଲ)**

ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ମଙ୍ଗଳବାର ମାରାଗୁଡା ଲୋକ ମହୋତ୍ସବ ଉପଲକ୍ଷେ ପ୍ରକାଶିତ ହେବାକୁ ଥିବା ନୂଆପଡା ଦର୍ପଣ ସ୍ମରଣିକା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ନୂଆପଡା ଦର୍ପଣ ମୁଖ୍ୟ ସମ୍ପାଦକ ତଥା ଜିଲାପାଳ ମଧୁସୂଦନ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ମାରାଗୁଡା ସଭ୍ୟତା, ନୂଆପଡା ଜିଲାର ଇତିହାସ, ଐତିହ୍ୟ, କଳା, ସଂସ୍କୃତି, ସାହିତ୍ୟ, କୀର୍ତ୍ତିରାଜି ସମ୍ବନ୍ଧିତ ଲେଖା ପ୍ରେରଣ କରିବା ପାଇଁ ଇଚ୍ଛୁକ ଲେଖକ କବିମାନଙ୍କୁ ଅନୁରୋଧ କରାଯାଇଛି। ଓଡିଆ, ଇଂରାଜୀ, ହିନ୍ଦୀ ଭାଷାରେ ଆସିଥିବା ପ୍ରବନ୍ଧ, କବିତା ମନୋନୀତ କରିବା ପାଇଁ ସ୍ମରଣିକା ସଦସ୍ୟମାନଙ୍କ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ କମିଟି ସଦସ୍ୟ ଡ. ଫଣିନ୍ଦମ ସିଂହଦେବ, ଡ. ରାମଚନ୍ଦ୍ର ମିଶ୍ର, ଡ. ଗୀତାଶ୍ରୀ ପ୍ରିୟମ୍ବଦା, ସାମୁଏଲ ଦାନି, ଓମ୍ ପ୍ରକାଶ ଯୋଶୀ, ପ୍ରବୋଧ ହୋତା, ସୁଶାନ୍ତ ବିଶି, ଲୋହିତାକ୍ଷ ଯୋଶୀ, ଗୋରାଙ୍ଗ ସାହୁ ପ୍ରମୁଖ ଯୋଗ ଦେଇଥିଲେ।

## ଜିଲାସ୍ତରୀୟ ଗ୍ରୀଷ୍ମ ମୁକାବିଲା ପରିଚାଳନା ବୈଠକ



ଗ୍ରୀଷ୍ମ ପ୍ରବାହ ମୁକାବିଲା ପାଇଁ ଆଲୋଚନା କରାଯାଉଛି।

**ନୂଆପଡ଼ା, ୧୯।୩ (ମକାରୁ ବେମାଲ)**

ନୂଆପଡା ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହଠାରେ ଜିଲା ଜରୁରିକାଳୀନ ଶାଖା ତରଫରୁ ଗ୍ରୀଷ୍ମପ୍ରବାହ ଜନିତ ପରିସ୍ଥିତିର ସଫଳ ପରିଚାଳନା ପାଇଁ ଏକ ବୈଠକ ଅନୁଷ୍ଠିତ ହୋଇ ଯାଇଛି। ଜିଲାପାଳ ମଧୁସୂଦନ ଦାସ ଏଥିରେ ଅଧ୍ୟକ୍ଷତା କରିଥିଲେ। ଅତିରିକ୍ତ ଜିଲାପାଳ ସୁବାସ ଚନ୍ଦ୍ର ରଏତ, ଜିଲା ମୁଖ୍ୟଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ମହାଦେବ ବୁଡାଇକ, ଉପଜିଲାପାଳ ଯୋଗେନ୍ଦ୍ର ମାଝି, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଗୁରୁ ପ୍ରସାଦ ଜେନାଙ୍କ ସମେତ ସମସ୍ତ ତହସିଲଦାର, ବିଡିଓ, ସ୍ୱେଚ୍ଛାସେବୀ ସଂଗଠନ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଜରୁରିକାଳୀନ ଶାଖା ଅଧିକାରୀ ତଥା ଜିଲାପାଳ ପ୍ରତିନିଧି ଶେଖ ନସିମ ବୈଠକର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଜିଲାପାଳ ଗ୍ରୀଷ୍ମ ପ୍ରବାହର ସଫଳ ପରିଚାଳନା ପାଇଁ ସମସ୍ତ ବିଭାଗୀୟ ଅଧିକାରୀଙ୍କ ଦାୟିତ୍ୱ, କର୍ତ୍ତବ୍ୟ, ପ୍ରାକ୍ ପ୍ରସ୍ତୁତି ଉପରେ ବୁଝାଇଥିଲେ। କେବଳ ମଣିଷ ସମାଜ ନୁହେଁ, ସମସ୍ତ ଗୃହପାଳିତ ପଶୁ, ଜୀବଜନ୍ତୁ ଓ ବୃକ୍ଷଲତାର ସୁରକ୍ଷା କରିବା ଆବଶ୍ୟକ। ଏଥିପାଇଁ ଅଧିକାରୀମାନେ ନିଜ ବିଭାଗ ସହ ଜନ ପ୍ରତିନିଧିଙ୍କୁ ସାମିଲ କରିବା ପାଇଁ ଜିଲାପାଳ କହିଥିଲେ। ଜିଲା ଜରୁରୀ ଶାଖା ଡିପିଓ ମହେନ୍ଦ୍ର ସ୍ୱାଇଁ ଗ୍ରୀଷ୍ମ ପ୍ରବାହର କାରଣ ନିରାକରଣ ପାଇଁ ଆବଶ୍ୟକ କାର୍ଯ୍ୟାନ୍ୱୟନର ପାୱାର ପଏଣ୍ଟ ଉପସ୍ଥାପନ କରିଥିଲେ।

## ସରପଞ୍ଚ ସଂଘ ପକ୍ଷରୁ ବିଡିଓ, ତହସିଲଦାରଙ୍କୁ ସମ୍ବର୍ଦ୍ଧନା

**କୋକସରା, ୧୯।୩ (ଦୁଷ୍ମନ୍ତ କୁମାର ପାଢ଼ଯୋଷୀ)**

କଳାହାଣ୍ଡି ଜିଲା କୋକସରା ପଞ୍ଚାୟତ ସମିତି ଅନ୍ତର୍ଗତ ଲଡୁଗାଁ ସରପଞ୍ଚ ତଥା ବ୍ଲକ ସଂଘର ସଭାପତି ନକୁଳ ନାଏକଙ୍କ ନେତୃତ୍ୱରେ କର୍ମକର୍ତ୍ତାମାନେ ବୁଧବାର ବିଡିଓ ଡ. ହିମାଞ୍ଚଳ ମାଝୀ ଓ ତହସିଲଦାର କ୍ଷୀରୋଦ ବିହାରୀ ଭାରତ ନାଗଙ୍କୁ ତାଙ୍କ କାର୍ଯ୍ୟାଳୟରେ ସାକ୍ଷାତ କରି ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଛନ୍ତି। ଏହି ସମୟରେ ସେମାନେ ବ୍ଲକ ଓ ୨୨ ପଞ୍ଚାୟତର ବିଭିନ୍ନ ଉନ୍ନୟନ କାର୍ଯ୍ୟରେ ଦୁଇ ଅଧିକାରୀଙ୍କ ସହଯୋଗ କାମନା କରିଥିଲେ। ଦୁଇ ପ୍ରଶାସନିକ ଅଧିକାରୀ ମଧ ସରପଞ୍ଚ ସଂଘ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନା କରିଥିଲେ। କାଉଡୋଲା ସରପଞ୍ଚ ଦେବୀସିଂ ତାଣ୍ଡି, ଡୁଡୁକାଠେଙ୍ଗା ସରପଞ୍ଚ ହରିପ୍ରିୟା ନାଗ, ବରାଡ଼ଙ୍ଗା ସରପଞ୍ଚ ନିରୂପମା ସେଠୀ, ଗମ୍ଭାରୀଗୁଡା ସରପଞ୍ଚ ଈଶରାମ ସୁନାନୀ, କନ୍ଦାବୁଟ୍ରା ସରପଞ୍ଚ କୁରୁକ୍ଷେତ୍ର ବେହେରା, ପୂର୍ବତନ ସରପଞ୍ଚ ଲଡୁଗାଁ କହ୍ନେଇ ଚରଣ ଦାସ, ପଙ୍କଜ ମୁଖ ଚୌଧୁରୀ, ରବି ନାରାୟଣ ଦାସ, ମନୋରଞ୍ଜନ ବାଣୁଆ ପ୍ରମୁଖ ଉପସ୍ଥିତ ଥିଲେ।


ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ପାଠପଢି ଭଲ ମଣିଷ ହେବାକୁ ଆହ୍ୱାନ


ଜଣେ ଛାତ୍ରୀଙ୍କୁ ଅତିରିକ୍ତ ଜିଲାପାଳ ପୁରସ୍କୃତ କରୁଛନ୍ତି।

**ଭବାନୀପାଟଣା, ୧୯।୩(ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟର ବାର୍ଷିକ ଉତ୍ସବ 'ଶରଧା' ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଗରୁଡଧଜ ବାରିକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନ ମୁଖ୍ୟ ଅତିଥି ଓ ସନ୍ଧ୍ୟା ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟାପକ ପରମେଶର ମୁଣ୍ଡ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ଛାତ୍ରୀଛାତ୍ର ଭଲ ପାଠ ପଢିବା ସହ ଭଲ ମଣିଷ ହେବା ପାଇଁ ଅତିଥିମାନେ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା, ଛାତ୍ରସଂସଦର ସଭାପତି ଯଶୋବନ୍ତ ଚକ୍ରିଆ, ଉପସଭାପତି ଡିଲେଶ ରଞ୍ଜନ ମେହେର, ଛାତ୍ରୀଛାତ୍ର ଯୋଗ ଦେଇଥିଲେ।

## ୮ କ୍ୱିଣ୍ଟାଲ ପୋଚ ନଷ୍ଟ, ମଦରନ୍ଧା ସାମଗ୍ରୀ ଜବତ

**କୋକସରା, ୧୯।୩ (ଦୁଷ୍ମନ୍ତ କୁମାର ପାଢ଼ଯୋଷୀ):** କଳାହାଣ୍ଡି ଜିଲା କୋକସରା ଅବକାରୀ ଥାନା ଏସ୍‌ଆଇ ନରେନ୍ଦ୍ର ମିଞ୍ଜଙ୍କ ନେତୃତ୍ୱରେ ସାନ ପୋଡାଗୁଡା ପଞ୍ଚାୟତ କୁଳେରଗୁଡା ନିକଟ ଜଙ୍ଗଲରେ ଦେଶୀ ମଦ ପ୍ରସ୍ତୁତ ହେଉଥିବା ଖବର ପାଇ ଚଢାଉ କରାଯାଇଛି। ଏହି ସମୟରେ ଜଙ୍ଗଲରୁ ପ୍ରାୟ ୮ କ୍ୱିଣ୍ଟାଲ ମହୁଲ ପୋଚ ନଷ୍ଟ କରାଯାଇ ମଦ ରନ୍ଧାରେ ବ୍ୟବହୃତ ସାମଗ୍ରୀ ଜବତ କରାଯାଇଛି। ତେବେ ଅବକାରୀ ଚଢାଉ ଖବର ପାଇ ମଦ ପ୍ରସ୍ତୁତକାରୀ ଚମ୍ପଟ ମାରିଥିଲେ। ଚଢ଼ାଉରେ ଅବକାରୀ କନଷ୍ଟେବଳ ବଳଭଦ୍ର ପାତ୍ର, ଅରୁଣାକ୍ଷ ଧ. ମାଝୀ, ଖୁସିଦେ କଟା ଓ ପ୍ରିୟମ୍ବଦା ଜେନା ପ୍ରମୁଖ ସାମିଲ ଥିଲେ।

## ଜିଲାସ୍ତରୀୟ ବିକଶିତ ଭାରତ ଯୁବସଂସଦ ପ୍ରତିଯୋଗିତା



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

**ଭବାନୀପାଟଣା, ୧୯।୩ (ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଏନ୍‌ଏସ୍‌ଏସ୍ ବ୍ୟୁରୋ, କେନ୍ଦ୍ର ଯୁବବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟର ନେହେରୁ ଯୁବକେନ୍ଦ୍ର ସଂଗଠନର ମିଳିତ ଆନୁକୂଲ୍ୟରେ ବୁଧବାର ଜିଲାସ୍ତରୀୟ ବିକଶିତ ଭାରତ ଯୁବସଂସଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ନୋଡାଲ ଅଧିକାରୀ ଡ. ଚିତ୍ତରଞ୍ଜନ ଖୁଣ୍ଟିଆଙ୍କ ତତ୍ତ୍ୱାବଧାନରେ ବିତର୍କ ପ୍ରତିଯୋଗିତା ୨ଦିନ ଧରି ଅନୁଷ୍ଠିତ ହେବ। ଏଥିରେ ମୋଟ ୪୦୬ ଜଣ ପ୍ରତିଯୋଗୀ ପ୍ରାଥମିକ ସ୍ତରରେ ମେରା ଯୁବା ଭାରତ ପୋର୍ଟାଲ ମାଧ୍ୟମରେ ୧ ମିନିଟ୍‌ର ଭିଡିଓ ପଞ୍ଜୀକରଣ କରିଛନ୍ତି। ସେହିପରି ଏକ ଚୟନ କମିଟି ମାଧ୍ୟମରେ ଭାରତ ସରକାରଙ୍କ ନିୟମ ଅନୁଯାୟୀ କଳାହାଣ୍ଡି, ରାୟଗଡ଼ା, ନୂଆପଡ଼ା ଜିଲାର ୧୫୦ଜଣ ପ୍ରତିଯୋଗୀଙ୍କୁ ଜିଲାସ୍ତରୀୟ ପ୍ରତିଯୋଗିତାରେ ଭାଗନେବା ଲାଗି ଚୟନ କରାଯାଇଛି। ଏହି କାର୍ଯ୍ୟକ୍ରମକୁ ଭାରପ୍ରାପ୍ତ କୁଳପତି ଡ. ନିବେଦିତା ନାଥ ଉଦ୍‌ଘାଟନ କରିବା ସହିତ ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥି ଭାବେ କୁଳସଚିବ ପୀତାମ୍ବର ଭୋଇ, ଉପକୁଳ ସଚିବ ମେଜର ଡ. ଜୟଦେବ ସାହୁ ଯୋଗଦାନ କରିଥିଲେ। ନୋଡାଲ ଅଧିକାରୀ ଡ. ଚିତ୍ତରଞ୍ଜନ ଖୁଣ୍ଟିଆ ପ୍ରାରମ୍ଭରେ ସ୍ୱାଗତ ଭାଷଣ ଦେଇଥିବା ବେଳେ ଜୟନ୍ତ କୁମାର ଦନସନା ସଂଯୋଜନା କରିଥିଲେ। ଶେଷରେ କଳାହାଣ୍ଡି ନେହେରୁ ଯୁବକେନ୍ଦ୍ର ସଙ୍ଗଠନର ଜିଲା ଯୁବ ଅଧିକାରୀ ପ୍ରସନ୍ନ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

## କଳାହାଣ୍ଡି କ୍ଷୁଦ୍ର ଜଳସେଚନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ନିଲମ୍ବିତ

**ଭବାନୀପାଟଣା, ୧୯।୩ (ଉତ୍ତମ କୁମାର ଦାଶ)**

**ମହଙ୍ଗା ପଡିଲା ଟେଣ୍ଡରକୁ ନେଇ ଦୁଇଥର ଲଟେରି କରିବା**


ଜଗନ୍ନାଥ ମଲ୍ଲିକ।

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ କ୍ଷୁଦ୍ର ଜଳସେଚନ ବିଭାଜନ ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଟେଣ୍ଡର ପ୍ରକ୍ରିୟାରେ ଦୁର୍ନୀତି ନେଇ ଅଭିଯୋଗ ହୋଇଥିଲା। ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀ ଜଗନ୍ନାଥ ମଲ୍ଲିକ ବେନିୟମ ଭାବେ ଟେଣ୍ଡର ଲଟେରି କରି ଏବେ ନିଲମ୍ବିତ ହୋଇଛନ୍ତି। ରାଜ୍ୟ ସରକାରଙ୍କ ଅତିରିକ୍ତ ମୁଖ୍ୟ ସଚିବଙ୍କ ଦସ୍ତଖତ ଥିବା ଚିଠିରେ ଅଧୀକ୍ଷଣ ଯନ୍ତ୍ରୀ ମଲିକଙ୍କୁ ଗତ ୧୩ ମାର୍ଚ୍ଚରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ନିଲମ୍ବିତ କରାଯାଇଥିବା ଜଣାପଡିଛି। ଭବାନୀପାଟଣା କକ୍ଷାକେନ୍ଦ୍ରୁ ଯମୁନାସାଗର ଏମ୍‌ଆଇପି କାର୍ଯ୍ୟ ପାଇଁ ଟେଣ୍ଡର ଆହ୍ୱାନ କରାଯାଇ ବେଆଇନ ଭାବେ ଦୁଇଥର ଲଟେରି ଉଠାଇ ଟେଣ୍ଡର ଫିକ୍ସିଂ କରିଥିବା ଅଭିଯୋଗରେ ତାଙ୍କ ବିରୋଧରେ ଏହି ପଦକ୍ଷେପ ନିଆଯାଇଛି। ଏହାର ଆଦେଶନାମା ମଙ୍ଗଳବାର ଅଫିସରେ ପହଞ୍ଚିଛି।

ଘଟଣାରୁ ପ୍ରକାଶ ଯେ, କଳାହାଣ୍ଡି ଜିଲା କ୍ଷୁଦ୍ର ଜଳସେଚନ ବିଭାଗର ବିଡ୍ ନଂ. ୩/୨୦୨୪--୨୫ର ୧୦ଗୋଟି କାର୍ଯ୍ୟ ପାଇଁ ଟେଣ୍ଡର ଆହ୍ୱାନ କରାଯାଇଥିଲା। ଟେଣ୍ଡରଗୁଡିକ ୧୪.୯୯% କମରେ ହେବା କାରଣରୁ ପୂର୍ବ ନିର୍ଦ୍ଧାରିତ ତାରିଖ ଅନୁସାରେ ଗତ ନଭେମ୍ବର ୧୮ରେ ଲଟେରି ହୋଇଥିଲା। ଏହି ଟେଣ୍ଡରକୁ ଜନୈକ ଠିକାଦାର ପାଇଥିଲେ ସୁଦ୍ଧା ଟେଣ୍ଡର ପ୍ରକ୍ରିୟାରେ ଅନ୍ୟ ଜଣେ ଠିକାଦାରଙ୍କ ନାଁ ଭୁଲ ହୋଇଥିବା ଜଣାପଡିଥିଲା। ଭୁଲ ନାମରେ କେମିତି ଟେଣ୍ଡର କାର୍ଯ୍ୟ ଶେଷ କରାଗଲା ତାହାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଠିକାଦାରମାନେ ଏକଜୁଟ ହୋଇ ବିରୋଧ କରିବା ଆରମ୍ଭ କରିଥିଲେ। ପରିଶେଷରେ ଅଧୀକ୍ଷଣ ଯନ୍ତ୍ରୀ ଟେଣ୍ଡର ବାତିଲ କରିବା ପରିବର୍ତ୍ତେ ଦ୍ୱିତୀୟଥର ଲଟେରି କରିଥିଲେ। ଏହା ସମ୍ପୂର୍ଣ୍ଣ ବେଆଇନ ଓ ଉଦ୍ଦେଶ୍ୟମୂଳକ ବୋଲି ଜଣାପଡିଥିଲା। ବିଭାଗୀୟ ଉଚ୍ଚ ଅଧିକାରୀଙ୍କ ବିନା ଅନୁମତିରେ ପୁଣି ଥରେ କିପରି ଲଟେରି ହେଲା ତାହାକୁ ନେଇ ପ୍ରଶ୍ନ ଉଠିଥିଲା। ପରେ ଯେଉଁ ଠିକାଦାର ପ୍ରଥମ ଲଟେରି ମାଧ୍ୟମରେ ଟେଣ୍ଡର ହାସଲ କରିଥିଲେ ସେ ଦ୍ୱିତୀୟ ଲଟେରିରେ ନ ପାଇବା ଯୋଗୁ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଚିଠିଲେଖି ଜଣାଇଲେ। ଯନ୍ତ୍ରୀ ଜଣକ ଏହି ଖବର ପ୍ରଘଟ ନ ହେଉ ବୋଲି ଚେଷ୍ଟା ଚଳାଇ ଚୁପ ରହିଲେ। ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀ ଜାଣିବା ପରେ ବିଭାଗର ଚେତା ପଶିଲା। ଅନ୍ୟ ଯନ୍ତ୍ରୀମାନେ ଠିକାଦାରମାନଙ୍କୁ ବୁଝାଇବାକୁ ଚେଷ୍ଟାକରି ବିଫଳ ହୋଇଥିଲେ। ଶେଷରେ ରାଜ୍ୟ ସରକାରଙ୍କ ଅତିରିକ୍ତ ସଚିବ କାର୍ଯ୍ୟାନୁଷ୍ଠାନ ନେଇ ଅଧୀକ୍ଷଣ ଯନ୍ତ୍ରୀ ମଲ୍ଲିକଙ୍କୁ ନିଲମ୍ବନ କରିଛନ୍ତି।

## ଜ୍ଞାନ ପ୍ରକାଶର ପୋଷ୍ଟର ଉନ୍ମୋଚନ ସମାରୋହ



**ବରଗଡ଼,୧୯।୩(ପ୍ରେମାନନ୍ଦ ଖମାରୀ):** ବରଗଡ଼ ମାଁ ଶ୍ୟାମାକାଳୀ ମନ୍ଦିରଠାରେ ଜାତୀୟସ୍ତରୀୟ ସାହିତ୍ୟ ସଂସଦ ଜ୍ଞାନ ପ୍ରକାଶ, ବରଗଡ଼ର ପୋଷ୍ଟର ଉନ୍ମୋଚନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ କଳାକାର ସତ୍ୟ ନାରାୟଣ ପଣ୍ଡାଙ୍କ ଦ୍ୱାରା ଏହା ଉନ୍ମୋଚିତ ହୋଇଥିଲା। ଜ୍ଞାନ ପ୍ରକାଶର ନବମ ଜାତୀୟ ସମ୍ମିଳନୀ ଆସନ୍ତା ଜୁନ ମାସ ୨୨ ତାରିଖ ରବିବାର ଭୁବନେଶର ଜୟଦେବ ଭବନଠାରେ ପାଳିତ ହେବ ବୋଲି ଜ୍ଞାନ ପ୍ରକାଶର ଜ୍ଞାନଚାନ୍ଦ ଶତପଥୀ ଜଣାଇଛନ୍ତି। ଏହି ଅବସରରେ ଜ୍ଞାନ ପ୍ରକାଶ ପକ୍ଷରୁ ବିଶିଷ୍ଟ କବି, ଲେଖକମାନଙ୍କୁ ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ମାନିତ କରାଯିବ ବୋଲି ସେ ସୂଚନା ଦେଇଛନ୍ତି। ପୋଷ୍ଟର ଉନ୍ମୋଚନ କାର୍ଯ୍ୟକ୍ରମର ଅନୁଷ୍ଠାନର ବରଗଡ଼ ଜିଲା ମୁଖ୍ୟ ବିରେନ୍ଦ୍ର ମିଶ୍ର, ତୁଳସୀ ଚରଣ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

# ବିଦ୍ୟୁତ୍ ସମସ୍ୟା ପ୍ରତିବାଦରେ ଚାଷୀଙ୍କ ଧାରଣା

**ବରଗଡ଼, ୧୯।୩(ପ୍ରେମାନନ୍ଦ ଖମାରୀ)**

ବିଦ୍ୟୁତ ସମସ୍ୟା ନେଇ ବରଗଡ଼ ଜିଲାରେ ଚାଷୀ ଅସନ୍ତୋଷ ତେଜି ଉଠିଛି। ବୁଧବାର କୃଷକ ପରିବାର, ଭଟଲି ପକ୍ଷରୁ ସ୍ଥାନୀୟ ବିଦ୍ୟୁତ୍ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ବିଭାଗୀୟ ଯନ୍ତ୍ରୀ ପହଞ୍ଚି ଆଲୋଚନା କଲାପରେ ଚାଷୀମାନେ ଧାରଣାରୁ ଉଠିଥିଲେ। ଏହି ଅବସରରେ କୃଷକ ପରିବାରର ସଦସ୍ୟମାନେ ପ୍ରଥମେ ସ୍ଥାନୀୟ ନିୟନ୍ତ୍ରିତ ବଜାର ପ୍ରାଙ୍ଗଣରେ ଏକ ବୈଠକ କରିଥିଲେ। ସଙ୍ଗଠନର ସଭାପତି ଥବିର ସାହୁଙ୍କ ସଭାପତିତ୍ୱରେ ହୋଇଥିବା ବୈଠକରେ ଭଟଲୀ ବ୍ଲକର ବିଭିନ୍ନ ଗ୍ରାମରୁ ଆସିଥିବା ଶତାଧିକ ଚାଷୀମାନେ ଯୋଗଦାନ କରିଥିଲେ। ଧାନ ବିକ୍ରି ପାଇଁ ଚାଲିଥିବା ପଞ୍ଜୀକରଣ ପ୍ରକ୍ରିୟାରେ ଚଳିତ ବର୍ଷ ବିଦ୍ୟୁତ୍ ବିଲ ବାଧ୍ୟତାମୂଳକ କରାଯାଇଥିବା ପ୍ରସଙ୍ଗକୁ ନେଇ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଏ ସମ୍ପର୍କରେ ଡିଆର୍‌ସିଏସ୍ ଯୁଗଳ କିଶୋର ଦାଶଙ୍କୁ ଫୋନ କରି ସଭାସ୍ଥଳରୁ ପଚରା ଯାଇଥିଲା ଏବଂ ତାର ସମାଧାନ ପାଇଁ ଦାବି ହୋଇଥିଲା। ଅପରପକ୍ଷରେ ଅନ୍ୟ ବର୍ଷ ଗୁଡ଼ିକରେ କେବଳ ଉପଭୋକ୍ତା ନମ୍ବର ଦେଲେ ପଞ୍ଜୀକରଣ ଆବେଦନ ହୋଇ ପାରୁଥିଲା । ମାର୍ଗଦର୍ଶିକାରେ ମଧ୍ୟ କେବଳ ଉପଭୋକ୍ତା ନମ୍ବର ହିଁ ଆବଶ୍ୟକ ଅଛି। ଯଦି ବିଦ୍ୟୁତ୍ ବିଲ ବାଧ୍ୟ କରାଯାଏ, ଚାଷୀମାନେ ଆନ୍ଦୋଳାତ୍ମକ ପନ୍ଥା ଗ୍ରହଣ କରିବାକୁ ବାଧ୍ୟ ହେବେ ବୋଲି ଚେତାବନୀ ଦେଇଛନ୍ତି। ବୈଠକ ପରେ ଚାଷୀମାନେ ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟକୁ ଯାଇଥିଲେ। ଲୋ ଭୋଲଟେଜ, ଅଘୋଷିତ ବିଦ୍ୟୁତ୍ କାଟ ଏବଂ ମାତ୍ରାଧିକ ବିଦ୍ୟୁତ୍ ବିଲ, ବିଦ୍ୟୁତ୍ ବିଲ ପୈଠ କରିଥିଲେ ସୁଦ୍ଧା ବିଲ କାଗଜ ଚାଷୀମାନଙ୍କୁ ନ ଦେବା ଅଭିଯୋଗ ନେଇ ଚାଷୀମାନେ ସେଠାକୁ ଯାଇଥିଲେ। ସେତେବେଳେ କାର୍ଯ୍ୟାଳୟରେ କେହି ନ ଥିବା ଯୋଗୁ ଚାଷୀମାନେ ସେଠାରେ ଧାରଣାରେ ବସିଥିଲେ। ବିଭାଗୀୟ କନିଷ୍ଠ ଯନ୍ତ୍ରୀ ସ୍ୱାଧୀନ ସାହୁ ଖବର ପାଇ ସେଠାକୁ ଆସିଥିଲେ ଏବଂ ଧାରଣା ରତ ଚାଷୀମାନଙ୍କ ସହିତ ଆଲୋଚନା କରିଥିଲେ। ଚାଷୀମାନେ ଉପରୋକ୍ତ ସମସ୍ୟା ସମୂହ ତାଙ୍କଠାରେ ଉପସ୍ଥାପନ କରିଥିଲେ। ଉପରିସ୍ଥ ଅଧିକାରୀଙ୍କୁ ଉକ୍ତ ଦାବି ଗୁଡୁକ ଉପରେ ଜଣାଇ ବିହିତ ପଦକ୍ଷେପ ନିଆଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଚାଷୀମାନେ ଧାରଣାରୁ ଉଠିଥିଲେ। ସଂଯୁକ୍ତ କୃଷକ ସଂଗଠନ ଉପଦେଷ୍ଟା ରମେଶ ମହାପାତ୍ର, ସୁରେନ ସାହୁ, ହେମନ୍ତ ସାହୁ, ମେଘନାଦ ପଟେଲ, ଅଶୋକ ସାହୁ, ଦେବେନ୍ଦ୍ର ପଧାନ, ଫିରୋଜ ପଧାନ, କ୍ଷୀରୋଦ୍ର ପ୍ରମୁଖ ଏଥିରେ ସାମିଲ ଥିଲେ।



ଭଟଲି ବିଦ୍ୟୁତ୍ କାର୍ଯ୍ୟାଳୟ ସମ୍ମୁଖରେ ଚାଷୀଙ୍କ ଧାରଣା।

## ମହାବିଦ୍ୟାଳୟରେ ନିବେଶକ ସଚେତନତା ଉପରେ ସମ୍ମାନ

**ପଦ୍ମପୁର,୧୯।୩(ପ୍ରଦୀପ୍ତ ଦାଶ):** ବୁଧବାର ଅଞ୍ଚଳ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଅଧ୍ୟକ୍ଷ ପ୍ରଫେସର ଲଳିତ ମୋହନ ପଣ୍ଡାଙ୍କ ସଭାପତିତ୍ୱରେ ନିବେଶକ ସଚେଜନତା ଉପରେ ଏକ ସମ୍ମାନ ଆଇକ୍ୟୁଏସି ଦ୍ୱାରା ଅନୁଷ୍ଠିତ ହୋଇଥିଲା। ଅଧ୍ୟକ୍ଷ ପଣ୍ଡା ତାଙ୍କ ଭାଷଣରେ ଆର୍ଥିକ ସମ୍ବଳର ସଦୁପଯୋଗ ନିମିତ୍ତ ବର୍ତ୍ତମାନ ଆମ ସମସ୍ତଙ୍କ ପାଇଁ ଆର୍ଥିକ ସାକ୍ଷରତା ଅତ୍ୟନ୍ତ ଜରୁରୀ ବୋଲି କହିଥିଲେ। ଆଇକ୍ୟୁଏସି ସଂଯୋଜକ ତଥା ବାଣିଜ୍ୟ ବିଭାଗ ମୁଖ୍ୟ ନବକୃଷ୍ଣ ମିଶ୍ର ଅତିଥି ପରିଚୟ ସହ ଏହି ସମ୍ମାନର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ଜାତୀୟ ଷ୍ଟକ୍ ବିନିମୟ ସ୍ୱୀକୃତ ପ୍ରଶିକ୍ଷକ ଡ. ଜୟ କିଶନ ମେହେର ରିସୋର୍ସ ପର୍ସନ ଭାବେ ଯୋଗ ଦେଇ ଆର୍ଥିକ ସାକ୍ଷରତା ଉପରେ ସନ୍ଦର୍ଭ ଉପସ୍ଥାପନ କରିଥିଲେ। ଅର୍ଥନୀତି ବିଭାଗ ଅଧ୍ୟାପିକା ଡ.ମମତା ଗୁରୁ ଧନ୍ୟବାଦ ଅର୍ପଣ କରିଥିଲେ। ସରୋଜ କୁମାର ନାଏକ, ଡ. ତୁଷାରକାନ୍ତ ସାହୁ, ବାଳଗୋପାଳ ମେହେର, ବ୍ରଜ କୁମ୍ଭାର, ମିଥୁନ ମେହେର, ଡ. ମମତା ଗୁରୁ, ନିଖତ ଅଞ୍ଜୁମ, ଲଲାଟେନ୍ଦୁ ପ୍ରଧାନ, ଅନନ୍ତ ମଲ୍ଲିକ, ଜଗବନ୍ଧୁ ସୁରୁଜାଲ ପ୍ରମୁଖ ଅଧ୍ୟାପିକା ଅଧ୍ୟାପକ, ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

## ଜିଲାସ୍ତରୀୟ ଜୁନିୟର୍ ରେଡକ୍ରସ ପ୍ରଶିକ୍ଷଣ ଉଦ୍‌ଯାପିତ

**ବରଗଡ଼, ୧୯।୩(ପ୍ରେମାନନ୍ଦ ଖମାରୀ)**

ଭାରତୀୟ ରେଡକ୍ରସ ସୋସାଇଟି, ଓଡ଼ିଶା ରାଜ୍ୟ ଶାଖା ଆନୁକୂଲ୍ୟରେ ବରଗଡ଼ ଜିଲା ଶିକ୍ଷା କାର୍ଯ୍ୟାଳୟ ତରଫରୁ ଚାଲିଥିବା ଜୁନିୟର୍ ରେଡକ୍ରସ କାଉନସେଲରମାନଙ୍କ ପ୍ରଶିକ୍ଷଣ ଶିବିର ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଅମ୍ବାପାଲିସ୍ଥିତ ସମଲେଶରୀ ନୋଡାଲ ହାଇସ୍କୁଲରେ ଅନୁଷ୍ଠିତ ବୈଠକରେ ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ସୁଦୀପ୍ତ କୁମାର ନାୟକ, ଜିଲା ରେଡକ୍ରସ ଅଧିକାରୀ ହେମନ୍ତ କୁମାର ସାମଲ, ପ୍ରଧାନ ଶିକ୍ଷକ ସର୍ବେଶର ରଥ ଯୋଗ ଦେଇଥିଲେ।ଏହି ଶିବିରରେ ଜିଲାର ସମସ୍ତ ବ୍ଲକରୁ ୬୦ଜଣ କାଉନସିଲର ଯୋଗ ଦେଇଥିବା ବେଳେ ସାଧନକର୍ମୀ ଭାବରେ ଦାଦଶ କୁମାର ପଧାନ, ଧର୍ମରାଜ ପ୍ରଧାନ, ମନୋଜ କୁମାର ସାହୁ, ମହେନ୍ଦ୍ର ଆଚାର୍ଯ୍ୟ, ସେବାବିନିମୟୀ ଯୁକ୍ତା ବାରିକ, ଡିଲେଶ୍ୱର ସାହୁ ଯୋଗ ଦେଇ କାଉନସେଲରମାନଙ୍କୁ ରେଡକ୍ରସର ଇତିହାସ, ଜୁନିୟର୍ ରେଡକ୍ରସ ଗ୍ରୁପ ଗଠନ, ରେଡକ୍ରସର ମୌଳିକ ନୀତି, ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା, ରକ୍ତଦାନର ଆବଶ୍ୟକତା, ନିଶା ନିବାରଣ, ବିଦ୍ୟାଳୟ ଓ ନିରାପତ୍ତା, ଦୁର୍ଘଟଣା ସମୟରେ ପ୍ରାଥମିକ ଉପଚାର, ଜଳବାୟୁ ପରିବର୍ତ୍ତନ ଆଦି ବିଭିନ୍ନ ବିଷୟବସ୍ତୁ ଉପରେ ଧାରଣା ପ୍ରଦାନ କରିଥିଲେ। ଏହି ଅବସରରେ ଆୟୋଜିତ ରକ୍ତଦାନ ଶିବିରରେ ୩୬ ଜଣ ଜୁନିୟର୍ ରେଡକ୍ରସ କାଉନସେଲର ରକ୍ତଦାନ କରିଥିଲେ। ପ୍ରଶିକ୍ଷଣ ଶେଷରେ ସମସ୍ତ ପ୍ରଶିକ୍ଷାର୍ଥୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା।



କାର୍ଯ୍ୟକ୍ରମର ଉଦ୍‌ଯାପନୀ ସମାରୋହରେ ମାନପତ୍ର ସହିତ ପ୍ରଶିକ୍ଷାର୍ଥୀମାନେ।

# ୪୫ଜଣଙ୍କୁ ମିଳିବ ମହିଳା ପ୍ରତିଭା ସମ୍ମାନ



ବୈଠକରେ ଉପସ୍ଥିତ ଜନ କଲ୍ୟାଣ ସେବା ଟ୍ରଷ୍ଟର କର୍ମକର୍ତ୍ତା ଏବଂ ସଦସ୍ୟ ବୃନ୍ଦ।

**ବରଗଡ଼,୧୯।୩(ପ୍ରେମାନନ୍ଦ ଖମାରୀ)**

ବରଗଡ଼ର ସ୍ୱେଚ୍ଛାସେବୀ ସଙ୍ଗଠନ ଜନ କଲ୍ୟାଣ ସେବା ଟ୍ରଷ୍ଟ ତରଫରୁ ଆସନ୍ତା ୨୭ତାରିଖ ମହିଳା ପ୍ରତିଭା ସମ୍ମାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ଏକ ହୋଟେଲ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ଅନୁଷ୍ଠାନର ପ୍ରତିଷ୍ଠାତା ମୁକୁନ୍ଦ ଦାଶ ସଭାପତିତ୍ୱ କରିଥିଲେ। ବୈଠକରେ ଦାଶ ସୂଚନା ଦେଇ କହିଥିଲେ, ରାଜ୍ୟର ବିଭିନ୍ନ ଜିଲାରେ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିବା ମହିଳିମାନଙ୍କୁ ଉତ୍ସାହିତ କରିବା ପାଇଁ ମହିଳା ପ୍ରତିଭା ସମ୍ମାନ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଉକ୍ତ କାର୍ଯ୍ୟକ୍ରମରେ ୪୫ଜଣ ମହିଳାଙ୍କୁ ମାନପତ୍ର ଓ ଉପଢୌକନ ଦେଇ ମହିଳା ପ୍ରତିଭା ସମ୍ମାନରେ ସମ୍ବର୍ଦ୍ଧିତ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି । ବୈଠକରେ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଡଃ ଅଜିତ କୁମାର ନାଥ କାର୍ଯ୍ୟକ୍ରମ ଉପରେ ନିଜର ମତ ରଖିଥିଲେ। ଅନୁଷ୍ଠାନର ସମ୍ପାଦକ ମନୀଷ ଶର୍ମା ବାହାର ଜିଲାରୁ ଆସିଥିବା ପ୍ରତିଭାମାନଙ୍କୁ ସମ୍ମାନ ଓ ବ୍ୟବହାର ଦେବା ସହ ସମସ୍ତଙ୍କ ପାଇଁ ସୁବ୍ୟବସ୍ଥା କରାଯିବ ବୋଲି ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମ ଆସନ୍ତା ୨୭ତାରିଖ ରେନବୋ ପବ୍ଲିକ ସ୍କୁଲଠାରେ ଅନୁଷ୍ଠିତ ହେବ ବୋଲି ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ଶିବାନନ୍ଦ ମଟାରୀ ସୂଚନା ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ଆଜୀବନ ସଦସ୍ୟା, ସଦସ୍ୟ ଉପସ୍ଥିତ ଥିବାବେଳେ ଅନୁ ଭୋଇ, ରାଜକୁମାର ବନଛୋର୍, ସନ୍ତୋଷିନି ସାହୁ ,ସାରଥୀ ମେହେର, ଅନିମା ଚକ୍ରବର୍ତ୍ତୀ, ବୃନ୍ଦାବନ ବେହେରା, ଚନ୍ଦ୍ରକାନ୍ତ ସାହୁ, ଯୋଗେନ୍ଦ୍ର ସାହୁ, ଦିନେଶ ସରାଫ, ମାନସ ରଞ୍ଜନ ସାହୁ, ଦୟାନିଧି ପ୍ରଧାନ, ନିହାର ରଞ୍ଜନ ପ୍ରଧାନ, ପାୟଲ ପାତ୍ର, ସ୍ୱରୂପା ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ସେମାନଙ୍କୁ ବିଭିନ୍ନ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ଡ଼ା ଅଜିତ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

## ନାମଲେଖା ନିମନ୍ତ୍ରଣ ବାଣ୍ଟିଲେ ଶିକ୍ଷାଧିକାରୀ

**ବରଗଡ଼,୧୯।୩(ପ୍ରେମାନନ୍ଦ ଖମାରୀ)**

ଆସନ୍ତା ଶିକ୍ଷାବର୍ଷ ୨୦୨୫-୨୬ରେ ଆରମ୍ଭ ହେବାକୁ ଥିବା ଶିଶୁ ବାଟିକା-୩ରେ ନାମ ଲେଖାଇବା ପାଇଁ ବରଗଡ଼ ଜିଲା ଶିକ୍ଷା ବିଭାଗ ପକ୍ଷରୁ ନିମନ୍ତ୍ରଣ ବଣ୍ଟନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ବୁଧବାର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଗୋବିନ୍ଦପାଲିଠାରେ ଆରମ୍ଭ ହେବାକୁ ଥିବା ଶିଶୁ ବାଟିକା-୩ରେ ପାଞ୍ଚ ବର୍ଷର ଶିଶୁମାନଙ୍କୁ ନାମ ଲେଖାଇବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଅଭିଭାବକମାନଙ୍କ ଉଦ୍ଦେଶ୍ୟରେ ଦେଇଥିବା ନିମନ୍ତ୍ରଣ ପତ୍ର ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଜ୍ୟୋତିକାନ୍ତ ସାହୁ ଓ ବ୍ଲକ ଶିକ୍ଷାଧିକାରୀ ଡଃ ସୁରେନ୍ଦ୍ର କୁମାର ସାହୁ ବଣ୍ଟନ କରିଥିଲେ। ଅତିରିକ୍ତ ଜିଲା ଶିକ୍ଷାଧିକାରୀ ସାହୁ ଗୋବିନ୍ଦପାଲି ଗ୍ରାମବାସୀଙ୍କ ସହିତ ଆସନ୍ତା ଏପ୍ରିଲ ମାସ ୨ତାରିଖରେ ହେବାକୁ ଥିବା ପ୍ରବେଶ ଉତ୍ସବ ତଥା ଖଡି ଛୁଆଁ କାର୍ଯ୍ୟକ୍ରମରେ ସମସ୍ତ ଶିଶୁ ଯେପରି ନାମ ଲେଖାଇ ପାରିବେ, ସେଥିପାଇଁ ସମସ୍ତଙ୍କର ସହଯୋଗ କାମନା କରିଥିଲେ। ଆସନ୍ତା ୨୦୨୫-୨୬ ଶିକ୍ଷାବର୍ଷରେ ହେବାକୁ ଥିବା ପ୍ରବେଶ ଉତ୍ସବ ତଥା ଖଡ଼ିଛୁଆଁ କାର୍ଯ୍ୟକ୍ରମ ଯେପରି ସଫଳତାର ସହିତ କାର୍ଯ୍ୟକାରୀ ହେବ ଓ କୌଣସି ଶିଶୁ ନାମ ଲେଖାଇବାରୁ ବଞ୍ଚିତ ହେବେ ନାହିଁ, ସେଥିପ୍ରତି ଗୁରୁତ୍ୱ ଦେବା ପାଇଁ ଗୋଷ୍ଠୀ ଶିକ୍ଷାଧିକାରୀ ସାହୁ ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକମାନଙ୍କୁ ଦିଗଦର୍ଶନ ଦେଇଥିଲେ। ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଗୋବିନ୍ଦପାଲି ଶିଶୁ ବାଟିକା -୩ରେ ପ୍ରାୟ ୪୦ଜଣ ଓ ପ୍ରଥମ ଶ୍ରେଣୀରେ ୩୦ଜଣ ଛାତ୍ରୀଛାତ୍ର ନାମ ଲେଖାଇବାର ଲକ୍ଷ୍ୟ ରଖାଯାଇ ଥିବାରୁ ଅଧିକାରୀମାନେ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକମାନଙ୍କୁ ଧନ୍ୟବାଦ ଦେଇଥିଲେ।



ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଜଣେ ଅଭିଭାବିକାଙ୍କୁ ନାମଲେଖା ନିମନ୍ତ୍ରଣ ଦେଉଛନ୍ତି।

# ଯୁବକଙ୍କୁ ପିଟିପିଟି ହତ୍ୟା

**ବରଗଡ଼,୧୯।୩(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଥାନା ଅନ୍ତର୍ଗତ ଜମୁର୍ଡା ଗ୍ରାମରେ ମଙ୍ଗଳବାର ବିଳମ୍ବିତ ରାତିରେ ଏକ ହତ୍ୟାକାଣ୍ଡ ଘଟିଛି। କୌଣସି ଏକ କଥାକୁ ନେଇ ଗ୍ରାମର ଜଣେ ଯୁବକଙ୍କୁ ପିଟିପିଟି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ମୃତ ଯୁବକ ଜଣକ ହେଲେ ଉକ୍ତ ଗ୍ରାମର ସୁଧାଂଶୁ ପ୍ରଧାନ (୨୫)। ମୃତକଙ୍କ ଭାଇ ମନୋଜ ପ୍ରଧାନଙ୍କ ଏତଲା କ୍ରମେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଗତ କିଛିଦିନ ତଳେ ସୁଧାଂଶୁ ଅନ୍ୟ ୪ଜଣଙ୍କ ସହ ମିଶି ବଲାଙ୍ଗୀର ଜିଲାର ଏକ କାର୍ଯ୍ୟକ୍ରମକୁ ଅଭିନୟ କରିବା ପାଇଁ ଯାଇଥିଲେ। ସେଠାରୁ ସେମାନେ ମଙ୍ଗଳବାର ବିଳମ୍ବିତ ରାତିରେ ଗ୍ରାମରେ ପହଞ୍ଚିଥିଲେ। ହେଲେ ସୁଧାଂଶୁ ତାଙ୍କ ଘରକୁ ଫେରି ନ ଥିଲେ। ଅନ୍ୟପକ୍ଷରେ ବଲାଙ୍ଗୀର ଜିଲାକୁ ନେଇଥିବା ଗ୍ରାମବାସୀ ଜଣକ ସୁଧାଂଶୁ ଗୁରୁତର ଅବସ୍ଥାରେ ଗ୍ରାମର ଉପରପଡ଼ାରେ ରହିଥିବା ଏକ ଗାଡିରେ ପଡ଼ି ରହିଛନ୍ତି ବୋଲି ମୃତକଙ୍କ ସମ୍ପର୍କୀୟଙ୍କୁ ଖବର ଦେଇଥିଲେ। ପରିବାର ଓ ସମ୍ପର୍କୀୟ ଲୋକେ ସେଠାରେ ପହଞ୍ଚି ସୁଧାଂଶୁଙ୍କ ମୃତଦେହ ପଡ଼ିଥିବା ଦେଖିଥିଲେ। ଶରୀରର ବିଭିନ୍ନ ସ୍ଥାନରେ ମାଡ଼ ଦାଗ ରହିଥିବା ମଧ୍ୟ ସେମାନେ ଦେଖିବାକୁ ପାଇଥିଲେ। ଖବର ପାଇ ବରଗଡ଼ ଏସ୍‌ଡିପିଓ ପଦାରବିନ୍ଦ ତ୍ରିପାଠୀ, ଗ୍ରାମାଞ୍ଚଳ ଥାନା ଆଇଆଇସି ସସ୍ମିତା ପ୍ରଧାନ ପ୍ରମୁଖ ଅନୁସନ୍ଧାନୀ କୁକୁର ସହ ଜମୁର୍ଡାରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ପୋଲିସ ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ବରଗଡ଼ ଡାକ୍ତରଖାନାକୁ ପଠାଯାଇଛି।



ଅନୁସନ୍ଧାନୀ କୁକୁର ସହ ପୋଲିସ ତଦନ୍ତ କରୁଛି।

## ରୌପ୍ୟ ଜୟନ୍ତୀ ପ୍ରସ୍ତୁତି ବୈଠକ

**ଗାଇସିଲେଟ,୧୯।୩(ଦୁର୍ଗାପ୍ରସାଦ):** ଗାଇସିଲେଟ ତ୍ରିବେଦୀ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ରୌପ୍ୟ ଜୟନ୍ତୀ ପାଳନ କରାଯିବା ପାଇଁ ରବୀନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ମହିଳାମାନଙ୍କର ଏକ ପ୍ରସ୍ତୁତି ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଆଗାମୀ ୩୦ ତାରିଖରେ ହିନ୍ଦୁ ନବବର୍ଷରୁ ଆଗାମୀ ଏକ ବର୍ଷ ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମ ସହିତ ପ୍ରଥମେ ମହିଳାମାନଙ୍କ ଦ୍ୱାରା କଳସଯାତ୍ରା ଅନୁଷ୍ଠିତ ହେବ। ଏପ୍ରିଲ ଓ ମେ ମାସରେ ଜଳ ଛତ୍ର, ଜୁନ ମାସରେ ସ୍ମରଣିକା ସମାପ୍ତି, ଜୁଲାଇରେ ଚାରାରୋପଣ, ଅଗଷ୍ଟରେ ସଂସ୍କାର କେନ୍ଦ୍ର ଓ ପୂର୍ବତନ ଛାତ୍ର ସମ୍ମିଳନୀ, ସେପ୍ଟେମ୍ବରରେ ନିଃଶୁଳ୍କ ରକ୍ତଦାନ ଶିବିର ଓ ଶୈକ୍ଷିକ, ଅକ୍ଟୋବରରେ ମନ୍ଦିର ଓ ଡାକ୍ତରଖାନା ସଫେଇ କାର୍ଯ୍ୟକ୍ରମ, ନଭେମ୍ବରରେ ପ୍ରବଚନ ମାସ ଏବଂ ଡିସେମ୍ବରରେ ସମାରୋହ କାର୍ଯ୍ୟକ୍ରମଗୁଡ଼ିକ ପର୍ଯ୍ୟାୟ କ୍ରମେ ଅନୁଷ୍ଠିତ ହେବ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଧର୍ମାନନ୍ଦ ମହଲା ମଞ୍ଚ ପରିଚାଳନା କରିଥିଲେ।

# କର୍ମଶାଳାରେ ଶିଶୁ ସୁରକ୍ଷାକୁ ଗୁରୁତ୍ୱ

**ବରଗଡ଼, ୧୯।୩(ପ୍ରେମାନନ୍ଦ ଖମାରୀ)**

ବରଗଡ ଜିଲା ଶିଶୁ ସୁରକ୍ଷା ୟୁନିଟ ଆନୁକୁଲ୍ୟରେ ବୁଧବାର ସ୍ଥାନୀୟ ବୟନଶିଳ୍ପ ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ପରିସରରେ ଥିବା ସମ୍ମିଳନୀ କକ୍ଷରେ ବରଗଡ ସବ ଡିଭିଜନ ଅନ୍ତର୍ଗତ ସ୍ୱତନ୍ତ୍ର କିଶୋର, ପୋଲିସ ୟୁନିଟର ଅଧିକାରୀମାନଙ୍କୁ ନେଇ ଏକ ଦିବସୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଉକ୍ତ କର୍ମଶାଳାରେ ଜିଲା ଶିଶୁ ସୁରକ୍ଷା ଅଧିକାରିଣୀ ମଞ୍ଜୁ ଏକ୍କା ଯୋଗଦେଇଥିଲେ । ଜିଲା ଶିଶୁ ସୁରକ୍ଷା ୟୁନିଟର ସାମାଜିକ କର୍ମୀ ସୁରେନ୍ଦ୍ର ଦାଶ କର୍ମଶାଳାକୁ ସଂଯୋଜନା କରିଥିଲେ। ଡିଏସ୍‌ପି ସିପ୍ରା କୁମାରୀ କୁମାର ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ କର୍ମଶାଳା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରମୁଖ ଆଇନ ସହାୟତା ପ୍ରତିପକ୍ଷ ଓକିଲ ମୁନସୀ ସାହୁ କର୍ମଶାଳାରେ ଯୋଗଦେଇ ପୋକ୍ସୋ ଏକ୍ଟ- ୨୦୧୨ ଉପରେ ଏକ ବିଶେଷ ତଥ୍ୟ ଉପସ୍ଥାପନା କରିଥିଲେ। ଜିଲା ଶିଶୁ ମଙ୍ଗଳ ସମିତିର ସଭ୍ୟା ରାଧା ଅଗ୍ରୱାଲା ଯତ୍ନ, ସୁରକ୍ଷା ଲୋଡୁଥିବା ଶିଶୁମାନଙ୍କ ପାଇଁ ଶିଶୁ ମଙ୍ଗଳ ସମିତିର ଭୂମିକା ଉପରେ ଆଲୋଚନା କରିଥିଲେ। କିଶୋର ନ୍ୟାୟ ବୋର୍ଡର ସଭ୍ୟ ପ୍ରୟାସ ଦାଶ ଆଇନ ସହ ଦ୍ୱନ୍ଦରେ ଥିବା ପିଲାମାନଙ୍କର ଯତ୍ନ, ସୁରକ୍ଷା ଓ ସେମାନଙ୍କର ଥଇଥାନ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଆନୁଷ୍ଠାନିକ ଯତ୍ନ ଓ ସୁରକ୍ଷା ଅଧିକାରୀ ତପନ କୁମାର ପାତ୍ର ପୋଷ୍ୟ ସନ୍ତାନ ଗ୍ରହଣ ଓ ପ୍ରତିପାଳନ ଯତ୍ନ ଉପରେ ବିଶେଷ ବିବରଣୀ ପ୍ରଦାନ କରିଥିଲେ । ଚାଇଲଡ ହେଲ୍ପ ଲାଇନର ପ୍ରକଳ୍ପ ସଂଯୋଜକ ସଞ୍ଜୟ ଶତପଥି ଶିଶୁ ସୁରକ୍ଷା ଦିଗରେ ଚାଇଲ୍ଡ ହେଲ୍ପଲାଇନର ଭୂମିକା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଆଇନ ପରିବେକ୍ଷଣ ଅଧିକାରୀ ବିକାଶ ପ୍ରଧାନ କର୍ମଶାଳାକୁ ସୂଚାରୁ ରୂପେ ସମ୍ପାଦନା କରିଥିଲେ। କର୍ମଶାଳାକୁ ସଫଳ ରୂପାୟନ ଦେବା ପାଇଁ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟରୁ ସାମାଜିକ କର୍ମି ବବିତା ରାଉତ, ଅଭିଷେକ ବିଶ୍ୱାଳ, ଶୁଭେନ୍ଦୁ ପୃଷ୍ଟି, ପ୍ରଭାତ କୁମାର ଚାଲାଣ, ମୋତିଲାଲ ତାଣ୍ଡି, ମନୀଷା ନାଗ ଏବଂ ଚାଇଲ୍ଡ ହେଲ୍ପ ଲାଇନର ଲଳିତ ମୋହନ ପଧାନ, ଆକାଶ ପଧାନ, ନୈମିଷ ପ୍ରଧାନ ସହଯୋଗ କରିଥିଲେ। ତପନ କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।




କର୍ମଶାଳାରେ ମଞ୍ଚାସୀନ ଅତିଥିବୃନ୍ଦ।

# ନାମଲେଖା ନିୟମ ପରିବର୍ତ୍ତନ ଦାବି କଲା ଅଭିଭାବକ ମହାସଂଘ

**ବରଗଡ଼,୧୯।୩(ପ୍ରେମାନନ୍ଦ ଖମାରୀ)**

ଜାତୀୟ ଶିକ୍ଷାନୀତି ଅନୁସାରେ ରାଜ୍ୟରେ ନାମଲେଖା ପ୍ରକ୍ରିୟାକୁ ଓଡିଶା ଅଭିଭାବକ ମହାସଂଘ ବିରୋଧ କରିଛି। ସେଭଳି ଢଙ୍ଗରେ ନାମଲେଖା ପ୍ରକ୍ରିୟାରେ ପରିବର୍ତ୍ତନ ଆଣିବା ପାଇଁ ଦାବି ହୋଇଛି। ଓଡିଶା ଅଭିଭାବକ ମହାସଂଘ, ବରଗଡ଼ ପକ୍ଷରୁ ବୁଧବାର ଜିଲାପାଳ ଆଦିତ୍ୟ ଗୋୟଲଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଅତିରିକ୍ତ ଜିଲାପାଳ ମଧୁଛନ୍ଦା ସାହୁ ଦାବିପତ୍ର ଗ୍ରହଣ କରିଥିଲେ। ଦାବିପତ୍ରରେ ଉଲ୍ଲେଖ ରହିଛି, ଓଡ଼ିଶାରେ ଜାତୀୟ ଶିକ୍ଷା ନୀତି ଲାଗୁ ହେବାକୁ ଯାଉଛି। ଏହି ନୀତି ଅନୁସାରେ ଆଗାମୀ ଏପ୍ରିଲରୁ ୨୦୨୫-୨୬ ଶିକ୍ଷାବର୍ଷ ଆରମ୍ଭ ସହ ପ୍ରଥମ ଶ୍ରେଣୀ ଓ ବାଲ ବାଟିକାରେ ପିଲାଙ୍କ ନାମଲେଖା ହେବ। ଏପ୍ରିଲ ମାସ ୨ତାରିଖରେ ଖଡ଼ି ଛୁଆଁ ତଥା ପ୍ରବେଶ ଉତ୍ସବ ପାଳନ କରି ପିଲାଙ୍କୁ ବିଦ୍ୟାଳୟକୁ ପାଛୋଟି ନେବାକୁ ରୂପରେଖ ପ୍ରସ୍ତୁତ ହେବ। ଏଥିପାଇଁ ମାର୍ଚ୍ଚ ମାସ ୨୨ତାରିଖ ସୁଦ୍ଧା ନିମନ୍ତ୍ରଣପତ୍ର ବଣ୍ଟନ କାର୍ଯ୍ୟ ଶେଷ କରିବାକୁ ଓସେପା ପକ୍ଷରୁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଗୋଟିଏ ପଟେ ନାମଲେଖା ନେଇ ସରକାରୀ ସ୍ତରରେ ବ୍ୟାପକ ପ୍ରସ୍ତୁତି ଚାଲିଥିବା ବେଳେ ଅନ୍ୟପଟେ ନାମଲେଖା ବୟସକୁ ନେଇ ଦ୍ୱନ୍ଦ୍ୱରେ ଅଭିଭାବକ ରହିଛନ୍ତି । ପ୍ରଥମ ଶ୍ରେଣୀରେ ନାମଲେଖା ପାଇଁ ପିଲାଙ୍କ ବୟସ ମାର୍ଚ୍ଚ ମାସ ୩୧ତାରିଖ ସୁଦ୍ଧା ୫ରୁ ୭ ବର୍ଷ ମଧ୍ୟରେ ଏବଂ ନିମ୍ନ ପ୍ରାଥମିକ ଶ୍ରେଣୀ ପାଇଁ ୩ରୁ ୫ ବର୍ଷ ଭିତରେ ହେବାର ନିୟମ ଥିଲା । ତେବେ ଜାତୀୟ ଶିକ୍ଷାନୀତି ଲାଗୁ ପରେ ସେପ୍ଟେମ୍ବର ମାସ ୧ତାରିଖ ସୁଦ୍ଧା ବାଲ୍ୟାଟିକା ପାଇଁ ୫ ବର୍ଷ ଓ ପ୍ରଥମ ଶ୍ରେଣୀ ପାଇଁ ୬ ବର୍ଷରୁ ଅଧିକ ବୟସ ହୋଇଥିବା ଆବଶ୍ୟକ। ଏଭଳି ବୟସ ସଂଶୋଧନକୁ ନେଇ ବିବାଦ ମୁଣ୍ଡ ଟେକିଛି। ଏପ୍ରିଲ ମାସ ୧ତାରିଖରୁ ନୂତନ ଶିକ୍ଷାବର୍ଷ ଆରମ୍ଭ ହେଉଥିବା ବେଳେ ସେପ୍ଟେମ୍ବର ମାସ ୧ତାରିଖକୁ କାହିଁକି ଗଣନା କରାଯାଉଛି ବୋଲି ଓଡ଼ିଶା ଅଭିଭାବକ ମହାସଂଘ ପ୍ରଶ୍ନ ଉଠାଇବା ସହ ମୁଖ୍ୟ ଶାସନ ସଚିବଙ୍କ ହସ୍ତକ୍ଷେପ ଲୋଡ଼ିଛି । ମହାସଂଘ ପକ୍ଷରୁ କୁହାଯାଇଛି, ନୂତନ ନିୟମ ଲାଗୁ ହେଲେ ପୂର୍ବ ନିୟମରେ ଏଲକେଜି, ୟୁକେଜି ତଥା ନିମ୍ନ ପ୍ରାଥମିକ ଶ୍ରେଣୀରେ ପଢୁଥିବା ଲକ୍ଷାଧିକ ପିଲା ମାନସିକ ଚାପଗ୍ରସ୍ତ ହୋଇଛନ୍ତି। ଅଭିଭାବକମାନେ ବିଦ୍ୟାଳୟ, ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟକୁ ଦୌଡ଼ି ନୟାନ୍ତ ହେଲେଣି। ପୂର୍ବରୁ ନିମ୍ନ ପ୍ରାଥମିକ ଶ୍ରେଣୀରେ ପଢୁଥିବା ପିଲାମାନେ ଏବର୍ଷ ଆଉ ପ୍ରଥମ ଶ୍ରେଣୀରେ ନାମ ଲେଖାଇପାରୁ ନାହାନ୍ତି। ପିଲାଙ୍କୁ ଏବର୍ଷ ପୁଣି ପୁରୁଣା ଶ୍ରେଣୀରେ ପଢ଼ିବାକୁ ହେବ। ଯଦି ତୁରନ୍ତ ନିୟମରେ ପରିବର୍ତ୍ତନ କରା ନ ଯାଏ ତେବେ ପିଲାଙ୍କ ଭବିଷ୍ୟତ ସୁରକ୍ଷା ତଥା ମାନସିକ ଶାନ୍ତି ପାଇଁ ଚରମ ପଦକ୍ଷେପ ନିଆଯିବ ବୋଲି ଅଭିଭାବକ ମହାସଂଘ ମତପ୍ରକାଶ କରିଛି ଏବଂ ଏଥିର ପରିବର୍ତ୍ତନ ଆଣିବା ପାଇଁ ଦାବି କରିଛି। ମହାସଂଘ ପକ୍ଷରୁ ବରଗଡ଼ ଜିଲା ଆବାହକ ବିମଳ ଦାଶଙ୍କ ନେତୃତ୍ୱରେ ସଦାନନ୍ଦ ମହାପାତ୍ର, ନାଭ ଚୌହାନ, ବାଲ୍ମିକୀ ଷଡ଼ଙ୍ଗୀ ପ୍ରମୁଖ ଦାବିପତ୍ର ପ୍ରଦାନ ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇଥିଲେ।



ଜିଲାପାଳଙ୍କୁ ଫେରାଦ ହୋଇଥିବା ଅଭିଭାବକ ମହାସଂଘର ପ୍ରତିନିଧିବୃନ୍ଦ।

## ସଂକ୍ଷେପରେ

### ୫ ବିସ୍ଫୋରକ ସ୍ଥାନ ଧ୍ୱସ୍ତ କଲା ସୁରକ୍ଷାବଳ

ରାଉରକେଲା,୧୯।୩(ସଙ୍ଗୀତା ଜେନା): ଓଡ଼ିଶା ସୀମାନ୍ତ ଜରାଇକେଲା ବନଗ୍ରାମ ରାଧାପୋଡା ଗ୍ରାମ ଜଙ୍ଗଲ କ୍ଷେତ୍ରରେ ମଙ୍ଗଳବାର ମାଓବାଦୀ ଏବଂ ସୁରକ୍ଷାବଳ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ବୁଧବାର ଅପରାହ୍ନରେ ସମାନ ଅଞ୍ଚଳରେ ୫ଟି ବିସ୍ଫୋରକ ସ୍ଥାନକୁ ଠାବ କରିଛି ସୁରକ୍ଷାବଳ। କୋମ୍ବିଂ ଅପରେସନରେ ସାମିଲ ହୋଇଥିବା ଚାଇଁବାସା ପୋଲିସ, ଝାଡଖଣ୍ଡ ଜାଗୁଆର, କୋବରା ୨୦୩ ଓ ୨୦୯ ବାଟାଲିୟନ୍, ସିଆର୍‌ପିଏଫ୍ ୨୬, ୬୦, ୧୩୪, ୧୯୩ ଓ ୧୯୭ ବାଟାଲିୟନକୁ କ୍ଷତି ପହଞ୍ଚାଇବା ଉଦ୍ଦେଶ୍ୟରେ ମାଓବାଦୀମାନେ ଉକ୍ତ ୫ଟି ସ୍ଥାନରେ ୨୦ କେଜି ଆଇଇଡ଼ି ବିସ୍ଫୋରକ ଖଞ୍ଜିଥିଲେ। ଏହାକୁ ବମ ନିରୋଧକ ଟିମ୍ ଦ୍ୱାରା ନଷ୍ଟ କରାଯାଇଥିବା ବେଳେ ମାଓବାଦୀ ସାମଗ୍ରୀ ଜବତ ହୋଇଥିଲା। ଏନେଇ ସିଆର୍‌ପିଏଫ୍ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

### ମୁଁ ଓଡ଼ିଆ, ମୁଁ ଗର୍ବିତ ସଙ୍ଗଠନର ପ୍ରସ୍ତୁତି ବୈଠକ

ରାଉରକେଲା,୧୯।୩(ବିପ୍ଳବ ରଞ୍ଜନ ଦାଶ): ଓଡ଼ିଆ ପରମ୍ପରା,ଭାଷା ସଂସ୍କୃତିର ପ୍ରଚାର ଓ ପ୍ରସାର ସହ ଓଡ଼ିଆଙ୍କ ସୁରକ୍ଷା ପାଇଁ ଉର୍ଦ୍ଧ୍ୱ ସଙ୍ଗଠନ ମୁଁ ଓଡ଼ିଆ ମୁଁ ଗର୍ବିତ ପକ୍ଷରୁ ଚଳିତବର୍ଷ ଉତ୍କଳ ଦିବସ ପାଳନ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠାନ ଅଫିସରେ ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନର ସଭାପତି ବିଭୁଦାନନ୍ଦ ତ୍ରିପାଠୀଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ ବୈଠକରେ ଦିବସ ପାଳନ ନେଇ କାର୍ଯ୍ୟକ୍ରମର ଏକ ଖସଡା ପ୍ରସ୍ତୁତ କରାଯାଇଥିଲା। ଉକ୍ତ ଦିନ ସକାଳୁ ସଙ୍ଗଠନର ସଦସ୍ୟ ଓ ସଦସ୍ୟାମାନେ ସ୍ୱଚ୍ଛତା ସ୍ୱାଭିମାନ ଅଭିଯାନରେ ସାମିଲ ହୋଇ ଆଗକୁ ମା' ବାସନ୍ତୀ ଦୁର୍ଗା ପୂଜାକୁ ଦୃଷ୍ଟିରେ ରଖି ସେକ୍ଟର ୩ ସ୍ଥିତ ବାସନ୍ତୀ ପୂଜା ପଡିଆ ସଫା କରିବାର ଲକ୍ଷ୍ୟ ରଖିଛନ୍ତି। ସନ୍ଧ୍ୟାରେ ଭାଷା ଭିତ୍ତିକ ରାଜ୍ୟ ଗଠନର ୯୦ ବର୍ଷ ପୂର୍ତ୍ତିକୁ ନେଇ ୯୦ଟି ଦୀପ ପ୍ରଜ୍ୱଳିତ କରାଯିବ। ପରେ ଓଡ଼ିଶାର ଜାତୀୟ ସଙ୍ଗୀତ ବନ୍ଦେ ଉତ୍କଳ ଜନନୀ ଗାନ କରାଯିବ। ଦିବସ ପାଳନ ଆଭିମୁଖ୍ୟ ନେଇ ଉପସ୍ଥିତ ଅତିଥି ଓ ସଙ୍ଗଠନର ନେତୃବୃନ୍ଦ ବକ୍ତବ୍ୟ ଉପସ୍ଥାପନା କରିବେ। ପରେ ଓଡ଼ିଆ ସଂସ୍କୃତି ଓ ପରମ୍ପରା ସମ୍ପର୍କୀତ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ହୁଳହୁଳି, ଶଙ୍ଖ ଓ କୁଇଜ ପ୍ରତିଯୋଗୀତା ଅନୁଷ୍ଠିତ ହେବ। ବିଭିନ୍ନ ବିଦ୍ୟାଳୟ ତରଫରୁ ଉତ୍କଳ ଦିବସ ଉପରେ ସଙ୍କେତିକ ଉପସ୍ଥାପନା କରାଯିବ। ଓଡ଼ିଆ ଭାଷା ସଂସ୍କୃତି ନିମନ୍ତେ ନିଜର ଉତ୍ସର୍ଗିତ ସେବା ନିମନ୍ତେ ସହରର କେତେଜଣ ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯିବାର କାର୍ଯ୍ୟକ୍ରମ ରହିଛି। ଆୟୋଜିତ ପ୍ରସ୍ତୁତି ବୈଠକରେ ଉପଦେଷ୍ଟା ଅନିରୁଦ୍ଧ ବିଶ୍ୱାଳ, ସତ୍ୟବାନ ରାଉତ, ସାଧାରଣ ସମ୍ପାଦକ ସଞ୍ଜୀବ କୁମାର ନାୟକ, ସାଙ୍ଗଠନିକ ସମ୍ପାଦକ ଗୋପାଳ ଜେନା, ଯୁଗ୍ମ ସମ୍ପାଦକ ବିରଜା ନନ୍ଦ ତ୍ରିପାଠୀ, କୋଷାଧ୍ୟକ୍ଷ ଲୀନା ନାୟକ, ସାଂସ୍କୃତିକ ସମ୍ପାଦକ ପ୍ରିତିରାଣୀ ରାଉତ, ସମ୍ପାଦକ ପ୍ରତିଭା ପ୍ରିୟଦର୍ଶିନୀ, ସରୋଜ ନାୟକ, ପ୍ରଶାନ୍ତ ସାମଲ ସଂଯୋଜକ ଜିତେନ ମାଛଖଣ୍ଡ କାର୍ଯ୍ୟକାରୀ ସଦସ୍ୟ ଅଜୟ ପ୍ରସାଦ, ଲଳିତ ପ୍ରଧାନ, ହେମଲତା ପ୍ରସାଦ ପ୍ରମୁଖ ଉପସ୍ଥିତ ଥିଲେ।

# କୋଏଲ ନଗରରେ ସ୍ଥାପନ ହେବ ଏସ୍‌ଟିପି ପ୍ଲାଣ୍ଟ

ରାଉରକେଲା,୧୯।୩(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ମହାନଗର ନିଗମ ଅଧୀନ କୋଏଲ ନଗରବାସୀଙ୍କ ବର୍ଜ୍ୟ ଜଳ କୋଏଲ ନଦୀରେ ପଡୁଥିବାରୁ ନଦୀ ଜଳ ପ୍ରଦୂଷିତ ହେଉଛି। ତେବେ ରାଜ୍ୟରେ ଡବଲ ଇଞ୍ଜିନ ସରକାରଙ୍କ ପକ୍ଷରୁ ଆର୍‌ଏମସି ଏବଂ ସ୍ୱରେଜ ବିଭାଗର ସୌଜନ୍ୟରେ ଖୁବଶୀଘ୍ର କୋଏଲ ନଦୀ ପ୍ରଦୂଷଣ ମାତ୍ରା ହ୍ରାସ କରିବା ନେଇ ନୂତନ ଉଦ୍ୟମ ପ୍ରୟୋଗ ହେବାକୁ ଯାଉଛି। ଏପ୍ରିଲରୁ କୋଏଲ ନଗରରେ ୮ ଏମଏଲଡି ବିଶିଷ୍ଟ ଏସଟିପି ପ୍ଲାଣ୍ଟ ସ୍ଥାପନ ହେବେ। ଏନେଇ ରାଜସ୍ଥାନର ଜୁଭେରୀ ଇଜିନିୟରିଙ୍ଗ ସଂସ୍ଥା ସହିତ ଚୁକ୍ତିନାମା ସ୍ୱାକ୍ଷର ହୋଇଛି। ଏସଟିପି ପ୍ଲାଣ୍ଟ ସହିତ ୫ଟି ନୂତନ ଡ୍ରେନ ନିର୍ମାଣ ନେଇ ୩୩କୋଟି ଟଙ୍କା ବ୍ୟୟବରାଦ ହେବା ଧାର୍ଯ୍ୟ ହୋଇଛି। ତେବେ ୫ଟି ସ୍ୱରେଜ ଡ୍ରେନ ରାଉରକେଲା ସହରର ଉଦିତ ନଗର, ସିଭିଲ ଟାଉନଶିପ, ଛେଣ୍ଡ, ପ୍ରଧାନପାଲି ଏବଂ ଝିରପାଣିରେ ହେବାକୁ ଯାଉଛି। ଏଥିସହିତ ଆଗାମୀ ସମୟରେ



ପାନପୋଷ ସ୍ଥିତ ୪୦ମିଲିୟନ ଲିଟର କ୍ଷମତା ବିଶିଷ୍ଟ ଏସଟିପି ପ୍ଲାଣ୍ଟ।

ଝିରପାଣିରେ ମଧ୍ୟ ୧ଏମଏଲଡି ବିଶିଷ୍ଟ ଏସଟିପି ପ୍ଲାଣ୍ଟ ସ୍ଥାପନ ହେବା ଧାର୍ଯ୍ୟ କରାଯାଇଛି। ପ୍ରକାଶ ଥାଉକି, ରାଉରକେଲା ସହରର ପଶ୍ଚିମ ଭାଗରେ ସ୍ଥାପିତ ହୋଇଥିବା ସ୍ୱରେଜ ପ୍ରକଳ୍ପ ଦ୍ୱାରା ୭୦ଭାଗରୁ ଉର୍ଦ୍ଧ୍ୱ ଲୋକମାନଙ୍କ ଘରେ ସ୍ୱରେଜ ପାଇପ ସଂଯୋଗ ହୋଇପାରିଛି। ବର୍ତ୍ତମାନ ସୁଦ୍ଧା ୩୦ଭାଗ ଲୋକଙ୍କ ଘରେ ସ୍ୱରେଜ ପାଇପ ସଂଯୋଗ ହୋଇପାରି ନାହିଁ। ଏହି ୭୦ ଭାଗ ଲୋକଙ୍କର ଘର ସହିତ ପଶ୍ଚିମ ଭାଗରେ ରହିଥିବା ହୋଟେଲ ଏବଂ ୭ଟି ମେଡିକାଲରୁ ୫୦ଭାଗ ପାଣି ବର୍ଜ୍ୟ ଜଳ ଭାବେ ସିଧାସଳଖ ସ୍ୱରେଜ ସିଷ୍ଟମ ମାଧ୍ୟମରେ ପାନପୋଷ ସ୍ଥିତ ୪୦ମିଲିୟନ ଲିଟର ବିଶିଷ୍ଟ ଏସଟିପି ପ୍ଲାଣ୍ଟ ମାଧ୍ୟମରେ ବିଶୋଧିତ ହୋଇ ସିଧାସଳଖ ବ୍ରାହ୍ମଣୀ ନଦୀ ଭୂ-ଗର୍ଭକୁ ନିଷ୍କାସିତ ହେଉଛି। ମାତ୍ର ସହରର ପୂର୍ବଭାଗରେ ଥିବା କୋଏଲ ନଦୀକୁ ସିଧାସଳଖ ଭାବେ ବର୍ଜ୍ୟ ଜଳ ବର୍ଷ ବର୍ଷ ଧରି ନିଷ୍କାସିତ ହୋଇ ଆସୁଥିଲା। ଅଞ୍ଚଳବାସୀଙ୍କ ବାରମ୍ବାର ଦାବି ପରେ ଏବେ କୋଲନ ନଗର ବାସୀଙ୍କ ବର୍ଜ୍ୟ ଜଳ ବିଶୋଧନ କରାଯାଇ ଏସଟିପି ପ୍ଲାଣ୍ଟ ମାଧ୍ୟମରେ କୋଏଲ ନଦୀକୁ ନିଷ୍କାସିତ ହେବା ବ୍ୟବସ୍ଥା ସୁଗମ ହୋଇଛି। ଯାହାକୁ ନେଇ କୋଏଲ ନଗର ଅଞ୍ଚଳରେ ଅନନ୍ଦର ଲହରୀ ଖେଳି ଯାଇଛି। ଅନ୍ୟପଟେ ଏସଟିପି ପ୍ଲାଣ୍ଟ ସ୍ଥାପନ ପାଇଁ ଆରଏମସି ପକ୍ଷରୁ କୋଏଲ ନଗରରେ ୨ଏକର ଜମି ଅଧିଗ୍ରହଣ ହେବା ଧାର୍ଯ୍ୟ ହୋଇଛି।

ଏନେଇ ରାଉରକେଲା ମହାନଗର ନିଗମ ଆୟୁକ୍ତ ଆଶୁତୋଷ କୁଲକର୍ଣ୍ଣୀଙ୍କୁ ପଚାରିବାରୁ ସେ କହିଲେ, ଖୁବ ଶୀଘ୍ର କୋଏଲ ନଗରଠାରେ ୮ଏମଏଲଡି ବିଶିଷ୍ଟ ଏସଟିପି ପ୍ଲାଣ୍ଟ ସ୍ଥାପନ କରାଯିବ। ଯାହାଦ୍ୱାରା ସ୍ଥାନୀୟ ଅଞ୍ଚଳବାସୀଙ୍କ ସହିତ କୋଏଲ ନଦୀ ଜଳ ପ୍ରଦୂଷଣ ମୁକ୍ତ ହେବ। ଏନେଇ ୨ଏକର ଜମି ଅଧିଗ୍ରହଣ ହେବା ଧାର୍ଯ୍ୟ କରା ଯାଇଥିବା କହିଥିଲେ।



ରାଉରକେଲା ମେନ ରୋଡରେ ଝଣ୍ଡା ପୂଜନ କରାଯାଉଛି।

### ରାମନବମୀ ପାଇଁ ଝଣ୍ଡାପୂଜନ ସମ୍ପନ୍ନ

ରାଉରକେଲା,୧୯।୩(ସଙ୍ଗୀତା ଜେନା)

ଆସନ୍ତା ୭ରେ ରାମନବମୀ ପାଇଁ ଶୋଭାଯାତ୍ରା ଅନୁଷ୍ଠିତ ହେବ। ଏହି ଉପଲକ୍ଷେ ମଙ୍ଗଳବାର ରାତିରେ ୯ଟାରେ ୧୦ରୁ ଉର୍ଦ୍ଧ୍ୱ ଆଖଡା ପକ୍ଷରୁ ଝଣ୍ଡାପୂଜନ ସମ୍ପନ୍ନ ହୋଇଛି। ରୁଦ୍ରମହାକାଳ ଆଖଡା ପକ୍ଷରୁ ସଭାପତି ତାପସ ଆଚାର୍ଯ୍ୟ, ସମ୍ପାଦକ ମଣ୍ଟି କାୟଲ ସମେତ ଶତାଧିକ ସଦସ୍ୟମାନେ ରାଉରକେଲା ମେନ୍ ରୋଡରେ ଏହି ଝଣ୍ଡା ପୂଜନରେ ସାମିଲ ହୋଇଥିଲେ। ସେହିପରି ଡେଲିମାର୍କେଟ ମା' ଦୁର୍ଗା ଆଖଡ଼ା ପକ୍ଷରୁ ଝଣ୍ଡାପୂଜନରେ ବିକାଶ କଛୱା, ଗୁଡ୍ଡୁ ସିଂହ, କମଳ ଗୋୟଲ, ରାହୁଲ ସାହା, କିଷ୍ଟା ସାହା, ସୂର୍ଯ୍ୟକାନ୍ତ ବାରିକ ଓ ଅନ୍ୟମାନେ ସହଯୋଗ କରିଥିଲେ।

# ୭ କର୍ମଚାରୀ ପୁରସ୍କୃତ



ପୁରସ୍କୃତ ହେଉଥିବା କର୍ମଚାରୀ।

ରାଉରକେଲା,୧୯।୩(ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସପିର ସହର ଇଞ୍ଜିନିୟରିଂ ବିଭାଗ ଓ ଉଦ୍ୟାନ କୃଷି ବିଭାଗର ୭ଜଣ କର୍ମଚାରୀଙ୍କୁ ସହର ଇଞ୍ଜିନିୟରିଂ ସମ୍ମିଳନୀ କକ୍ଷରେ ଆୟୋଜିତ ହୋଇଥିବା ଏକ କାର୍ଯ୍ୟକ୍ରମରେ ସେଲ ସାବାସ ପୁରସ୍କାର ଯୋଜନା ଅଧିନରେ ପୁରସ୍କୃତ କରାଯାଇଛି। କାର୍ଯ୍ୟକ୍ରମରେ ସହର ଇଞ୍ଜିନିୟରିଂ ଏବଂ ଉଦ୍ୟାନ କୃଷି ବିଭାଗର ସିଜିଏମ ବି.କେ ଜୋଜୋ ଅଧ୍ୟକ୍ଷତା କରି ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ସହର ଇଞ୍ଜିନିୟରିଂ-ବିଦ୍ୟୁତ ବିଭାଗର ଜିଏମ ରୋଶନ ଖାଲଖୋ, ସହର ଇଞ୍ଜିନିୟରିଂ-ଜଳ ଯୋଗାଣ ବିଭାଗର ଡିଜିଏମ ସତ୍ୟାନନ୍ଦ ସାହୁ, ସହର ଇଞ୍ଜିନିୟରିଂ-ସିଭିଲ ବିଭାଗର ଏଜିଏମ ପି.କେ ଖିଲାର, ସିନିୟର ମ୍ୟାନେଜର ପି.କେ ମାନ୍ଧାତା, ସହର ଇଞ୍ଜିନିୟରିଂ-ବିଦ୍ୟୁତ ବିଭାଗର ସିନିୟର ମ୍ୟାନେଜର ପି.କେ ସାହୁଙ୍କ ସମେତ ସହର ଇଞ୍ଜିନିୟରିଂ ବିଭାଗର ଅନ୍ୟ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଏହି ଅବସରରେ ଜୋଜୋ ପୁରସ୍କାର ବିଜେତା ମାନଙ୍କର ଉଲ୍ଲେଖନୀୟ ସଫଳତାର ପ୍ରଶଂସା କରିଥିଲେ। ଏନେଇ ପ୍ରଶଂସା ପତ୍ର ଓ ଗିଫ୍ଟ କାର୍ଡ ଲାଭ କରିଥିବା ୩ଜଣ କର୍ମଚାରୀହେଲେ ସହର ଇଞ୍ଜିନିୟରିଂ ସିଭିଲ ବିଭାଗ ଟେକ୍ନିସିଆନ ଅଶୋକ କୁମାର, ସହର ଇଞ୍ଜିନିୟରିଂ ଜଳ ଯୋଗାଣ ବିଭାଗ ଇଞ୍ଜିନିୟରିଂ ଆସିଷ୍ଟାଣ୍ଡ ବସନ୍ତ କୁମାର ଦାସ ଓ ସଞ୍ଜୟ କୁମାର ମହାନ୍ତି। ଏଥିସହ ସହର ଇଞ୍ଜିନିୟରିଂ-ଇଲେକ୍ଟ୍ରିକାଲ ବିଭାଗର ଇଞ୍ଜିନିୟରିଂ ଆସିଷ୍ଟାଣ୍ଡ ସନ୍ତୋଷ କୁମାର ଦାସ, ବି.କେ ତିର୍କୀ, ଜଳଯୋଗାଣ ବିଭାଗର ଟିସିଓ ଶିବ ଚରଣ ତନ୍ତୀ, ସିଭିଲ ବିଭାଗର ବରିଷ୍ଠ ଟେକ୍ନିସିଆନ ଅଜୁ ଜର୍ଜଙ୍କୁ ପ୍ରଶଂସା ପତ୍ର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଏଚଆର ଆଣ୍ଡ ଏମ ବିଭାଗର ଡେପୁଟି ମ୍ୟାନେଜର ଏସ.ସି ପରିଛା ସଂଯୋଜନା କରିବା ସହ ପରିଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

# ସେଲ୍ କର୍ପୋରେଟ ପୁରସ୍କାରରେ ଆର୍‌ଏସ୍‌ପିର ସଫଳତା





ପୁରସ୍କାର ହାସଲକାରୀ ଅଧିକାରୀ, କର୍ମଚାରୀ।

ରାଉରକେଲା,୧୯।୩(ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସପି ଅଧକାରୀଙ୍କ ସମେତ କର୍ମଚାରୀମାନେ ୨୦୨୨-୨୩ ଓ ୨୦୨୩ -୨୪ ବର୍ଷ ପାଇଁ ସେଲ କର୍ପୋରେଟ ଉତ୍କର୍ଷତା ପୁରସ୍କାର ହାସଲ କରିଛନ୍ତି। ୨୦୨୨-୨୦୨୩ ବର୍ଷ ପାଇଁ ଘୋଷିତ ପୁରସ୍କାରରେ ଗୁଣବତା ବିଭାଗର ସିଜିଏମ ରାମକୃଷ୍ଣ ପାତ୍ର ତାଙ୍କ ଦକ୍ଷତା ଏବଂ ନବସୃଜନତା ପ୍ରୟାସକୁ ସ୍ୱିକୃତୀ ଦେଇ ଉତ୍ପାଦକତାରେ ଅଭିଜ୍ଞ ବ୍ୟକ୍ତିଭାବେ ପୁରସ୍କାର ଲାଭ କରିଛନ୍ତି। ସେହିଭଳି ବରିଷ୍ଠ ଅପେରେଟିଭ ଏସ.କେ ଭଦେଓଙ୍କୁ ମଧ୍ୟ ସେଲ କର୍ମବୀର ପୁରସ୍କାର ନିମନ୍ତେ ମନୋନୀତ କରାଯାଇଛି। ଯାହା କାର୍ଯ୍ୟକ୍ଷମ ଉତ୍କର୍ଷତାକୁ ସୁନିଶ୍ଚିତ କରିବାରେ ତାଙ୍କ ଉତ୍ସର୍ଗୀକୃତ ପ୍ରୟାସ ଏବଂ କଠିନ ପରିଶ୍ରମକୁ ପ୍ରତିପାଦିତ କରୁଛି। ସେହିଭଳି ୨୦୨୩-୨୪ବର୍ଷ ପାଇଁ ପିପିସି ବିଭାଗର ସିଜିଏମ ସୁଶ୍ରୀ ସୁନିତା ସିଂହ କାରଖାନାରେ ତାଙ୍କ ଅସାଧାରଣ ଅବଦାନ ଏବଂ ଇସ୍ପାତ ଶିଳ୍ପରେ ମହିଳାମାନଙ୍କୁ ସଶକ୍ତ କରିବାରେ ତାଙ୍କ ଭୂମିକା ପାଇଁ ମହିଳା ଟ୍ରେଲ ବ୍ଲେଜର ପୁରସ୍କାର ଲାଭ କରିଛନ୍ତି। ବିତ ଓ ଲେଖା ବିଭାଗ ଜିଏମ ନରେଲା କାମେଶ୍ୱର ରାଓ ତାଙ୍କ ଅସାଧାରଣ ଆର୍ଥିକ ବୁଦ୍ଧିମତା ଓ ମୂଲ୍ୟ ପରିଚାଳନା ରଣନିତୀର ସ୍ୱିକୃତୀ ସ୍ୱରୁପ କଷ୍ଟ ଚାମ୍ପିୟନ ଏବଂ ଫାଇନାନ୍ସ ୱାର୍ଜାର୍ଡ ପୁରସ୍କାର ପାଇଁ ମନୋନୀତ ହୋଇଛନ୍ତି। ଦିବ୍ୟାଙ୍ଗଙ୍କ ପାଇଁ ରୋଲ ମଡେଲ ପୁରସ୍କାର ପ୍ରକଳ୍ପ ଏବଂ ଆଧୁନିକୀକରଣ ବିଭାଗ ସିନିୟର ମ୍ୟାନେଜର ପ୍ରଦୀପ କୁମାର ମହାପାତ୍ର ତାଙ୍କର ପ୍ରେରଣାଦାୟକ ଅବଦାନ ଏବଂ କର୍ମକ୍ଷେତ୍ର ଅନ୍ତର୍ଭୁକ୍ତି ପ୍ରତି ଅଟଳ ପ୍ରତିବଦ୍ଧତା ପାଇଁ ପୁରସ୍କାର ଲାଭ କରିଛନ୍ତି। ଏଥିସହିତ ଟି ଆଣ୍ଡ ଆରଏମ ବିଭାଗର ସିନିୟର ମ୍ୟାନେଜର ଧିରଜ କୁମାର ୟୁଥ ଆଚିଭର ପୁରସ୍କାର ପାଇଁ ମନୋନୀତ ହୋଇଛନ୍ତି।

# ପାନପୋଷ ରେଳଷ୍ଟେଶନ ସମ୍ମୁଖ ୨୧ ଦୋକାନ ହେବ ଉଚ୍ଛେଦ

ରାଉରକେଲା,୧୯।୩(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ପାନପୋଷ ରେଳ ଷ୍ଟେଶନ ସମ୍ମୁଖରେ ଥିବା ରେଳବାଇ ଅଧିକୃତ ଜମି ଉପରେ ଦୀର୍ଘ ବର୍ଷ ହେଲା ଅବୈଧ ଭାବେ ବିଭିନ୍ନ ଦୋକାନ ଖୋଲା ଯାଇଥିବା ବେଳେ ମଙ୍ଗଳବାର ଷ୍ଟେଶନ ସମ୍ମୁଖ ଅଞ୍ଚଳର ଭିତିଭୂମି ସଦୃଢୀକରଣ ନିମନ୍ତେ ଦୋକାନ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ତେବେ ପାନପୋଷ ରେଳ ଷ୍ଟେଶନର ଉଭୟ ପାର୍ଶ୍ୱରେ ଥିବା ୨୧ଦୋକାନ ଉଚ୍ଛେଦ କରାଯିବା ନେଇ ରେଳବାଇ ପକ୍ଷରୁ ଧାର୍ଯ୍ୟ କରାଯାଇଛି। ତେବେ ମଙ୍ଗଳବାର ଦୋକାନ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭରେ ୨ଟି ଦୋକାନ ଉଚ୍ଛେଦ କରାଯାଇଛି। ପ୍ରକାଶ ଥାଉକି, ଅମୃତ ଭାରତ ଯୋଜନାରେ ପାନପୋଷ ରେଳଷ୍ଟେଶନ ସର୍ବାଙ୍ଗୀନ ବିକାଶ ପାଇଁ କୋଟି କୋଟି ଟଙ୍କା ଭାରତୀୟ ରେଳ ମନ୍ତ୍ରାଳୟ ପକ୍ଷରୁ ପ୍ରଦାନ ହୋଇଥିବା



ଜେସିବି ସାହାଯ୍ୟରେ ଦୋକାନ ଉଚ୍ଛେଦ କରାଯାଉଛି।

ବେଳେ ଷ୍ଟେଶନ ପାରିପାର୍ଶ୍ୱିକ ରେଳବାଇ ଅଧିକୃତ ବହୁ ଜମି ପୂର୍ବରୁ ଅବୈଧ ଭାବେ ଅକ୍ତିଆର ହୋଇଥିଲା। ମାତ୍ର ଅମୃତ ଯୋଜନାପରେ ରେଳବାଇ ପ୍ରଶାସନିକ ଅଧିକାରୀ ଓ ରେଳ ସୁରକ୍ଷା ବଳ ଉଦ୍ୟମରେ ପ୍ରଥମ ପର୍ଯ୍ୟାୟରେ ବହୁ ଅବୈଧ ଭାବେ ଅକ୍ତିଆର ହୋଇଥିବା ରେଳବାଇ ଜମି ଉଦ୍ଧାର ହୋଇ ପାନପୋଷ ରେଳ ଷ୍ଟେଶନ ପାରିପାର୍ଶ୍ୱିକ ଭିତିଭୂମୀ ସଦୃଢୀକରଣ ହେଲା। ଏହାପରେ ଏବେ ଦ୍ୱିତୀୟ ପର୍ଯ୍ୟାୟରେ ଦୀର୍ଘ ବର୍ଷରୁ

### ପ୍ରଥମ ଦିନ ୨ଟି ଦୋକାନ ଉଚ୍ଛେଦ

ଅବହେଳିତ ଅବସ୍ଥାରେ ପଡି ରହିଥିବା ପାନପୋଷ ରେଳ ଷ୍ଟେଶନ ପ୍ରବେଶ ମାର୍ଗର ସର୍ବାଙ୍ଗୀନ ଉନ୍ନତୀ ପାଇଁ ୨୧ଟି ଦୋକାନ ଉଚ୍ଛେଦ ହେବା ଧାର୍ଯ୍ୟ ହୋଇଛି। ଦୋକାନ ଉଚ୍ଛେଦ ହେବା ପରେ ପାନପୋଷ ରେଳ ଷ୍ଟେଶନ ପ୍ରବେଶ ପଥର ନବ କଳେବର ହେବ ବୋଲି ବିଭାଗ ସୂତ୍ରରୁ ଜଣାପଡିଛି। ଏନେଇ ରାଉରକେଲା ରେଳବାଇ ଇନ୍ସପେକ୍ଟର ଇନଚାର୍ଜ ଟି. ଶତପଥିଙ୍କୁ ପଚାରିବାରୁ, ମଙ୍ଗଳବାର ପାନପୋଷ ରେଳ ଷ୍ଟେଶନର ମୁଖ୍ୟମାର୍ଗରେ ରେଳବାଇ ଅଧିକୃତ ଜମିରେ ଖୋଲା ଯାଇଥିବା ଦୋକାନ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ୨ଟି ଦୋକାନ ଉଚ୍ଛେଦ ହୋଇଛି। ଆଗକୁ ୧୯ଟି ଦୋକାନ ଉଚ୍ଛେଦ ହେବ ବୋଲି କହିଥିଲେ।

# ଜଳସେଚନ ବିଭାଗ କାର୍ଯ୍ୟାଳୟ ଘେରାଉ

ରାଉରକେଲା,୧୯।୩(ସଙ୍ଗୀତା ଜେନା)

### କେନାଲ ଗୁଡିକରେ ହୋଇଥିବା ଜବରଦଖଲ ଉଚ୍ଛେଦ ଦାବି

ଅଖିଳ ଭାରତ କୃଷକ ଲାଠିକଟା ବ୍ଲକ କମିଟି ପକ୍ଷରୁ ପିତାମହଲ ଡ୍ୟାମ କେନାଲ ପୁନଃ ଉଦ୍ଧାର, କେନାଲ ଜବର ଦଖଲ ଉଚ୍ଛେଦ ଓ ଅନ୍ୟାନ୍ୟ ଦାବି ନେଇ ଘେରାଉ ଓ ଦାବି ପତ୍ର ପ୍ରଦାନ କରାଯାଇଛି। ପିତାମହଲ ଡ୍ୟାମ ଲାଠିକଟା ବ୍ଲକର ୬ଟି ପଞ୍ଚାୟତ ଲୁଙ୍ଗେଇ, ଟିକଟ ମାଟି, କାଲୁଙ୍ଗା (ଖ ) କାଲୁଙ୍ଗା (କ) ବଲଣ୍ଡା, ଝାଡ଼ତରଙ୍ଗରେ ବସ ବାସ କରୁଥିବା ଚାଷୀଙ୍କ ଜୀବନ ରେଖା। ୨୬ଶହ ହେକ୍ଟର ଜମି ଏହି ପ୍ରକଳ୍ପ ଦ୍ୱାରା ଜଳସେଚିତ ହେବକଥା। ମାତ୍ର ସରକାରଙ୍କ ଉଦାସନିତା ଓ ଜଳସେଚନ ବିଭାଗର ଖାମଖିଆଲ ମନଭାବ ଯୋଗୁ ପିତାମହଲ ଡ୍ୟାମ ପ୍ରକଳ୍ପର ଅଧୋଗତି ହୋଇଛି ବୋଲି କମିଟି ପ୍ରକାଶ କରିଛି। ଡ୍ୟାମର ଚାରି ପାଖରେ ଗଢି ଉଠିଥିବା ପଥର ଖାଦାନ ଓ କ୍ରସର ଯୋଗୁ ଡ୍ୟାମ ପୋତି ହେବାରେ ଲାଗିଛି। ଘରୋଇ କାରଖାନା ଦ୍ୱାରା କେନାଲର ଗତିପଥ ଅବରୋଧ କରି ପାଚେରୀ କରିବା, କେନାଲ ଉପରେ ସ୍ଥାୟୀ ପକା ରାସ୍ତା କରିଚାଲିଥିବା ବେଳେ ଜଳସେଚନ ବିଭାଗ ଅଧିକାରୀ କର୍ମଚାରୀଙ୍କର କୌଣସି ଦାୟିତ୍ୱ ନ ଥିଲା ପରି କମିଟି ପ୍ରକାଶ କରିଛି। ଅଖିଳ ଭାରତ କୃଷକ ଲାଠିକଟା ବ୍ଲକ କମିଟିର ଶହଶହ ସଦ୍ୟସଙ୍କ ସହ କେନାଲ ୩ର ସମ୍ପାଦକ ଦଶରୁ କିଷାନ,ସୁରେନ୍ଦ୍ର ବାହାଲା (ସଦ୍ୟସ ବଲଣ୍ଡା ), ରାଜକୁମାର ଖାଖା (ସଦ୍ୟସ ଚାଷୀ ), ଗୋବିନ୍ଦ କୁଜୁର ( ସଦ୍ୟସ ଚାଷୀ ), ଗୋଲାପୀ ମାଝୀ (ସଭାପତି କେନାଲ ୧) ବିଜଲା ଲାକ୍ରା (ଚାଷୀ ଟିକଟ ମାଟି) ଜିଲା ପରିଷଦ ସଦ୍ୟସ ଭୁବୁନ କୁଜୁର, ରାଜ୍ୟ ସଭାପତି ପି ମହାନ୍ତି ପ୍ରମୁଖ କାଲୁଙ୍ଗାରେ ବିଶାଳ ରାଲି କରି ଜଳସେଚନ ବିଭାଗ କାର୍ଯ୍ୟାଳୟର ଅଧିକାରୀ ପ୍ରତିଭା ମାଝୀଙ୍କୁ ଦାବି ପତ୍ର ପ୍ରଦାନ କରି ଏହାର ଉଚିତ ପଦକ୍ଷେପ ନ ନେଲେ ଆଗାମୀ ଦିନରେ ଏହି ଆନ୍ଦୋଳନ ଭୀଷଣ ରୂପ ନେବ ବୋଲି ପ୍ରକଶ କରିଛନ୍ତି। ଏହି ଅବସରରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା।



ଜଳସେଚନ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ଏନ୍‌ଆଇଟି ରାଉରକେଲାରେ ମହାକାଶ ପ୍ରଯୁକ୍ତିବିଦ୍ୟା ସଂସ୍ଥା ଉଦ୍‌ଘାଟିତ

ରାଉରକେଲା,୧୯।୩(ସଙ୍ଗୀତା ଜେନା)

ଭାରତୀୟ ମହାକାଶ ଗବେଷଣା ସଙ୍ଗଠନ(ଇସ୍ରୋ)ର ଅଧ୍ୟକ୍ଷ ଡ. ଭି ନାରାୟଣନ୍ ବୁଧବାର ପୂର୍ବାହ୍ନ ୧୧ଟାରେ ରାଉରକେଲା ସ୍ଥିତ ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ(ଏନ୍‌ଆଇଟି)ରେ ମହାକାଶ ପ୍ରଯୁକ୍ତିବିଦ୍ୟା ଇନ୍‌କ୍ୟୁବେସନ୍ ସେଣ୍ଟର(ଏସ୍‌ଟିଆଇସି)କୁ ଭର୍ଚୁଆଲ ମାଧ୍ୟମରେ ଉଦଘାଟନ କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମ ଏନ୍‌ଆଇଟି ରାଉରକେଲା ପ୍ରାଣକୃଷ୍ଣ ପରିଜା ଅଡିଟୋରିୟମ୍‌ରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଇସ୍ରୋର ଅଧ୍ୟକ୍ଷ ତଥା ମୁଖ୍ୟ ଅତିଥି ସମେତ ଇସ୍ରୋ ସଚିବ ଏମ୍ ଗଣେଶ ପିଲ୍ଲାଇ ଯୋଗଦେଇଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ନାରାୟଣନ୍ କହିଥିଲେ,ଅନ୍ତର୍ଜତୀୟ ମହାକାଶ ଷ୍ଟେସନରେ ସୁନୀତା ୱିଲିୟମ୍ସ ଏବଂ ତାଙ୍କ ସାଥୀ ମହାକାଶଚାରୀଙ୍କ ଉଲ୍ଲେଖନୀୟ ମିଶନ ପରେ ପ୍ରତ୍ୟାବର୍ତ୍ତନ ଉତ୍ସବ ହିସାବରେ ଏହି କାର୍ଯ୍ୟକ୍ରମ ପାଳନ କରୁଛୁ। ଇସ୍ରୋରେ ଚାଲୁଥିବା ଶୁକ୍ର ଅର୍ବିଟର ମିଶନ, ଚନ୍ଦ୍ରାଣ-୫ ଏବଂ ଭାରତୀୟ



ଇସ୍ରୋର ଅଧ୍ୟକ୍ଷ ଭର୍ଚୁଆଲରେ ଏହାକୁ ଉଦଘାଟନ କରୁଛନ୍ତି।

ମହାକାଶଚାରୀ ମାନଙ୍କୁ ମହାକାଶକୁ ପଠାଇବା ପାଇଁ ମହତ୍ୱାଂକାକ୍ଷୀ ଗଗନଯାନ ମିଶନ ସମ୍ପର୍କରେ ନାରାୟଣନ୍ ଆଲୋକପାତ କରିଥିଲେ। ଏନ୍‌ଆଇଟି ଭବିଷ୍ୟତ ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବାକୁ ଅନୁରୋଧ କରୁଛି ବୋଲି ମଧ୍ୟ ସେ କହିଥିଲେ। ସେହିପରି ଇସ୍ରୋର ଦକ୍ଷତା ବିକାଶ କାର୍ଯ୍ୟାଳୟର ନିର୍ଦ୍ଦେଶକ ଜି.ହରିକୃଷ୍ଣନ୍ ଏକ ସଂକ୍ଷିପ୍ତ ସୂଚନା ଦେଇ କାର୍ଯ୍ୟକ୍ରମ ଆରମ୍ଭକରି କହିଲେ, ଏସଟିଆଇସି ଶିକ୍ଷାଗତ ଭିତ୍ତିଭୂମିକୁ ମଜଭୁତ କରିବା, ଉଚ୍ଚମାନର ମାନବ ସମ୍ବଳ ବିକାଶ ତଥା ଭାରତୀୟ ମହାକାଶ କାର୍ଯ୍ୟକ୍ରମକୁ ସମର୍ଥନ କରିବା ପାଇଁ ଏହି ଶିକ୍ଷାନୁଷ୍ଠାନରେ ସ୍ୱତନ୍ତ୍ର ଭାବେ ଡିଜାଇନ୍ କରାଯାଇଛି। ଏହାକୁ ସହଜ କରିବା ପାଇଁ ଇସ୍ରୋ ଏବଂ ଏନ୍‌ଆଇଟି ରାଉରକେଲା ମଧ୍ୟରେ ୪ ବର୍ଷ ପୂର୍ବେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ସେବେଠାରୁ ଏହା ଅଧୀନରେ ୧.୭ କୋଟି ଟଙ୍କା ମୂଲ୍ୟର ୮ଟି ପ୍ରକଳ୍ପ କାର୍ଯ୍ୟ କରୁଛି। ଆଗାମୀ ଦିନରେ ଏହା ଅଧିକ ସୁଦୂର ପ୍ରସାରୀ ହେବା ସହ ମହାକାଶ ପ୍ରଯୁକ୍ତି ପ୍ରକଳ୍ପ ଶୁଭାରମ୍ଭକୁ ସକ୍ଷମ କରିବ ବୋଲି ହରିକୃଷ୍ଣନ୍ କହିଥିଲେ। ସମ୍ମାନିତ ଅତିଥିଭାବେ ଯୋଗଦେଇଥିବା ଇସ୍ରୋ ସଚିବ ପିଲ୍ଲାଇ ଅନ୍ ଲାଇନ୍ ଯୋଗଦେଇ କହିଥିଲେ, ଇସ୍ରୋ ଭାରତବ୍ୟାପୀ ୬ଟି ଇନ୍‌କ୍ୟୁବେସନ୍ ସେଣ୍ଟର ପ୍ରତିଷ୍ଠା କରିଛି। ସେଥିମଧ୍ୟରୁ ଏନ୍‌ଆଇଟି ଅନ୍ୟତମ। ଯାହାଦ୍ୱାରା ଓଡ଼ିଶା, ପଶ୍ଚିମବଙ୍ଗଳ, ଝାଡଖଣ୍ଡ, ବିହାର ଏବଂ ଆଣ୍ଡାମାନ ନିକୋବାର ଦ୍ୱିପପୁଞ୍ଜ ଆଦି ପରିଚାଳିତ ହେବ ବୋଲି ପିଲ୍ଲାଇ ସୂଚନା ଦେଇଥିଲେ। ସେହିପରି ଏନ୍‌ଆଇଟି ନିର୍ଦ୍ଦେଶକ ପ୍ରଫେସର କେ. ଉମାମହେଶ୍ୱର ରାଓ ଏହି ଶିକ୍ଷାନୁଷ୍ଠାନ ଭାରତର ପୂର୍ବ ମଣ୍ଡଳକୁ ମହାକାଶ ଅନୁସନ୍ଧାନ ପ୍ରକଳ୍ପ ଓ ନବସୃଜନ ସକ୍ଷମ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି ବୋଲି ମତବ୍ୟକ୍ତ କରିଥିଲେ। ଏନ୍‌ଆଇଟଇ ଏସ୍‌ଟିଆଇସିର ସଂଯୋଜକ ଡ. ଅନନ୍ତ ପ୍ରଧାନ ନୂତନ ସୁବିଧା ବିଷୟରେ ବିବରଣୀ ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ, ଇସ୍ରୋ ଏବଂ ଏନ୍‌ଆଇଟି ମଧ୍ୟରେ ୨୦୨୧ ମାର୍ଚ୍ଚ ୧୮ ତାରିଖରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ଆତ୍ମନିର୍ଭର ଭାରତ ଅଭିଯାନ ଅଧୀନରେ ମହାକାଶ ପ୍ରଯୁକ୍ତିବିଦ୍ୟା ଇନ୍‌କ୍ୟୁବେସନ କେନ୍ଦ୍ର ଭାରତର ପ୍ରଗତିକୁ ଆତ୍ମନିର୍ଭରଶୀଳ ମହାକାଶ କ୍ଷେତ୍ରଆଡକୁ ଆଗେଇ ନେବାର ବୁଦ୍ଧିଜୀବୀ ମହଲରେ ଆଶା ସଞ୍ଚାର ହୋଇଛି।

## ସଂକ୍ଷେପରେ

### ୮୦ କେଜି ଗଞ୍ଜେଇ ଜବତ, ୨ଗିରଫ

ରେଢାଖୋଲ,୧୯।୩(ଅଚ୍ୟୁତାନନ୍ଦ ପୁରୋହିତ)

ସମ୍ବଲପୁର ଜିଲା ରେଢାଖୋଲ ଅବକାରୀ ବିଭାଗ ପକ୍ଷରୁ ବୁଧବାର ସନ୍ଧ୍ୟାରେ ଚଢାଉ କରି ବୌଦ୍ଧ ରାସ୍ତାର ଲଇଣ୍ଡାମାଳ ଛକରୁ ଏକ ବୋଲେରୋରେ ଚାଲାଣ ହେଉଥିବା ୮୦ କେଜି ଗଞ୍ଜେଇ ଜବତ କରିଛି। ଘଟଣାରେ ସମ୍ପୃକ୍ତ ୨ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ଅନୁଗୋଳ ଜିଲା କୋଣ୍ଡେଇଗୋଳା ଥାନା ପଡା ଗ୍ରାମର କମଳଲୋଚନ ସାହୁ(୩୩) ଓ ତାଙ୍କ ସ୍ତ୍ରୀ କାଜଲ ସାହୁ(୨୮)। ଏ ନେଇ ରେଢାଖୋଲ ଅବକାରୀ ଥାନାରେ ଏକ ମାମଲା ରୁଜୁ କରି ଉଭୟଙ୍କୁ ଅତିରିକ୍ତ ଜିଲାଜଜଙ୍କ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ଆବେଦନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇଦିଆଯାଇଛି। ଅବକାରୀ ନିରୀକ୍ଷକ ଦୁର୍ବାଦଳ ବିଶ୍ୱାଳ, ଉପ ନିରୀକ୍ଷକ କିର୍ତ୍ତନ ନାଏକ, ଏଏସଆଇ ବିନୋଦିନୀ ବେହେରା ନେତୃତ୍ୱରେ ଚଢାଉ କରାଯାଇଥିଲା।

### ବସ୍‌ରୁ ଗଳିତ ମୃତଦେହ ଜବତ

ସମ୍ବଲପୁର,୧୯।୩(ପ୍ରମୋଦ ବହିଦାର)

ସମ୍ବଲପୁର ଅଇଁଠାପାଲିସ୍ଥିତ ନୂତନ ବସ୍‌ଷ୍ଟାଣ୍ଡରେ ଥିବା ଅଚଳ ବସରୁ ଏକ ଗଳିତ ମୃତଦେହ ଜବତ ହୋଇଛି। ପୋଲିସ ମୃତଦେହକୁ ଶବଗୃହରେ ରଖିଛି। ମୃତକଙ୍କ ପରିଚୟ ମିଳିନାହିଁ। ବୁଧବାର ବସ ପାଖରୁ ଉକ୍ତ ଗନ୍ଧ ଫାଟି ପଡ଼ିଥିଲା। ବସ୍‌ଷ୍ଟାଣ୍ଡର କେତେକ କର୍ମଚାରୀ ଓ ସୁରକ୍ଷା କର୍ମୀ ବସ୍‌ରେ ଜଣେ ଯୁବକଙ୍କ ଗଳିତ ମୃତଦେହ ପଡ଼ିଥିବା ଦେଖି ପୋଲିସକୁ ଖବର ଦେଇଥିଲେ।

### ଗାଡ଼ି ଧକ୍କାରେ ଜଣଙ୍କର ମୃତ୍ୟୁ

ସମ୍ବଲପୁର,୧୯।୩(ପ୍ରମୋଦ ବହିଦାର)

ବୁର୍ଲା ଥାନା ଅନ୍ତର୍ଗତ ଜାତୀୟ ରାଜପଥ ବୁର୍ଲା ବୁଲାଣି ରାସ୍ତାରେ ଏକ ଗାଡି ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ପରିଚୟ ମିଳି ନାହିଁ। ବୁଧବାର ସକାଳେ ଏହି ବୁଲାଣି ନିକଟରେ ପଥଚାରି ଉକ୍ତ ବ୍ୟକ୍ତିଙ୍କ ରକ୍ତାକ୍ତ ମୃତଦେହ ଦେଖି ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ ମୃତଦେହ ଜବତ କରି ବୁର୍ଲା ଶବଗୃହରେ ରଖିଛି। ମଙ୍ଗଳବାର ବିଳମ୍ବିତ ରାତିରେ ଏହି ବୁଲାଣିରେ କୌଣସି ଅଜଣା ଗାଡ଼ି ଧକ୍କାରେ ଉକ୍ତ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି।

### ଜରାନିବାସ ଅନ୍ତେବାସୀ ଶ୍ରୀଜୀଉଙ୍କ ଦର୍ଶନ କରିବେ

ସମ୍ବଲପୁର,୧୯।୩(ଭବାନୀ ଶଙ୍କର ଭୋଇ)

ସମ୍ବଲପୁରର ବିଭିନ୍ନ ଜରାନିବାସରେ ରହୁଥିବା ଅନ୍ତେବାସୀମାନେ ପୁରୀ ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କ ଦର୍ଶନ କରିବେ। ଏ ନେଇ ସାଥୀ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ବୁଧବାର ସୂଚନା ଦିଆଯାଇଛି। ଫୁଲଝରଣସ୍ଥିତ ପାର୍ବତୀ ଗିରି ମାତୃଭବନ, ହୁମା ସ୍ଥିତ ବୀର ସୁରେନ୍ଦ୍ର ସାଏ ଜରା ନିବାସ ଓ ମାନେଶ୍ୱର ସ୍ଥିତ ଜରା ନିବାସ ଅନ୍ତେବାସୀମାନଙ୍କ ପାଇଁ ଜଗନ୍ନାଥ ଦର୍ଶନ ବ୍ୟବସ୍ଥା କରାଯାଉଛି। ଆସନ୍ତା ୨୨ ତାରିଖ ପୂର୍ବାହ୍ନ ୧୦ଟାରେ ପ୍ରାୟ ୪୦ଜଣ ଅନ୍ତେବାସୀଙ୍କୁ ନେଇ ବସ ଯୋଗେ ଜଗନ୍ନାଥ ଦର୍ଶନ ଯାତ୍ରା କରାଯିବା କାର୍ଯ୍ୟକ୍ରମ ରହିଛି। ସ୍ଥାନୀୟ ମ୍ୟୁନିସିପାଲିଟି ଛକ ସ୍ଥିତ ପଞ୍ଚମୁଖୀ ହନୁମନ ଦର୍ଶନ କରି ସମସ୍ତ ତୀର୍ଥଯାତ୍ରୀ ପୁରୀ ଜଗନ୍ନାଥ ଧାମ ଅଭିମୁଖେ ଯାତ୍ରା କରିବେ। ତୀର୍ଥ ଯାତ୍ରୀ ମାନେ ଶ୍ରୀମନ୍ଦିର ନିକଟ ଏକ ମଠରେ ରହି ସନ୍ଧ୍ୟାରେ ଜଗନ୍ନାଥ ଦର୍ଶନ କରିବେ। ସମସ୍ତ ଖର୍ଚ୍ଚ ସାଥୀ ଚାରିଟେବୁଲ ଟ୍ରଷ୍ଟ ବହନ କରିବ ବୋଲି ଏହାର କାର୍ଯ୍ୟକାରୀ ସଭାପତି ସିଦ୍ଧାର୍ଥ ସାହା ସୂଚନା ଦେଇଛନ୍ତି। ୨୩ ତାରିଖ ସକାଳ ଦର୍ଶନ ପରେ ସମସ୍ତ ତୀର୍ଥଯାତ୍ରୀ ମହୋଦଧିରେ ସ୍ନାନକରି ସମ୍ବଲପୁର ଫେରି ଆସିବେ। ତୀର୍ଥଯାତ୍ରା ପୂର୍ବରୁ ସମସ୍ତ ତୀର୍ଥଯାତ୍ରୀଙ୍କ ମେଡିକାଲ ଟେଷ୍ଟ କରାଯିବା ସହ ଏକ ମେଡିକାଲ ଟିମ ତୀର୍ଥଯାତ୍ରୀ ଗାଡି ସହ ପୁରୀ ଯିବା ବ୍ୟବସ୍ଥା କରାଯାଇଛି। ବୃଦ୍ଧା ଓ ଜରାଶ୍ରମର ପରିଚାଳକ ଓ ପରିଚାଳିକାଙ୍କ ସହ ସାଥୀ ଚାରିଟେବୁଲ ଟ୍ରଷ୍ଟ ସଦସ୍ୟମାନେ ଏହି ତୀର୍ଥଯାତ୍ରା ଆୟୋଜନରେ ସହଯୋଗ କରୁଛନ୍ତି।

# ସମ୍ବଲପୁରରେ ଲାଗିନି ଟ୍ରାଫିକ୍ ସିଗ୍‌ନାଲ

ସମ୍ବଲପୁର,୧୯।୩(ଭବାନୀ ଶଙ୍କର ଭୋଇ)

- ଏବେବି ହାତ ଦେଖାଇ ଟ୍ରାଫିକ୍ ନିୟନ୍ତ୍ରଣ କରୁଛି ପୋଲିସ
- ରାସ୍ତା ସମ୍ପ୍ରସାରଣ, ଛକ ସୌନ୍ଦର୍ଯ୍ୟକରଣ ପାଇଁ ସମୟ ଲାଗୁଛି:ଏସ୍‌ପି

ରାଜ୍ୟର ପାଞ୍ଚଟି ମହାନଗର ନିଗମ ମଧ୍ୟରେ ସମ୍ବଲପୁର ଅନ୍ୟତମ । ତେବେ ସମ୍ବଲପୁର ଏଭଳି ଏକମାତ୍ର ମହାନଗର ଯେଉଁଠି ଆଜିବି ଟ୍ରାଫିକ ପୋଲିସ ହାତ ଦେଖାଇ ଟ୍ରାଫିକ ନିୟନ୍ତ୍ରଣ କରିଥାନ୍ତି। ଛୋଟ ଛୋଟ ସହରଗୁଡିକରେ ଟ୍ରାଫିକ ବ୍ୟବସ୍ଥା ଡିଜିଟାଲ ହୋଇ ସାରିଥିବା ବେଳେ ସମ୍ବଲପୁରର ବିକାଶ ପ୍ରକ୍ରିୟାରେ ତାହା ସାମିଲ ହୋଇପାରିନାହିଁ। ଏମିତି ନୁହେଁ ଯେ ସମ୍ବଲପୁରରେ କେବେ ଟ୍ରାଫିକ ସିଗନାଲ ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇ ନ ଥିଲା। କିଛି ବର୍ଷ ପୂର୍ବେ ସମ୍ବଲପୁର ଲକ୍ଷ୍ମିଟକିଜ ଛକ ଏବଂ ଅଇଁଠାପାଲି ଛକରେ ଟ୍ରାଫିକ ଲାଇଟ ବ୍ୟବସ୍ଥା କରାଯାଇଥିଲା । କିଛି ଦିନ ଏହା କାର୍ଯ୍ୟକାରୀ ମଧ୍ୟ ହୋଇଥିଲା। ତେବେ ଏହା ଅଚଳ ହେବା ପରେ ଆଉ ପୁନର୍ବାର ସହରରେ ଟ୍ରାଫିକ ସିଗନାଲ ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇପାରିନାହିଁ। ଆଜିବି ଏହି ଅଚଳ ଟ୍ରାଫିକ ଲାଇଟ ଲକ୍ଷ୍ମୀ ଟକିଜ ଛକରେ ଅଚଳ ହୋଇ ପଡି ରହିଛି। ସମ୍ବଲପୁରରେ ଟ୍ରାଫିକ ବ୍ୟବସ୍ଥାକୁ ନେଇ ବାରମ୍ବାର ପ୍ରଶ୍ନ ଉଠୁଥିବା ସତ୍ତ୍ୱେ ଡିଜିଟାଲ ବ୍ୟବସ୍ଥା କରାଯାଇ ପାରୁନାହିଁ।



ଲକ୍ଷ୍ମୀ ଟକିଜ ଛକରେ ରହିଥିବା ଅଚଳ ଟ୍ରାଫିକ ଲାଇଟ ।

ମହାନଗର ଅନ୍ତର୍ଗତ ଅଇଁଠାପାଲି ତଳିଛକ ଏବଂ କାଇଁଶିର ରୋଡ ଛକରେ ବାରମ୍ବାର ଦୁର୍ଘଟଣା ଘଟି ଜୀବନହାନୀ ଘଟି ଚାଲିଛି। ଏହା ସହିତ ବ୍ୟସ୍ତବହୁଳ ଲକ୍ଷ୍ମୀ ଛକ, ରେମେଡ ଛକ, ମୁଦିପଡା, ଚାରଭାଟୀ, ଧନୁପାଲି, ଜିଏମ୍ କଲେଜ ଛକ ଆଦି ସ୍ଥାନରେ ଅତ୍ୟାଧୁନିକ ଟ୍ରାଫିକ ବ୍ୟବସ୍ଥା କରାଯିବା ଆବଶ୍ୟକତା ରହିଛି। ତେବେ ଅନେକ ସମୟରେ ଏହା ଉପରେ ଆଲୋଚନା କରାଯାଉଥିଲେ ବି କାର୍ଯ୍ୟକାରୀ କରାଯାଉନାହିଁ। ଆଜି ମଧ୍ୟ ସହରରବିଭିନ୍ନ ଛକରେ ହାତରେ ଷ୍ଟପ ଚିହ୍ନ ଧରି ଟ୍ରାଫିକ ପୋଲିସ ଭିଡ ନିୟନ୍ତ୍ରଣ କରୁଛି। ଚିତ୍ର ଆଙ୍କି ଲୋକଙ୍କୁ ସଚେତନ କରାଯାଉଛି । ଏହା ଦ୍ୱାରା ଟ୍ରାଫିକ ପୋଲିସ ଦିନସାରା ଛକ ମଧ୍ୟସ୍ଥ ପୋଡିୟମରେ ଛିଡା ହୋଇ ଯାତାୟାତ ନିୟନ୍ତ୍ରଣ କରି ଆସୁଛନ୍ତି। ସମ୍ବଲପୁର ମହାନଗର ନିଗମ, ଜିଲା ପ୍ରଶାସନ ଏବଂ ପୋଲିସ ପ୍ରଶାସନ ଏ ଦିଗରେ ମିଳିତ ଯୋଜନା କରିବାର ଆବଶ୍ୟକତା ଥିବାବେଳେ ତାହା କରାଯାଉନାହିଁ। ଏନେଇ ଏସ୍‌ପି ମୁକେଶ ଭାମୁଙ୍କୁ ପଚାରିବାରୁ ସେ କହିଛନ୍ତି, କିଛିଦିନ ପୂର୍ବରୁ ମହାନଗର ନିଗମ ସହ ଏକ ଚୁକ୍ତିପତ୍ର ସ୍ୱାକ୍ଷର କରାଯାଇ ସମ୍ବଲପୁର ସହରର ବିଭିନ୍ନ ଛକରେ ହାଇ ପାୱାର ସିସିଟିଭି ଲଗାଯିବା ବ୍ୟବସ୍ଥା କରାଯାଇଛି। ଟ୍ରାଫିକ ନିୟନ୍ତ୍ରଣ ପାଇଁ ମଧ୍ୟ ପ୍ରମୁଖ ଛକଗୁଡିକରେ ଲାଇଟ ଲଗାଯିବା ବ୍ୟବସ୍ଥା କରାଯାଉଛି। ସହରରେ ରାସ୍ତା ସମ୍ପ୍ରସାରଣ ଏବଂ ଛକଗୁଡିକର ସୌନ୍ଦର୍ଯ୍ୟକରଣ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଥିବାରୁ ଟ୍ରାଫିକ ଲାଇଟ ବ୍ୟବସ୍ଥା ନେଇ ସମୟ ଲାଗୁଛି। ତେବେ ଆସନ୍ତା ଏପ୍ରିଲ ସୁଦ୍ଧା ଛକଗୁଡିକରେ ଟ୍ରାଫିକ ଲାଇଟ ଲଗାଯିବା ବ୍ୟବସ୍ଥା କରାଯିବ ବୋଲି ସେ କହିଛନ୍ତି।

# ଯବାନଙ୍କ ବଳିଦାନର ସ୍ମୃତିଚାରଣ


ପ୍ରତିଷ୍ଠା ଦିବସ ପାଳନ ଅବସରରେ ମୁଖ୍ୟ ଅତିଥି ଅଭିବାଦନ ଗ୍ରହଣ କରୁଛନ୍ତି।

ସମ୍ବଲପୁର,୧୯।୩(ପ୍ରମୋଦ ବହିଦାର)

**ଗ୍ରୁପ ସେଣ୍ଟରରେ ସିଆର୍‌ପିଏଫ ଦିବସ ପାଳନ**

କେନ୍ଦ୍ରୀୟ ରିଜର୍ଭ ପୋଲିସ୍ ଫୋର୍ସ (ସିଆର୍‌ପିଏଫ୍)ର ୮୬ତମ ସ୍ଥାପନା ଦିବସ ସମ୍ବଲପୁର ଗୋଶାଳାସ୍ଥିତ ସିଆର୍‌ପିଏଫ୍ ଗ୍ରୁପ୍ ସେଣ୍ଟରରେ ବୁଧବାର ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଗ୍ରୁପ୍ ସେଣ୍ଟର ପରିସରରେ ଆୟୋଜିତ ଉତ୍ସବରେ ଡେପୁଟି ଇନ୍ସପେକ୍ଟର ଜେନେରାଲ୍(ଡିଆଇଜି) ଦଲୀପ ସିଂ ଅମ୍ବେଶ ମୁଖ୍ୟଅତିଥିଭାବେ ଯୋଗଦେଇ ଧ୍ୱଜାରୋହଣ କରିଥିଲେ। ସେ ତାଙ୍କ ବକ୍ତବ୍ୟରେ ଦେଶମାତୃକାର ସୁରକ୍ଷାରେ ସିଆର୍‌ପିଏଫ୍‌ର ବୀରତ୍ୱ ଗାଥ ସହିତ ଯବାନମାନଙ୍କ ବଳିଦାନର ସ୍ମୃତିଚାରଣ କରିଥିଲେ। ଏହାସହିତ ଏଥିରେ ଉପସ୍ଥିତ ସିଆର୍‌ପିଏଫ୍ ଯବାନ ଓ ସେମାନଙ୍କ ପରିବାରଜନଙ୍କୁଶୁଭକାମନା ଜଣାଇଥିଲେ। ଏହାବାଦ ସେ ଏଠାରେ ଥିବା ସହିଦ ସ୍ତମ୍ଭରେ ବୀର ସହିଦ ଜବାନମାନଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ସିଆର୍‌ପିଏଫ୍ ଯବାନ ପରିବାର କଲ୍ୟାଣ ସଂଘର ଆଞ୍ଚଳିକ ଅଧ୍ୟକ୍ଷା ପୁନମ୍ ସିଂଙ୍କ ତତ୍ତ୍ୱାବଧାନରେ ମହିଳା ଏବଂ ଶିଶୁମାନଙ୍କ ମଧ୍ୟରେ ବିଭିନ୍ନ ପ୍ରକାର ପ୍ରତିଯୋଗିତା ଆୟୋଜିତ ହୋଇଥିଲା।

ସୂଚନାଯୋଗ୍ୟ ଯେ, ୧୯୩୯ ମସିହା ଜୁଲାଇ ୨୭ରେ କ୍ରାଉନ୍ ରିପ୍ରେଜେଣ୍ଟ ପୋଲିସ୍(ସିଆର୍‌ପି) ଭାବେ ସିଆର୍‌ପିଏଫ୍‌ର ପ୍ରତିଷ୍ଠା ହୋଇଥିଲା। ସ୍ୱାଧୀନତା ପରେ, ୧୯୪୯ ଡିସେମ୍ବର ୨୮ରେ ସର୍ଦ୍ଦାର ବଲଭଭାଇ ପଟେଲଙ୍କ ନେତୃତ୍ୱରେ ଏହାକୁ ପୁନଃ ସଙ୍ଗଠିତ କରାଯାଇ ଏକ ଶକ୍ତିଶାଳୀ ପାରାମିଲିଟାରୀ ଫୋର୍ସ ଭାବେ ପ୍ରତିଷ୍ଠିତ କରା ଯାଇଥିଲା। ୧୯୫୦ ମାର୍ଚ୍ଚ ୧୯ ରେ ସର୍ଦ୍ଦାର ଭାଲାଭଭାଇ ପଟେଲ ଏହି ପୋଲିସ ବଳକୁ ଗୌରବର ପ୍ରତୀକ ଧ୍ୱଜ ପ୍ରଦାନ କରିଥିଲେ। ସେହିଦିନଠାରୁ ମାର୍ଚ୍ଚ ୧୯ ତାରିଖକୁ ସିଆର୍‌ପିଏଫ ଦିବସଭାବେ ପାଳନ କରାଯାଇ ଆସୁଛି।

# ଆଇନ ମହାବିଦ୍ୟାଳୟରେ ଖାଦ୍ୟମେଳା


ଆୟୋଜିତ ଖାଦ୍ୟ ମେଳାରେ ଅତିଥି ଓ ଛାତ୍ରୀଛାତ୍ରମାନେ।

ସମ୍ବଲପୁର,୧୯।୩(ବି.ଶଙ୍କର)

**ଗ୍ରୀଷ୍ମଋତୁରେ ଶରୀର ଉପଯୋଗୀ ଖାଦ୍ୟମେଳାର ଦୃଷ୍ଟି ଆକର୍ଷଣ**

ସମ୍ବଲପୁର ସହରସ୍ଥିତ ଲଜପତ ରାୟ ଆଇନ ମହାବିଦ୍ୟାଳୟରେ ଖାଦ୍ୟ ମେଳା–୨୫ ବୁଧବାର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ବିଜୟାନନ୍ଦ ବେହେରା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ସହକାରୀ ପ୍ରଫେସର ଡ. ଲକ୍ଷ୍ମୀକାନ୍ତ ଦାଶ, ଅଙ୍କିତ ସୌରଭ ସାହୁ, ଡ. ସ୍ୱାଗତିକା ବିଶ୍ୱାଳ, କବିତା ପଣ୍ଡା, ଐଶ୍ୱର୍ଯ୍ୟା ପ୍ରଧାନ, ବୀରେନ୍ଦ୍ର କୁମାର ମେହେର, ଡ. ରାହୁଲ ଗୁପ୍ତା, କୃପାସିନ୍ଧୁ ମହାପାତ୍ର ସମ୍ମାନୀତ ଅତିଥି ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଏହି ମହାବିଦ୍ୟାଳୟରୁ ଉତ୍ତୀର୍ଣ୍ଣ ହୋଇଥିବା ମାଜିଷ୍ଟ୍ରେଟ କେ.ସି. ଇନ୍ଦ୍ରାଣି ଅତିଥିଭାବେ ଯୋଗଦେଇଥିଲେ। ଶତାଧିକ ଛାତ୍ରୀଛାତ୍ର ଖାଦ୍ୟ ମେଳାରେ ଭାଗ ନେଇଥିଲେ । ଲାଲଗୋପାଳ ନନ୍ଦ, ଆକାଂକ୍ଷା ସାମନ୍ତ, ଦେବପ୍ରିୟ ମହାପାତ୍ର, ଅମର ଶର୍ମା, ଶ୍ରଦ୍ଧା ସୁମନ ସାହୁ, ଅନୌଷ୍କା ପତି, ଦେବାଶିଷ ନନ୍ଦୀ, ଦେବୀ ପ୍ରସାଦ ମିଶ୍ର, ପ୍ରତ୍ୟୁଷ ମହାପାତ୍ରଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ହୋଇଥିଲା । କାର୍ଯ୍ୟକ୍ରମରେ ଖାଦ୍ୟ ସଚେତନତା ସମ୍ବନ୍ଧରେ ଆଲୋଚନା କରାଯାଇଥିଲା।ବର୍ତ୍ତମାନ ବଜାରରେ ହେଉଥିବା ଖାଦ୍ୟ ମିଶ୍ରଣ ଓ ଖାଦ୍ୟ ପ୍ରକ୍ରିୟାକରଣର କୁପରିଣାମ ବିଷୟରେ ସଚେତନ ହେବାକୁ ସମସ୍ତଙ୍କୁ ଆହ୍ୱାନ ଦିଆଯାଇଥିଲେ । ମହାବିଦ୍ୟାଳୟର ବିଭିନ୍ନ ବିଭାଗରୁ ଛାତ୍ରୀଛାତ୍ରମାନେ ନିଜେ ଖାଦ୍ୟ ପ୍ରସ୍ତୁତ କରି ପ୍ରଦର୍ଶିତ କରିଥିଲେ। ଯାହା ଦ୍ୱାରା ଛାତ୍ରୀଛାତ୍ରଙ୍କର ବ୍ୟବହାରିକ କଳା ଓ ଦକ୍ଷତାର ବିକାଶ ହୋଇଥିଲା। ଗ୍ରୀଷ୍ମଋତୁରେ ଶରୀର ଉପଯୋଗୀ ବିଭିନ୍ନ ପାନୀୟ ଜଳ, ଖାଦ୍ୟ ମେଳାର ଦୃଷ୍ଟି ଆକର୍ଷଣ କରିଥିଲା।

### ପ୍ରକଳ୍ପସ୍ତରୀୟ ପ୍ରତିଭା ଚୟନ କାର୍ଯ୍ୟକ୍ରମ

କୁଚିଣ୍ଡା,୧୮।୩(ବିରଞ୍ଚି ଦର୍ଭା)

ସମ୍ବଲପୁର ଜିଲା କୁଚିଣ୍ଡା ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଆନୁକୂଲ୍ୟରେ ମିଶନ ଶକ୍ତି ଭବନରେ କିଶୋରୀକିଶୋରଙ୍କ ପ୍ରତିଭା ଚୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୁଚିଣ୍ଡା ସିଡିପିଓ ରାଜଶ୍ରୀ ପରିଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ହୋଇଥିବା କାର୍ଯ୍ୟକ୍ରମରେ ଉପଜିଲାପାଳ ଗୌରବମୟ ପ୍ରଧାନ ମୁଖ୍ୟଅତିଥିଭାବେ ଯୋଗ ଦେଇଥିଲେ। ସେ ତାଙ୍କ ବକ୍ତବ୍ୟରେ ଏହି କାର୍ଯ୍ୟକ୍ରମ ଦ୍ୱାରା ଗ୍ରାମାଞ୍ଚଳର କିଶୋରୀ କିଶୋରଙ୍କ ପ୍ରତିଭାର ବିକାଶ ହୋଇପାରିବ ବୋଲି କହିଥିଲେ। ସମ୍ବଲପୁର ଜିଲା ସଂଯୋଜିକା ସୁନିତା ତ୍ରିପାଠୀ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଅଧିକାରୀ ଲକ୍ଷ୍ମଣ ଦେହୁରୀ, ଉପଖଣ୍ଡ ପ୍ରକଳ୍ପ ଅଧିକାରୀ ସୁନିତା ପୁରୋହିତ, ମିଶନଶକ୍ତି ପରିଚାଳିକା ବିଲାସି ଖାଲଖୋ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଅତିଥିମାନେ ବାଲ୍ୟବିବାହ ନିରୋଧ, ଶିଶୁ ଶ୍ରମିକ ଉଚ୍ଛେଦ ସହ ଆଇସିଡିଏସ ପକ୍ଷରୁ ନିଆଯାଉଥିବା ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ବାବଦରେ ଆଲୋଚନା କରିଥିଲେ। ଆଇସିଡିଏସ ସୁପରଭାଇଜର ଜମୁନା ବାଘ ସ୍ୱାଗତ ଭାଷଣ ଦେଇଥିବା ବେଳେ ସୁପରଭାଇଜର ଜ୍ୟୋତି ମିଶ୍ର ସଭା ପରିଚାଳନା କରିଥିଲେ। ଏହି ଅବସରରେ ଚିତ୍ରାଙ୍କନ, ରଙ୍ଗୋଲି, ବକ୍ତୃତା, ନୃତ୍ୟଗୀତ ଆଦି କାର୍ଯ୍ୟକ୍ରମ ହୋଇଥିଲା। ଉପଜିଲାପାଳ ପ୍ରଧାନଙ୍କ ସହ ଅନ୍ୟ ଅତିଥିମାନେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ବ୍ଲକ ମିଶନ ଶକ୍ତି ଫେଡେରେଶନ ସଭାନେତ୍ରୀ ରମିତା ଚୋଧୁରୀ, ସମ୍ପାଦିକା ଶୁଭଶ୍ରୀ ସାହୁ ସହଯୋଗ କରିଥିଲେ। ସୁପରଭାଇଜର କଳ୍ପନା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ଭିସୁଟ୍‌ରେ ଚକ୍ଷୁ ପରୀକ୍ଷା ଶିବିର


ଚକ୍ଷୁ ପରୀକ୍ଷା ଶିବିରକୁ ଭିସୁଟ କୁଳପତି ଉଦ୍‌ଘାଟନ କରୁଛନ୍ତି।

ସମ୍ବଲପୁର,୧୯।୩(ଭବାନୀ ଶଙ୍କର ଭୋଇ)

ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱ ବିଦ୍ୟାଳୟ(ଭିସୁଟ)ରେ ବୁଧବାର ମାଗଣା ଚକ୍ଷୁ ପରୀକ୍ଷା ଶିବିର ଉଦ୍‌ଘାଟିତ ହୋଇଯାଇଛି। ଭିସୁଟ ସାମାଜିକ ସେବା ସଂଘ ପକ୍ଷରୁ ସମ୍ବଲପୁର ତ୍ରିଲୋଚନ ନେତ୍ରାଳୟ ସହଯୋଗରେ ବିଶ୍ୱବିଦ୍ୟାଳୟର ବିଜୁ ପଟ୍ଟନାୟକ ଇ–ଲର୍ନିଂ ସେଣ୍ଟରରେ ଏହି ଶିବିରର ଆୟୋଜନ କରାଯାଇଥିଲା। ଶିବିରକୁ ଭିସୁଟ କୁଳପତି ପ୍ରଫେସର ଦୀପକ କୁମାର ସାହୁ, ରେଜିଷ୍ଟ୍ରାର ପଦୀପ ଡାଙ୍ଗ, ଡିନ ପ୍ରଫେସର ରାକେଶ ରୋଶନ ଦାଶ, ଆସୋସିଏଟ ଡିନ ଡକ୍ଟର ପୁଣ୍ୟପ୍ରିୟା ମିଶ୍ର, ଭିସୁଟ ସାମାଜିକ ସେବା ସଂଘ ଉପାଧ୍ୟକ୍ଷ ଡକ୍ଟର ତୃପ୍ତି ରଞ୍ଜନ ମହାପାତ୍ରଙ୍କ ଉପସ୍ଥିତିରେ ଉଦ୍‌ଘାଟନ କରାଯାଇଥିଲା। ଏହି ଅବସରରେ ପ୍ରଫେସର ସାହୁ ସୁସ୍ଥ ଚକ୍ଷୁର ମହତ୍ତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ଆସନ୍ତା ୨୧ ପର୍ଯ୍ୟନ୍ତ ଏହି ଶିବିର ଆୟୋଜନ କରାଯିବ। ଏହି ଶିବିର ଦ୍ୱାରା ବିଶ୍ୱବିଦ୍ୟାଳୟର ଛାତ୍ର, ଅଧ୍ୟାପକ, କର୍ମଚାରୀ ଏବଂ ପରିବାର ସଦସ୍ୟଙ୍କ ପାଇଁ ମାଗଣା ଚକ୍ଷୁ ପରୀକ୍ଷା ଏବଂ ପରାମର୍ଶ ପ୍ରଦାନ କରାଯିବ। ପ୍ରଥମ ଦିନରେ ୫୫୦ଜଣ ନିଜର ଚକ୍ଷୁ ପରୀକ୍ଷା କରାଇଛନ୍ତି।

# ଆରମ୍ଭ ହେଲା ମାଟ୍ରିକ୍ ଖାତା ମୂଲ୍ୟାୟନ

ସମ୍ବଲପୁର,୧୯।୩(ପ୍ରମୋଦ ବହିଦାର)

**ମୂଲ୍ୟାୟନ ହେବ ୬୬ ହଜାର ପରୀକ୍ଷାର୍ଥୀଙ୍କ ଖାତା**

ସମଗ୍ର ରାଜ୍ୟରେ ବୁଧବାରଠାରୁ ମାଧ୍ୟମିକ ଶିକ୍ଷା ବୋର୍ଡ ଅଧୀନ ମାଟ୍ରିକ୍ ପରୀକ୍ଷା ଖାତା ମୂଲ୍ୟାୟନ ପ୍ରକ୍ରିୟା ଆରମ୍ଭ ହୋଇଛି। ସମ୍ବଲପୁର ଜିଲାରେ ମଧ୍ୟ କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଆରମ୍ଭ ହୋଇଛି ପରୀକ୍ଷା ଖାତା ଦେଖା। ଚଳିତ ବର୍ଷ ଜିଲାର ଏକମାତ୍ର ମଲ୍ୟାୟନ କେନ୍ଦ୍ର ସମ୍ବଲପୁର ଲେଡି ଲୁଇସ୍ ବାଳିକା ଉଚ୍ଚ ବିଦ୍ୟାଳୟରେ ଖାତା ଦେଖା ଚାଲିଛି। ଏହା ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରତିଦିନ ପୂର୍ବାହ୍ନ ୧୦ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଖାତା ଦେଖା ଚାଲିବ। ପୂର୍ବାହ୍ନ ୧୦ଟା ସୁଦ୍ଧା ମୂଲ୍ୟାୟନ କେନ୍ଦ୍ରରେ ନିୟୋଜିତ ଶିକ୍ଷୟିତ୍ରୀ, ଶିକ୍ଷକ ଓ ଅନ୍ୟ କର୍ମଚାରୀମାନେ ପହଞ୍ଚି ସାରିଥିଲେ। ପ୍ରଥମ ଦିନ ପରୀକ୍ଷା ଖାତା ମୂଲ୍ୟାୟନ ପ୍ରକ୍ରିୟା ସୁରୁଖୁରୁରେ ସମ୍ପନ୍ନ ହୋଇଛି।

ଜିଲା ଶିକ୍ଷା ବିଭାଗ ସୂଚନା ଅନୁସାରେ ଚଳିତବର୍ଷ ସମ୍ବଲପୁର ଜିଲାରେ ୬୬ ହଜାର ୯୦୫ଟି ମାଟ୍ରିକ୍ ପରୀକ୍ଷା ଖାତା ଦେଖାଯାଉଛି। ସେଥିମଧ୍ୟରେ ମାଟ୍ରିକ ପରୀକ୍ଷାର୍ଥୀ ଓ ରାଜ୍ୟ ମୁକ୍ତବିଦ୍ୟାଳୟ ପରକ୍ଷାର୍ଥୀଙ୍କ ୫ଟି ବିଷୟରେ ୫ଟି ୧୦୦ ମାର୍କ ବିଶିଷ୍ଟ ଗୋଟିଏ ଲେଖାଏ ୟୁନିଟ୍ ଓ ଦୁଇଟି ବିଷୟରେ ୫୦ ମାର୍କ ବିଶିଷ୍ଟ ସବଜେକ୍ଟିଭ ଓ ଅବଜେକ୍ଟିଭ ଆଦି ୪ଟି ୟୁନିଟ୍ ମିଶି ମୋଟ ୬ଟି ବିଷୟର ସର୍ବମୋଟ ୯ଟି ବିଷୟ ୟୁନିଟ ପରୀକ୍ଷା ଖାତା ଦେଖାଯିବ। ଏଥିପାଇଁ ଜିଲାରେ ମୋଟ ୧୪୩ ଜଣ ଶିକ୍ଷକ ଓ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ପ୍ରତ୍ୟକ୍ଷ ଖାତା ଦେଖାରେ ୧୯୦ ଜଣ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କୁ ନିୟୋଜିତ କରାଯାଇଛି। ଖାତାଦେଖା ପ୍ରକ୍ରିୟାକୁ ସୁବ୍ୟବସ୍ଥିତ କରିବା ପାଇଁ ଜିଲାରେ ୯ ଜଣ ମୁଖ୍ୟ ପରୀକ୍ଷକ, ୧୮ ଜଣ ସହ ପରୀକ୍ଷକ ଓ ୨୬ ଜଣ ସ୍କୃଟିନାଇଜରଙ୍କୁ ନିଯୁକ୍ତ କରାଯାଇଛି। ଏହି ଅଧିକାରୀମାନେ ପରୀକ୍ଷା ଖାତା ମୂଲ୍ୟାୟନ ଉପରେ ନଜର ରଖିବେ। ସମସ୍ତ କର୍ମଚାରୀଙ୍କୁ କେନ୍ଦ୍ର ମଧ୍ୟକୁ ମୋବାଇଲ ନେବାକୁ ବାରଣ କରାଯାଇଛି। ମୂଲ୍ୟାୟନ ପରେ ପ୍ରତିଦିନ ମାର୍କଗୁଡ଼ିକୁ ଅପଲୋଡ଼ କରାଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିପାଇଁ ମଙ୍ଗଳବାର ଲେଡି ଲୁଇସ୍ ବାଳିକା ଉଚ୍ଚ ବିଦ୍ୟାଳୟରେ ଜିଲା ଶିକ୍ଷାଧିକାରୀ ଲକ୍ଷ୍ମଣ ଭୋଇଙ୍କ ତତ୍ତ୍ୱାବଧାନରେ ଏକ ବୈଠକ କରାଯାଇ ମୂଲ୍ୟାୟନରେ ସ୍ୱଚ୍ଛତା ବଜାୟ ରଖିବା ସହିତ ତ୍ରୁଟିଶୂନ୍ୟ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା।

# ଜଙ୍ଗଲ ସମ୍ପଦର ମାଲିକ ଜନତା

କୁଚିଣ୍ଡା,୧୯।୩(ବିରଞ୍ଚି ଦର୍ଭା)

ଓଡ଼ିଶା ସରକାରଙ୍କ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଆନୁକୂଲ୍ୟରେ ସମ୍ବଲପୁର ଜିଲା ବାମରା ବନ୍ୟପ୍ରାଣୀ ବନଖଣ୍ଡ ଅଧୀନ କୁଚିଣ୍ଡା ବନାଞ୍ଚଳ କାର୍ଯ୍ୟାଳୟରେ ବୁଧବାର ବନାଗ୍ନି ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ବନାଞ୍ଚଳ ଅଧିକାରୀ ଲେଖାରାଣୀ ମହାନନ୍ଦଙ୍କ ତତ୍ତ୍ୱାବଧାନରେ ଜଙ୍ଗଲ ନିଆଁ ରୋକିବାପାଇଁ ସରପଞ୍ଚଙ୍କ ଭୂମିକା ଶୀର୍ଷକ ଏକ ଆଲୋଚନାଚକ୍ର ହୋଇଥିଲା। ଏଥିରେ ବାମରା ବନଖଣ୍ଡ ଅଧିକାରୀ ସମୀର କୁମାର ସାହୁ ସଭାପତିତ୍ୱ କରିଥିଲେ। ସେ ତାଙ୍କ ବକ୍ତବ୍ୟରେ କହିଥିଲେ ଜନସାଧାରଣ ହେଉଛନ୍ତି ଜଙ୍ଗଲ ସମ୍ପଦର ମାଲିକ, ଜଙ୍ଗଲ ସୁରକ୍ଷା ତାଙ୍କ ହାତରେ ରହିଛି। ଦରମାଭୋଗୀ ବନକର୍ମଚାରୀ କେବଳ ଜଙ୍ଗଲକୁ ଜଗିରହିଛନ୍ତି। ତେଣୁ ଜଙ୍ଗଲର ସୁରକ୍ଷା ସହ ପ୍ରାକୃତିକ ସମ୍ପଦର ସୁରକ୍ଷା ପାଇଁ ସମସ୍ତେ ସହଯୋଗର ହାତ ବଢାଇବାକୁ ନିବେଦନ କରିଥିଲେ।

କାର୍ଯ୍ୟକ୍ରମରେ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକଙ୍କ ପ୍ରତିନିଧି ଶୁଶିଳ କର ମୁଖ୍ୟଅତିଥି, କୁଚିଣ୍ଡା ଉପଜିଲାପାଳ ଗୌରବମୟ ପ୍ରଧାନ ମୁଖ୍ୟବକ୍ତା,



ବନାଗ୍ନି ନିରାକରଣ ସଚେତନତା ଶିବିରରେ ଯୋଗଦେଇଥିବା ଅତିଥିମାନେ।

**ବନାଗ୍ନି ନିରାକରଣ ସଚେତନତା ଶିବିର**

ତହସିଲଦାର ମିତାଲି ମଧୁସ୍ମିତା ଦଳେଇ, ଅଗ୍ନିଶମ ଅଧିକାରୀ ଜୋହନ ପ୍ରତାପ ଟପ୍ପୋ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ସେମାନେ ତାଙ୍କ ବକ୍ତବ୍ୟରେ କହିଥିଲେ ମହୁଲଫୁଲ ସଂଗ୍ରହ, ଶାଳମଞ୍ଜି ସଂଗ୍ରହ, କେନ୍ଦୁପତ୍ର ସଂଗ୍ରହ ଓ ବନ୍ୟଜନ୍ତୁ ଶିକାର ଉଦ୍ଦେଶ୍ୟରେ ଜଙ୍ଗଲରେ ନିଆଁ ଲଗାଯାଇଥାଏ। ଏହାଦ୍ୱାରା ବାୟୁମଣ୍ଡଳର ଉତ୍ତାପ ବୃଦ୍ଧି ପାଇ ମଣିଷକୁ ଅମ୍ଳଜାନ ଯୋଗାଇବାରେ ପ୍ରତିବନ୍ଧକ ସୃଷ୍ଟି କରିଥାଏ। ଜଙ୍ଗଲ ନଷ୍ଟ ହେଲେ ଭୂତଳ ଜଳସ୍ତର ହ୍ରାସ ପାଇବା ସହ ବନ୍ୟପ୍ରାଣୀ ମାନେ ଗାଁ ମୁହାଁ ହୋଇ ଧନଜୀବନ ନଷ୍ଟ କରିଥାନ୍ତି। ତେଣୁ ଜଙ୍ଗଲ ସମ୍ପଦର ସୁରକ୍ଷା ପାଇଁ ପଞ୍ଚାୟତ ପ୍ରତିନିଧିଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସେମାନେ ନିଜ ଅଞ୍ଚଳରେ ଥିବା ଗ୍ରାମ୍ୟ କମିଟି, ବନ ସୁରକ୍ଷା ସମିତି, ମହିଳା ଏସ୍‌ଏଚ୍‌ଜି, ଯୁବକ ସଂଘଙ୍କୁ ନେଇ ସଚେତନତା ପଦକ୍ଷେପ ନେଇ ବନ ବିଭାଗକୁ ସହଯୋଗ କଲେ ବନାଗ୍ନି ନିରାକରଣ, ପରିବେଶ ସନ୍ତୁଳନ ସହ ଏକ ସୁସ୍ଥ ବାତାବରଣ ତିଆରି ହୋଇପାରିବ ବୋଲି ଆଲୋଚନା କରିଥିଲେ। ସରପଞ୍ଚ ପ୍ରମୋଦ କିଷାନ, ଭଗିନ୍ଦ୍ର କିଷାନ ଆଲୋଚନାରେ ଅଂଶ ଗ୍ରହଣ କରି ବନସୁରକ୍ଷା ସମିତିମାନଙ୍କୁ ଜଙ୍ଗଲ ସୁରକ୍ଷା ନିମନ୍ତେ ପ୍ରୋତ୍ସାହନ ରାଶି ପ୍ରଦାନ ପାଇଁ ପ୍ରସ୍ତାବ ଦେଇଥିଲେ। ବାମରା ବନଖଣ୍ଡ ଏସିଏଫ ରେଶମା ଲାକରା ପ୍ରାରମ୍ଭରେ ସ୍ୱାଗତ ଭାଷଣ ଦେଇଥିଲେ। ବନସୁରକ୍ଷା ସମିତି ଦାୟିତ୍ୱ ନିର୍ବାହ କରୁଥିବା ସ୍ୱେଚ୍ଛାସେବୀ ଅନୁଷ୍ଠାନର ଟିମ୍ ଲିଡର ପରିମଳ ପଣ୍ଡା ସଭା ପରିଚାଳନା କରିଥିଲେ। କୁଚିଣ୍ଡା ବନାଞ୍ଚଳ ଅଧିନରେ ଥିବା ବିଭିନ୍ନ ପଞ୍ଚାୟତର ସରପଞ୍ଚ, ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ କର୍ମକର୍ତ୍ତା, ବନସୁରକ୍ଷା ସମିତି କର୍ମକର୍ତ୍ତା, ୱାର୍ଡସଭ୍ୟମାନେ ଏଥିରେ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ବନପାଳ ଦୁଷ୍ମନ୍ତ ଖର୍ସେଲ, ଟିକମଚାନ୍ଦ ଚୌଧୁରୀ, ରଜନୀକାନ୍ତ ପଟେଲ, ଗୋକୁଳ ଚନ୍ଦ୍ର ନାୟକ, ବିଶିକେଶନ ସେଠ, ବନରକ୍ଷୀ ଝରଣା ମୟର, ଅନିତା ନାୟକ, ଝରଣା ପଧାନ, ସ୍ୱପ୍ନସାଗର ସାହୁ, ପଦ୍ମଲୋଚନ ବଡଗୁଛିଆ ପ୍ରମୁଖ ସହଯୋଗ କରିଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଭାଜପାରେ ଦେଶର ସବୁଠୁ ଧନୀ, ଗରିବ ବିଧାୟକ

ନୂଆଦିଲ୍ଲୀ,୧୯।୩

ଭାଜପାରେ ଅଛନ୍ତି ଦେଶର ସବୁଠୁ ଧନୀ ଏବଂ ଗରିବ ବିଧାୟକ। ମହାରାଷ୍ଟ୍ରର ଘଟକୋପର ପୂର୍ବ ଆସନରେ ଭାଜପା ଟିକେଟ୍‌ରେ ବିଜୟୀ ହୋଇଥିବା ପରାଗ ଶାହା ଦେଶର ସବୁଠୁ ଧନୀ। ତାଙ୍କର ମୋଟ ସମ୍ପତ୍ତି ମୂଲ୍ୟ ୩,୩୮୩ କୋଟି ଟଙ୍କା। ସେହିପରି ପଶ୍ଚିମବଙ୍ଗର ଇନ୍ଦସ ବିଧାନସଭା ଆସନରୁ ବିଜୟୀ ହୋଇଥିବା ଭାଜପା ନେତା ନିର୍ମଳ କୁମାର ଧାରା ହେଉଛନ୍ତି ସମସ୍ତଙ୍କଠାରୁ ଗରିବ। ଅନୁସୂଚିତ ଜାତି (ଏସ୍‌ସି) ବର୍ଗର ନେତା ନିର୍ମଳଙ୍କ ନାମରେ ମାତ୍ର ୧୭୦୦ ଟଙ୍କାର ସମ୍ପତ୍ତି ରହିଥିବା ଆସୋସିଏଶନ ଫର୍ ଡେମୋକ୍ରାଟିକ ରିଫର୍ମସ (ଏଡିଆର୍) ରିପୋର୍ଟରେ ଦର୍ଶାଯାଇଛି। ଦେଶର ୪,୦୯୨ ବିଧାୟକଙ୍କ ସମ୍ପତ୍ତି ଏବଂ ଆପରାଧିକ ରେକର୍ଡ ବ୍ୟତୀତ ଅନେକ ଦିଗ ଉପରେ ଏଡିଆର୍ ଅଧ୍ୟୟନ କରିଛି। ଓଡ଼ିଶାର ସବୁଠୁ ଗରିବ ବିଧାୟକ ହେଉଛନ୍ତି ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ବିଧାନସଭା ନିର୍ବାଚନମଣ୍ଡଳୀରେ ୨୦୨୪ରେ ବିଜୟୀ ହୋଇଥିବା ଭାଜପା ନେତ୍ରୀ ସଞ୍ଜଲି ମୁର୍ମୁ। ଅନୁସୂଚିତ ଜନଜାତି (ଏସ୍‌ଟି) ବର୍ଗର ସଞ୍ଜଲିଙ୍କ ନାମରେ ମୋଟ ୩୫ ହଜାର ୭୬ ଟଙ୍କାର ସମ୍ପତ୍ତି ରହିଛି।


ପରାଗ ଶାହା


ନିର୍ମଳ କୁମାର ଧାରା

ଦେଶର ପ୍ରାୟ ୪ ହଜାର ବିଧାୟକଙ୍କ ପାଖରେ ରହିଛି ପାଖାପାଖି ୭୩ ହଜାର କୋଟି ଟଙ୍କା, ଯାହାକି ନାଗାଲାଣ୍ଡ, ତ୍ରିପୁରା ଏବଂ ମେଘାଳୟର ମୋଟ ବଜେଟଠାରୁ ଅଧିକ। ଦଳ ଅନୁଯାୟୀ ବିଧାୟକମାନଙ୍କ ସମ୍ପତ୍ତିକୁ ଦେଖିଲେ, ଭାଜପାର ୧,୬୫୩ ବିଧାୟକଙ୍କ ପାଖରେ ୨୬ ହଜାର କୋଟି ଟଙ୍କାର ସମ୍ପତ୍ତି ରହିଥିବାବେଳେ କଂଗ୍ରେସର ୬୪୬ ବିଧାୟକଙ୍କ ମୋଟ ସମ୍ପତ୍ତି ହେଉଛି ପ୍ରାୟ ୧୭ ହଜାର କୋଟି ଟଙ୍କା। ଏହି ଦୁଇ ଜାତୀୟ ଦଳ ପରେ ଟିଡିପିର ୧୩୪ ବିଧାୟକଙ୍କ ପାଖରେ ପ୍ରାୟ ୯ ହଜାର କୋଟି ଟଙ୍କାର ସମ୍ପତ୍ତି ରହିଥିବା ଏଡିଆର୍ ରିପୋର୍ଟରୁ ଜଣାପଡ଼ିଛି।

୧୦ ଧନୀ ବିଧାୟକଙ୍କ ମଧ୍ୟରେ ପରାଗ ଶାହା (୩,୩୮୩ କୋଟି ଟଙ୍କା) ଶୀର୍ଷରେ ରହିଛନ୍ତି। ତାଙ୍କ ପଛକୁ ରହିଛନ୍ତି କର୍ଣ୍ଣାଟକର କଂଗ୍ରେସ ନେତା ତଥା ଉପମୁଖ୍ୟମନ୍ତ୍ରୀ ଡି.କେ. ଶିବକୁମାର (୧୪୧୩ କୋଟି ଟଙ୍କା), କର୍ଣ୍ଣାଟକର ସ୍ୱାଧୀନ ବିଧାୟକ କେ. ଏଚ୍. ପୁଟ୍ଟସ୍ୱାମୀ ଗୌଡ଼ା (୧୨୬୭ କୋଟି), କର୍ଣ୍ଣାଟକର କଂଗ୍ରେସ ବିଧାୟକ ପ୍ରିୟକ୍ରିଷ୍ଣା (୧୧୫୬ କୋଟି), ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ତଥା ତେଲୁଗୁ ଦେଶମ୍ ପାର୍ଟି (ଟିଡିପି) ସୁପ୍ରିମୋ ଚନ୍ଦ୍ରବାବୁ ନାଇଡୁ (୯୩୧ କୋଟି), ଆନ୍ଧ୍ରପ୍ରଦେଶ ଟିଡିପି ନେତା ପୋଙ୍ଗୁରୁ ନାରାୟଣ (୮୨୪ କୋଟି), ଆନ୍ଧ୍ରପ୍ରଦେଶ ୱାଇଏସ୍‌ଆର୍‌ସିପି ମୁଖ୍ୟ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ୱାଇ.ଏସ୍. ଜଗନ ମୋହନ ରେଡ୍ଡୀ (୭୫୭ କୋଟି), ଆନ୍ଧ୍ରପ୍ରଦେଶ ଟିଡିପି ବିଧାୟିକା ଭି. ପ୍ରଶାନ୍ତି ରେଡ୍ଡୀ (୭୧୬ କୋଟି), ଗୁଜରାଟର ଭାଜପା ବିଧାୟକ ଜୟନ୍ତୀଭାଇ ସୋମାଭାଇ ପଟେଲ (୬୬୧ କୋଟି) ଏବଂ କର୍ଣ୍ଣାଟକର କଂଗ୍ରେସ ବିଧାୟକ ସୁରେଶ ବି.ଏସ୍. (୬୪୮ କୋଟି ଟଙ୍କା)।

ସେହିପରି ଦେଶର ୧୦ ଗରିବ ବିଧାୟକଙ୍କ ତାଲିକାରେ ନିର୍ମଳ କୁମାର ଧାରା (୧,୭୦୦ ଟଙ୍କା) ଶୀର୍ଷରେ ରହିଛନ୍ତି। ତାଙ୍କ ପଛକୁ ରହିଛନ୍ତି ପଞ୍ଜାବର ଆପ୍ ବିଧାୟକ ନରିନ୍ଦର ପାଲ୍ ସିଂ ସାୱ୍ନା (୧୮,୩୭୦ ଟଙ୍କା), ପଞ୍ଜାବର ଆପ୍ ବିଧାୟକ ନରିନ୍ଦର କୌର ଭାରାଜ (୨୪,୪୦୯ ଟଙ୍କା), ଜମ୍ମୁ ଓ କଶ୍ମୀରର ଆପ୍ ବିଧାୟକ ମେହରାଜ ମଲିକ (୨୯,୦୭୦ ଟଙ୍କା), ପଶ୍ଚିମବଙ୍ଗର ତୃଣମୂଳ କଂଗ୍ରେସ ବିଧାୟକ ପୁଣ୍ଡରୀକାକ୍ଷ ଶାହା (୩୦,୪୨୩ ଟଙ୍କା), ଉତ୍ତରପ୍ରଦେଶର ସମାଜବାଦୀ ପାର୍ଟି ବିଧାୟକ ଅନିଲ କୁମାର ଅନିଲ ପ୍ରଧାନ (୩୦,୪୯୬ ଟଙ୍କା), ଓଡ଼ିଶାର ଭାଜପା ବିଧାୟିକା ସଞ୍ଜଲି ମୁର୍ମୁ (୩୫,୦୭୬ ଟଙ୍କା), ପଶ୍ଚିମବଙ୍ଗର ଭାଜପା ବିଧାୟିକା ଚନ୍ଦନା ବାଉରୀ (୬୨,୨୯୬ ଟଙ୍କା), ତ୍ରିପୁରାର ଟିପ୍ରା ମୋଥା ପାର୍ଟି ବିଧାୟିକା ନନ୍ଦିତା ଦେବବର୍ମା (୬୩,୦୦୦ ଟଙ୍କା) ଏବଂ ବିହାରର ଆର୍‌ଜେଡି ବିଧାୟକ ରାମବିକାଶ ସାଡ଼ା (୭୦,୦୦୦ ଟଙ୍କା)।

ଦେଶର ଦକ୍ଷିଣାଞ୍ଚଳରେ ସବୁଠୁ ବେଶି ଧନୀ ବିଧାୟକ ରହିଛନ୍ତି। ସବୁଠୁ ବେଶୀ କର୍ଣ୍ଣାଟକରେ ୩୧ ଜଣ, ଆନ୍ଧ୍ରପ୍ରଦେଶରେ ୨୭ଜଣ ବିଲେନିୟର ବିଧାୟକ ରହିଛନ୍ତି। ସେହିପରି ଏହି ତାଲିକାରେ ମହାରାଷ୍ଟ୍ରର ୧୮ଜଣ, ତେଲଙ୍ଗାନାରେ ୭ ଏବଂ ଗୁଜରାଟ ୬ଜଣ ବିଧାୟକ ରହିଛନ୍ତି।

# ଏବେ ବି ୧,୦୦୦ ହିନ୍ଦୁ ନିଖୋଜ

## ମହାକୁମ୍ଭ ଅବ୍ୟବସ୍ଥା: ଯୋଗୀ, ମୋଦିଙ୍କୁ ଅଖିଳେଶଙ୍କ ଟାର୍ଗେଟ

ନୂଆଦିଲ୍ଲୀ,୧୯।୩

ମହାକୁମ୍ଭ ମେଳାକୁ ଯାଇଥିବା ହଜାରେ ହିନ୍ଦୁ ଏବେ ମଧ୍ୟ ନିଖୋଜ ଅଛନ୍ତି। ପ୍ରୟାଗରାଜରେ ଏହି ବିଶାଳ ଧର୍ମୀୟ ମହୋତ୍ସବରୁ ନିଖୋଜ ହୋଇଯାଇଥିବା ଲୋକଙ୍କୁ ଠାବକରିବା ପାଇଁ ଉତ୍ତର ପ୍ରଦେଶ ସରକାର କିଛି ପଦକ୍ଷେପ ନେଉନାହାନ୍ତି ବୋଲି ବୁଧବାର ସମାଜବାଦୀ ପାର୍ଟି (ଏସ୍‌ପି) ଅଧ୍ୟକ୍ଷ ଅଖିଳେଶ ଯାଦବ ସମାଲୋଚନା କରିଛନ୍ତି। ପ୍ରୟାଗରାଜରେ ମହାକୁମ୍ଭ ମେଳାର ସଫଳତାକୁ ନେଇ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିଜ ପିଠି ଥାପୁଡ଼ାଉଥିବାବେଳେ ବିଫଳତା ପାଇଁ ଉଭୟଙ୍କ ଉପରେ ବର୍ଷିଛନ୍ତି ବିରୋଧୀ। ବିଶେଷକରି ଏସ୍‌ପି ମୁଖ୍ୟ ଅଖିଳେଶ ମହାକୁମ୍ଭ ମେଳାରେ ହୋଇଥିବା ଅବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠାଇବା ସହ ଏହା ଉପରେ ଭାଜପା ସରକାରଙ୍କଠାରୁ ଉତ୍ତର ଦାବି କରିଛନ୍ତି। ୟୁପିର ପୂର୍ବତନ ମୁଖ୍ୟମନ୍ତ୍ରୀ ଅଖିଳେଶ କହିଛନ୍ତି, ମହାକୁମ୍ଭ ମେଳା ଆମ ପାଇଁ ସ୍ମରଣୀୟ ହେବା ଭଲ କଥା। କିନ୍ତୁ ସବୁଠୁ ବଡ଼ ପ୍ରଶ୍ନ ହେଉଛି, ମହାକୁମ୍ଭର ଆୟୋଜନ ପାଇଁ କେନ୍ଦ୍ର ସରକାର କେତେ ଟଙ୍କାର ବଜେଟ କରିଥିଲେ? ମଧ୍ୟପ୍ରଦେଶ ଏବଂ ୟୁପିର ମୁଖ୍ୟମନ୍ତ୍ରୀ କେବଳ ଯାନବାହନ ରଖାଯିବା ପାଇଁ ପାର୍କିଂ ବ୍ୟବସ୍ଥା କରାଇଥିଲେ। କିନ୍ତୁ ଲୋକଙ୍କୁ ଅଟକାଯାଉଥିଲା। ସୀମାରେ ସେମାନଙ୍କୁ ପ୍ରବେଶ ଅନୁମତି ନ ଥିଲା। ନିଖୋଜ ବ୍ୟକ୍ତିମାନଙ୍କ ପୋଷ୍ଟରକୁ ହଟାଯାଉଛି। ନିଖୋଜଙ୍କୁ ଠାବ କରିବାରେ ସେମାନଙ୍କ ସମ୍ପର୍କୀୟଙ୍କୁ ସରକାର ସହଯୋଗ କରନ୍ତୁ। ବର୍ତ୍ତମାନ ମଧ୍ୟ ପ୍ରାୟ ୧,୦୦୦ ହିନ୍ଦୁଙ୍କୁ ଠାବ କରାଯାଇପାରି ନାହିଁ। ସେହି ନିଖୋଜମାନଙ୍କ ସମ୍ପର୍କରେ ୟୁପିର ଯୋଗୀ ସରକାର ସେମାନଙ୍କ ପରିବାରକୁ ସୂଚନା ଦେବା ପରିବର୍ତ୍ତେ ପୋଷ୍ଟର ହଟାଇବା ଦୁର୍ଭାଗ୍ୟଜନକ।


ଅଖିଳେଶ ଯାଦବ

ପ୍ରକାଶ ଯେ, ପ୍ରଧାନମନ୍ତ୍ରୀ ମୋଦି ମଙ୍ଗଳବାର ପାର୍ଲାମେଣ୍ଟରେ ମହାକୁମ୍ଭର ସଫଳତା ସମ୍ପର୍କରେ କହିଥିଲେ। ମହାକୁମ୍ଭ ଆୟୋଜନକୁ ମୋଦି ଅଯୋଧ୍ୟା ରାମମନ୍ଦିର ପ୍ରାଣ ପ୍ରତିଷ୍ଠା ସହ ତୁଳନା କରିଥିଲେ। ସେ କହିଥିଲେ, ମହାକୁମ୍ଭ ଭାରତୀୟ ଜାତୀୟତା ଓ ଏକତାର ପ୍ରତୀକ। ମହାକୁମ୍ଭରୁ ଅମୃତ ବାହାରିଛି, ଯାହାକି ଭାରତ ପାଇଁ ଅନେକ ପ୍ରଗତି ଆଣିଦେବ। ମହାକୁମ୍ଭ ଭାରତର ବଢୁଥିବା ଶକ୍ତି ଓ ଜାତୀୟ ଆତ୍ମନିର୍ଭରଶୀଳତାକୁ ଦର୍ଶାଉଛି ବୋଲି ପ୍ରଧାନମନ୍ତ୍ରୀ ପ୍ରକାଶ କରିଥିଲେ।

# ବିଜୁ ସ୍ୱାସ୍ଥ୍ୟ କାର୍ଡ-ଆୟୁଷ୍ମାନ୍ ଭାରତ ନେଇ ବିରୋଧୀ-ଶାସକ ମୁହାଁମୁହିଁ

## ସ୍ୱାସ୍ଥ୍ୟ, ପରିବାର କଲ୍ୟାଣ ବିଭାଗ ଖର୍ଚ୍ଚଦାବି ଆଲୋଚନା

ଭୁବନେଶ୍ୱର,୧୯।୩(ସୁନିତ୍ ମିଶ୍ର)

ବିଧାନସଭାରେ ବୁଧବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଖର୍ଚ୍ଚଦାବି ଆଲୋଚନା ସମୟରେ ଶାସକ ଓ ବିରୋଧୀ ଦଳର ସଦସ୍ୟମାନେ ମୁହାଁମୁହିଁ ହୋଇଛନ୍ତି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ କାର୍ଡ(ବିଏସ୍‌କେୱାଇ) ଏବଂ ଆୟୁଷ୍ମାନ୍ ଭାରତ ଯୋଜନାକୁ ନେଇ ବିରୋଧୀ ଓ ଶାସକ ଦଳ ସଦସ୍ୟ ପରସ୍ପର ବିରୋଧରେ ଦୋଷ ଲଦାଲଦି ହୋଇଥିଲେ। ରାଜ୍ୟରେ ବିଜେଡି ୨୪ ବର୍ଷ ଧରି ଶାସନରେ ଥିବାବେଳେ ଓଡ଼ିଶାର ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ଅଭୂତପୂର୍ବ ସଫଳତା ଆଣିଛି ବୋଲି ବିରୋଧୀ ସଦସ୍ୟମାନେ କହିବା ସହ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ପ୍ରଶଂସା କରିଥିଲେ। ହେଲେ ଦାନ ମାଝୀର କାହାଣୀ କଥା କହି ବିରୋଧୀ ଦଳକୁ ପାଲଟା ଶାସକ ଦଳ ସଦସ୍ୟମାନେ ଟାର୍ଗେଟ କରିଛନ୍ତି। ଖର୍ଚ୍ଚଦାବି ଆଲୋଚନାରେ ଭାଗନେଇ ବିରୋଧୀ ସଦସ୍ୟ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି, ଡବଲ ଇଞ୍ଜିନ ସରକାର କାମ କେତେ କରନ୍ତୁ ବା ନ କରନ୍ତୁ ଗୋଟିଏ କଥା ଭଲ ଭାବେ କରୁଛନ୍ତି। କେନ୍ଦ୍ର ସରକାର ଯେମିତି ସବୁ ବିଫଳତା ପାଇଁ ସବୁବେଳେ ନେହେରୁଙ୍କୁ ଦାୟୀ କରୁଛନ୍ତି, ସେମିତି ରାଜ୍ୟ ସରକାର ସବୁଥିରେ ଗତ ସରକାରକୁ ଦାୟୀ କରୁଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ୨୦୦୦ ମାର୍ଚ୍ଚ ୫ରେ ଦାୟିତ୍ୱ ନେବା ବେଳେ ରାଜ୍ୟର ସ୍ୱାସ୍ଥ୍ୟ ଭିତ୍ତିଭୂମି ଅତ୍ୟନ୍ତ ବିପର୍ଯ୍ୟସ୍ତ ଥିଲା। ଏହି ତାରିଖ ବର୍ତ୍ତମାନର ଶାସକ ଦଳ ସଦସ୍ୟମାନଙ୍କ ପାଇଁ ବହୁ ପୀଡ଼ାଦାୟକ। ସେହି ସମୟରେ ଓଡ଼ିଶାର ସ୍ୱାସ୍ଥ୍ୟକୁ ଅନେକ କ୍ଷେତ୍ରରେ ସବ୍ ସହରନ ଆଫ୍ରିକୀୟ ଦେଶ ସହ ତୁଳନା କରାଯାଉଥିଲା। ବିଜେଡି ସରକାର ସମୟରେ ରାଜ୍ୟରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା(ବିଏସ୍‌କେୱାଇ) ଲାଗୁ କରାଯାଇଥିଲା। ସେହି ସମୟରେ ଆୟୁଷ୍ମାନ୍ ଭାରତ ଯୋଜନା ଲାଗୁହୋଇଥିଲେ ୪୨ରୁ ୪୫ ପ୍ରତିଶତ ହିତାଧିକାରୀ ଉପକୃତ ହୋଇଥାଆନ୍ତେ। ବିଏସ୍‌କେୱାଇ ଯୋଜନାରେ ୮୬ ପ୍ରତିଶତ ଲୋକ ଉପକୃତ ହେଉଥିଲେ। ରାଜ୍ୟରେ ଆୟୁଷ୍ମାନ୍ ଭାରତ ଯୋଜନା ଲାଗୁହେବା ନେଇ ରାଜ୍ୟ ସରକାର ୪ ଥର ତାରିଖ ବଦଳାଇଲେଣି। ଏବେ ଆସନ୍ତା ୧ରୁ ଲାଗୁ କରିବେ କହିଛନ୍ତି। ହେଲେ ଏ ପର୍ଯ୍ୟନ୍ତ ଲୋକଙ୍କୁ କାର୍ଡ ପ୍ରଦାନ କରାଯାଇନାହିଁ। ବିଜୁ କାର୍ଡକୁ ବଦଳାଇ ଆୟୁଷ୍ମାନ୍ କାର୍ଡ ଦେଲେ ମଧ୍ୟ ଲୋକମାନେ ତାକୁ ବିଜୁ କାର୍ଡ ବୋଲି କହିବେ। ଯେମିତି ଆଜି ବି ପ୍ରଧାନମନ୍ତ୍ରୀ ଆବାସ ଯୋଜନାକୁ ଲୋକ ଇନ୍ଦିରା ଆବାସ ବୋଲି କହୁଛନ୍ତି। ମନ୍ତ୍ରୀ କୁହନ୍ତୁ, ରାଜ୍ୟର ୩ କୋଟି ୫୨ ଲକ୍ଷ ହିତାଧିକାରୀଙ୍କ ମଧ୍ୟରେ କେତେଜଣ ଆୟୁଷ୍ମାନ୍ ଯୋଜନା ଏବଂ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାରେ ଉପକୃତ ହେବେ। କେନ୍ଦ୍ର ସରକାରଙ୍କ ସହ କେଉଁ ପ୍ରକାର ଏମ୍‌ଓୟୁ ହୋଇଛି, ତା'ର ଏକ ନକଲ ବାରମ୍ବାର ମାଗିଲେ ମଧ୍ୟ ଦେଉନାହାନ୍ତି। ଏଥିରେ ଏଭଳି କ'ଣ ରହସ୍ୟ ରହିଛି ମନ୍ତ୍ରୀ ଲୋକଙ୍କୁ ଜଣାଉନାହାନ୍ତି ବୋଲି ରଣେନ୍ଦ୍ର ପ୍ରଶ୍ନ କରିଛନ୍ତି। ସେହିପରି ରାଜ୍ୟ ସରକାର ୯ ମାସରେ ଯେତିକି ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀଙ୍କୁ ନିଯୁକ୍ତିପତ୍ର ବାଣ୍ଟିଛନ୍ତି, ସେହିସବୁର ଚାକିରିର ବିଜ୍ଞପ୍ତି କେବେ ହୋଇଥିଲା ସରକାର କୁହନ୍ତୁ ବୋଲି ସେ କହିଛନ୍ତି।

ଭାଜପା ସଦସ୍ୟ ସନାତନ ବିଜୁଳି ଆଲୋଚନାରେ ଭାଗନେଇ କହିଛନ୍ତି, ପୂର୍ବତନ ମନ୍ତ୍ରୀ ନବ ଦାସଙ୍କୁ ଗୁଳି ମରାଯିବା ପରେ ତାଙ୍କୁ ଯେତେବେଳେ ଝାରସୁଗୁଡ଼ା ହସ୍ପିଟାଲକୁ ନିଆଗଲା ରାଜ୍ୟର ସ୍ୱାସ୍ଥ୍ୟସେବା କିପରି ଥିଲା ତାହା ଜଣାପଡ଼ିଲା। ଦାନ ମାଝୀ ତାଙ୍କ ସ୍ତ୍ରୀଙ୍କ ମୃତଦେହକୁ ଯେତେବେଳେ କାନ୍ଧରେ ବୋହି ରାସ୍ତାରେ ଚାଲିଚାଲି ଗଲେ ସାରା ବିଶ୍ୱରେ ଓଡ଼ିଶାର ସମ୍ମାନ କେତେ ବଢ଼ିଗଲା ସେକଥା ସମସ୍ତେ ଜାଣନ୍ତି। ବିରୋଧୀ ଦଳ ବିଏସ୍‌କେୱାଇ କାର୍ଡ ଜରିଆରେ ଲୋକମାନେ ବହୁ ଉପକୃତ ହେଉଛନ୍ତି ବୋଲି ଡିଣ୍ଡିମ ପିଟୁଛନ୍ତି। ହେଲେ ବାସ୍ତବ କଥା ହେଉଛି, ବିନା ଚାପରେ ହସ୍ପିଟାଲଗୁଡ଼ିକ ବିଏସ୍‌କେୱାଇ କାର୍ଡରେ ଗରିବ ରୋଗୀଙ୍କୁ ଚିକିତ୍ସା କରୁ ନ ଥିଲେ। ରୋଗୀ ମରିଯିବା ପରେ ତାଙ୍କ ମୃତଦେହକୁ ମଧ୍ୟ ଛାଡୁ ନ ଥିଲେ। ଆୟୁଷ୍ମାନ୍ ଭାରତ ଯୋଜନା ରାଜ୍ୟରେ ଲାଗୁହେବା ପରେ ଏହି କାର୍ଡଧାରୀମାନେ ୨୯୦୦୦ ହସ୍ପିଟାଲରେ ଚିକିତ୍ସା ସୁବିଧା ପାଇବେ। ରାଜ୍ୟର ସବୁ ଜିଲା ମୁଖ୍ୟ ଚିକିତ୍ସାଳୟରେ କ୍ୟାନ୍‌ସର ପାଇଁ କେମୋ ସୁବିଧା ମିଳିବ ବୋଲି ସନାତନ କହିଛନ୍ତି।

ବିଜେଡି ସଦସ୍ୟ ଗୌତମବୁଦ୍ଧ ଦାସ କହିଛନ୍ତି, ବିଏସ୍‌କେୱାଇ କାର୍ଡ ରାଜ୍ୟ ସରକାର ଆଣିବା ପରେ କେନ୍ଦ୍ର ସରକାର ଆୟୁଷ୍ମାନ୍ ଭାରତ ଯୋଜନା ଆରମ୍ଭ କରିଥିଲେ। ତତ୍କାଳୀନ ବିଜେଡି ସରକାରର ପଦକ୍ଷେପକୁ ଅନ୍ୟ ରାଜ୍ୟର ସରକାରମାନେ ଦେଖି ଶିଖିଲେ ଏବଂ ତାହା ଉପଯୋଗ କଲେ। ବିଏସ୍‌କେୱାଇ ଇନ୍‌ସ୍ୟୁରାନ୍ସ ନୁହେଁ, ଆସ୍ୟୁରାନ୍ସ ଥିଲା ବୋଲି ସେ କହିଛନ୍ତି।

ଭାଜପା ସଦସ୍ୟ ଇରାଶିଷ ଆଚାର୍ଯ୍ୟ କହିଛନ୍ତି, ବିଜେଡି ସରକାର ସମୟରେ ରାଜ୍ୟର ସ୍ୱାସ୍ଥ୍ୟସେବାରେ ବ୍ୟାପକ ଉନ୍ନତି ହୋଇଥିବା କଥା ବିରୋଧୀ ସଦସ୍ୟମାନେ କହୁଛନ୍ତି। ହେଲେ ସେମାନେ ଜାଣିରଖିବା ଦରକାର, ନବ ଦାସଙ୍କ ମୃତଦେହକୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଆଉ ଥରେ ସର୍ଜରି କରିବାକୁ ପଡ଼ିଥିଲା ବୋଲି ସେ କହିଛନ୍ତି।

ଭାଜପା ସଦସ୍ୟ ସିତାଂଶୁ ଶେଖର ମହାପାତ୍ର କହିଛନ୍ତି, ବିରୋଧୀ ସଦସ୍ୟମାନେ କୋଭିଡ୍ ପରିଚାଳନାରେ ତାଙ୍କ ସରକାର ଦେଶରେ ସବୁଠାରୁ ଆଗରେ ରହିଥିଲା ବୋଲି କହୁଛନ୍ତି। କୋଭିଡ୍ ପରିଚାଳନା ଲାଗି କେନ୍ଦ୍ର ସରକାରଙ୍କଠାରୁ ପ୍ରଶଂସାପତ୍ର ପାଇଥିଲେ ବୋଲି ଡିଣ୍ଡିମ ପିଟୁଛନ୍ତି। ହେଲେ ସେତେବେଳେ ତତ୍କାଳୀନ ବିଜେଡି ସରକାର କୋଭିଡ୍ ପରିଚାଳନାରେ କାର୍ଯ୍ୟ କରୁଥିବା ଫାର୍ମାସିଷ୍ଟମାନଙ୍କୁ ନିଯୁକ୍ତିରେ ସ୍ଥାୟୀ କରିବେ ବୋଲି କହିଥିଲେ। ହେଲେ ତାହା କଲେ ନାହିଁ। ଏବେ ସରକାର ଏହା ଉପରେ ଦୃଷ୍ଟିଦେବା ଲାଗି ସେ ଅନୁରୋଧ କରିଛନ୍ତି।


# Classified Everyday
0674-2580101, 9692975378


AUTOMOBILE
SALE

Tata Magic OD02 AZ 6002 new condition 25800 KMS 1st Owner No finance for sale 9040413717, 9861122959. D-3339




Newly open Jyoti SPA positively health benefits (Expert therapist). 8458067955. D-76904

**Relax, Refresh your body, mind at Saikrupa Spa with best therapies. 8984068077.** D-3288


REAL ESTATE
SALE

**Ready to move 2bhk flat for sale @ 22lakh near Gudiapokhari, Bhubaneswar. Call: 9937544226.** D-3125

ଜଟଣୀଗେଟ୍‌ରୁ ଅଳ୍ପ ଦୂରତାରେ 1500sqft., 5,55,000/-ରେ ପ୍ଲଟ୍ ବିକ୍ରିହେବ। (Outright). 9348232008. D-76250

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

AFFIDAVIT

By virtue an affidavit before Executive Magistrate, Hindol, dtd. 06.03.2025, I, Sarbeswar Gochhayat, Rank-Rfn/Safai service No.-F/3700257A, S/o- Dhaneswar Gochhayat, At-Panchupada, P.S.- Rasol, Dist.- Dhenkanal-759020, Odisha declare that my wife Kuni Devi's Date of Birth changed from 12.08.1965 to 03.09.1968 for all official purposes.
Sarbeswar Gochhayat
D-65495

I, Maheboob Khan, Son of Babu Khan, Vill- Maheswarpur, P.O.- Brahmabarada, P.S.- Brahmabarada, Dist.- Jajpur, PIN-755005, Odisha declare by this affidavit No.-429, dtd. 24.02.2025. That now onwards I shall be known as Mahboob Khan for all future purposes. D-3348

I, Padmini Bahala, aged about 28 years, D/o- Samaru Bahala, resident of Village- Tunmura, P.O.- Tunmura, P.S.- Kutra, Dist.- Sundargarh, Odisha do hereby solemnly affirm and declare as under:- I have a Aadhaar Card vide No.- xxxx xxxx 3882 in which my name and address has been wrongly mentioned as Padmini Majhi. That Padmini Bahala and Padmini Majhi denotes to one and same person, i.e myself.
Padmini Majhi
D-3345

By virtue of an affidavit sworn before Executive Magistrate, Nimapara, dated 27.02.2025, I, Satyapira Panda, S/o- Prasanna Kumar Panda, resident of Vill/ P.O.- Sunugoradi, P.S.- Nimapara, Dist.- Puri, Odisha, PIN-752114 declare that I have change my son's name from Ribinarayan Panda to Priyabrata Panda. Henceforth he shall be known as Priyabrata Panda for all purposes.
Satyapira Panda
D-3346

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

I, Kuldip Singh, R/o- Luaram, P.O.- Luaram, P.S.- Bisra, Dist.- Sundargarh, Odisha declare that my mother's name has been wrongly mentioned as Sahani Singh in place of Santi Singh in my Board Certificate. By this affidavit No.-A/40, dtd.19.03.2025 that now onwards she shall be known as Santi Singh for all future purposes. D-3351

By virtue of an affidavit sworn before the Executive Magistrate, Basudevpur, dated- 18.03.2025, I, Kanchan Biswal, D/o- Susanta Biswal, Address: AT- Sanakrushnapur, P.S.- Kasia Marine, Dist.- Bhadrak, declare that I have changed my name from Rajashree Biswal to Kanchan Biswal. Henceforth, I shall be known as Kanchan Biswal for all purposes. D-3350

DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ
classifieddharitri@gmail.com
ରେ ଇମେଲ୍ କରନ୍ତୁ।

LEGAL NOTICE

IN THE COURT OF THE CIVIL JUDGE (Sr. DIVN), DHENKANAL
INTEST CASE NO.-2/2024
Premananda Singh & Ors.... ...Petitioners
Vs.
None... O.P.

Whereas, the above named Petitioners Sri Premananda Singh & Ors., who are the Legal Heirs of the deceased Jashoda Nayak of Village- Kankadahad, P.O./ P.S.- Kankadahad, Dist.- Dhenkanal have filed the above noted case for grant of succession Certificate for themselves, entitled to get the Death claim/ benefits of the L.I.C Policy bearing No.-582545549 for Rs.75,000.00, L.I.C Policy bearing No.-599901811 for Rs.2,00,000.00, L.I.C Policy bearing No.-590721783 for Rs.30,000.00. GPF A/c No.- PHO29459 for Rs. 10,000,00.00 along with interest and any other legitimate dues discovered subsequently, due to the death of Jashoda Nayak and as such, if at all any body have any interest or objection against grant of such Certificate, he/she may appear and contest the case in support of their claim by appearing in person or through agent/ Advocate on the 10th day of April 2025 at about 10.00 A.M. positively, failing which the case will be heard and determined ex-parte in your absence.
Given under my hand & seal of this Court on this the 3rd day of March 2025.
Sd./- Civil Judge (S.D.)
D- 3353

ମନେ ପଡ଼ନ୍ତି

IN LOVING MEMORY OF



Late R. Jagan Mohan Patnaik
Bomikhal, Bhubaneswar
15.09.1937- 13.03.2012
(Krushna Pakhya Shashti Tithi)
The soul has no infinity, there is no beginning and there is no ending.
Fondly Remembered By: Patnaik Family
ଧ-୩୩୩୨

ଚତୁର୍ଥ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ରବୀନ୍ଦ୍ର କୁମାର ମଙ୍ଗରାଜ
ଖୋର୍ଦ୍ଧା
ଆବିର୍ଭାବ: ୦୧।୦୩।୧୯୬୫
ତିରୋଧାନ: ୦୨।୦୪।୨୦୨୧ (ଚୈତ୍ର କୃଷ୍ଣପକ୍ଷ ଷଷ୍ଠୀ)
ଆଜି ତୁମ ଚତୁର୍ଥ ଶ୍ରାଦ୍ଧବାର୍ଷିକୀ ପୁଣ୍ୟତିଥିରେ ଆମର ଅଶ୍ରୁପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ। ତୁମର ସ୍ନେହ, ଶ୍ରଦ୍ଧା, ଭଲପାଇବା, କର୍ତ୍ତବ୍ୟନିଷ୍ଠା ଓ ପରଉପକାରିତା ଆମ ପାଇଁ ପ୍ରେରଣାର ଉତ୍ସ ହୋଇ ରହିଛି ଓ ରହିବ ମଧ୍ୟ। ଏ ପବିତ୍ର ତିଥିରେ ତୁମ୍ଭ ଅମର ଆତ୍ମାର ସଦ୍‌ଗତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣରେ ଆମର ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ:- ପତ୍ନୀ, ପୁତ୍ର ଓ ପରିବାରବର୍ଗ
ଧ-୩୩୩୩

ନୂଆ ସିନେମା

# ଅପେକ୍ଷା

କଥାରେ ଅଛି–ଅପେକ୍ଷାର ଫଳ ମିଠା । ହେଲେ ସେ ପର୍ଯ୍ୟନ୍ତ ନିଜର ଧୈର୍ଯ୍ୟ ରହିଲେ ହେଲା । ତେଣୁ ବେଶ୍ ଯୋଜନାବଦ୍ଧ ଭାବରେ ଅପେକ୍ଷା କରିବାକୁ ପଡିଥାଏ । ଏଭଳି ଏକ ଭିନ୍ନ ଧରଣର କାହାଣୀକୁ ଆଧାର କରି ନିର୍ମିତ ହେଉଛି ନୂଆ ଓଡ଼ିଆ ସିନେମା 'ଅପେକ୍ଷା' । ଏକ ନିପଟ ମଫସଲରୁ ରାଜୁ ନାମକ ଜଣେ ଯୁବକ ସହରକୁ ଆସିଛି । ତା' ଆଖିରେ ଆଖିଏ ସ୍ୱପ୍ନ । ମନରେ ଆଶା ବାନ୍ଧିଛି ଯେ ଯେମିତି ହେଲେ ସେ ସିନେମାରେ ହିରୋ ହେବ । ତେବେ ସେ ଯେଉଁ ସ୍ୱପ୍ନ ଦେଖିଛି ତାହା କ'ଣ ସଫଳ ହେଉଛି ? ଏହି ରାସ୍ତାରେ ଆସୁଥିବା ବାଧାବିଘ୍ନକୁ ଯୁବକଟି କିପରି ସାମନା କରୁଛି ? ସହରର ଚାକଚକ୍ୟ ଭିତରେ ତା' ଜୀବନ କିପରି କଟୁଛି ? ଏଭଳି ଅନେକ ଅସମାହିତ ପ୍ରଶ୍ନାବଳୀର ଉତ୍ତର ରହିଛି ଏହି ସିନେମାରେ । ଆଶୁତୋଷ ବାରିକ ଏହାର କାହାଣୀ ଏବଂ ସଂଳାପ ରଚନା କରିଛନ୍ତି । ଚିତ୍ରନାଟ୍ୟ ଲେଖିବା ସହ ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ଆନନ୍ଦ କୁମାର । ଡା. ନିର୍ମଳ ନାୟକ, ଅରୁଣ ମନ୍ତ୍ରୀ ଏବଂ ନିହାରଙ୍କ ରଚିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ଆଗଧାଡିର ସ୍ୱର ସଂଯୋଜକ ବୈଦନାଥ ଦାଶ । ସାର୍ଥକ, ଶୁଭାଙ୍ଗୀ, ଚୌଧୁରୀ ବିକାଶ ଦାସ, ଅଲିଭା ଦାସ, ପୁଷ୍ପା ପଣ୍ଡା, ଶକ୍ତି ବରାଳ, ଐଶ୍ୱର୍ଯ୍ୟା, ଗୁଲ୍ଟୁ ପ୍ରମୁଖ ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି । ଏହାପୂର୍ବରୁ ସୁଧାକର ବସନ୍ତଙ୍କ ନିର୍ଦ୍ଦେଶିତ 'ସାହାଜାହାନ' ଫିଲ୍ମରୁ ସାର୍ଥକ ନିଜର ଓଲିଉଡ କ୍ୟାରିୟର ଆରମ୍ଭ କରିସାରିଛନ୍ତି । ଫିଲ୍ମଟିର ମିଡିଆ ପ୍ଲାନର ଅଛନ୍ତି ଅମରେଶ ବେଉରା ।


ସାର୍ଥକ

# ବୋଲ୍ଡ ଶଟ୍ ପାଇଁ...

ଯାହାହେଉ ଏତେଦିନ ଧରି ଚାଲିଥିବା ଆଲୋଚନାର ମଧୁର ଫଳ ମିଳିଛି । କଥା କ'ଣ କି, ରଶ୍ମିକା ମନ୍ଦାନା ତାଙ୍କର ଆଗାମୀ ପ୍ରୋଜେକ୍ଟକୁ ନେଇ ଦୋଛକିରେ ପଡିଥିଲେ । ଏହି ନୂଆ ଫିଲ୍ମର କାହାଣୀ ଏବଂ ସେଥିରେ ନିଜ ରୋଲ୍ ବିଷୟରେ ସେ ଭଲ ଭାବରେ ଅବଗତ ହୋଇଥିଲେ । କିନ୍ତୁ ନିଜ ଭୂମିକାରେ ଥିବା କିଛି ବୋଲ୍ଡ ଶଟ୍ ତାଙ୍କର ଟେନସନ ବଢ଼ାଇ ଦେଇଥିଲା । ଏପରି କି ଏହାକୁ ବାଦ୍ ଦେବାକୁ ସେ ପ୍ରଯୋଜନା ସଂସ୍ଥାକୁ ଅନୁରୋଧ କରିଥିଲେ । ଏ ନେଇ ରଶ୍ମିକା କହନ୍ତି, ''କାହାଣୀକୁ ଭଲ ଭାବରେ ତର୍ଜମା କରିବା ପରେ ଜାଣିପାରିଲି ଯେ ଏଭଳି ବୋଲ୍ଡ ଶଟ୍‌ର କିଛି ଆବଶ୍ୟକତା ନାହିଁ । ବରଂ ଏଥିରେ ଯଦି କିଛି ଆକ୍ସନ ଶଟ୍ ଯୋଡାଯାଇପାରିବ ତାହା କାହାଣୀକୁ ନୂଆ ମୋଡ ଦେବ । ତା'ପରେ ପ୍ରଯୋଜକ ଏ ନେଇ ମୋ ସହ ପ୍ରାୟ ୩–୪ଥର ଆଲୋଚନା କରିଥିଲେ । ଯାହାହେଉ ଶେଷରେ ମୋ କଥା ରହିଲା । ଯେଉଁ ବୋଲ୍ଡ ଶଟ୍‌କୁ ନେଇ ମୁଁ ଟେନସନରେ ଥିଲି ତାହାକୁ ସିକ୍ୱେନ୍ସରୁ ବାଦ୍ ଦିଆଯାଇଛି । କେବଳ ସେତିକି ନୁହେଁ, କେତୋଟି ଆକ୍ସନ ଶଟ୍ ଯୋଡା ହୋବର ଯୋଜନା ମଧ୍ୟ ରହିଛି । ସବୁଠାରୁ ଖୁସିର କଥା ମୁଁ ଏଥିରେ ଏକ ୧୦ମିନିଟ୍ ଅବଧି ବିଶିଷ୍ଟ ଆକ୍ସନ ସିକ୍ୱେନ୍ସରେ ଅଭିନୟ କରିବି ।''


ରଶ୍ମିକା

# ଯାହା ଖୋଜୁଥିଲେ ସାନ୍ୟା..

'ଦଙ୍ଗଲ' ଫେମ୍ ସାନ୍ୟା ମାଲହୋତ୍ରା । ନିକଟରେ ସେ ସେ ଏକ ନୂଆ ପ୍ରୋଜେକ୍ଟ ସାଇନ୍ କରିଛନ୍ତି । ଏଥିରେ ତାଙ୍କ ଭୂମିକାରେ କୁଆଡେ ଇମୋଶନ ଭରି ରହିଛି । କାହାଣୀକୁ ବେଶ୍ ଆଗ୍ରହର ସହ ଶୁଣିଥିଲେ ସେ । ହେଲେ ଶେଷ ପର୍ଯ୍ୟାୟରେ ସାନ୍ୟାଙ୍କ ଆଖି ଛଳଛଳ ହୋଇଯାଇଥିଲା । ଏଭଳି ଘଟଣା ସମ୍ପର୍କରେ ସାନ୍ୟା କହନ୍ତି, ''ଏହାର କାହାଣୀରେ ଭିନ୍ନତା ରହିଛି । ହେଲେ ଶେଷ ପର୍ଯ୍ୟାୟରେ ମୁଁ ଇମୋଶନାଲ ହୋଇପଡିଥିଲି । ଏପରି କି ମୋ ଆଖି ଛଳ ଛଳ ହୋଇଯାଇଥିଲା । ଏହା ଦେଖି ପ୍ରଯୋଜକ ଟିକେ ବ୍ୟସ୍ତ ହୋଇପଡିଲେ । ହେଲେ କିଛି ସମୟ ପରେ ମୁଁ ନିଜକୁ ସାଧାରଣ ଅବସ୍ଥାକୁ ଆଣିବାରେ ସକ୍ଷମ ହୋଇଥିଲି । ଏହି ଫିଲ୍ମରେ ଜଣେ ଯୁବତୀ ନିଜ ପରିବାର ଚଳାଇବାକୁ କିପରି ସଂଘର୍ଷ କରୁଛି ତାହା ଦର୍ଶକ ଦେଖିବାକୁ ପାଇବେ । ଅନ୍ୟପକ୍ଷରେ ଏହି ଫିଲ୍ମ ମୋ କ୍ୟାରିୟରକୁ ମାଇଲେଜ ଦେବ ବୋଲି ଆଶା ରଖିଛି ।'' କଙ୍ଗନାଙ୍କ ବଲିଉଡ୍ କ୍ୟାରିୟର ଆରମ୍ଭ ହୋଇଥିଲା ୨୦୧୬ରେ ଆଉ ଫିଲ୍ମଟିର ଟାଇଟଲ ଥିଲା 'ଦଙ୍ଗଲ' । ଏହାପରେ ସେ 'ସିକ୍ରେଟ ସୁପରଷ୍ଟାର', 'ପଟାଖା', 'ଫଟୋଗ୍ରାଫ', 'ଲଭ ହଷ୍ଟେଲ', 'ହିଟ୍ : ଦ ଫାଷ୍ଟ କେସ୍', 'ଜୱାନ', 'ସାମ ବାହାଦୂର' ଏବଂ ବେବି ଜନ୍' ।


ସାନ୍ୟା

ଶୁଟିଂ ଚାଲିଛି

# ଆଶିକ ଦିୱାନା

'ଆଶିକ ଦିୱାନା' ଏଭଳି ଶୀର୍ଷକକୁ ସ୍ପଷ୍ଟ ପ୍ରତୀୟମାନ ହେଉଛି ଯେ, ଏହାର କାହାଣୀ ମୁଖ୍ୟତଃ ପ୍ରେମ ଉପରେ ଆଧାରିତ । କେବଳ ସେତିକି ନୁହେଁ, ଏଥିରେ ଫ୍ୟାମିଲି ଡ୍ରାମା, କମେଡି ଏବଂ ଆକ୍ସନ ମଧ୍ୟ ରହିଛି । ହଁ,ଏଭଳି ଏକ ଟାଇଟଲକୁ ନେଇ ନିର୍ମିତ ଓଡ଼ିଆ ସିନେମାର ଶୁଟିଂ ଏବେ ଓଡ଼ିଶାର ବିଭିନ୍ନ ସ୍ଥାନରେ ଚାଲୁ ରହିଛି । ମହାଦେବ ଫିଲ୍ମସ ବ୍ୟାନରରେ ଏହି ଚିତ୍ରଟିକୁ ପ୍ରଯୋଜନା କରୁଛନ୍ତି ଓଲିଉଡ୍‌ର ଅନ୍ୟତମ ବରିଷ୍ଠ ପ୍ରଯୋଜକ ପ୍ରମୋଦ କୁମାର ସ୍ୱାଇଁ । ଏହାର ସହ–ପ୍ରଯୋଜକ ଅଛନ୍ତି ସଞ୍ଜୀବ ବିଶ୍ୱାଳ । ଏକ ଭିନ୍ନ ଧରଣର କାହାଣୀକୁ ଆଧାର କରି ସଂଳାପ ରଚନା କରିଛନ୍ତି ଆଗଧାଡିର ସଂଳାପକାର ଡ. ରଜନୀ ରଞ୍ଜନ । ଏ ସମ୍ପର୍କରେ ରଜନୀ କହନ୍ତି, ''ଏହି ଫିଲ୍ମର କାହାଣୀରୁ ଦର୍ଶକ ଏକ ଡିଫରେଣ୍ଟ ଚାର୍ମ ପାଇବେ । ସେହି ଅନୁସାରେ ସଂଳାପ ମଧ୍ୟ ରଚନା କରାଯାଇଛି । ସବୁ ବର୍ଗର ଦର୍ଶକ ଏହାକୁ ମନଭରି ଦେଖିପାରିବେ ।'' ଏଥିରେ ସଂଯୋଜିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ଜେ.ଏନ. ପଦ୍ମ । ଏହି ଫିଲ୍ମର ନାୟକ ସାଜିଛନ୍ତି ଦୀପକ । ତାଙ୍କ ସହ ନାୟିକା ଭାବରେ ସ୍କ୍ରିନ୍ ଶେୟାର କରିବେ ରିୟା । ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି .ପ୍ରିୟଙ୍କା ପାଣିଗ୍ରାହୀ, ପୃଥ୍ୱୀରାଜ, ପ୍ରତିଭା ପଣ୍ଡା, ପ୍ରଦ୍ୟୁମ୍ନ ଲେଙ୍କା ଡିସ୍କୋ ରେଡ୍ଡି ଏବଂ ହାସ୍ୟାଭିନେତା ଅମର । ଫିଲ୍ମଟିର କ୍ରିଏଟିଭ ହେଡ୍ ଅଛନ୍ତି ଅମର ମହାପାତ୍ର ।


(ବାମରୁ) ଦିଲୀପ, ରିୟା, ଦୀପକ,ସଞ୍ଜୀବ,ଜେ.ଏନ. ପଦ୍ମ, ଅମର

# 'ଗ୍ୟାଙ୍ଗସ ଅଫ୍ ପୁରୀ'
## ସିଜନ-୨

ଗ୍ୟାଙ୍ଗ୍‌ସ ଅଫ ପୁରୀ ସିଜନ–୧ର ଉଲ୍ଲେଖନୀୟ ସଫଳତା ପରେ ଆଗଧାଡିର ଓଟିଟି ପ୍ଲାଟଫର୍ମ କଞ୍ଚା ଲଙ୍କା ଦର୍ଶକମାନଙ୍କ ପାଇଁ ସିଜନ–୨ର ଅଫିସିଆଲ ପୋଷ୍ଟର ରିଲିଜ କରିଛନ୍ତି । ଟେକ୍ନୋଆର୍ଟ ପ୍ରଡକ୍ସନ ପ୍ରାଇଭେଟ ଲିମିଟେଡ ବ୍ୟାନରରେ ଏହାର ପ୍ରଯୋଜନା କରିଛନ୍ତି ଅନୁପମ ପଟ୍ଟନାୟକ ଓ ବର୍ଷା ପଟ୍ଟନାୟକ । ଏହାର ସିଜନ–୨ରେ ପୁରୀର ଜଟିଳ ଦୁନିଆକୁ ଗଭୀର ଭାବେ ଅନୁଧ୍ୟାନ କରିବାର ପ୍ରତିଶ୍ରୁତି ଦିଆଯାଇଛି । ପରିଚିତ ଚେହେରା ଫେରିବା ସହିତ ନୂଆ ସିଜନରେ କୌତୂହଳପୂର୍ଣ୍ଣ ନୂଆ ଚରିତ୍ରର ପରିଚୟ ଦର୍ଶକମାନେ ପାଇପାରିବେ । ସିଜନ୍–୨ର କାହାଣୀରେ ରୋମାଞ୍ଚ ଭରି ରହିଛି । କାହାଣୀରେ ରହସ୍ୟ, ରୋମାଞ୍ଚ ଏବଂ ଫ୍ୟାମିଲି ଡ୍ରାମା ଭରି ରହିଛି ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି । କଞ୍ଚା ଲଙ୍କା ଓଡ଼ିଶାର ଅଗ୍ରଣୀ, ଓଡ଼ିଆ ମନୋରଞ୍ଜନଭିତ୍ତିକ ଓଟିଟି ପ୍ଲାଟଫର୍ମ । ବିଶ୍ୱବ୍ୟାପୀ ଦର୍ଶକମାନଙ୍କୁ ଉଚ୍ଚ ମାନର ଓଡ଼ିଆ କଣ୍ଟେଣ୍ଟ ପରଷିବା ପାଇଁ ସମର୍ପିତ । କଞ୍ଚାଲଙ୍କା ସବୁବେଳେ ନିଜ ଆଞ୍ଚଳିକ ଓ ମୌଳିକ କାହାଣୀକୁ ଗୁରୁତ୍ୱ ଦେଇ ଆସୁଛି ଓ ଆଗକୁ ମଧ୍ୟ ଏହି ଧାରା ଜାରି ରହିବ ବୋଲି ଏହି ପ୍ଲାଟଫର୍ମ ପକ୍ଷରୁ ସୂଚନା ଦିଆଯାଇଛି ।


'ଗ୍ୟାଙ୍ଗସ ଅଫ୍ ପୁରୀ' ସିଜନ–୨'ର ପୋଷ୍ଟର

# ଆଉ ଜଣେ ନବାଗତା

ପ୍ରାୟ ପ୍ରତିବର୍ଷ କିଛି କଳାକାର, ନିର୍ଦ୍ଦେଶକ,ପ୍ରଯୋଜକ, ସଙ୍ଗୀତ ନିର୍ଦ୍ଦେଶକ ଏବଂ ସିନେମା ସହ ସଂଶ୍ଳିଷ୍ଟ ବ୍ୟକ୍ତିବିଶେଷର ଓଡ଼ିଆ ସିନେମାରେ ନିଜର କ୍ୟାରିୟର ଆରମ୍ଭ କରୁଛନ୍ତି । ନିକଟରେ ନାୟିକା ଦୌଡରେ ଆଉ ଜଣେ ନବାଗତା ନିଜ ନାମକୁ ସାମିଲ କରିଛନ୍ତି । ଅବଶ୍ୟ ଅଭିନୟ କ୍ଷେତ୍ରରେ ସେ ନୂଆ ନୁହନ୍ତି, ହେଲେ ପ୍ରଥମ ଥର ପାଇଁ ଓଡ଼ିଆ ଫିଲ୍ମରେ ଅଭିନୟ କରୁଛନ୍ତି । ହଁ, ସେ ହେଲେ ପ୍ରାଚୀ । ରିଲିଜ ଅପେକ୍ଷାରେ ଥିବା ଓଡ଼ିଆ ସିନେମା 'ଡଷ୍ଟବିନ୍'ରେ ସେ ନାୟିକା ଭୂମିକାରେ ଅଭିନୟ କରୁଛନ୍ତି । ଏ ବିଷୟରେ ସେ କହନ୍ତି, ''ଏହାପୂର୍ବରୁ ମୁଁ କେତୋଟି ତେଲୁଗୁ–ତାମିଲ ଧାରାବାହିକରେ ଅଭିନୟ କରିଛି । କେବଳ ସେତିକି ନୁହେଁ, ଦକ୍ଷିଣ ଭାରତୀୟ ରିୟାଲିଟି ଶୋ'ରେ ମଧ୍ୟ ଅଂଶଗ୍ରହଣ କରିଛି । 'ଡଷ୍ଟବିନ୍' ଅଫରକୁ ମୁଁ ଭଲ ଭାବରେ ତର୍ଜମା କରିଥିଲି । ଏଥିରେ ମୋତେ ଯେଉଁ ଭୂମିକାଟି ମିଳିଛି ତାହା ମୋ କ୍ୟାରିୟରକୁ ନିଶ୍ଚୟ ମାଇଲେଜ ଦେବ ବୋଲି ଆଶା ରଖିଛି ।'' କେ. କେ ସାହୁ ଫିଲ୍ମଟିର ପ୍ରଯୋଜକ ଥିବା ବେଳେ ହାସ୍ୟାଭିନେତା ପପୁ ପମପମ ଏହାର ଚିତ୍ରନାଟ୍ୟ ରଚନା ଏବଂ ମୁଖ୍ୟ ଭୂମିକାରେ ଅଭିନୟ କରିବା ସହ ନିର୍ଦ୍ଦେଶନା ମଧ୍ୟ ଦେଇଛନ୍ତି । ଚିତ୍ରଟି ଆସନ୍ତା ମାସ ୧୧ ତାରିଖରେ ରିଲିଜ ହେବାର ଯୋଜନା ରହିଛି ।


ପ୍ରାଚୀ

# ଅନନ୍ୟାଙ୍କ ଛାଇ ଉପାଖ୍ୟାନ

ଚଙ୍କି ତନୟା ଅନନ୍ୟା ପାଣ୍ଡେ ଏବେ ଯୁଆଡେ ଯାଉଛନ୍ତି ଗୋଟିଏ କଥା ବଖାଣିବାକୁ ଭୁଲୁ ନାହାନ୍ତି । ତାହା କ'ଣ ଜାଣନ୍ତି ? ନିଜର ଛାଇ । ଅସଲ କଥା ହେଲା ନିଜ ଛାଇକୁ ସେ ଭାରି ଡରନ୍ତି । ଏକଦା ଏକ ସନ୍ଧ୍ୟା ସମୟରେ ଇନ୍‌ଡୋର ଶୁଟିଂ ଚାଲିଥାଏ । ଏହି ସମୟରେ ସେ ଯେମିତି ପଛକୁ ଚାହିଁ ଦେଇଛନ୍ତି ତାଙ୍କର ଅକଲ ଗୁଡୁମ୍ । ସେ ଶଟ୍ ଦେବେ କ'ଣ ଚିତ୍କାର କରି ଉଠିଲେ । କ'ଣ ପାଇଁ ତାଙ୍କର ଏଭଳି ଅବସ୍ଥା ହେଲା ଜାଣିବେନି ? ସେଦିନ ପଛକୁ ଚାହିଁବା ପରେ ଅନନ୍ୟା ନିଜ ଛାଇକୁ ଦେଖି ଡରିଯାଇଥିଲେ । ଏପରି କି ସେଦିନ ସେଥିପାଇଁ ଶୁଟିଂକୁ କିଛି ସମୟ ବନ୍ଦ ରଖିବାକୁ ପଡ଼ିଥିଲା । ଏ ସମ୍ପର୍କରେ ଅନନ୍ୟା କୁହନ୍ତି, 'ସତକଥା ହେଲା ନିଜ ଛାଇ ଦେଖିଲେ ମୋତେ ଭାରି ଡର ଲାଗେ । ଥରେ ଏଥିପାଇଁ ମୁଁ ଅଭିନୟ କରିଥିବା ଏକ ସିନେମାର ଶୁଟିଂକୁ କିଛି ସମୟ ବନ୍ଦ ରଖିବାକୁ ପଡ଼ିଥିଲା । କ୍ୟାମେରା ସାମ୍ନାକୁ ଯିବା ପରେ ମୁଁ ଟିକେ ପଛକୁ ଚାହିଁଦେଲି । ଆଉ ତା'ପରେ ମୁଁ ଡାଏଲଗ୍ କହିବି କ'ଣ ଭୟରେ ଚିତ୍କାର କରି ଉଠିଲି । ଏହା ଦେଖି ନିର୍ଦ୍ଦେଶକ ଦଉଡ଼ି ଆସିଲେ । ତା' ସହ ଶୁଟିଂ ମଧ୍ୟ କିଛି ସମୟ ବନ୍ଦ ରହିଥିଲା । କିଛି ସମୟ ପରେ ମୁଁ ସାଧାରଣ ଅବସ୍ଥାକୁ ଆସି ଶଟ୍ ଦେଇଥିଲି ।' ଅନନ୍ୟାଙ୍କ ବଲିଉଡ୍ କ୍ୟାରିୟର ଆରମ୍ଭ ହୋଇଥିଲା ୨୦୧୯ରେ ଆଉ ପ୍ରଥମ ସିନେମାର ଟାଇଟଲ ଥିଲା 'ଷ୍ଟୁଡେଣ୍ଟ ଅଫ ଦ ଇୟର–୨' । ଫିଲ୍ମଟିର ପ୍ରଯୋଜନା କରିଥିଲେ କରନ୍ ଜୋହର ।


ଅନନ୍ୟା

ଧରିତ୍ରୀ
DHARITRI
51 Years



## ଭାରତ ୩-୦ରେ ମାଲଡିଭ୍ସକୁ ହରାଇଲା

**ଶିଲଂ, ୧୯।୩:** ଜବାହରଲାଲ ନେହେରୁ ଷ୍ଟାଡିୟମରେ ବୁଧବାର ଅନୁଷ୍ଠିତ ଏକ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ ମ୍ୟାଚରେ ଭାରତ ୩-୦ ଗୋଲରେ ମାଲଡିଭ୍ସକୁ ପରାସ୍ତ କରିଛି। ପ୍ରଥମ ଅଧଘଣ୍ଟା ଗୋଲଶୂନ୍ୟ ରହିବାପରେ ୩୪ତମ ମିନିଟରେ ପ୍ରଥମ ଗୋଲଟି ଦେଇଥିଲେ ରାହୁଲ ଭେକେ। ପ୍ରଥମାର୍ଦ୍ଧ ଶେଷ ବେଳକୁ ଭାରତ ୧-୦ରେ ଅଗ୍ରଣୀ ରହିଥିଲା। ୬୬ତମ ମିନିଟରେ ଲିଷ୍ଟନ କୋଲାକୋ ଆଉ ଏକ ଗୋଲ ଦେଇ ଭାରତର ଅଗ୍ରଣୀକୁ ୨-୦ରେ ପହଞ୍ଚାଇଥିଲେ। ଏଠାରେ ସୁନୀଲ ଛେତ୍ରୀ ମଧ୍ୟ ନିଜ କରିସ୍ମା ଦେଖାଇଥିଲେ। ସେ ନିଜ ଅବସରରୁ ପ୍ରତ୍ୟାବର୍ତ୍ତନ ମ୍ୟାଚରେ ଗୋଲ ଦେଇ ଦକ୍ଷତା ପ୍ରଦର୍ଶନ କରିଥିଲେ। ମ୍ୟାଚର ୭୭ତମ ମିନିଟରେ ସେ ଏହି ଗୋଲ ସ୍କୋର କରିଥିଲେ। ବାଂଲାଦେଶ ବିପକ୍ଷ ୨୦୨୭ ଏଏଫ୍‌ସି ଏସିଆନ କପ୍ କ୍ୱାଲିଫାଇଂ ତୃତୀୟ ରାଉଣ୍ଡ ମ୍ୟାଚ ପୂର୍ବରୁ ଏହି ବିଜୟ ଭାରତୀୟ ଦଳର ମନୋବଳ ବଢ଼ାଇଛି। ଭାରତ-ବାଂଲାଦେଶ ଏଏଫ୍‌ସି କ୍ୱାଲିଫାଇଂ ମ୍ୟାଚ ୨୫ରେ ହେବ।

# ପୁରୀରେ ହେବ ଜାତୀୟ ସିନିୟର ଖୋ ଖୋ

**ଭୁବନେଶ୍ୱର, ୧୯।୩(ତପନ ସ୍ୱାଇଁ)**



ଖୋ ଖୋ ଫେଡେରେଶନ ଅଫ୍ ଇଣ୍ଡିଆ (କେକେଏଫ୍‌ଆଇ) ଆନୁକୂଲ୍ୟରେ ସମ୍ମାନଜନକ ୫୭ତମ ଜାତୀୟ ସିନିୟର ଖୋ ଖୋ ଚାମ୍ପିୟନଶିପ୍ ପୁରୀରେ ଅନୁଷ୍ଠିତ ହେବ। ଏହା ପୁରୀ ଡିଷ୍ଟ୍ରିକ୍ଟ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଚଳିତ ମାସ ୩୧ରୁ ଆରମ୍ଭ ହୋଇ ଏପ୍ରିଲ ୫

**ମାର୍ଚ୍ଚ ୩୧ରୁ ଏପ୍ରିଲ ୫ ପର୍ଯ୍ୟନ୍ତ ଚାଲିବ**

ପର୍ଯ୍ୟନ୍ତ ଚାଲିବ। ଫେଡେରେଶନ ୱେବ୍‌ସାଇଟରେ ଉପଲବ୍ଧ ତଥ୍ୟ ଅନୁସାରେ, ଉକ୍ତ ଚାମ୍ପିୟନଶିପ୍‌ରେ ମୋଟ ୭୪ଟି (ମହିଳା ଓ ପୁରୁଷ) ଦଳ ଅଂଶଗ୍ରହଣ କରିବେ। ଏହା ମଧ୍ୟରେ ୩୦ ରାଜ୍ୟ ଦଳ ସହ ଏୟାରପୋର୍ଟ ଅଥରିଟି, ରେଲ୍‌ୱେ, ବିଏସ୍‌ଏଫ୍, ମହାରାଷ୍ଟ୍ର ପୋଲିସ, ସିଆଇଏସଏଫ୍ ଆଦି ପ୍ରମୁଖ ଅନୁଷ୍ଠାନର ଦଳଗୁଡ଼ିକ ସାମିଲ। "ଆମେ ପୁରୀରେ ୫୭ତମ ଜାତୀୟ ସିନିୟର ଖୋ ଖୋ ଚାମ୍ପିୟନଶିପ୍ ଆୟୋଜନ କରିବାକୁ ଅତ୍ୟନ୍ତ ଆଗ୍ରହର ସହ ଅପେକ୍ଷା କରିଛୁ। ପୁରୀରେ କ୍ରୀଡ଼ା ସଂସ୍କୃତି ଦିନକୁ ଦିନ ବଢ଼ିବାରେ ଲାଗିଛି। ଏହି ପ୍ରତିଯୋଗିତାରେ ଭାରତର ଶ୍ରେଷ୍ଠ ଖେଳାଳିମାନେ ସେମାନଙ୍କ ପ୍ରତିଭା ପ୍ରଦର୍ଶନର ସୁଯୋଗ ପାଇବେ। ଏହି ପ୍ରତିଯୋଗିତା ଭାରତରେ ଖୋ ଖୋର ଲୋକପ୍ରିୟତା ବଢ଼ାଇବାରେ ସହାୟକ ହେବ" ବୋଲି ଓଡ଼ିଶା ଖୋ ଖୋ ଆସୋସିଏଶନ ସମ୍ପାଦକ ପ୍ରଦ୍ୟୁମ୍ନ ମିଶ୍ର ପ୍ରକାଶ କରିଛନ୍ତି।

ଖୋ ଖୋକୁ ଅନ୍ତର୍ଜାତୀୟ ସ୍ତରରେ ପ୍ରସିଦ୍ଧି ଦେବା ପାଇଁ ଫେଡେରେଶନର ପ୍ରତିବଦ୍ଧତା ଉପରେ ସଭାପତି ସୁଧାଂଶୁ ମିତ୍ତଲ ଗୁରୁତ୍ୱାରୋପ କରିଛନ୍ତି। ସେ କହିଛନ୍ତି ଯେ, ଆମ ଦୃଷ୍ଟିଭଙ୍ଗୀ ଦେଶ ବାହାରକୁ ବ୍ୟାପିବାରେ ଲାଗିଛି। ଆମେ ଖୋ ଖୋକୁ ଏକ ବିଶ୍ୱସ୍ତରୀୟ ଖେଳରେ ପରିଣତ କରିବାକୁ ଉତ୍ସର୍ଗୀକୃତ। ଖେଳକୁ ଆଧୁନିକୀକରଣ ଓ ଗତିଶୀଳ କରିବାରେ ଆମର ପ୍ରୟାସ କ୍ଷେତ୍ରରେ ପୁରୀ ଟୁର୍ନାମେଣ୍ଟ ଏକ ପ୍ରମାଣ ସଦୃଶ ହେବ ବୋଲି ସେ ପ୍ରକାଶ କରିଛନ୍ତି। ପ୍ରକାଶଯୋଗ୍ୟ, ଖୋ ଖୋକୁ ପ୍ରମୋଟ୍ କରିବା ଦିଗରେ ଓଡ଼ିଶା ଉଲ୍ଲେଖନୀୟ ଅଗ୍ରଗତି କରିଛି। ଗତ ୧୦ ମାସଧରି ପୁରୀରେ ଏକ ଖୋ ଖୋ ଏକାଡେମୀ ଏବଂ ହାଇ ପରଫର୍ମାନ୍ସ ସେଣ୍ଟର କାର୍ଯ୍ୟ କରୁଛି। ସେଠାରେ ପ୍ରତିଭାସମ୍ପନ୍ନ ଖେଳାଳିଙ୍କୁ ସ୍ୱତନ୍ତ୍ର ଟ୍ରେନିଂ ପ୍ରଦାନ କରାଯାଉଛି। ଏହା ବ୍ୟତୀତ କଳିଙ୍ଗ ଷ୍ଟାଡିୟମରେ ଏକ ଉତ୍ସର୍ଗୀକୃତ ଖୋ ଖୋ ଷ୍ଟାଡିୟମ ନିର୍ମାଣ ଲାଗି ପ୍ରସ୍ତାବ ରହିଛି, ଯାହା ଚୂଡ଼ାନ୍ତ ଅନୁମୋଦନ ଅପେକ୍ଷାରେ।

ଆଗାମୀ ପ୍ରତିଯୋଗିତାରେ ଦେଶର ଶ୍ରେଷ୍ଠ ଖୋ ଖୋ ଖେଳାଳିଙ୍କୁ ଦେଖିବାକୁ ମିଳିବ। ଓଡ଼ିଶା କ୍ରୀଡ଼ାର ବିକାଶ ଦିଗରେ ଏହି ଟୁର୍ନାମେଣ୍ଟ ସହାୟକ ହୋଇପାରିବ। ଚାମ୍ପିୟନ ଦଳକୁ ଆକର୍ଷଣୀୟ ଟ୍ରଫି ସହ କେକେଏଫ୍‌ଆଇ ପକ୍ଷରୁ ଆର୍ଥିକ ପୁରସ୍କାରରେ ସମ୍ମାନିତ କରାଯିବ। ଏଠାରେ ସୂଚିତ ଯେ, ସର୍ବପ୍ରଥମ ଖୋ ଖୋ ବିଶ୍ୱକପ୍ ୨୦୨୫ ଜାନୁଆରୀ ୧୩ରୁ ୧୯ ପର୍ଯ୍ୟନ୍ତ ନୂଆଦିଲ୍ଲୀଠାରେ ଅନୁଷ୍ଠିତ ହୋଇଥିଲା। ଏହାର ଉଭୟ ମହିଳା ଓ ପୁରୁଷ ବର୍ଗରେ ଭାରତ ଚାମ୍ପିୟନ ହୋଇଥିଲା।

## ଭାରତୀୟ କ୍ୟାମ୍ପରେ ଓଡ଼ିଶାର ପ୍ରୀତ୍ ପ୍ରୀତମ

**ଭୁବନେଶ୍ୱର, ୧୯।୩ (ତପନ ସ୍ୱାଇଁ)**



କେନିୟାର ନାଇରୋବିଠାରେ ୧୭ ବର୍ଷରୁ କମ୍ ରୋଲବଲ୍ ବିଶ୍ୱକପ୍ ଏପ୍ରିଲ ୧୪ରୁ ୨୨ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିପାଇଁ ଭାରତୀୟ ପ୍ରି-ସିଲେକ୍ସନ କ୍ୟାମ୍ପରେ ଓଡ଼ିଶାର ପ୍ରୀତ୍

**୧୭ ବର୍ଷରୁ କମ୍ ରୋଲବଲ୍ ବିଶ୍ୱକପ୍**

ପ୍ରୀତମ୍ ଜେନା ସାମିଲ ହୋଇଛନ୍ତି। ଭାରତୀୟ ଦଳର ପ୍ରି-ସିଲେକ୍ସନ କ୍ୟାମ୍ପ କୋଇମ୍ବାଟୁରଠାରେ ଗୁରୁବାରଠାରୁ ଆରମ୍ଭ ହୋଇ ୨୫ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହା ଓଡ଼ିଶା ରୋଲବଲ୍ ଖେଳାଳିମାନଙ୍କୁ ଖୁବ୍ ଉତ୍ସାହିତ କରିଛି ବୋଲି ରାଜ୍ୟ ଆସୋସିଏଶନ ସମ୍ପାଦକ ପାର୍ଥସାରଥି ଜେନା ପ୍ରକାଶ କରିଛନ୍ତି। ପ୍ରୀତ୍ ଓ ପାର୍ଥସାରଥି ବୁଧବାର କୋଇମ୍ବାଟୁର ଯାତ୍ରା କରିଛନ୍ତି।

## ମାଳବିକାଙ୍କୁ ୩ ସ୍ୱର୍ଣ୍ଣ, ୨ ରୌପ୍ୟ



**ଭୁବନେଶ୍ୱର, ୧୯।୩ (ତପନ ସ୍ୱାଇଁ)**

ରାଉରକେଲା ବିର୍ସା ମୁଣ୍ଡା ଷ୍ଟାଡିୟମରେ ଅନୁଷ୍ଠିତ ୭ମ ମାଷ୍ଟର୍ସ ଗେମ୍ସରେ ଭୁବନେଶ୍ୱରର ମାଳବିକା ମିଶ୍ର ୩ ସ୍ୱର୍ଣ୍ଣ ଓ ୨ ରୌପ୍ୟ ପଦକ ହାସଲ କରିଛନ୍ତି। ଏହି ସଫଳତା ପାଇଁ ଓମ୍‌ଫେଡ୍ ପରିଚାଳନା ନିର୍ଦ୍ଦେଶକ ବିଜୟ ଅମୃତା କୁଲାଙ୍ଗେ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଓମ୍‌ଫେଡ୍ କର୍ପୋରେଟ୍ କାର୍ଯ୍ୟାଳୟରେ କାର୍ଯ୍ୟରତ ମାଳବିକା ୪୫ ବର୍ଷ ବର୍ଗରେ ୧୦୦ ମିଟର ହର୍ଡଲ୍ସ, ୪୦୦ ମିଟର ହର୍ଡଲ୍ସ ଓ ରିଲେ ରେସ୍‌ରେ ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେହିପରି ଲଙ୍ଗଜମ୍ପ ଓ ମିକ୍ସଡ ରିଲେରେ ରୌପ୍ୟ ପଦକ ଜିଣି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ମାଳବିକାଙ୍କ ଘର ରାଉରକେଲା ଶକ୍ତିନଗରରେ। ସେ ଅନୁରାଧା ମିଶ୍ର ଓ ପ୍ରମୋଦ କୁମାର ମିଶ୍ରଙ୍କ ଝିଅ।

## ଡୋପିଂ ଶିକ୍ଷାକୁ ସ୍କୁଲରେ ସାମିଲ କରିବା ସପକ୍ଷରେ କ୍ରୀଡ଼ାମନ୍ତ୍ରୀ

**ନୂଆଦିଲ୍ଲୀ, ୧୯।୩(ପି.ଟି.)**

କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ମନ୍‌ସୁଖ ମାଣ୍ଡବ୍ୟ ବୁଧବାର ସ୍କୁଲସ୍ତରରେ ଡୋପିଂ ଶିକ୍ଷାକୁ ସାମିଲ କରିବା ଓ ଗ୍ରାମାଞ୍ଚଳରେ ସଚେତନତା ଅଭିଯାନ ଆରମ୍ଭ କରିବାକୁ ଆହ୍ୱାନ ଦେଇଛନ୍ତି। ଜାତୀୟ ଡୋପ୍ ଟେଷ୍ଟ ଲାବରେଟୋରି (ଏନ୍‌ଡିଟିଏଲ୍)ର ବାର୍ଷିକ ସମ୍ମିଳନୀରେ 'ଆଣ୍ଟି-ଡୋପିଂ ସାଇନ୍ସ: ଇନୋଭେଶନ ଓ ଚ୍ୟାଲେଞ୍ଜସ୍' ନାମକ ବିଷୟ ଉପରେ ଆଲୋଚନାରେ ସାମିଲ ହୋଇ କ୍ରୀଡ଼ାରେ ସ୍ୱଚ୍ଛ ଓ ଉଚିତ ପ୍ରତିଯୋଗିତାକୁ ଉତ୍ସାହିତ କରିବା ଲାଗି ସରକାର ପ୍ରତିବଦ୍ଧ ବୋଲି କହିଛନ୍ତି।

## ଖେଳାଳି ଓ ଅମ୍ପାୟର ; ତନ୍ମୟ ପ୍ରଥମ



**ନୂଆଦିଲ୍ଲୀ, ୧୯।୩(ତପନ ସ୍ୱାଇଁ)**

**ଇଣ୍ଡିଆନ ପ୍ରିମିୟର ଲିଗ୍**

ବିରାଟ କୋହଲିଙ୍କ ୧୯ ବର୍ଷରୁ କମ୍ ବିଶ୍ୱକପ୍ ଟିମ୍-ମେଟ୍ ତନ୍ମୟ ଶ୍ରୀବାସ୍ତବ ଏକ ବିରଳ ଉପଲବ୍ଧି ହାସଲ କରିବାକୁ ଯାଉଛନ୍ତି। ସେ ପ୍ରଥମ ବ୍ୟକ୍ତିଭାବେ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ପ୍ରଥମେ ଖେଳାଳି ଓ ଏବେ ଅମ୍ପାୟର ହେବାକୁ ଯାଉଛନ୍ତି। ୨୦୦୮ରେ ସେ ବିରାଟ କୋହଲିଙ୍କ ନେତୃତ୍ୱରେ ୧୯ ବର୍ଷରୁ କମ୍ ବିଶ୍ୱକପ୍ ବିଜୟୀ ଭାରତୀୟ ଦଳର ସଦସ୍ୟ ଥିଲେ। ୨୦୨୦ରେ ସେ ଅବସର ଘୋଷଣା କରିଥିଲେ। ଉତ୍ତର ପ୍ରଦେଶର ଏହି ପୂର୍ବତନ ଓପନର ମାଲେସିଆରେ ଅନୁଷ୍ଠିତ ୧୯ ବର୍ଷରୁ କମ୍ ବିଶ୍ୱକପରେ ସର୍ବାଧିକ ରନ୍ ସ୍କୋରର ଥିଲେ। ଏହାର ପାଖାପାଖି ଦେଢ଼ ଦଶନ୍ଧି ପରେ ସେ ଆଇପିଏଲ୍‌କୁ ପ୍ରତ୍ୟାବର୍ତ୍ତନ କରୁଛନ୍ତି। ତେବେ ଜଣେ ଖେଳାଳି ରୂପେ ନୁହେଁ, ଅମ୍ପାୟର ଭାବେ। ଆଇପିଏଲ୍‌ରେ ସେ ପ୍ରଥମ ଦୁଇ ସିଜନ କିଙ୍ଗ୍ସ ଇଲେଭେନ ପଞ୍ଜାବ ପକ୍ଷରୁ ଖେଳିଥିଲେ। କ୍ୟାରିୟରରେ ୯୦ଟି ପ୍ରଥମ ଶ୍ରେଣୀ ମ୍ୟାଚ୍ ଖେଳି ସେ ୪୯୧୮ ରନ୍ ସ୍କୋର କରିଥିଲେ। ଆସନ୍ତା ଆଇପିଏଲ୍‌ରେ ସେ ଜଣେ ଅମ୍ପାୟର ଭାବେ ଦେଖିବାକୁ ମିଳିବେ।

# କାଲିଟାଙ୍କ ବିରୋଧରେ ଅଭିଯୋଗ ଆଣିଲେ ଅଜୟ

**ନୂଆଦିଲ୍ଲୀ, ୧୯।୩(ପି.ଟି.)**

**ଭାରତୀୟ ବକ୍ସିଂ ଫେଡେରେଶନ ବିବାଦ**

ଭାରତୀୟ ବକ୍ସିଂ ଫେଡେରେଶନ (ବିଏଫ୍‌ଆଇ)ର ସଭାପତି ଅଜୟ ସିଂ ବୁଧବାର ଅଭିଯୋଗ କରିଛନ୍ତି ଯେ, ଅଲିମ୍ପିକ ବ୍ରୋଞ୍ଜ୍ ପଦକଧାରୀ ଲଭ୍‌ଲିନା ବର୍ଗୋହେନଙ୍କ ସମେତ ଆସାମ ବକ୍ସରଙ୍କୁ ଜାତୀୟ ଚାମ୍ପିୟନଶିପ୍‌ରେ ଭାଗନେବାରୁ ସସ୍‌ପେଣ୍ଡ ହୋଇଥିବା ସମ୍ପାଦକ ହେମନ୍ତ କାଲିଟା ରୋକୁଛନ୍ତି। ହେଲେ ସଭାପତିଙ୍କ ଏହି ଅଭିଯୋଗକୁ କାଲିଟା ପ୍ରତ୍ୟାଖ୍ୟାନ କରିଛନ୍ତି। ଜାତୀୟ ଚାମ୍ପିୟନଶିପ୍ ଗୁରୁବାରଠାରୁ ଗ୍ରେଟର ନୋଏଡାରେ ଆରମ୍ଭ ହେବାକୁ ଯାଉଛି।

ଏକ ଜରୁରିକାଳୀନ ଖବରଦାତା ସମ୍ମିଳନୀରେ ଅଜୟ କହିଛନ୍ତି ଯେ, ଟୋକିଓ ଗେମ୍ସ ପଦକ ବିଜେତା ଲଭ୍‌ଲିନା ୬୯ କେଜି ବର୍ଗରେ ଅଂଶଗ୍ରହଣ କରିବାକୁ ଇଚ୍ଛୁକ ଥିଲେ। କିନ୍ତୁ ସମ୍ପାଦକ କାଲିଟା ତାଙ୍କୁ ଓହରିଯିବାକୁ ପରାମର୍ଶ ଦେଇଛନ୍ତି। ଆସାମ ଖେଳାଳିଙ୍କୁ ମହିଳା ନ୍ୟାଶନାଲ୍ସରେ ଅଂଶଗ୍ରହଣ କରିବାକୁ ହତୋତ୍ସାହିତ କରାଯାଉଛି। ଲଭ୍‌ଲିନା ଏକ ଭିଡିଓ ମଧ୍ୟ ଶୁଟ୍ କରିଛନ୍ତି। ତାଙ୍କୁ ହେମନ୍ତ କାଲିଟା ଅଂଶଗ୍ରହଣ ନ କରିବାକୁ କହିଛନ୍ତି। କାରଣ ତାଙ୍କ ଅଧୀନରେ ଅନେକ ବକ୍ସର ଅଛନ୍ତି। ଲଭ୍‌ଲିନା ଏବେ ଅଂଶଗ୍ରହଣ କରିବେ କି ନାହିଁ, ତାହା ବିଚାର କରୁଛନ୍ତି। ପ୍ରକାଶଥାଉ କି, ଦିଲ୍ଲୀ ହାଇକୋର୍ଟର ପୂର୍ବତନ ବିଚାରପତି ସୁଧିର କୁମାର ଜୈନଙ୍କ ଦ୍ୱାରା କରାଯାଇଥିବା ଆର୍ଥିକ ଅନିୟମିତତା ତଦନ୍ତରେ କାଲିଟା ଦୋଷୀ ସାବ୍ୟସ୍ତ ହୋଇଛନ୍ତି।

ଅଜୟ ସିଂଙ୍କ ଅଭିଯୋଗ ସମ୍ପର୍କରେ କାଲିଟା ପ୍ରକାଶ କରିଛନ୍ତି ଯେ, ମୋ ଛବିକୁ ମଳିନ କରିବାକୁ ଉଦ୍ୟମ କରାଯାଉଛି। ମୁଁ ସେଭଳି କୌଣସି କାର୍ଯ୍ୟ କରିନାହିଁ। ଆରମ୍ଭରୁ ମହିଳାଙ୍କ ନ୍ୟାଶନାଲ୍ସ ଲାଗି ଘୋଷଣା କରାଯାଇଥିବା ତାରିଖକୁ ନେଇ ରାଜ୍ୟ ଶାଖା ଅସନ୍ତୁଷ୍ଟ ଥିଲେ। କିଛି ରାଜ୍ୟ ବିଏଫ୍‌ଆଇକୁ ଏ ସମ୍ପର୍କରେ ଲିଖିତ ଆକାରରେ ମଧ୍ୟ ଜଣାଇଥିଲେ। ଏତଦ୍‌ବ୍ୟତୀତ ସେ ତାଙ୍କ ସସ୍‌ପେନ୍‌ସନ ସମ୍ପର୍କରେ କହିଛନ୍ତି, ମୁଁ ଏହାକୁ ଚ୍ୟାଲେଞ୍ଜ କରିବି। ଯଦି ପାଣ୍ଠିରେ କୌଣସି ଆର୍ଥିକ ଅନିୟମିତତା ହୋଇଛି, ତେବେ ସେଥିଲାଗି ସଭାପତିଙ୍କୁ ଦୋଷୀ କରାଯିବା କଥା। କାରଣ ସେ ସମସ୍ତ ଚେକ୍‌ରେ ଦସ୍ତଖତ କରିଥାନ୍ତି। କାର୍ଯ୍ୟକାରୀ ପରିଷଦ ବୈଠକରେ ଏଥିକ୍ସ କମିଶନ ଏହି ଘଟଣାର ତଦନ୍ତ କରିବେ ବୋଲି ନିଷ୍ପତ୍ତି ହୋଇଥିଲା। ତେବେ କାହିଁକି ଜଣେ ବିଚାରପତିଙ୍କୁ ନିଯୁକ୍ତ କରାଗଲା। ଏ ସମ୍ପର୍କିତ ପ୍ରଶ୍ନର ଉତ୍ତରରେ ଅଜୟ କହିଛନ୍ତି ଯେ, ମୋତେ ଭାରତୀୟ କ୍ରୀଡ଼ା ପ୍ରାଧିକରଣ(ସାଇ) ପକ୍ଷରୁ ଘଟଣାର ତଦନ୍ତ କରିବାକୁ କୁହାଯାଇଥିଲା। ମୁଁ ଏହି ପ୍ରସଙ୍ଗକୁ କାର୍ଯ୍ୟକାରୀ ପରିଷଦ ବୈଠକରେ ଉଠାଇଥିଲି। ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ ହେବା ଦରକାର ବୋଲି ସମ୍ପାଦକ ଓ କୋଷାଧ୍ୟକ୍ଷ ରାଜି ହୋଇଥିଲେ। ସେମାନେ ବୈଠକରେ ମଧ୍ୟ ଉପସ୍ଥିତ ଥିଲେ। କିନ୍ତୁ ଏଥିକ୍ସ କମିଶନ ଦ୍ୱାରା ତଦନ୍ତ କରାଯିବାକୁ କୌଣସି ନିଷ୍ପତ୍ତି ନିଆଯାଇ ନ ଥିଲା।

## ପ୍ରଥମ ମ୍ୟାଚ୍‌ରେ ସୂର୍ଯ୍ୟ ନେତୃତ୍ୱ ନେବେ

**ମୁମ୍ବାଇ, ୧୯।୩(ପି.ଟି.):** ଗତ ଆଇପିଏଲ ସିଜନରେ ଧିମା ଓଭର ହାର ସମ୍ପର୍କିତ ନିୟମ ଉଲ୍ଲଂଘନ କରିଥିବାରୁ ହାର୍ଦ୍ଦିକ ପାଣ୍ଡ୍ୟା ୨୨ ତାରିଖରୁ ଆରମ୍ଭ ହେଉଥିବା ସିଜନର ପ୍ରଥମ ମ୍ୟାଚ୍ ଖେଳିପାରିବେ ନାହିଁ। ତାଙ୍କ ଅନୁପସ୍ଥିତିରେ ଆସନ୍ତା ରବିବାର ଚେନ୍ନାଇ ସୁପର କିଙ୍ଗ୍ସ(ସିଏସ୍‌କେ) ବିପକ୍ଷରେ ଖେଳାଯିବାକୁଥିବା ମ୍ୟାଚ୍‌ରେ ସୂର୍ଯ୍ୟକୁମାର ଯାଦବ ମୁମ୍ବାଇ ଇଣ୍ଡିଆନ୍ସ(ଏମ୍‌ଆଇ) ଦଳର ନେତୃତ୍ୱ ନେବେ।

## ବୁମ୍‌ରା ନ ଖେଳିବା ଏକ ଚ୍ୟାଲେଞ୍ଜ

**ମୁମ୍ବାଇ, ୧୯।୩(ପି.ଟି.)**

ଭାରତୀୟ ଦଳର ପ୍ରିମିୟର ପେସର ଯଶପ୍ରୀତ ବୁମ୍‌ରାଙ୍କ ଅନୁପସ୍ଥିତି ମୁମ୍ବାଇ ଇଣ୍ଡିଆନ୍ସ ଲାଗି ବଡ଼ ଚ୍ୟାଲେଞ୍ଜ ବୋଲି ମୁଖ୍ୟ କୋଚ୍ ମାହେଲା ଜୟବର୍ଦ୍ଧନେ କହିଛନ୍ତି। ଅଣ୍ଟାରେ ଆହତ ସମସ୍ୟାରୁ ରିକଭର କରୁଥିବା ବୁମ୍‌ରା ଆସନ୍ତା ୨୨ ତାରିଖରୁ ଆରମ୍ଭ ହେବାକୁ ଯାଉଥିବା ଆଇପିଏଲ ସିଜନର କିଛି ପ୍ରାରମ୍ଭିକ ମ୍ୟାଚ୍‌ରେ ଖେଳିବେ ନାହିଁ। ସେ ଏବେ ବେଙ୍ଗାଲୁରୁସ୍ଥିତ ସେଣ୍ଟର ଅଫ୍ ଏକ୍ସିଲେନ୍ସରେ ଅଛନ୍ତି। ବୁମ୍‌ରା ଏବେ ଏନ୍‌ସିଏରେ ଅଛନ୍ତି। ଆମକୁ ତାଙ୍କ ଲାଗି ଅପେକ୍ଷା କରିବାକୁ ପଡ଼ିବ। ବର୍ତ୍ତମାନ ସେ ଭଲ ଗତିରେ ରିକଭର କରୁଛନ୍ତି।

# ସମୀର ସଭାପତି, ଅଭିଜିତ୍ ସମ୍ପାଦକ

**ଓଡ଼ିଶା ଅଲିମ୍ପିକ୍ ଆସୋସିଏଶନ ନିର୍ବାଚନ**



ସମୀର ମହାନ୍ତି



ଅଭିଜିତ୍ ପାଲ

**ଭୁବନେଶ୍ୱର, ୧୯।୩ (ତପନ ସ୍ୱାଇଁ)**

ଆଗାମୀ ୪ ବର୍ଷ (୨୦୨୫-୨୦୨୯) ପାଇଁ ଓଡ଼ିଶା ଅଲିମ୍ପିକ୍ ଆସୋସିଏଶନର ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଫଳାଫଳ ଆନୁଷ୍ଠାନିକ ଭାବେ ଘୋଷଣା ହୋଇ ନ ଥିଲେ ହେଁ ଜଣେ ଲେଖାଏ ସଭାପତି, ସମ୍ପାଦକ ଓ କୋଷାଧ୍ୟକ୍ଷ, ୬ ଉପସଭାପତି, ୨ ଯୁଗ୍ମ ସମ୍ପାଦକ ଓ ୧୧ କାଉନ୍ସିଲ ସଦସ୍ୟ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଏହି କ୍ରମରେ ଭାଜପା ନେତା ସମୀର ମହାନ୍ତି ନୂଆ ସଭାପତି ହୋଇଥିବାବେଳେ ଅଭିଜିତ ପାଲ ସମ୍ପାଦକ ପଦ ବଜାୟ ରଖିଛନ୍ତି। ଅବସରପ୍ରାପ୍ତ ଜିଲା ଜଜ୍ ଗୟାଧର ପଣ୍ଡା ଇଲେକ୍ସନ ଅଫିସର ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ୨୭ ଫେବୃଆରୀରେ ନିର୍ବାଚନ ପାଇଁ ନୋଟିଫିକେଶନ ହୋଇଥିଲା। ପାର୍ଥୀପତ୍ର ଦାଖଲର ଶେଷ ତାରିଖ ୧୭ ମାର୍ଚ୍ଚ ଥିଲା। ବୁଧବାର ପ୍ରାର୍ଥୀପତ୍ର ଯାଞ୍ଚପରେ ଚୂଡ଼ାନ୍ତ ନାମ ତାଲିକା ପ୍ରକାଶ ପାଇଛି। କଟକ ବାରବାଟୀ ଷ୍ଟାଡିୟମସ୍ଥିତ ଓଡ଼ିଶା ଅଲିମ୍ପିକ୍ ଆସୋସିଏଶନ ବୈଠକ ଗୃହରେ ଆନୁଷ୍ଠାନିକଭାବେ ଚୂଡ଼ାନ୍ତ ଫଳାଫଳ ପ୍ରକାଶ ପାଇବ। ତାଲିକା ଅନୁସାରେ ସମୀର ମହାନ୍ତି ସଭାପତି ଏବଂ କମଳା କାନ୍ତ ପାଣ୍ଡେ, ବିନୋଦ ଦାଶ, ପ୍ରତାପ ଶତପଥୀ, ନଳିନୀ କୁମାର ଦାସ, ଦୁଲାଲ ଚନ୍ଦ୍ର ପ୍ରଧାନ ଓ ଜନାର୍ଦ୍ଦନ ଦାଶ ଉପସଭାପତି, ଅଭିଜିତ ପାଲ ସାଧାରଣ ସମ୍ପାଦକ, ହରିନାରାୟଣ ପୂଜାରୀ ଓ ଜେ. ମାମେଶ୍ୱର ରାଓ ଯୁଗ୍ମ ସମ୍ପାଦକ, ରବି ଶଙ୍କର ପ୍ରତିହାରୀ କୋଷାଧ୍ୟକ୍ଷ ପଦରେ ରହିଛନ୍ତି। ସେହିପରି ୧୧ କାଉନ୍ସିଲ ସଦସ୍ୟ ହେଲେ ଅଭୟ ମହାପାତ୍ର, ଅଜୟ ବେହେରା, ହରି ପ୍ରସାଦ ପଟ୍ଟନାୟକ, କିଶୋର କୁମାର ମିଶ୍ର, ବିଜୟ ବେହେରା, ଧିରେନ ପଲାଇ, ମନୋଜ କୁମାର ଶ', ଅଶୋକ କୁମାର ସାହୁ, ବୀରେନ୍ଦ୍ର କୁମାର ବେହେରା, ପ୍ରଶାନ୍ତ କୁମାର ରାଉତ ଓ ଗୌର ଗୋବିନ୍ଦ ସାମନ୍ତ।




Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

ଧରିତ୍ରୀ DHARITRI 51 Years
www.orissakhabar.com/ www.dharitri.com | ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଗୁରୁବାର, ମାର୍ଚ୍ଚ ୨୦/୨୦୨୫ Bhubaneswar, Thursday, March 20/ 2025

## ପୁରୀରେ ହେବ ଜାତୀୟ ସିନିୟର ଖୋ ଖୋ

**ଭୁବନେଶ୍ୱର, ୧୯।୩(ତପନ ସ୍ୱାଇଁ)**

ଖୋ ଖୋ ଫେଡେରେଶନ ଅଫ୍ ଇଣ୍ଡିଆ (କେକେଏଫ୍ଆଇ) ଆନୁକୂଲ୍ୟରେ ସମ୍ମାନଜନକ ୫୭ତମ ଜାତୀୟ ସିନିୟର ଖୋ ଖୋ ଚାମ୍ପିୟନଶିପ୍ ପୁରୀରେ ଅନୁଷ୍ଠିତ ହେବ। ଏହା ପୁରୀ ଡିଷ୍ଟ୍ରିକ୍ଟ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଚଳିତ ମାସ ୩୧ରୁ ଆରମ୍ଭ ହୋଇ ଏପ୍ରିଲ ୫

**ମାର୍ଚ୍ଚ ୩୧ରୁ ଏପ୍ରିଲ ୫ ପର୍ଯ୍ୟନ୍ତ ଚାଲିବ**

ପର୍ଯ୍ୟନ୍ତ ଚାଲିବ। ଫେଡେରେଶନ ୱେବ୍‌ସାଇଟରେ ଉପଲବ୍ଧ ତଥ୍ୟ ଅନୁସାରେ, ଉକ୍ତ ଚାମ୍ପିୟନଶିପ୍‌ରେ ମୋଟ ୭୪ଟି (ମହିଳା ଓ ପୁରୁଷ) ଦଳ ଅଂଶଗ୍ରହଣ କରିବେ। ଏହା ମଧ୍ୟରେ ୩୦ ରାଜ୍ୟ ଦଳ ସହ ଏୟାରପୋର୍ଟ ଅଥରିଟି, ରେଲ୍‌ୱେ, ବିଏସ୍‌ଏଫ୍, ମହାରାଷ୍ଟ୍ର ପୋଲିସ, ସିଆଇଏସଏଫ୍ ଆଦି ପ୍ରମୁଖ ଅନୁଷ୍ଠାନର ଦଳଗୁଡ଼ିକ ସାମିଲ। ‘‘ଆମେ ପୁରୀରେ ୫୭ତମ ଜାତୀୟ ସିନିୟର ଖୋ ଖୋ ଚାମ୍ପିୟନଶିପ୍ ଆୟୋଜନ କରିବାକୁ ଅତ୍ୟନ୍ତ ଆଗ୍ରହର ସହ ଅପେକ୍ଷା କରିଛୁ। ପୁରୀରେ କ୍ରୀଡ଼ା ସଂସ୍କୃତି ଦିନକୁ ଦିନ ବଢ଼ିବାରେ ଲାଗିଛି। ଏହି ପ୍ରତିଯୋଗିତାରେ ଭାରତର ଶ୍ରେଷ୍ଠ ଖେଳାଳିମାନେ ସେମାନଙ୍କ ପ୍ରତିଭା ପ୍ରଦର୍ଶନର ସୁଯୋଗ ପାଇବେ। ଏହି ପ୍ରତିଯୋଗିତା ଭାରତରେ ଖୋ ଖୋର ଲୋକପ୍ରିୟତା ବଢ଼ାଇବାରେ ସହାୟକ ହେବ’’ ବୋଲି ଓଡ଼ିଶା ଖୋ ଖୋ ଆସୋସିଏଶନ ସମ୍ପାଦକ ପ୍ରଦ୍ୟୁମ୍ନ ମିଶ୍ର ପ୍ରକାଶ କରିଛନ୍ତି।

ଖୋ ଖୋକୁ ଅନ୍ତର୍ଜାତୀୟ ସ୍ତରରେ ପ୍ରସିଦ୍ଧି ଦେବା ପାଇଁ ଫେଡେରେଶନର ପ୍ରତିବଦ୍ଧତା ଉପରେ ସଭାପତି ସୁଧାଂଶୁ ମିତ୍ତଲ ଗୁରୁତ୍ୱାରୋପ କରିଛନ୍ତି। ସେ କହିଛନ୍ତି ଯେ, ଆମ ଦୃଷ୍ଟିଭଙ୍ଗୀ ଦେଶ ବାହାରକୁ ବ୍ୟାପିବାରେ ଲାଗିଛି। ଆମେ ଖୋ ଖୋକୁ ଏକ ବିଶ୍ୱସ୍ତରୀୟ ଖେଳରେ ପରିଣତ କରିବାକୁ ଉତ୍ସର୍ଗୀକୃତ। ଖେଳକୁ ଆଧୁନିକୀକରଣ ଓ ଗତିଶୀଳ କରିବାରେ ଆମର ପ୍ରୟାସ କ୍ଷେତ୍ରରେ ପୁରୀ ଟୁର୍ନାମେଣ୍ଟ ଏକ ପ୍ରମାଣ ସଦୃଶ ହେବ ବୋଲି ସେ ପ୍ରକାଶ କରିଛନ୍ତି। ପ୍ରକାଶଯୋଗ୍ୟ, ଖୋ ଖୋକୁ ପ୍ରମୋଟ୍ କରିବା ଦିଗରେ ଓଡ଼ିଶା ଉଲ୍ଲେଖନୀୟ ଅଗ୍ରଗତି କରିଛି। ଗତ ୧୦ ମାସଧରି ପୁରୀରେ ଏକ ଖୋ ଖୋ ଏକାଡେମୀ ଏବଂ ହାଇ ପରଫର୍ମାନ୍ସ ସେଣ୍ଟର କାର୍ଯ୍ୟ କରୁଛି। ସେଠାରେ ପ୍ରତିଭାସମ୍ପନ୍ନ ଖେଳାଳିଙ୍କୁ ସ୍ୱତନ୍ତ୍ର ଟ୍ରେନିଂ ପ୍ରଦାନ କରାଯାଉଛି। ଏହା ବ୍ୟତୀତ କଳିଙ୍ଗ ଷ୍ଟାଡିୟମରେ ଏକ ଉତ୍ସର୍ଗୀକୃତ ଖୋ ଖୋ ଷ୍ଟାଡିୟମ ନିର୍ମାଣ ଲାଗି ପ୍ରସ୍ତାବ ରହିଛି, ଯାହା ଚୂଡ଼ାନ୍ତ ଅନୁମୋଦନ ଅପେକ୍ଷାରେ।

ଆଗାମୀ ପ୍ରତିଯୋଗିତାରେ ଦେଶର ଶ୍ରେଷ୍ଠ ଖୋ ଖୋ ଖେଳାଳିଙ୍କୁ ଦେଖିବାକୁ ମିଳିବ। ଓଡ଼ିଶା କ୍ରୀଡ଼ାର ବିକାଶ ଦିଗରେ ଏହି ଟୁର୍ନାମେଣ୍ଟ ସହାୟକ ହୋଇପାରିବ। ଚାମ୍ପିୟନ ଦଳକୁ ଆକର୍ଷଣୀୟ ଟ୍ରଫି ସହ କେକେଏଫ୍ଆଇ ପକ୍ଷରୁ ଆର୍ଥିକ ପୁରସ୍କାରରେ ସମ୍ମାନିତ କରାଯିବ। ଏଠାରେ ସୂଚିତ ଯେ, ସର୍ବପ୍ରଥମ ଖୋ ଖୋ ବିଶ୍ୱକପ୍ ୨୦୨୫ ଜାନୁଆରୀ ୧୩ରୁ ୧୯ ପର୍ଯ୍ୟନ୍ତ ନୂଆଦିଲ୍ଲୀଠାରେ ଅନୁଷ୍ଠିତ ହୋଇଥିଲା। ଏହାର ଉଭୟ ମହିଳା ଓ ପୁରୁଷ ବର୍ଗରେ ଭାରତ ଚାମ୍ପିୟନ ହୋଇଥିଲା।



## ଭାରତ ୩-୦ରେ ମାଲଦିଭ୍ସକୁ ହରାଇଲା

**ଶିଲଂ, ୧୯।୩:** ଜବାହରଲାଲ ନେହେରୁ ଷ୍ଟାଡିୟମରେ ବୁଧବାର ଅନୁଷ୍ଠିତ ଏକ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ ମ୍ୟାଚରେ ଭାରତ ୩-୦ ଗୋଲରେ ମାଲଦିଭ୍ସକୁ ପରାସ୍ତ କରିଛି। ପ୍ରଥମ ଅଧଘଣ୍ଟା ଗୋଲଶୂନ୍ୟ ରହିବାପରେ ୩୪ତମ ମିନିଟରେ ପ୍ରଥମ ଗୋଲଟି ଦେଇଥିଲେ ରାହୁଲ ଭେକେ। ପ୍ରଥମାର୍ଦ୍ଧ ଶେଷ ବେଳକୁ ଭାରତ ୧-୦ରେ ଅଗ୍ରଣୀ ରହିଥିଲା। ୬୬ତମ ମିନିଟରେ ଲିଷ୍ଟନ କୋଲାକୋ ଆଉ ଏକ ଗୋଲ ଦେଇ ଭାରତର ଅଗ୍ରଣୀକୁ ୨-୦ରେ ପହଞ୍ଚାଇଥିଲେ। ଏଠାରେ ସୁନୀଲ ଛେତ୍ରୀ ମଧ୍ୟ ନିଜ କରିଷ୍ମା ଦେଖାଇଥିଲେ। ସେ ନିଜ ଅବସରରୁ ପ୍ରତ୍ୟାବର୍ତ୍ତନ ମ୍ୟାଚରେ ଗୋଲ ଦେଇ ଦକ୍ଷତା ପ୍ରଦର୍ଶନ କରିଥିଲେ। ମ୍ୟାଚର ୭୭ତମ ମିନିଟରେ ସେ ଏହି ଗୋଲ ସ୍କୋର କରିଥିଲେ। ବାଂଲାଦେଶ ବିପକ୍ଷ ୨୦୨୭ ଏଏଫ୍‌ସି ଏସିଆନ କପ୍ କ୍ୱାଲିଫାଇଂ ତୃତୀୟ ରାଉଣ୍ଡ ମ୍ୟାଚ ପୂର୍ବରୁ ଏହି ବିଜୟ ଭାରତୀୟ ଦଳର ମନୋବଳ ବଢ଼ାଇଛି। ଭାରତ-ବାଂଲାଦେଶ ଏଏଫ୍‌ସି କ୍ୱାଲିଫାଇଂ ମ୍ୟାଚ ୨୫ରେ ହେବ।

## ଭାରତୀୟ କ୍ୟାମ୍ପରେ ଓଡ଼ିଶାର ପ୍ରୀତ୍ ପ୍ରୀତମ

**ଭୁବନେଶ୍ୱର, ୧୯।୩ (ତପନ ସ୍ୱାଇଁ)**

କେନିୟାର ନାଇରୋବିଠାରେ ୧୭ ବର୍ଷରୁ କମ୍ ରୋଲବଲ୍ ବିଶ୍ୱକପ୍ ଏପ୍ରିଲ ୧୪ରୁ ୨୨ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିପାଇଁ ଭାରତୀୟ ପ୍ରି-ସିଲେକ୍ସନ କ୍ୟାମ୍ପ୍‌ରେ ଓଡ଼ିଶାର ପ୍ରୀତ୍

**୧୭ ବର୍ଷରୁ କମ୍ ରୋଲବଲ୍ ବିଶ୍ୱକପ୍**

ପ୍ରୀତମ୍ ଜେନା ସାମିଲ ହୋଇଛନ୍ତି। ଭାରତୀୟ ଦଳର ପ୍ରି-ସିଲେକ୍ସନ କ୍ୟାମ୍ପ୍ କୋଇମ୍ବାଟୁରଠାରେ ଗୁରୁବାରଠାରୁ ଆରମ୍ଭ ହୋଇ ୨୫ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହା ଓଡ଼ିଶା ରୋଲବଲ୍ ଖେଳାଳିମାନଙ୍କୁ ଖୁବ୍ ଉତ୍ସାହିତ କରିଛି ବୋଲି ରାଜ୍ୟ ଆସୋସିଏଶନ ସମ୍ପାଦକ ପାର୍ଥସାରଥି ଜେନା ପ୍ରକାଶ କରିଛନ୍ତି। ପ୍ରୀତ୍ ଓ ପାର୍ଥସାରଥି ବୁଧବାର କୋଇମ୍ବାଟୁର ଯାତ୍ରା କରିଛନ୍ତି।



## ମାଳବିକାଙ୍କୁ ୩ ସ୍ୱର୍ଣ୍ଣ, ୨ ରୌପ୍ୟ



**ଭୁବନେଶ୍ୱର, ୧୯।୩ (ତପନ ସ୍ୱାଇଁ)**

ରାଉରକେଲା ବିର୍ସା ମୁଣ୍ଡା ଷ୍ଟାଡିୟମରେ ଅନୁଷ୍ଠିତ ୭ମ ମାଷ୍ଟର୍ସ ଗେମ୍ସରେ ଭୁବନେଶ୍ୱରର ମାଳବିକା ମିଶ୍ର ୩ ସ୍ୱର୍ଣ୍ଣ ଓ ୨ ରୌପ୍ୟ ପଦକ ହାସଲ କରିଛନ୍ତି। ଏହି ସଫଳତା ପାଇଁ ଓମ୍‌ଫେଡ୍ ପରିଚାଳନା ନିର୍ଦ୍ଦେଶକ ବିଜୟ ଅମୃତା କୁଲାଙ୍ଗେ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଓମ୍‌ଫେଡ୍ କର୍ପୋରେଟ୍ କାର୍ଯ୍ୟାଳୟରେ କାର୍ଯ୍ୟରତ ମାଳବିକା ୪୫ ବର୍ଷ ବର୍ଗରେ ୧୦୦ ମିଟର ହର୍ଡଲ୍ସ, ୪୦୦ ମିଟର ହର୍ଡଲ୍ସ ଓ ରିଲେ ରେସ୍‌ରେ ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେହିପରି ଲଙ୍ଗଜମ୍ପ୍ ଓ ମିକ୍ସଡ ରିଲେରେ ରୌପ୍ୟ ପଦକ ଜିଣି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ମାଳବିକାଙ୍କ ଘର ରାଉରକେଲା ଶକ୍ତିନଗରରେ। ସେ ଅନୁରାଧା ମିଶ୍ର ଓ ପ୍ରମୋଦ କୁମାର ମିଶ୍ରଙ୍କ ଝିଅ।

## ଖେଳାଳି ଓ ଅମ୍ପାୟର ; ତନ୍ମୟ ପ୍ରଥମ



**ନୂଆଦିଲ୍ଲୀ, ୧୯।୩(ତପନ ସ୍ୱାଇଁ)**

**ଇଣ୍ଡିଆନ ପ୍ରିମିୟର ଲିଗ୍**

ବିରାଟ କୋହଲିଙ୍କ ୧୯ ବର୍ଷରୁ କମ୍ ବିଶ୍ୱକପ୍ ଟିମ୍-ମେଟ୍ ତନ୍ମୟ ଶ୍ରୀବାସ୍ତବ ଏକ ବିରଳ ଉପଲବ୍ଧି ହାସଲ କରିବାକୁ ଯାଉଛନ୍ତି। ସେ ପ୍ରଥମ ବ୍ୟକ୍ତିଭାବେ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ପ୍ରଥମେ ଖେଳାଳି ଓ ଏବେ ଅମ୍ପାୟର ହେବାକୁ ଯାଉଛନ୍ତି। ୨୦୦୮ରେ ସେ ବିରାଟ କୋହଲିଙ୍କ ନେତୃତ୍ୱରେ ୧୯ ବର୍ଷରୁ କମ୍ ବିଶ୍ୱକପ୍ ବିଜୟୀ ଭାରତୀୟ ଦଳର ସଦସ୍ୟ ଥିଲେ। ୨୦୨୦ରେ ସେ ଅବସର ଘୋଷଣା କରିଥିଲେ। ଉତ୍ତର ପ୍ରଦେଶର ଏହି ପୂର୍ବତନ ଓପନର ମାଲେସିଆରେ ଅନୁଷ୍ଠିତ ୧୯ ବର୍ଷରୁ କମ୍ ବିଶ୍ୱକପରେ ସର୍ବାଧିକ ରନ୍ ସ୍କୋରର ଥିଲେ। ଏହାର ପାଖାପାଖି ଦେଢ଼ ଦଶନ୍ଧି ପରେ ସେ ଆଇପିଏଲ୍‌କୁ ପ୍ରତ୍ୟାବର୍ତ୍ତନ କରୁଛନ୍ତି। ତେବେ ଜଣେ ଖେଳାଳି ରୂପେ ନୁହେଁ, ଅମ୍ପାୟର ଭାବେ। ଆଇପିଏଲ୍‌ରେ ସେ ପ୍ରଥମ ଦୁଇ ସିଜନ କିଙ୍ଗ୍ସ ଇଲେଭେନ ପଞ୍ଜାବ ପକ୍ଷରୁ ଖେଳିଥିଲେ। କ୍ୟାରିୟରରେ ୯୦ଟି ପ୍ରଥମ ଶ୍ରେଣୀ ମ୍ୟାଚ୍ ଖେଳି ସେ ୪୯୧୮ ରନ୍ ସ୍କୋର କରିଥିଲେ। ଆସନ୍ତା ଆଇପିଏଲ୍‌ରେ ସେ ଜଣେ ଅମ୍ପାୟର ଭାବେ ଦେଖିବାକୁ ମିଳିବେ।

## କାଲିଟାଙ୍କ ବିରୋଧରେ ଅଭିଯୋଗ ଆଣିଲେ ଅଜୟ

**ନୂଆଦିଲ୍ଲୀ, ୧୯।୩(ପି.ଟି.)**

**ଭାରତୀୟ ବକ୍ସିଂ ଫେଡେରେଶନ ବିବାଦ**

ଭାରତୀୟ ବକ୍ସିଂ ଫେଡେରେଶନ (ବିଏଫ୍ଆଇ)ର ସଭାପତି ଅଜୟ ସିଂ ବୁଧବାର ଅଭିଯୋଗ କରିଛନ୍ତି ଯେ, ଅଲିମ୍ପିକ ବ୍ରୋଞ୍ଜ୍ ପଦକଧାରୀ ଲଭ୍‌ଲିନା ବର୍ଗୋହେନଙ୍କ ସମେତ ଆସାମ ବକ୍ସରଙ୍କୁ ଜାତୀୟ ଚାମ୍ପିୟନଶିପ୍‌ରେ ଭାଗନେବାରୁ ସସ୍‌ପେଣ୍ଡ ହୋଇଥିବା ସମ୍ପାଦକ ହେମନ୍ତ କାଲିଟା ରୋକୁଛନ୍ତି। ହେଲେ ସଭାପତିଙ୍କ ଏହି ଅଭିଯୋଗକୁ କାଲିଟା ପ୍ରତ୍ୟାଖ୍ୟାନ କରିଛନ୍ତି। ଜାତୀୟ ଚାମ୍ପିୟନଶିପ୍ ଗୁରୁବାରଠାରୁ ଗ୍ରେଟର ନୋଏଡାରେ ଆରମ୍ଭ ହେବାକୁ ଯାଉଛି।

ଏକ ଜରୁରିକାଳୀନ ଖବରଦାତା ସମ୍ମିଳନୀରେ ଅଜୟ କହିଛନ୍ତି ଯେ, ଟୋକିଓ ଗେମ୍ସ ପଦକ ବିଜେତା ଲଭ୍‌ଲିନା ୬୯ କେଜି ବର୍ଗରେ ଅଂଶଗ୍ରହଣ କରିବାକୁ ଇଚ୍ଛୁକ ଥିଲେ। କିନ୍ତୁ ସମ୍ପାଦକ କାଲିଟା ତାଙ୍କୁ ଓହରିଯିବାକୁ ପରାମର୍ଶ ଦେଇଛନ୍ତି। ଆସାମ ଖେଳାଳିଙ୍କୁ ମହିଳା ନ୍ୟାଶନାଲ୍ସରେ ଅଂଶଗ୍ରହଣ କରିବାକୁ ହତୋତ୍ସାହିତ କରାଯାଉଛି। ଲଭ୍‌ଲିନା ଏକ ଭିଡିଓ ମଧ୍ୟ ଶୁଟ୍ କରିଛନ୍ତି। ତାଙ୍କୁ ହେମନ୍ତ କାଲିଟା ଅଂଶଗ୍ରହଣ ନ କରିବାକୁ କହିଛନ୍ତି। କାରଣ ତାଙ୍କ ଅଧୀନରେ ଅନେକ ବକ୍ସର ଅଛନ୍ତି। ଲଭ୍‌ଲିନା ଏବେ ଅଂଶଗ୍ରହଣ କରିବେ କି ନାହିଁ, ତାହା ବିଚାର କରୁଛନ୍ତି। ପ୍ରକାଶଥାଉ କି, ଦିଲ୍ଲୀ ହାଇକୋର୍ଟର ପୂର୍ବତନ ବିଚାରପତି ସୁଧିର କୁମାର ଜୈନଙ୍କ ଦ୍ୱାରା କରାଯାଇଥିବା ଆର୍ଥିକ ଅନିୟମିତତା ତଦନ୍ତରେ କାଲିଟା ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଅଜୟ ସିଂଙ୍କ ଅଭିଯୋଗ ସମ୍ପର୍କରେ କାଲିଟା ପ୍ରକାଶ କରିଛନ୍ତି ଯେ, ମୋ ଛବିକୁ ମଳିନ କରିବାକୁ ଉଦ୍ୟମ କରାଯାଉଛି। ମୁଁ ସେଭଳି କୌଣସି କାର୍ଯ୍ୟ କରିନାହିଁ। ଆରମ୍ଭରୁ ମହିଳାଙ୍କ ନ୍ୟାଶନାଲ୍ସ ଲାଗି ଘୋଷଣା କରାଯାଇଥିବା ତାରିଖକୁ ନେଇ ରାଜ୍ୟ ଶାଖା ଅସନ୍ତୁଷ୍ଟ ଥିଲେ। କିଛି ରାଜ୍ୟ ବିଏଫ୍ଆଇକୁ ଏ ସମ୍ପର୍କରେ ଲିଖିତ ଆକାରରେ ମଧ୍ୟ ଜଣାଇଥିଲେ। ଏତଦ୍‌ବ୍ୟତୀତ ସେ ତାଙ୍କ ସସ୍‌ପେନ୍‌ସନ ସମ୍ପର୍କରେ କହିଛନ୍ତି, ମୁଁ ଏହାକୁ ଚ୍ୟାଲେଞ୍ଜ କରିବି। ଯଦି ପାଣ୍ଠିରେ କୌଣସି ଆର୍ଥିକ ଅନିୟମିତତା ହୋଇଛି, ତେବେ ସେଥିଲାଗି ସଭାପତିଙ୍କୁ ଦୋଷୀ କରାଯିବା କଥା। କାରଣ ସେ ସମସ୍ତ ଚେକ୍‌ରେ ଦସ୍ତଖତ କରିଥାନ୍ତି। କାର୍ଯ୍ୟକାରୀ ପରିଷଦ ବୈଠକରେ ଏଥିକ୍ସ କମିଶନ ଏହି ଘଟଣାର ତଦନ୍ତ କରିବେ ବୋଲି ନିଷ୍ପତ୍ତି ହୋଇଥିଲା। ତେବେ କାହିଁକି ଜଣେ ବିଚାରପତିଙ୍କୁ ନିଯୁକ୍ତ କରାଗଲା। ଏ ସମ୍ପର୍କିତ ପ୍ରଶ୍ନର ଉତ୍ତରରେ ଅଜୟ କହିଛନ୍ତି ଯେ, ମୋତେ ଭାରତୀୟ କ୍ରୀଡ଼ା ପ୍ରାଧିକରଣ(ସାଇ) ପକ୍ଷରୁ ଘଟଣାର ତଦନ୍ତ କରିବାକୁ କୁହାଯାଇଥିଲା। ମୁଁ ଏହି ପ୍ରସଙ୍ଗକୁ କାର୍ଯ୍ୟକାରୀ ପରିଷଦ ବୈଠକରେ ଉଠାଇଥିଲି। ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ ହେବା ଦରକାର ବୋଲି ସମ୍ପାଦକ ଓ କୋଷାଧ୍ୟକ୍ଷ ରାଜି ହୋଇଥିଲେ। ସେମାନେ ବୈଠକରେ ମଧ୍ୟ ଉପସ୍ଥିତ ଥିଲେ। କିନ୍ତୁ ଏଥିକ୍ସ କମିଶନ ଦ୍ୱାରା ତଦନ୍ତ କରାଯିବାକୁ କୌଣସି ନିଷ୍ପତ୍ତି ନିଆଯାଇ ନ ଥିଲା।

## ଡୋପିଂ ଶିକ୍ଷାକୁ ସ୍କୁଲରେ ସାମିଲ କରିବା ସପକ୍ଷରେ କ୍ରୀଡ଼ାମନ୍ତ୍ରୀ

**ନୂଆଦିଲ୍ଲୀ, ୧୯।୩(ପି.ଟି.)**

କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ବୁଧବାର ସ୍କୁଲସ୍ତରରେ ଡୋପିଂ ଶିକ୍ଷାକୁ ସାମିଲ କରିବା ଓ ଗ୍ରାମାଞ୍ଚଳରେ ସଚେତନତା ଅଭିଯାନ ଆରମ୍ଭ କରିବାକୁ ଆହ୍ୱାନ ଦେଇଛନ୍ତି। ଜାତୀୟ ଡୋପ୍ ଟେଷ୍ଟ ଲାବରେଟୋରି (ଏନ୍‌ଡିଟିଏଲ୍)ର ବାର୍ଷିକ ସମ୍ମିଳନୀରେ ‘ଆଣ୍ଟି-ଡୋପିଂ ସାଇନ୍ସ: ଇନୋଭେଶନ ଓ ଚ୍ୟାଲେଞ୍ଜେସ୍’ ନାମକ ବିଷୟ ଉପରେ ଆଲୋଚନାରେ ସାମିଲ ହୋଇ କ୍ରୀଡ଼ାରେ ସ୍ୱଚ୍ଛ ଓ ଉଚିତ ପ୍ରତିଯୋଗିତାକୁ ଉତ୍ସାହିତ କରିବା ଲାଗି ସରକାର ପ୍ରତିବଦ୍ଧ ବୋଲି କହିଛନ୍ତି।

## ପ୍ରଥମ ମ୍ୟାଚ୍‌ରେ ସୂର୍ଯ୍ୟ ନେତୃତ୍ୱ ନେବେ

**ମୁମ୍ବାଇ, ୧୯।୩(ପି.ଟି.):** ଗତ ଆଇପିଏଲ ସିଜନରେ ଧିମା ଓଭର ହାର ସମ୍ପର୍କିତ ନିୟମ ଉଲ୍ଲଂଘନ କରିଥିବାରୁ ହାର୍ଦ୍ଦିକ ପାଣ୍ଡ୍ୟା ୨୨ ତାରିଖରୁ ଆରମ୍ଭ ହେଉଥିବା ସିଜନର ପ୍ରଥମ ମ୍ୟାଚ୍ ଖେଳିପାରିବେ ନାହିଁ। ତାଙ୍କ ଅନୁପସ୍ଥିତିରେ ଆସନ୍ତା ରବିବାର ଚେନ୍ନାଇ ସୁପର କିଙ୍ଗ୍ସ(ସିଏସ୍‌କେ) ବିପକ୍ଷରେ ଖେଳାଯିବାକୁଥିବା ମ୍ୟାଚ୍‌ରେ ସୂର୍ଯ୍ୟକୁମାର ଯାଦବ ମୁମ୍ବାଇ ଇଣ୍ଡିଆନ୍ସ(ଏମ୍‌ଆଇ) ଦଳର ନେତୃତ୍ୱ ନେବେ।

## ବୁମ୍‌ରା ନ ଖେଳିବା ଏକ ଚ୍ୟାଲେଞ୍ଜ

**ମୁମ୍ବାଇ, ୧୯।୩(ପି.ଟି.)**

ଭାରତୀୟ ଦଳର ପ୍ରିମିୟର ପେସର ଯଶପ୍ରୀତ ବୁମ୍‌ରାଙ୍କ ଅନୁପସ୍ଥିତି ମୁମ୍ବାଇ ଇଣ୍ଡିଆନ୍ସ ଲାଗି ବଡ଼ ଚ୍ୟାଲେଞ୍ଜ ବୋଲି ମୁଖ୍ୟ କୋଚ୍ ମାହେଲା ଜୟବର୍ଦ୍ଧନେ କହିଛନ୍ତି। ଅଣ୍ଟାରେ ଆହତ ସମସ୍ୟାରୁ ରିକଭର କରୁଥିବା ବୁମ୍‌ରା ଆସନ୍ତା ୨୨ ତାରିଖରୁ ଆରମ୍ଭ ହେବାକୁ ଯାଉଥିବା ଆଇପିଏଲ ସିଜନର କିଛି ପ୍ରାରମ୍ଭିକ ମ୍ୟାଚ୍‌ରେ ଖେଳିବେ ନାହିଁ। ସେ ଏବେ ବେଙ୍ଗାଲୁରୁସ୍ଥିତ ସେଣ୍ଟର ଅଫ୍ ଏକ୍ସିଲେନ୍ସରେ ଅଛନ୍ତି। ବୁମ୍‌ରା ଏବେ ଏନ୍‌ସିଏରେ ଅଛନ୍ତି। ଆମକୁ ତାଙ୍କ ଲାଗି ଅପେକ୍ଷା କରିବାକୁ ପଡ଼ିବ। ବର୍ତ୍ତମାନ ସେ ଭଲ ଗତିରେ ରିକଭର କରୁଛନ୍ତି।

## ସମୀର ସଭାପତି, ଅଭିଜିତ୍ ସମ୍ପାଦକ

**ଓଡ଼ିଶା ଅଲିମ୍ପିକ୍ ଆସୋସିଏଶନ ନିର୍ବାଚନ**



ସମୀର ମହାନ୍ତି



ଅଭିଜିତ୍ ପାଲ

**ଭୁବନେଶ୍ୱର, ୧୯।୩ (ତପନ ସ୍ୱାଇଁ)**

ଆଗାମୀ ୪ ବର୍ଷ (୨୦୨୫-୨୦୨୯) ପାଇଁ ଓଡ଼ିଶା ଅଲିମ୍ପିକ୍ ଆସୋସିଏଶନର ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଫଳାଫଳ ଆନୁଷ୍ଠାନିକ ଭାବେ ଘୋଷଣା ହୋଇ ନ ଥିଲେ ହେଁ ଜଣେ ଲେଖାଏ ସଭାପତି, ସମ୍ପାଦକ ଓ କୋଷାଧ୍ୟକ୍ଷ, ୬ ଉପସଭାପତି, ୨ ଯୁଗ୍ମ ସମ୍ପାଦକ ଓ ୧୧ କାଉନ୍ସିଲ ସଦସ୍ୟ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଏହି କ୍ରମରେ ଭାଜପା ନେତା ସମୀର ମହାନ୍ତି ନୂଆ ସଭାପତି ହୋଇଥିବାବେଳେ ଅଭିଜିତ ପାଲ ସମ୍ପାଦକ ପଦ ବଜାୟ ରଖିଛନ୍ତି। ଅବସରପ୍ରାପ୍ତ ଜିଲା ଜଜ୍ ଗୟାଧର ପଣ୍ଡା ଇଲେକ୍ସନ ଅଫିସର ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ୨୭ ଫେବୃଆରୀରେ ନିର୍ବାଚନ ପାଇଁ ନୋଟିଫିକେଶନ ହୋଇଥିଲା। ପାର୍ଥିପତ୍ର ଦାଖଲର ଶେଷ ତାରିଖ ୧୭ ମାର୍ଚ୍ଚ ଥିଲା। ବୁଧବାର ପ୍ରାର୍ଥୀପତ୍ର ଯାଞ୍ଚପରେ ଚୂଡ଼ାନ୍ତ ନାମ ତାଲିକା ପ୍ରକାଶ ପାଇଛି। କଟକ ବାରବାଟୀ ଷ୍ଟାଡିୟମସ୍ଥିତ ଓଡ଼ିଶା ଅଲିମ୍ପିକ୍ ଆସୋସିଏଶନ ବୈଠକ ଗୃହରେ ଆନୁଷ୍ଠାନିକଭାବେ ଚୂଡ଼ାନ୍ତ ଫଳାଫଳ ପ୍ରକାଶ ପାଇବ। ତାଲିକା ଅନୁସାରେ ସମୀର ମହାନ୍ତି ସଭାପତି ଏବଂ କମଳା କାନ୍ତ ପାଣ୍ଡେ, ବିନୋଦ ଦାଶ, ପ୍ରତାପ ଶତପଥୀ, ନଳିନୀ କୁମାର ଦାସ, ଦୁଲାଲ ଚନ୍ଦ୍ର ପ୍ରଧାନ ଓ ଜନାର୍ଦ୍ଦନ ଦାଶ ଉପସଭାପତି, ଅଭିଜିତ ପାଲ ସାଧାରଣ ସମ୍ପାଦକ, ହରିନାରାୟଣ ପୂଜାରୀ ଓ ଜେ. ମାମେଶ୍ୱର ରାଓ ଯୁଗ୍ମ ସମ୍ପାଦକ, ରବି ଶଙ୍କର ପ୍ରତିହାରୀ କୋଷାଧ୍ୟକ୍ଷ ପଦରେ ରହିଛନ୍ତି। ସେହିପରି ୧୧ କାଉନ୍‌ସିଲ ସଦସ୍ୟ ହେଲେ ଅଭୟ ମହାପାତ୍ର, ଅଜୟ ବେହେରା, ହରି ପ୍ରସାଦ ପଟ୍ଟନାୟକ, କିଶୋର କୁମାର ମିଶ୍ର, ବିଜୟ ବେହେରା, ଧିରେନ ପଲାଇ, ମନୋଜ କୁମାର ଶ’, ଅଶୋକ କୁମାର ସାହୁ, ବୀରେନ୍ଦ୍ର କୁମାର ବେହେରା, ପ୍ରଶାନ୍ତ କୁମାର ରାଉତ ଓ ଗୌର ଗୋବିନ୍ଦ ସାମନ୍ତ।






Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ